# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ମେ ୧୬ /୨୦୧୯ (୧୬ ପୃଷ୍ଠା) Rayagada, Thursday, May 16 / 2019 ★

୯ମ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-






### ବିବାହ ବନ୍ଧନରେ ନଟରାଜ

ରାଜ୍ୟ କ୍ରିକେଟର ତାରକା ଖେଳାଳି ନଟରାଜ ବେହେରା ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବୁଧବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ।

୧୫

୦୨

### 'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍ ଏକାଠି

ସୁଜିତ୍ ସର୍କାର୍‌ଙ୍କ ପ୍ରଯୋଜିତ ଆଗାମୀ ଫିଲ୍ମ 'ଗୁଲାବୋ ସିତାବୋ'ରେ ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ଏକାଠି ଦେଖିବାକୁ ମିଳିବ ।



ପଶ୍ଚିମବଙ୍ଗରେ ନିର୍ବାଚନୀ ହିଂସା

# ଆଜି ରାତିରୁ ପ୍ରଚାର ବନ୍ଦ

ନୂଆଦିଲ୍ଲୀ,୧୫।୫

ପଶ୍ଚିମବଙ୍ଗରେ ହିଂସାକାଣ୍ଡ ପରେ ନିର୍ବାଚନ କମିଶନ (ଇସି) ସେଠାରେ ପ୍ରଚାରକୁ ନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପୂର୍ବରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସପ୍ତମ ତଥା ଶେଷ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗର ୯ ଆସନରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ଅନ୍ୟ ରାଜ୍ୟଗୁଡ଼ିକରେ ୧୭ ତାରିଖ ଅପରାହ୍ନ ୬ଟାରେ ପ୍ରଚାର ଶେଷ ହେବାକୁ ଥିବାବେଳେ ପଶ୍ଚିମବଙ୍ଗରେ ୧୬ ତାରିଖ ରାତି ୧୦ଟାରୁ ପ୍ରଚାର ବନ୍ଦ କରିବାକୁ କୁହାଯାଇଛି। ଗତ ୨୪ ଘଣ୍ଟା ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ହିଂସାକାଣ୍ଡ ଲାଗି ରହିଥିବାରୁ ଇସି ସମ୍ବିଧାନର ଧାରା ୩୨୪ ଅନୁଯାୟୀ ସେଠାରେ ଗୋଟିଏ ଦିନ ପୂର୍ବରୁ ପ୍ରଚାର ଶେଷ କରିବାକୁ କହିଛନ୍ତି। ପ୍ରଥମଥର ଲାଗି ଇସି ଏଭଳି କ୍ଷେତ୍ରରେ ସମ୍ବିଧାନର ଧାରା ୩୨୪ ପ୍ରୟୋଗ କରିଛି। ଏହା ବ୍ୟତୀତ ପଶ୍ଚିମବଙ୍ଗର ପ୍ରମୁଖ ସଚିବ (ଗୃହ) ଆତ୍ରେୟ ଭଟ୍ଟାଚାର୍ଯ୍ୟ ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ସିଆଇଡି ରାଜୀବ କୁମାରଙ୍କୁ ତାଙ୍କ ବିଭାଗରୁ କାଢ଼ିନିଆଯାଇଛି। ଗୁରୁବାର ରାତି ୧୦ରୁ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଦମ୍‌ଦମ୍, ବରସାତ୍, ☞ ପୃଷ୍ଠା-୪



ପୁରୀ ରଥଖଳାରେ ମହାରଣା ସେବକମାନେ ତୁମ୍ବରେ ଅର ବିନ୍ଧ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର)


# ବଜ୍ରପାତ ନେଲା ୬ ଜୀବନ

## ବିବାହ ଚତୁର୍ଥୀ ଭୋଜିରେ ବର ମୃତ, ୪ ଗୁରୁତର

■ ବାଲେଶ୍ୱରରେ ୨, ଗଞ୍ଜାମ ଜିଲାରେ ୨ ମୃତ

ଆନନ୍ଦପୁର/ ବ୍ରହ୍ମପୁର ଅଫିସ/ ଆସିକା,୧୫।୫(ଡି.ଏନ.ଏ.)


ବଜ୍ରପାତ ଯୋଗୁ ବୁଧବାର ବିଭିନ୍ନ ସ୍ଥାନରେ ୬ ଜଣଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଞ୍ଚଳରେ ବିବାହ ଚତୁର୍ଥୀ ଭୋଜି ଚାଲିଥିବାବେଳେ ବଜ୍ରପାତ ଘଟି ବରର ମୃତ୍ୟୁ ଘଟିଛି। ଜଣେ ମହିଳାଙ୍କ ସମେତ ୪ ଜଣ ଗୁରୁତର ହୋଇଛନ୍ତି। ସେହିପରି କୋରାପୁଟ ଜିଲା ନନ୍ଦପୁରରେ ଜଣେ, ବାଲେଶ୍ୱର ଓ ଗଞ୍ଜାମ ଜିଲାରେ ବଜ୍ରପାତ ଘଟି ଆଉ ୪ ଜଣଙ୍କ ମୃତ୍ୟୁ ଘଟିଛି।



ମିଳିଥିବା ସୂଚନା ଅନୁଯାୟୀ, ହରିଚନ୍ଦନପୁର ଥାନା ଟାଙ୍ଗିରିଆପାଳ କୋଠଘାଟି ସାହିର ଜିତେନ୍ଦ୍ର ମୁର୍ମୁଙ୍କ ବୁଧବାର ଚତୁର୍ଥୀ ଥିଲା। ଏଥିପାଇଁ ଗାଁ ଦାଣ୍ଡରେ ଭୋଜିର ଆୟୋଜନ କରାଯାଇଥିଲା । ଜିତେନ୍ଦ୍ରଙ୍କ ପରିବାର ସଦସ୍ୟ ଓ ବନ୍ଧୁବାନ୍ଧବ ଭୋଜିର ମଜା ଉଠାଉଥିଲେ। ଜିତେନ୍ଦ୍ର ବି ବୁଲି ବୁଲି କିଏ ଭୋଜି ଖାଇଲା ନ ଖାଇଲା ପଚାରି ବୁଝୁଥିଲେ। ଏହି ସମୟରେ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା । ଅଳ୍ପ ବର୍ଷା ସହିତ ହଠାତ୍ ବଜ୍ରପାତ ହୋଇଥିଲା। କେହି କିଛି ଚିନ୍ତା କରିବା ପୂର୍ବରୁ ବଜ୍ରପାତରେ ଜିତେନ୍ଦ୍ର, ତାଙ୍କ ମାଇଁ ସୁଲୋଚନା, ମାମୁ ଫଗୁରାମ, ସାନଭାଇ ମୁନା ଓ ଅନ୍ୟ ଜଣେ ସମ୍ପର୍କୀୟ ଭାଇ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗାଁ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ତୁରନ୍ତ କେଶଦୁରାପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜିତେନ୍ଦ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ☞ ପୃଷ୍ଠା-୪

# ପୋଲିସ ପ୍ରଶାସନରେ ଅଭିଯୁକ୍ତ ପୁରସ୍କୃତ

## ୪୦ ଇନ୍ସପେକ୍ଟର, ୧୪ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ



■ ଦୀପକ ମିଶ୍ର, ଶରତ ସାହୁଙ୍କ ନାମରେ ସର୍ବାଧିକ

■ କାର୍ଯ୍ୟାନୁଷ୍ଠାନ ବଦଳରେ ପ୍ରମୋଶନ ଉପହାର

■ ତଳଠୁ ଉପର ସଲାସୁତୁରାରେ ଚାଲିଛି କାର୍ଯ୍ୟ

ତ୍ରିନାଥ ମହାନ୍ତି

ଭୁବନେଶ୍ୱର,୧୫।୫ (ବ୍ୟୁରୋ)

ସମସ୍ତଙ୍କ ପାଇଁ ଆଇନ ସମାନ। ଅପରାଧ ଅନୁଯାୟୀ ଜଣେ ସାଧାରଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଯେଉଁ ଦଫା ଲାଗେ ଜଣେ ପୋଲିସ ବିରୋଧରେ ମଧ୍ୟ ସେହି ଦଫା ଲାଗିଥାଏ। କିନ୍ତୁ ପୋଲିସ ନିଜ କ୍ଷମତାର ଦୁରୁପଯୋଗ କରି ଆଇନକୁ ଦଳିମକଚି ଚାଲିଛି। ପୋଲିସ ବିରୋଧରେ ଆସିଥିବା ଅଭିଯୋଗ ଫାଇଲକୁ ଚାପି ଦିଆଯାଉଛି। କାର୍ଯ୍ୟାନୁଷ୍ଠାନ ଦୂରର କଥା ତଦନ୍ତ ମଧ୍ୟ କରାଯାଉନାହିଁ। ଚାପ ପଡ଼ିଲେ ତଦନ୍ତ ହେଉଛି, ହେଲେ ରିପୋର୍ଟକୁ ବଦଳାଇ ଦିଆଯାଉଛି। ଫଳରେ ଜଣେ ଦୁର୍ନୀତିଗ୍ରସ୍ତ ବା ଅଭିଯୁକ୍ତ ପୋଲିସ ଅଫିସର ଆଇନ ଫାଶରୁ ଖସିଯାଉଛନ୍ତି। ଏହାସତ୍ତ୍ୱେ ଯଦି ବି କେହି ମୁହଁ ଖୋଲୁଛି ତଳସ୍ତରରୁ ଖାକି ଭୟ ଦେଖାଇ ଚାପି ଦିଆଯାଉଛି। ସବୁଠୁ ଆଶ୍ଚର୍ଯ୍ୟଜନକ ପରିସ୍ଥିତି ରାଜ୍ୟର ସର୍ବାଧିକ ଦକ୍ଷ କୁହାଯାଉଥିବା କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି। କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ବହୁ ପୋଲିସ ଅଫିସରଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଛି। କିନ୍ତୁ ଦୁର୍ଭାଗ୍ୟର କଥା ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ବଦଳରେ ସମ୍ପୃକ୍ତ ଅଫିସରମାନଙ୍କୁ ପ୍ରମୋଶନ ଦିଆଯାଇ ଅନ୍ୟତ୍ର ବଦଳି କରାଯାଇଛି। ଏହି ଅଫିସରଙ୍କ ମଧ୍ୟରୁ କେତେଜଣ କମିଶନରେଟ ପୋଲିସରେ ଥିବାବେଳେ ଆଉ କେତେଜଣ ବାହାର ଜିଲାରେ ଅବସ୍ଥାପିତ ଅଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯ରୁ ୨୦୧୮ ପର୍ଯ୍ୟନ୍ତ କମିଶନରେଟ ପୋଲିସରେ କାର୍ଯ୍ୟ କରୁଥିବା ୪୦ ଇନ୍ସପେକ୍ଟର ଓ ୧୪ ଏସିପିଙ୍କ ନାମରେ ବିଭିନ୍ନ ଅଭିଯୋଗ ଆସିଛି। ସେଗୁଡ଼ିକ ହେଲା ମିଛ ମାମଲାରେ ଫସାଇବା, ଅଭିଯୋଗକାରୀଙ୍କୁ ଲାଞ୍ଚ ମାଗିବା, ଥାନାରେ ଅଭିଯୋଗକାରୀଙ୍କୁ ନିର୍ଯ୍ୟାତନା ଦେବା, ବିପକ୍ଷ ଗୋଷ୍ଠୀଙ୍କଠାରୁ ଟଙ୍କା ନେଇ ମାମଲା ରୁଜୁ ନ କରିବା, ବିଲ୍ଡରମାନଙ୍କୁ ସହାନୁଭୂତି ଦେଖାଇ ତାଙ୍କ ବିରୋଧରେ ମାମଲା ଉଠାଇନେବା, ବିନା କାରଣରେ ଗିରଫ କରିବା, ମହିଳାଙ୍କୁ ଅସଦାଚରଣ ଓ ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିବା। ବିଶେଷକରି ଥାନାରେ ନିର୍ଯ୍ୟାତନା ଦେବା ସହ ମିଛ ମାମଲା ରୁଜୁ କରିବା ଭଳି ଅଭିଯୋଗ ୪୦ ପ୍ରତିଶତ ରହିଛି। ସେହିଭଳି ଲାଞ୍ଚ ମାଗିବା ସହ ବିପକ୍ଷ ଗୋଷ୍ଠୀଠାରୁ ଲାଞ୍ଚ ନେଇ ମାମଲାର କାର୍ଯ୍ୟାନୁଷ୍ଠାନ ନ ନେବା ଭଳି ଅଭିଯୋଗ ୨୦ ପ୍ରତିଶତ ରହିଛି। ବହୁ ମହିଳାଙ୍କ ସମେତ ସାଧାରଣ ଲୋକ, ଆଇନଜୀବୀ, ସାମାଜିକ କର୍ମୀ, ସୂଚନା ଅଧିକାର କର୍ମୀ ଏବଂ ବରିଷ୍ଠ ନାଗରିକମାନେ ☞ ପୃଷ୍ଠା-୪

■ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସପ୍ତାହକ ମଧ୍ୟରେ ଘରଭଙ୍ଗା ସହାୟତା

■ ରାଶନକାର୍ଡ ନ ଥିବା ପରିବାରକୁ ମିଳିବ ଚାଉଳ

■ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ବଣ୍ଟାଯିବ କିରୋସିନ

■ ମାଗଣାରେ ଦିଆଯିବ ସାନିଟାରି ନାପ୍‌କିନ

■ ବଣ୍ଟାଯିବ ୧୦ ଲକ୍ଷ ମହମବତି

■ ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ

ପୁରୀ ଅଫିସ,୧୫।୫

ବାତ୍ୟା କ୍ଷତିଗ୍ରସ୍ତ ପୁରୀ ଜିଲାରେ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏ ନେଇ ବୁଧବାର ଅପରାହ୍ନରେ ପୁରୀ ସର୍କିଟ ହାଉସ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏହି ସମୟରେ ସମସ୍ତଙ୍କୁ ଧୈର୍ଯ୍ୟ ଧରି ପୁନରୁଦ୍ଧାର କାମରେ ସହଯୋଗ କରିବାକୁ ପଡ଼ିବ। ପୁରୀକୁ ବିଶ୍ୱର ଐତିହ୍ୟ ସହର କରାଯିବ। ତେବେ ବାତ୍ୟାରେ ବିଦ୍ୟୁତ୍ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛି। ପୁରୀ ଜିଲାକୁ ଯେଉଁ ୩ଟି ଲାଇନ ଯାଇଛି ତାହା ଫନୀରେ କ୍ଷତିଗ୍ରସ୍ତ ହୋଇଛି। ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ଲାଗି ହଜାର ହଜାର ଲୋକ ଦିନରାତି କାମରେ ଲାଗିଛନ୍ତି। ଦ୍ରୁତଗତିରେ ପୁନରୁଦ୍ଧାର କାମ ଚାଲିଛି। ଗୋଟିଏ ଲାଇନ ମରାମତି ସରିଛି। ଏହା ମାଧ୍ୟମରେ ପୁରୀ ସହରକୁ ବିଦ୍ୟୁତ୍ ଯୋଗାଣ ହୋଇଛି। ନିମାପଡ଼ା ଏବଂ କୋଣାର୍କ ଏନ୍‌ଏସିକୁ ବୁଧବାର ରାତି ସୁଦ୍ଧା ବିଦ୍ୟୁତ୍ ଯୋଗାଣ ହୋଇଯିବ। ଧୀରେ ଧୀରେ ଜିଲାର ସବୁ ଅଞ୍ଚଳକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହେବ। ଘରଭଙ୍ଗା କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଆରମ୍ଭ ହୋଇଛି। ସପ୍ତାହକ ମଧ୍ୟରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦିଆଯିବ। କ୍ଷତିଗ୍ରସ୍ତଙ୍କୁ ରିଲିଫ ଦିଆଯାଉଛି। ☞ ପୃଷ୍ଠା-୪



ବୈଠକ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

### ଆଜିର ସମ୍ପାଦକୀୟ

କୁକୁଡ଼ା ଅଣ୍ଡାର ମାନ

### ଆଜିର ମନ୍ତବ୍ୟ

"ଦେଶକୁ କେବଳ ଜଣେ ବ୍ୟକ୍ତି ଚଳାଇପାରିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମନେକରନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

ଦେଶର ସେବା ରପ୍ତାନି ୬.୬% ଓ ଆମଦାନୀ ୧୦.୫୫% ବୃଦ୍ଧି ପାଇଛି।

-ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE 15.05.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 105 | 165 | 175 |
| CTC | 105 | 165 | 175 |
| DKL | 102 | 161 | 171 |
| BDK | 105 | 165 | 175 |
| BLS | 107 | 167 | 177 |
| ANG | 102 | 161 | 171 |

*Conditions Apply

Eggs Retail Price- 40/-Dozen
Issued in the Interest of Consumers


# ଜୁନ୍ ୬ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ,(ପି.ଟି.)/ ଭୁବନେଶ୍ୱର,୧୫।୫(ବ୍ୟୁରୋ)

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବାରେ ବିଳମ୍ବ ହେବ। ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳ ଛୁଇଁଥାଏ। କିନ୍ତୁ ଚଳିତ ବର୍ଷ ଏହା ୫ ଦିନ ବିଳମ୍ବରେ ଅର୍ଥାତ୍ ଜୁନ୍ ୬ରେ କେରଳ ଛୁଇଁପାରେ ବୋଲି ପାଣିପାଗ ବିଭାଗ ବୁଧବାର ସୂଚନା ଦେଇଛି। ଏଥିରେ ୪ ଦିନ କମ୍ ବେଶୀ ହୋଇପାରେ ବୋଲି କୁହାଯାଇଛି।

ମେ ୧୮-୧୯ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଣ୍ଡାମାନ ସାଗରର ଦକ୍ଷିଣ ଭାଗ, ନିକୋବର ଦ୍ୱୀପପୁଞ୍ଜ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅଗ୍ରସର ହେବା ଲାଗି ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଚଳିତ ବର୍ଷ ମୌସୁମୀ ଆଗମନରେ ବିଳମ୍ବ ହେବ ବୋଲି ମଙ୍ଗଳବାର ଘରୋଇ ସଂସ୍ଥା ସ୍କାଏମେଟ୍ ପୂର୍ବାନୁମାନ କରିଥିଲା। ଏହା ଜୁନ୍ ୪ରେ କେରଳ ଉପକୂଳ ଛୁଇଁବ ବୋଲି ସ୍କାଏମେଟ୍ କହିଥିଲା। ଯଦି ଚଳିତ ବର୍ଷ ମୌସୁମୀ ବିଳମ୍ବରେ ପହଞ୍ଚେ ତେବେ ୨୦୧୪ରୁ ଏହା ତୃତୀୟ ଘଟଣା ହେବ। ୨୦୧୪ରେ ମୌସୁମୀ ଜୁନ୍ ୫ରେ ପହଞ୍ଚିଥିଲା। ଏହା ପରେ ୨୦୧୫ରେ ଜୁନ୍ ୬ ଏବଂ ୨୦୧୬ରେ ଜୁନ୍ ୬ରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ☞ ପୃଷ୍ଠା-୪



■ ଦୁଇ ସପ୍ତାହ ପରେ ଓଡ଼ିଶା

■ ଚାଷ ପଛାଇବା ଆଶଙ୍କା

# କଂଗ୍ରେସ: ସ୍ଥିତି ବଜାୟ ରଖିବା ଚ୍ୟାଲେଞ୍ଜ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

## ନିର୍ବାଚନ ପରବର୍ତ୍ତୀ ଆକଳନ





■ ନବରଙ୍ଗପୁର ଲୋକ ସଭା ଏକମାତ୍ର ଆଶା

■ ୯ରୁ ୧୭ ବିଧାନସଭା ପାଇଁ ଆଶାବାଦୀ

■ ସିପିଏମ୍, ସ୍ୱାଧୀନ, ବିଏସ୍‌ପି ଗୋଟିଏ ଲେଖାଏ ଜିତିବା ନେଇ ଆକଳନ

ସାଧାରଣ ନିର୍ବାଚନ ଫଳାଫଳ ଆସନ୍ତା ୨୩'ରେ ପ୍ରକାଶ ପାଇବ। ଏହା ପୂର୍ବରୁ କେଉଁ ଦଳ କେତେସଂଖ୍ୟକ ଆସନ ଜିତିବ, ସେନେଇ ଅଙ୍କକଷା ଚାଲିଛି। ଓଡ଼ିଶାରେ ଏକସଙ୍ଗରେ ହୋଇଥିବା ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ମୁଖ୍ୟତଃ ଭାଜପା-ବିଜେଡି ମଧ୍ୟରେ ପ୍ରତ୍ୟକ୍ଷ ଲଢ଼େଇ ହୋଇଥିବା କୁହାଯାଉଛି। ରାଜ୍ୟରେ କଂଗ୍ରେସ ପ୍ରଥମଥର ପାଇଁ ଅଧିକାଂଶ ଆସନର ମୁଖ୍ୟ ଲଢ଼େଇରେ ନାହିଁ। ତେଣୁ ଫଳାଫଳକୁ ନେଇ କଂଗ୍ରେସ ଅନ୍ୟ ୨ ପ୍ରମୁଖ ଦଳ(ବିଜେଡି, ଭାଜପା) ଭଳି ଉତ୍ସାହିତ ନୁହେଁ। ରାଜ୍ୟରେ ହୋଇଥିବା ୪ଟି ପର୍ଯ୍ୟାୟ ନିର୍ବାଚନ ପରେ କେଉଁ ଆସନରେ ଭଲ ଫଳାଫଳ ପାଇବ, ସେନେଇ କେତେକ କଂଗ୍ରେସ ନେତା ମତ ରଖିଛନ୍ତି।

ରାଜ୍ୟରେ ଥିବା ୨୧ ଲୋକ ସଭା ଆସନ ମଧ୍ୟରୁ କଂଗ୍ରେସ ୪ ସ୍ଥାନରେ ମୁଖ୍ୟତଃ ଲଢ଼େଇ କରିଥିବା କୁହାଯାଇଛି। ଏହି ଆସନଗୁଡ଼ିକ ହେଉଛି-ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ସୁନ୍ଦରଗଡ। ଏହାବ୍ୟତୀତ ଦଳ ବାଲେଶ୍ୱର, ଢେଙ୍କାନାଳ, ବଲାଙ୍ଗୀର, ପୁରୀ, କଟକ, ବରଗଡ, ସମ୍ବଲପୁର, କନ୍ଧମାଳ, ଜଗତ୍‌ସିଂହପୁର, ଭଦ୍ରକ, ବ୍ରହ୍ମପୁର, କେନ୍ଦ୍ରାପଡା, କେନ୍ଦୁଝର ଏବଂ ଯାଜପୁର ଭଳି ଆସନରେ ତୃତୀୟ ସ୍ଥାନରେ ରହିବ ବୋଲି କୁହାଯାଉଛି। ଆସ୍କା, ଭୁବନେଶ୍ୱର ଏବଂ ମୟୂରଭଞ୍ଜରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ସହଯୋଗୀ ଦଳଙ୍କୁ ସମର୍ଥନ କରିଥିଲା। ୨୦୧୪ରେ ଦଳ ରାଜ୍ୟରେ ଗୋଟିଏ ବି ଲୋକ ସଭା ଜିତିପାରି ନ ଥିଲା। ଭୋଟ ପରବର୍ତ୍ତୀ ଆକଳନ ଅନୁଯାୟୀ, ଦଳ ନବରଙ୍ଗପୁରରେ ଜିତିବା ନେଇ ଆଶାବାଦୀ ଥିବାବେଳେ ଅନ୍ୟ ଆସନକୁ ନେଇ ଦୃଢ଼ମତ ନୁହେଁ। କିଛିଦିନ ତଳେ ଏକ ଜାତୀୟ ଗଣମାଧ୍ୟମରେ ଦିଆଯାଇଥିବା ରିପୋର୍ଟ ଅନୁଯାୟୀ, କଂଗ୍ରେସ ଜାତୀୟସ୍ତରରେ ୪୪ରୁ ୧୦୧ ଆସନ ହାତେଇପାରେ। ଏହି ସର୍ଭେରେ ଓଡ଼ିଶାରେ କଂଗ୍ରେସ ଗୋଟିଏ ବି ଆସନ ପାଉ ନ ଥିବା ଦର୍ଶାଯାଇଥିଲା। ଶେଷଥର ପାଇଁ ୨୦୦୯ରେ କଂଗ୍ରେସ ୬ଟି ଲୋକ ସଭା ଆସନ ଜିତିବାକୁ ସକ୍ଷମ ହୋଇଥିଲା। ସେହି ଆସନଗୁଡ଼ିକ ଥିଲା- ବାଲେଶ୍ୱର, ବରଗଡ଼, ସୁନ୍ଦରଗଡ଼, ନବରଙ୍ଗପୁର, ☞ ପୃଷ୍ଠା-୪


ADMISSION NOTICE 2019-20

GANGADHAR MEHER UNIVERSITY, AMRUTA VIHAR, SAMBALPUR

Invites Applications for Admission into the following Self Financing Courses

| COURSE | DURATION | ELIGIBILITY |
|---|---|---|
| MBA (Financial Management) | 2 Years | +3 or Equivalent with 45 % marks in Aggregate at degree Level (relaxation of 5% Marks is allowed for the students belonging to ST/SC categories) |
| MBA (Subject to availability of seats after OJEE Admission) | 2 Years | OJEE/CAT/MAT/XAT/ATMA Non-OJEE Candidates having score card with minimum 50% marks in aggregate at the degree level. |
| M.Sc. ETC (Electronics & Telecommunications) | 2 Years | B.Sc. with Maths./Physics /Electronics &Telecommunication/ Computer Science /IST or Equivalent and minimum 45 % marks in aggregate at degree Level or B.Tech.(ETC/CSE/IT). (relaxation of 5% Marks is allowed for the students belonging to ST/SC categories) |
| BBA (Hons.) | 3 Years | +2 Pass or Equivalent |
| B.Sc. IST (Hons.) (Information Science &Telecommunications) | 3 Years | +2 Science or Equivalent with Math./Physics |

- Candidates may apply for MBA-FM, M.Sc.-ETC and other PG. Courses of the university through online admission portal www.gmuniversity.ac.in from 08.05.2019 to 24.05.2019. Other modes of applications will not be considered. For details visit the University Website.
- Online Admission to all the UG courses (including BBA & BSc.IST) will commence soon. Please visit the University website www.gmuniversity.ac.in or contact to the helpline numbers for details.
- For MBA programme, Forms and Information Bulletins are available at the Department of Professional Courses, G.M. University, Amruta Vihar, Sambalpur. However the admission to the MBA Programme will be subject to availability of seats after OJEE Admission.

Helpline No - 0663-2522543, Mob. 9861283124, 8328821808, 7008225400, 9438735182, 9853132904

Registrar



ଇରାନ୍ ସହ ଆମେ ଯୁଦ୍ଧ ଚାହୁଁନାହୁଁ। ୱାଶିଂଟନ୍‌ର ସ୍ୱାର୍ଥ ଉପରେ ଆକ୍ରମଣ ହେଲେ, ଏହାର ଦୃଢ଼ ଜବାବ୍ ଦିଆଯିବ।
-ମାଇକ ପମ୍ପିଓ,
ଆମେରିକାର ପରରାଷ୍ଟ୍ର ସଚିବ

# ଦିଲ୍ଲୀରେ ପହଞ୍ଚିଲା କୋଲକାତା ବିବାଦ

**ନୂଆଦିଲ୍ଲୀ,୧୫।୫(ପି.ଟି.)**

କୋଲକାତାରେ ସୃଷ୍ଟି ହୋଇଥିବା ବିବାଦ ଦିଲ୍ଲୀରେ ପହଞ୍ଚିଛି। ମଙ୍ଗଳବାର କୋଲକାତାରେ ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ମେଗା ରୋଡ୍ ଶୋ' ବେଳେ ହିଂସାକାଣ୍ଡ ସୃଷ୍ଟି ହୋଇଥିଲା। ରୋଡ ଶୋ' ବେଳେ ଟିଏମ୍‌ସି କର୍ମୀ କଳାପତାକା ଦେଖାଇଥିଲେ। ପରେ କୋଲ୍‌କାତାର ବିଧାନ ସରଣୀଠାରେ ଶାହଙ୍କ ଶୋଭାଯାତ୍ରା ଉପରକୁ ଢେଲାମାଡ଼ କରାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟିଏମ୍‌ସି ଛାତ୍ର ଶାଖାର କର୍ମକର୍ତ୍ତା ଓ ଭାଜପା କର୍ମୀଙ୍କ ମଧ୍ୟରେ ବଚସା ପରେ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। କୋଲକାତା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରରେ ଅପ୍ରୀତିକର ପରିସ୍ଥିତି ଦେଖାଦେଇଥିଲା। ସେହିଭଳି କଲେଜ୍ ଷ୍ଟ୍ରିଟ୍ ନିକଟରେ ସଂଘର୍ଷ ହେବାରୁ ପୋଲିସକୁ ଲାଠିଚାର୍ଜ କରିବାକୁ ପଡ଼ିଥିଲା। ଖ୍ୟାତନାମା ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ କଲେଜ ହଷ୍ଟେଲ୍ ନିକଟରେ ମାଡ଼ପିଟ୍ ହେବା ସହ ବିଭିନ୍ନ ସ୍ଥାନରେ ପୋଡ଼ାଜଳା କରାଯାଇଥିଲା। ଶାହଙ୍କ କାର୍‌କେଡ ଉପରେ ଆକ୍ରମଣ ଓ ହିଂସାକାଣ୍ଡ ବିରୋଧରେ ବୁଧବାର ଦିଲ୍ଲୀର ଯନ୍ତରମନ୍ତରଠାରେ ଭାଜପା ପକ୍ଷରୁ ନୀରବ ପ୍ରତିବାଦ କରାଯାଇଥିଲା। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ଲାଗି ଭାଜପାକୁ ଦାୟୀ କରି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି।




- ଯନ୍ତରମନ୍ତରରେ ଭାଜପାର ବିକ୍ଷୋଭ
- ହିଂସା ଲାଗି ଟିଏମ୍‌ସିକୁ ଦାୟୀ କଲେ ଅମିତ୍ ଶାହ

ଯନ୍ତରମନ୍ତରରେ ଭାଜପାର ନୀରବ ପ୍ରତିବାଦ ସଭାରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ୍, ଜିତେନ୍ଦ୍ର ସିଂ, ବିଜୟ ଗୋୟଲ ଏବଂ ହର୍ଷବର୍ଦ୍ଧନ ପ୍ରମୁଖ ଯୋଗଦେଇଥିଲେ। ସେମାନେ କଳାପଟି ପିନ୍ଧି ଓଠରେ ଆଙ୍ଗୁଠି ଚାପି ବସିରହିଥିବା ଦେଖାଯାଇଥିଲା। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗଣତନ୍ତ୍ରର କଣ୍ଠରୋଧ କରିଛନ୍ତି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ମଙ୍ଗଳବାର ଟିଏମ୍‌ସି କର୍ମୀମାନେ ଯେଉଁଭଳି ଆକ୍ରମଣ କଲେ ସିଆର୍‌ପିଏଫ୍ ଯବାନ ନ ଥିଲେ ଭାଜପା ଅଧ୍ୟକ୍ଷ ଶାହ ନିରାପଦରେ ଫେରି ନ ଥାନ୍ତେ ବୋଲି ସୀଥାରାମନ୍ ଖବରଦାତାମାନଙ୍କୁ କହିଛନ୍ତି। ନିର୍ବାଚନରେ ପରାଜିତ ହେବା ଜାଣି ମମତା ବିବ୍ରତ ହୋଇପଡିଛନ୍ତି ଏବଂ ହିଂସାକାଣ୍ଡ ସୃଷ୍ଟିକରିବାକୁ ଦଳୀୟ କର୍ମୀମାନଙ୍କୁ ଉସୁକାଉଥିବା ସୀଥାରାମନ ଅଭିଯୋଗ କରିଛନ୍ତି। ଖ୍ୟାତନାମା ସଂସ୍କାରକ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ବନ୍ଦ କୋଠରିରେ ଥିବାବେଳେ କିପରି ଭାଙ୍ଗିଲା ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କ୍ୟାମ୍ପସ୍ ପରିସରରେ ଥିବା ତୃଣମୂଳ କଂଗ୍ରେସ କର୍ମୀ ଏଥିପାଇଁ ଦାୟୀ ବୋଲି ସେ କହିଛନ୍ତି।

କୋଲକାତା ରୋଡ ଶୋ'ରେ ହିଂସା ଲାଗି ଶାସକ ଟିଏମ୍‌ସିକୁ ଦାୟୀ କରିଛନ୍ତି ଅମତ୍ ଶାହ। ନିର୍ବାଚନ କମିଶନ ନୀରବ ରହି ରାଜ୍ୟରେ ରିଗିଂ ଓ ହିଂସାକୁ ପ୍ରଶ୍ରୟ ଦେଉଥିବା ସେ ଅଭିଯୋଗ କରିଛନ୍ତି। ମେ ୨୩ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ମମତାଙ୍କ କ୍ଷମତାରେ ରହିବା ଦିନର ଓଲଟା ଗଣନା ଆରମ୍ଭ ହୋଇଯିବ ବୋଲି ସେ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ବସିରହାଟଠାରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରିବା ଅବସରରେ ମମତାଙ୍କ ଉପରେ ବର୍ଷିଛନ୍ତି। ନିର୍ବାଚନରେ ହାରିବା ନିଶ୍ଚିତ ଜାଣି ଟିଏମ୍‌ସି ଏହାର ଗୁଣ୍ଡାମାନଙ୍କୁ ହିଂସାକାଣ୍ଡ ପାଇଁ ଛାଡିଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗରେ ଭାଜପା ଲହର ଦିଦିଙ୍କୁ ଭୟଭୀତ କରିଛି ଏବଂ ସେ ଯେକୌଣସି ସ୍ତରକୁ ଯିବାକୁ ପ୍ରସ୍ତୁତ ଅଛନ୍ତି। ଶାହଙ୍କ ରୋଡ ଶୋ'ରେ ହିଂସାକାଣ୍ଡ ପାଇଁ ପ୍ରଧାନମନ୍ତ୍ରୀ ଟିଏମ୍‌ସିକୁ ଦାୟୀ କରିଛନ୍ତି।

## ଇସିଙ୍କ ଦ୍ୱାରସ୍ଥ ହେଲା ଟିଏମ୍‌ସି

**ନୂଆଦିଲ୍ଲୀ,୧୫।୫(ପି.ଟି.):** ଟିଏମ୍‌ସି ମଧ କୋଲକାତା ରୋଡ ଶୋ ହିଂସାକାଣ୍ଡ ଏବଂ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା ପାଇଁ ଭାଜପାକୁ ଦାୟୀ କରିଛି। ଭାଜପା ଗୁଣ୍ଡାମାନେ ପ୍ରତିମୂର୍ତ୍ତି ଭାଙ୍ଗିଥିବାର ଭିଡିଓ ଟିଏମ୍‌ସି ପକ୍ଷରୁ ଜାରି କରାଯାଇଛି। ଦଳୀୟ ଏମ୍‌ପି ଡେରେକ୍ ଓ୍ବ୍ରାଏନ୍, ସୁଖେନ୍ଦୁ ଶେଖର ରାୟ, ମନୀଷ୍ ଗୁପ୍ତା, ନଦିମୁଲ୍ ହକ୍ ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କୁ ଭେଟି ସେମାନଙ୍କ ଅଭିଯୋଗର ପ୍ରମାଣ ସ୍ୱରୂପ ଉକ୍ତ ଭିଡିଓ ଉପସ୍ଥାପନ କରିଛନ୍ତି। ଏହି ଭିଡିଓ ଭାଜପାର କାର୍ଯ୍ୟକଳାପକୁ କେବଳ ସ୍ପଷ୍ଟ କରୁନାହିଁ, ଏହାର ଅଧକ୍ଷ ଅମିତ ଶାହ ଜଣେ ମିଛୁଆ ଓ ଧୋକାବାଜ୍ ବୋଲି ପ୍ରମାଣିତ କରିଛି। କୋଲକାତାର ରାସ୍ତାଘାଟରେ ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାରର ଘଟଣା ବେଙ୍ଗଲୀ ଗର୍ବକୁ ଆଘାତ ଦେଇଥିବା ଓ୍ବ୍ରାଏନ୍ କହିଛନ୍ତି। କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟାସାଗର କଲେଜ୍ ଗେଟ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଏବଂ ପ୍ରାଚୀର ଡେଇଁ କ୍ୟାମ୍ପସ୍ ଭିତରେ ପ୍ରବେଶ କରୁଥିବା ଗୋଟିଏ ଭିଡିଓରୁ ଦେଖିବାକୁ ମିଳିଛି। ଅନ୍ୟ ଏକ ଭିଡିଓ ଏବଂ ହ୍ୱାଟ୍ସଆପ୍ ବାର୍ତ୍ତାରେ ଭାଜପା ସମର୍ଥକମାନଙ୍କୁ ଲୁହାରଡ଼ ଏବଂ ଅସ୍ତ୍ର ଧରି ଶାହଙ୍କ ରୋଡ ଶୋ'ରେ ଭାଗ ନେବା ଲାଗି କୁହାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ପ୍ରମାଣିତ କରିବା ଲାଗି ତାଙ୍କ ଦଳ ପାଖରେ ଏଭଳି ୪୪ଟି ଭିଡିଓ ରହିଥିବା ଟିଏମ୍‌ସି ଏମ୍‌ପି କହିଛନ୍ତି।



ବୁଧବାର ଗୁର୍‌ଦାସପୁରର ଦିନନଗରଠାରେ ପୁଅ ତଥା ଭାଜପା ପ୍ରାର୍ଥୀ ସନି ଦେଓଲଙ୍କ ପାଇଁ ପ୍ରଚାର କରୁଛନ୍ତି ବର୍ଷୀୟାନ ବଲିଉଡ ଅଭିନେତା ଧର୍ମେନ୍ଦ୍ର।

## ଶେଷ ପର୍ଯ୍ୟାୟ ଭୋଟ ଲାଗି ପ୍ରଚାର ଜୋରଦାର

**ନୂଆଦିଲ୍ଲୀ,୧୫।୫**

ଲୋକ ସଭା ନିର୍ବାଚନର ବୃତାନ୍ତ ପର୍ଯ୍ୟାୟ ମତଦାନ ଆସନ୍ତା ରବିବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିପାଇଁ ପ୍ରଚାର ଜୋରଦାର ହୋଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପୂର୍ବରୁ ଭିନ୍ନ ଭିନ୍ନ ସ୍ଥାନରେ ଏକାଧିକ ସଭା ଅନୁଷ୍ଠିତ ହୋଇଥିଲା। ସପ୍ତମ ପର୍ଯ୍ୟାୟରେ ୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଗତ ୫୯ଟି ଆସନରେ ଭୋଟଗ୍ରହଣ କରାଯିବ। ଏହିସବୁ ଆସନଗୁଡ଼ିକର ଫଳାଫଳ ନିର୍ଣ୍ଣାୟକ ଭୂମିକା ନେବାକୁ ଥିବାରୁ ପ୍ରମୁଖ ଦଳଗୁଡ଼ିକ ସେମାନଙ୍କ ପ୍ରଚାରକୁ ଜୋରଦାର କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ବିହାର ପଲିଗଞ୍ଜରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବା ସହ ଝାଡଖଣ୍ଡର ଦେଓଘର, ପଶ୍ଚିମବଙ୍ଗର ହାସନାବାଦ ଏବଂ ଡାଇମଣ୍ଡ ହାର୍ବର ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ସେହିପରି ଭାଜପା ଅଧ୍ୟକ୍ଷ ଅମିତ ଶାହା ମଧ୍ୟପ୍ରଦେଶର ଧର୍ ଏବଂ ଅଲିରାଜପୁରରେ, ବରିଷ୍ଠ ନେତ୍ରୀ ସୁଷମା ସ୍ୱରାଜ, ଯୋଗୀ ଆଦିତ୍ୟନାଥ ଏବଂ ମନୋଜ ତିୱାରୀ ବିଭିନ୍ନ ସଭାରେ ଉଦ୍‌ବୋଧନ ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପଞ୍ଜାବର ଫରିଦକୋଟ ଏବଂ ଲୁଧିଆନା ସଭାକୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ଥିବାବେଳେ ଦଳ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବାରାଣସୀର ଏକ ରୋଡ ଶୋରେ ଭାଗ ନେଇଥିଲେ। ଏହାବ୍ୟତୀତ ଏସପି-ବିଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ପକ୍ଷରୁ ଉତ୍ତରପ୍ରଦେଶର ମାଉ ଓ ଦେଓରିଆ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଥିଲା। ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶର ୧୩ ଆସନ, ପଞ୍ଜାବର ସମସ୍ତ ୧୩ ଆସନ, ପଶ୍ଚିମବଙ୍ଗର ୯, ବିହାର ଓ ମଧ୍ୟପ୍ରଦେଶର ୮ଟି ଲେଖାଏ, ହିମାଚଳପ୍ରଦେଶର ସମସ୍ତ ୪ ଆସନ, ଝାଡଖଣ୍ଡର ୩ ଏବଂ ଚଣ୍ଡିଗଡ଼ର ଏକମାତ୍ର ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପରେ ୨୩ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ କରାଯିବ। ୧୯ ତାରିଖ ଶେଷ ପର୍ଯ୍ୟାୟ ମତଦାନ ଲାଗି ନିର୍ବାଚନ କମିଶନ ବୁଧବାର ପର୍ଯ୍ୟବେକ୍ଷକ ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ସମୀକ୍ଷା ବୈଠକ କରିଥିଲେ।

## ହାଫିଜ୍ ସଇଦ୍‌ଙ୍କ ଭିଣୋଇ ଗିରଫ

**ଲାହୋର,୧୫।୫ :** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟର୍‌ମାଇଣ୍ଡ ତଥା ଆତଙ୍କବାଦୀ ସଙ୍ଗଠନ ଜମାତ୍ ଉଦ୍ ଦାୱା(ଜେୟୁଡି)ର ସର୍ବୋଚ୍ଚ ନେତା ହାଫିଜ୍ ସଇଦ୍‌ଙ୍କ ଭିଣୋଇ ହାଫିଜ୍ ଅବଦୁର୍ ରହମନ୍ ମକ୍କିଙ୍କୁ ଗିରଫ କରାଯାଇଛି। ପାକିସ୍ତାନ ସରକାରଙ୍କ ବିରୋଧରେ ଗୁଜରାନ୍‌ୱାଲାରେ ଘୃଣ୍ୟ ମନ୍ତବ୍ୟ ଦେଇ ସମାଲୋଚନା କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି ବୋଲି ପୋଲିସ ବୁଧବାର କହିଛି। ମକ୍କି ଜେୟୁଡିର ରାଜନୈତିକ ଓ ଅନ୍ତର୍ଜାତୀୟ ଶାଖା ଦାୟିତ୍ୱରେ ଥିଲେ। ହାଫିଜ୍‌ଙ୍କୁ ଆମେରିକା ବିଶ୍ୱ ଆତଙ୍କବାଦୀ ଘୋଷଣା କରିସାରିଥିଲା ବେଳେ ୨୦୧୨ରୁ ତାଙ୍କ ବିରୋଧରେ ୧୦ ନିୟୁତ ଆମେରିକୀୟ ଡଲାର ଘୋଷଣା କରିସାରିଛି।





ବିହାର ରାଜଧାନୀ ପାଟନାସ୍ଥିତ ବାଲିଗଞ୍ଜରେ ଅନୁଷ୍ଠିତ ଏକ ନିର୍ବାଚନ ର୍ୟାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଓ ଏଲ୍‌ଜେପି ମୁଖ୍ୟ ରାମବିଳାସ ପାଶ୍ୱାନ।

## ଭାଜପା ୩୦୦ରୁ ଊର୍ଦ୍ଧ୍ୱ ଆସନ ଜିତିବ: ଶାହ

**ନୂଆଦିଲ୍ଲୀ,୧୫।୫**

ଚଳିତ ଲୋକ ସଭା ନିର୍ବାଚନରେ ଭାଜପା ୩୦୦ରୁ ଊର୍ଦ୍ଧ୍ୱ ଆସନରେ ବିଜୟୀ ହେବ ବୋଲି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପ୍ରକାଶ କରିଛନ୍ତି। ଷଷ୍ଠ ପର୍ଯ୍ୟାୟ ନିର୍ବାଚନ ଶେଷ ସୁଦ୍ଧା ଦଳକୁ ମ୍ୟାଜିକ୍ ନମ୍ବର (୨୭୨) ମିଳିସାରିଛି। ସପ୍ତମ ତଥା ଶେଷ ପର୍ଯ୍ୟାୟ ମତଦାନ ଶେଷହେବା ପରେ ଭାଜପା ଆସନ ସଂଖ୍ୟା ୩୦୦ ଟପିଯିବ ବୋଲି ଶାହ କହିଛନ୍ତି। ମୋଟ ୫୪୩ ଆସନରୁ ୧୯ ତାରିଖରେ ହେବାକୁ ଥିବା ଶେଷ ପର୍ଯ୍ୟାୟରେ ୫୯ଟି ଆସନ ଲାଗି ଭୋଟ ହେବ। ମୋଦିଙ୍କ ନେତୃତ୍ୱରେ ପୁଣି ଏନ୍‌ଡିଏ ସରକାର କ୍ଷମତାକୁ ଫେରିବ ବୋଲି ସେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପ୍ରକାଶଥାଉକି, ୨୦୧୪ରେ ଭାଜପାକୁ ମୋଟ ୨୮୨ଟି ଆସନ ମିଳିଥିବାବେଳେ କଂଗ୍ରେସକୁ ମାତ୍ର ୪୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।




### କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ

## ୟୁପି ସରକାରକୁ ଦୋଷଦେଲେ ପ୍ରିୟଙ୍କା

**ରାଏ ବରେଲି,୧୫।୫**

ୟୁପିର ରାଏବରେଲି ବିଧାୟକ ଅଦିତି ସିଂଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦିଛନ୍ତି। ଏହା ଗଣତନ୍ତ୍ର ଉପରେ ଆକ୍ରମଣ ବୋଲି ସେ ପ୍ରକାଶ କରିଛନ୍ତି। ଆକ୍ରମଣବେଳେ ଠେଙ୍ଗା, ଇଟା ଓ ଧାରୁଆ ଅସ୍ତ୍ରମାନ ବ୍ୟବହାର କରାଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଭାଜପା ଶାସିତ ରାଜ୍ୟରେ ହିଂସାକାଣ୍ଡ କରାଯାଇ ଆତଙ୍କରାଜ ଚାଲିଛି ବୋଲି ଦଳୀୟ କର୍ମକର୍ତ୍ତାଙ୍କୁ ପ୍ରିୟଙ୍କା କହିଛନ୍ତି। ଲକ୍ଷ୍ନୌରେ ରାଜ୍ୟପାଳ ଓ ଦିଲ୍ଲୀରେ ନିର୍ବାଚନ କମିଶନଙ୍କ ସହ ଆଲୋଚନା କରିଛୁ ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ଅଭିଯୋଗ କରାଯିବ ବୋଲି ସେ କହିଛନ୍ତି।



## ଆଇଏସ୍ ଖୋରାସନ୍ ଉପରେ ଜାତିସଂଘର କଟକଣା

**ଜାତିସଂଘ,୧୫।୫**

ଜାତିସଂଘ ପକ୍ଷରୁ ଆଇଏସ୍‌ର ଦକ୍ଷିଣ ଏସିଆ ଆତଙ୍କବାଦୀ ଶାଖା 'ଆଇଏସ୍ ଖୋରାସନ୍' ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜଣେ ପୂର୍ବତନ କମାଣ୍ଡର ୨୦୧୫ରେ ଏହାକୁ ଗଠନ କରିଥିଲେ। ଅଲ୍ କାଏଦା ସହ ସମ୍ପର୍କ ଓ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ଭୟଙ୍କର ଆକ୍ରମଣ କରି ୧୫୦ ଜଣଙ୍କୁ ମାରିବା ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା ପ୍ରତିବନ୍ଧ ସମିତି ପକ୍ଷରୁ ଆଇଏସ୍ ଖୋରାସନ୍ ଉପରେ କଟକଣା ଲଗାଯାଇଛି। ପାକିସ୍ତାନର ଜେଇଏମ୍ ଆତଙ୍କବାଦୀ ସଙ୍ଗଠନ ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯିବାର ଦୁଇସପ୍ତାହ ପରେ ଜାତିସଂଘ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଜାତିସଂଘ ପ୍ରତିବନ୍ଧ ସମିତି ପକ୍ଷରୁ କୁହାଯାଇଛି ଯେ, ଆଇଏସ୍ ଖୋରାସନ୍ ଜାନୁୟାରୀ ୧୦, ୨୦୧୫ରେ ଗଠନ କରାଯାଇଥିଲା। ଏହାକୁ ପାକିସ୍ତାନର ତେହେରିକ୍-ଇ-ତାଲିବାନ ପାକିସ୍ତାନ କମାଣ୍ଡର ଗଠନ କରିଥିଲେ।

### ୮ରୁ କୈଳାସ ମାନସରୋବର ଯାତ୍ରା

## କମ୍ପ୍ୟୁଟର ଡ୍ର'ରେ ପ୍ରଥମଥର ଯାଉଥିବା ଯାତ୍ରୀଙ୍କୁ ଅଗ୍ରାଧିକାର


**ନୂଆଦିଲ୍ଲୀ,୧୫।୫ (ପି.ଟି.):** କୈଳାସ ମାନସରୋବର ଯାତ୍ରା ଜୁନ ୮ ତାରିଖରୁ ଆରମ୍ଭ ହେବ। ପ୍ରଥମ କରି ଯାଉଥିବା ଯାତ୍ରୀଙ୍କୁ କମ୍ପ୍ୟୁଟର ଡ୍ର ଜରିଆରେ ଅଗ୍ରାଧିକାର ଦିଆଯିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବୈଦେଶିକ ସଚିବ ବିଜୟ ଗୋଖଲେ ଜବାହାରଲାଲ୍ ଭବନଠାରେ ବୁଧବାର ଏହି କମ୍ପ୍ୟୁଟର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ।

### [ଇତିହାସର ଆଇନାରେ]

## ମେ ୧୬ର ପ୍ରମୁଖ ଘଟଣା

୧୯୭୫ ମେ ୧୬ରେ ଭାରତ ସହ ସିକ୍କିମର ମିଶ୍ରଣ ହୋଇଥିଲା। ହିମାଳୟ ପାର୍ବତ୍ୟାଞ୍ଚଳର ଏହି ରାଜ୍ୟ ପାଇଁ ଏହା ଥିଲା ଟର୍ନିଂ ପଏଣ୍ଟ। ଯଦିଓ ଏହି ମିଶ୍ରଣ ପ୍ରକ୍ରିୟା ଯଥେଷ୍ଟ ପୂର୍ବରୁ ଆରମ୍ଭ ହୋଇଥିଲା ତେବେ ୧୯୭୫ ମେ ୧୬କୁ ଭାରତ ସହ ସିକ୍କିମ ମିଶ୍ରଣର ଆନୁଷ୍ଠାନିକ ଦିବସ ଭାବେ ଗ୍ରହଣ କରାଯାଇଥାଏ।

୨୦୦୩ ମେ ୧୬ରେ ମରକ୍କୋରେ ଆତଙ୍କବାଦୀଙ୍କ ଆକ୍ରମଣରେ ୩୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ସେହି ରାତିରେ ୧୪ ବୋମାଧାରୀ ୪ଟି ସ୍ଥାନରେ ବିସ୍ଫୋରଣ ଘଟାଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘାଚ୍ଛନ୍ନ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ଶୁଷ୍କ ରହିବା ସହ ଅପରାହ୍ନରେ ଆକାଶ ଆଂଶିକ ମେଘାଚ୍ଛନ୍ନ ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୧.୨ |
| ଚାନ୍ଦବାଲି | ୩୯.୮ | ୨୮.୨ |
| କଟକ | ୩୭.୨ | ୨୬.୬ |
| ପାରାଦ୍ୱୀପ | ୩୩.୧ | ୨୮.୩ |
| ଭୁବନେଶ୍ୱର | ୩୭.୦ | ୨୭.୫ |
| ଗୋପାଳପୁର | ୩୧.୮ | ୨୬.୯ |
| ପୁରୀ | ୩୩.୬ | ୨୭.୪ |
| ଅନୁଗୋଳ | ୪୧.୧ | ୨୩.୦ |
| ବାରିପଦା | ୩୭.୦ | ୨୩.୬ |
| ଝାରସୁଗୁଡ଼ା | ୪୦.୫ | ୨୭.୪ |
| କେନ୍ଦୁଝର | ୩୮.୦ | ୨୩.୦ |
| ସମ୍ବଲପୁର | ୪୨.୪ | ୨୭.୦ |
| ସୁନ୍ଦରଗଡ଼ | --- | ୨୪.୦ |
| ହୀରାକୁଦ | ୪୨.୨ | ୨୭.୦ |
| ତାଳଚେର | ୪୧.୩ | ୨୬.୫ |
| ଭବାନୀପାଟଣା | ୪୧.୦ | ୨୬.୫ |
| ବଲାଙ୍ଗୀର | ୪୩.୧ | ୨୭.୦ |
| କୋରାପୁଟ | ୩୫.୦ | ୧୯.୬ |
| ଫୁଲବାଣୀ | ୪୦.୨ | ୨୩.୦ |
| ଟିଟିଲାଗଡ଼ | ୪୩.୫ | ୨୬.୦ |
| ମାଲକାନଗିରି | ୪୦.୦ | ୨୨.୦ |
| ସୋନପୁର | ୪୩.୦ | ୨୪.୪ |
| ଦାରିଙ୍ଗିବାଡ଼ି | ୩୬.୫ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ଗୁଲାବୋ ସିତାବୋ'ରେ ଅମିତାଭ, ଆୟୁଷ୍ମାନ୍

**ମୁମ୍ବାଇ:** ମେଗାଷ୍ଟାର୍ ଅମିତାଭ ବଚ୍ଚନ ଓ ଅଭିନେତା ଆୟୁଷ୍ମାନ୍ ଖୁରାନାଙ୍କୁ ପ୍ରଥମଥର ଲାଗି ଏକାଠି ଗୋଟିଏ ଫିଲ୍ମରେ ଦେଖିବାକୁ ମିଳିବ। ସୁଜିତ୍ ସିର୍‌କାର୍‌ଙ୍କ ପରବର୍ତ୍ତୀ କମେଡ଼ି ଫିଲ୍ମ 'ଗୁଲାବୋ ସିତାବୋ'ରେ ଦୁହେଁ ଏକାଠି ଅଭିନୟର ଯାଦୁ ଦେଖାଇବେ। ସୁଜିତ୍‌ଙ୍କ ଦୀର୍ଘଦିନର ସହଯୋଗୀ ଜୁହି ଚତୁର୍ବେଦୀ ଏହି ଫିଲ୍ମଟିକୁ ଲେଖିଛନ୍ତି। ଏହାପୂର୍ବରୁ 'ଭିକି ଡୋନର୍'‘ପିଙ୍କୁ’ ରେ ସେମାନେ ଏକାଠି କାମ କରିଥିଲେ। ଜୁହିଙ୍କ ଏହି ଫିଲ୍ମର କାହାଣୀ ମୋତେ ବେଶ୍ ଆକର୍ଷିତ କରିଥିଲା ଓ ମୋର ନିର୍ଦ୍ଦେଶକ ବନ୍ଧୁ ରୋନି ଲାହିରିଙ୍କ ସହ ଏନେଇ ମୁଁ ଆଲୋଚନା କରିବା ପରେ ମେଗାଷ୍ଟାର୍ ଅମିତାଭ୍ ଓ ଆୟୁଷ୍ମାନ ଆମ ସହ ସାମିଲ୍ ହୋଇଥିଲେ ବୋଲି ସୁଜିତ୍ କହିଛନ୍ତି। ଚଳିତବର୍ଷ ଏହି ଫିଲ୍ମ ମୁକ୍ତିଲାଭ କରିବା ଲାଗି ଯୋଜନା ରହିଥିବା ସେ ପ୍ରକାଶ କରିଛନ୍ତି। 'ଗୁଲାବୋ ସିତାବୋ' ଏକ ମଜାଦାର୍ କାହାଣୀ ଉପରେ ଆଧାରିତ। ମେଗାଷ୍ଟାର୍ ଅମିତାଭଙ୍କ ସହ ପ୍ରଥମଥର ଲାଗି କାମ କରୁଥିବାରୁ ମୁଁ ଗର୍ବିତ ବୋଲି ଆୟୁଷ୍ମାନ୍ କହିଛନ୍ତି। ସୁଜିତ୍‌ଦା ମୋତେ ଏହି ଫିଲ୍ମରେ ଅଭିନୟ କରିବାର ସୁଯୋଗ ଦେଇଥିବାରୁ ବହୁତ୍ ଖୁସିଥିବା ଆୟାଷ୍ମାନ୍ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, 'ଗୁଲାବୋ ସିତାବୋ' ଆସନ୍ତା ନଭେମ୍ବର ମାସରେ ମୁକ୍ତିଲାଭ କରିବାକୁ ଯାଉଛି।



## ସଂକ୍ଷେପରେ

### ପଶ୍ଚିମବଙ୍ଗବାସୀ ମମତାଙ୍କ ଉପରୁ ଆସ୍ଥା ହରାଇଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୫।୫(ବ୍ୟୁରୋ):** ପଶ୍ଚିମବଙ୍ଗର ଲୋକେ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ଆସ୍ଥା ହରାଇଛନ୍ତି। ପଶ୍ଚିମବଙ୍ଗରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରୋଡ୍ ଶୋ' ସମୟରେ ହିସାଂକାଣ୍ଡ ଘଟଣାକୁ ନେଇ ସାମାଜିକ ଗଣମାଧମ ଜରିଆରେ ଏକ ଭିଡିଓ ଜାରିକରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସୂଚନା ଦେଇଛନ୍ତି । ଧର୍ମେନ୍ଦ୍ର କହିଛନ୍ତି ଯେ, ଆସନ୍ନ ପରାଜୟ ଡରରେ ମମତା ଦିଦିଙ୍କ ଲୋକେ ହିଂସାକୁ ଆପଣାଇଛନ୍ତି । ଏହି ହିଂସାର ଜବାବ ଲୋକେ ବାଲେଟରେ ଦେବେ। ଗତ ମଙ୍ଗଳବାର ଏହି ରୋଡ୍ ଶୋ'ବେଳେ ଭାଜପା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅଭୂତପୂର୍ବ ଜନସମର୍ଥନ ଦେଖିବାକୁ ମିଳିଥିଲା । ଗତକାଲି ଶୋଭାଯାତ୍ରାରେ ଶାହ କାର୍ଯ୍ୟକର୍ତ୍ତାଙ୍କ ସହ କୋଲକାତା କଲେଜ ଷ୍ଟ୍ରିଟ୍ ଅତିକ୍ରମ କରିବାବେଳେ ଗେଟ୍ ଭିତରୁ ୧୦ରୁ ୧୫ଜଣ ଯୁବକ କଳାପତାକା ଦେଖାଇ ନାରାବାଜି କରିଥିଲେ । ଏହି ଘଟଣା ୧ଘଣ୍ଟା ପୂର୍ବରୁ ଘଟିଥିବାବେଳେ ସ୍ଥାନୀୟ ପୋଲିସ ସହାୟତା ବିନା ଏହା ଅସମ୍ଭବ ଥିଲା। ଏହା ଏକ ଷଡ଼ଯନ୍ତ୍ର। ବାହାର ଲୋକମାନେ ଏହି ହିଂସାକାଣ୍ଡ ଘଟାଇଥିବା କୁହାଯାଉଛି। ମମତା ଦିଦି ଯେତେ ଜୋର୍‌ରେ ମିଛକୁ ସତ କରିବାର ପ୍ରୟାସ କରନ୍ତୁ, ହେଲେ ଗତକାଲି ତାଙ୍କ ମନରେ ଭୟଜାତ ହୋଇଥିବା ସେ ମାନିଛନ୍ତି । ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି କିଏ ଭାଙ୍ଗିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଏହି ସମୟରେ ଭାଜପା କାର୍ଯ୍ୟକର୍ତ୍ତା, ସମର୍ଥକ ଓ ସାଧାରଣ ଜନତା ରାସ୍ତାରେ ଥିଲେ । ପରିସର ଭିତରେ କେବଳ ମମତାଙ୍କ ଛାତ୍ର ପରିଷଦର ଲୋକ ଥିଲେ । ମମତା ନିଜ ଲୋକଙ୍କ ମାଧମରେ ମୂର୍ତ୍ତି ଭାଙ୍ଗି ଓ ସ୍କୁଟି ପୋଡ଼ି ବିବାଦ ସୃଷ୍ଟି କରୁଛନ୍ତି । ସ୍ୱାଧୀନତା ପୂର୍ବ ଲଢ଼େଇକୁ କୋଲକାତାର ରାସ୍ତାଘାଟ ଦେଖିଥିବାବେଳେ ଗତକାଲି ମଧ ଗଣତନ୍ତ୍ର ବଚାଓ ଓ ଅତ୍ୟାଚାର ବିରୋଧରେ ଜନସମର୍ଥନ ଦେଖାଯାଇଛି। ପଶ୍ଚିମବଙ୍ଗରେ ଏଥର ପରିବର୍ତ୍ତନର ଆଭାସ ମିଳିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବଜାରରେ ଦରଦାମ୍ ଆକାଶଛୁଆଁ




# ଠିକାଦାର କ୍ୟାମ୍ପରେ ମାଓବାଦୀଙ୍କ ଲଙ୍କାକାଣ୍ଡ

**ମ.ରାମପୁର/ସେରଗଡ଼/ ଭବାନୀପାଟଣା,୧୫।୫(ଡି.ଏନ.ଏ.)**

- ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ିଦେଲେ
- ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣକୁ ବିରୋଧ


ମାଓବାଦୀମାନେ ପୋଡ଼ିଦେଇଥିବା ଜେସିବି, ଟ୍ରାକ୍ଟର ।

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲର ନୂଆମୁଣ୍ଡାଠାରେ ଥିବା ପିଏମ୍‌ଜିଏସ୍‌ୱାଇ ଠିକାଦାର କ୍ୟାମ୍ପରେ ମଙ୍ଗଳବାର ରାତିରେ ମାଓବାଦୀମାନେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ଏହି କ୍ୟାମ୍ପରେ ରଖାଯାଇଥିବା ୨ ଜେସିବି, ୩ ଟ୍ରାକ୍ଟର, ୨ ମିକ୍ସର ମେଶିନ ପୋଡ଼ି ଦେଇଛନ୍ତି। ପରେ କ୍ୟାମ୍ପ ପରିସରରେ ଥିବା ଗଛଗୁଡ଼ିକରେ ପୋଷ୍ଟର ମାରି ଧମକ ଦେଇଛନ୍ତି ।

ଘଟଣା ଘଟିଥିବା ସ୍ଥାନଠାରୁ ମାତ୍ର ୨ କି.ମି. ଦୂର ଉର୍ଲାଦାନୀଠାରେ ସିଆରପିଏଫ୍ ଯବାନଙ୍କ ସ୍ଥାୟୀ କ୍ୟାମ୍ପ ରହିଛି। ଯବାନମାନେ ଅହୋରାତ୍ର ସେହି ଅଞ୍ଚଳରେ ପଇଁତରା ମାରୁଥିବା ସତ୍ତ୍ୱେ ମାଓବାଦୀମାନେ ଏପରି କାଣ୍ଡ ଘଟାଇବା ସ୍ଥାନୀୟ ଲୋକଙ୍କୁ ଚକିତ କରିଛି। ବୁଧବାର ଅପରାହ୍ନ ୧ଟାରେ ଉପଠିକାଦାର ସୀତାରାମ ଅଗ୍ରୱାଲ ମ.ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ମ.ରାମପୁର ଉପଭାରପ୍ରାପ୍ତ ଥାନା ଅଧିକାରୀ ଓ କେସିଙ୍ଗା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୧୨ରୁ ୧୫ ଜଣ ମାଓବାଦୀ ସେଦିନ ରାତି ପ୍ରାୟ ୧ଟା ବେଳେ ଠିକାଦାର କ୍ୟାମ୍ପକୁ ପଶି ଗାଡ଼ିରେ ନିଆଁ ଲଗାଇବା ସହ ବିଭିନ୍ନ ଧମକ ଦେଇ ଚାଲିଯାଇଥିଲେ।

# କ୍ଷତି ଆକଳନ କଲେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର,୧୫।୫(ବ୍ୟୁରୋ)**

ବାତ୍ୟା 'ଫନୀ' ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଅଞ୍ଚଳ ବୁଲି କେନ୍ଦ୍ରୀୟ ଟିମ୍ କ୍ଷତି ଆକଳନ କରିଛନ୍ତି । ଗତ ଦୁଇ ତିନି ଦିନ କାଳ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ପୃଥକ୍ ପୃଥକ୍ ଟିମ୍‌ରେ ବିଭକ୍ତ ହୋଇ ପୁରୀ ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳ ବୁଲି ତଥ୍ୟ ସଂଗ୍ରହ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ, ବ୍ରହ୍ମଗିରି ବ୍ଲକ, କଣାସ, କାକଟପୁର, ଭୁବନେଶ୍ୱର ବ୍ଲକ ଜଟଣୀ ଆଦି ଅଞ୍ଚଳର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମ ଥର ଲାଗି କେନ୍ଦ୍ରୀୟ ଟିମ୍ ବାତ୍ୟା ହେବାର ୧୦ ଦିନ ମଧରେ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଛନ୍ତି।

କେନ୍ଦ୍ରୀୟ ଟିମ୍ ୩ ଦିନ ବିଭିନ୍ନ ଅଞ୍ଚଳ ବୁଲିବା ପରେ ବୁଧବାର ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାତ୍ୟା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟକୁ ଟିମ୍ ପ୍ରଶଂସା କରିଛନ୍ତି। ବୈଠକ ପରେ ଗଣମାଧମକୁ ସୂଚନା ଦେଇ ଭରଦ୍ୱାଜ କହିଛନ୍ତି ଯେ, ଆମ ଟିମ୍ ଗତ ୨/୩ଦିନ ଧରି ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଛନ୍ତି। ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବାକୁ ଏକ ବଡ଼ ଟିମ୍ ଧରି ଆମେ ଏଠାକୁ ଆସିଥିଲୁ। ପୁରୀରେ ସର୍ବାଧିକ କ୍ଷତି ହୋଇଛି। ଘର ଭାଙ୍ଗିବା ସହ ହୋଟେଲ ଏବଂ ପେସା ଉଜୁଡି ଯାଇଛି। ବିଦ୍ୟୁତ୍, ଜଳ ଯୋଗାଣ ଭିତ୍ତିଭୂମି ମଧ କ୍ଷତିଗ୍ରସ୍ତ ହୋଇଛି। କଟକ ଜିଲାରେ ମଧ ଘର, ପାନବରଜ, ନଡିଆ ଗଛ ଭିତ୍ତିଭୂମି ନଷ୍ଟ ହୋଇଛି। ରାଜ୍ୟ ସରକାର ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିଚାଲିଛନ୍ତି। ଯେଉଁଠିକୁ ଯାଇଛୁ ସେଠାରେ ଲୋକମାନେ ତୁରନ୍ତ ରିଲିଫ ଆକାରରେ ଟଙ୍କା ଓ ଚାଉଳ ପାଇଥିବା କହିଛନ୍ତି। ଏ ସବୁ କାର୍ଯ୍ୟ ରାଜ୍ୟ ସରକାର ଦ୍ରୁତ ବେଗରେ କରିଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶା ସରକାରଙ୍କୁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଦ୍ୟୁତ ଶକ୍ତି ପୁନରୁଦ୍ଧାର କିମ୍ବା ଜୀବନ ଜୀବିକା ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ)କୁ ଅଧିକ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

### 'ଫନୀ' ଚୋଟ

- ରାଜ୍ୟ ସରକାରଙ୍କୁ ପ୍ରଶଂସା
- ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ
- ୧୨ହଜାର କୋଟି କ୍ଷୟକ୍ଷତି ବିଷୟ ଜଣାଇଲା ଓଡ଼ିଶା

ଫନୀ ଯୋଗୁ ୧୪ଟି ଜିଲାର ୧୮,୩୮ ଗ୍ରାମର ୧.୫ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଛି। ୬୪ ଜଣ ଲୋକଙ୍କର ଜୀବନ ଯାଇଛି। ୧୨ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍‌କୁ ଜଣାଇଛନ୍ତି । ଏ ନେଇ ଏକ ପ୍ରାଥମିକ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ବାତ୍ୟାରେ ଜଳ ସମ୍ପଦ ବିଭାଗର ୩୭୩.୦୧ କୋଟି ଟଙ୍କା କ୍ଷତି ହୋଇଥିବା ବେଳେ ପୂର୍ତ୍ତ ବିଭାଗର ୫୯୭.୩୨, ଗ୍ରାମ୍ୟ ଉନ୍ନୟନ ବିଭାଗର ୪୩୫.୧୭, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୫୨୪.୩୪, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୫୮୭.୦୩, କୃଷି ବିଭାଗର ୧୦୨.୩୦, ଶକ୍ତି ବିଭାଗର ୧୧୫୯.୮୦, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୫୫.୪୩, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗର ୫.୯୨ କୋଟି, ମହିଳା ଓ ଶିଶୁ ବିକାଶ ବିଭାଗର ୭୨.୪୮, ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ୭୪.୩୧, ସମବାୟ ବିଭାଗର ୧୭.୪୧, ଉଚ୍ଚଶିକ୍ଷା ବିଭାଗର ୨୯୬, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୧୨.୭୫ , ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ୧୮.୨୫, ଜଙ୍ଗଲ ଓ ପରିବେଶ ବିଭାଗର ୫୩୭.୮୦, ପର୍ଯ୍ୟଟନ ବିଭାଗର ୧୯.୧୭, ସ୍କୁଲ ଓ ଗଣଶିକ୍ଷା ବିଭାଗର ୧୦.୯୪, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୩୦.୫୭, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ୧୩.୭୪, ଶିଳ୍ପ ବିଭାଗର ୧୫୨.୬୯, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ୭୧.୭୪, ଆଇନ ବିଭାଗର ୫.୧୦, ଶ୍ରମିକ ଓ କର୍ମଚାରୀ ବୀମା ବିଭାଗର ୦.୭୮ ଏବଂ ରିଲିଫ ଓ ପୁନରୁଦ୍ଧାର ପାଇଁ ୬୭୬୭.୫୬ କୋଟି ଟଙ୍କା କ୍ଷତି ହୋଇଥିବା ପ୍ରାଥମିକ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ସରକାର ୨୫ କୋଟି ଟଙ୍କା ବର୍ଜ୍ୟବସ୍ତୁ ଉଠାଇବା ପାଇଁ ଖର୍ଚ୍ଚ କରିଥିବା ବେଳେ ତୁରନ୍ତ ରିଲିଫ ଯୋଗାଣ ପାଇଁ ୧୦୦୦ କୋଟି, ବାତ୍ୟାରେ ମୃତକଙ୍କ ପରିବାର ପାଇଁ ୨.୫୬ କୋଟି, ଅସ୍ଥାୟୀ ଶିବିର ନିର୍ମାଣ ପାଇଁ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିଥିବା ଉଲ୍ଲେଖ କରିଛନ୍ତି। ଏଭଳି ପ୍ରାଥମିକ ରିପୋର୍ଟ ଆଧାରରେ କ୍ଷୟକ୍ଷତିର ହିସାବ ସରକାର କେନ୍ଦ୍ରୀୟ ଟିମ୍‌କୁ ଦେଇଛନ୍ତି। ଆସନ୍ତା ମାସକ ମଧ୍ୟରେ ଚୂଡାନ୍ତ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରାଯିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି।

## ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ଅଡୁଆରେ ବିଡିଓ

**ନୂଆପଡ଼ା ଅଫିସ,୧୫।୫**

ମହିଳାଙ୍କୁ ଅଶ୍ଳୀଳ ବ୍ୟବହାର କରି ନୂଆପଡ଼ା ଜିଲା କୋମନା ବିଡିଓ ଶ୍ୟାମଳ ରଏ ହରଡ଼ଘଣାରେ ପଡିଛନ୍ତି। ଏ ନେଇ ନୂଆପଡା ଥାନାରେ ବିଡିଓ ରଏ (୩୮), ଯନ୍ତ୍ରୀ ରମେଶ ଦୀପ (୩୦), ବିରଞ୍ଚି ଉଦ୍ଦଣ୍ଡ ରଏ (୩୪) ଏବଂ ଶକୁନ୍ତଳା ଦାସ (୩୨)ଙ୍କ ନାମରେ ଅଭିଯୋଗ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ଦଫା ୨୯୪, ୫୦୬, ୫୦୯, ୩୪ରେ ଏକ ମାମଲା (ନଂ.୫୬/୧୯) ରୁଜୁ ହୋଇଛି। ଜିଲା ଯୁବ ବିଜେଡି ସଭାପତି ରାଜେଶ ନିଗମ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ନୂଆପଡ଼ା-କୋମନା ରାସ୍ତାରେ ଥିବା ଏକ ହୋଟେଲରେ ନିଜ ପରିବାର ସଦସ୍ୟଙ୍କ ସହ ଭୋଜନ କରୁଥିଲେ। ସେହି ସମୟରେ ନୂଆପଡ଼ାରୁ ଏକ ଜିଲାସ୍ତରୀୟ ବୈଠକରେ ଯୋଗଦେଇ ଫେରୁଥିଲେ ବିଡିଓ ରଏ। ସେ ନିଜ ସହଯୋଗୀଙ୍କ ସହ ସେହି ହୋଟେଲକୁ ଆସିଥିଲେ। ସେଠାରେ ବିଡିଓ ଓ ତାଙ୍କ ସହଯୋଗୀମାନେ ରାଜେଶ ନିଗମଙ୍କ ପରିବାରର ମହିଳାମାନଙ୍କୁ ଦେଖି ଅଶ୍ଳୀଳ ବ୍ୟବହାର କରିଥିଲେ।



For Institutional and Bulk Sales please write to Kolkata@heromotocorp.com
**ଅଥରାଇଜ୍‌ଡ ଡିଲର: ବ୍ରହ୍ମପୁର:** ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଳେଶ୍ୱର ହୀରୋ - 7799766372. **ଜୟପୁର:** ସୁପ୍ରିମ ହୀରୋ - 7799766340. **ଫୁଲବାଣୀ:** ନାରାୟଣୀ ହୀରୋ - 7799766373. **ରାୟଗଡ଼ା:** ଅଜୀତ ହୀରୋ - 7799766358. **ଅଥରାଇଜ୍‌ଡ ସର୍ଭିସ୍ ସେଣ୍ଟର: ଆସିକା:** ଅଶୋକ ମୋଟର୍ସ - 273226. **ପାରଳାଖେମୁଣ୍ଡି:** ପ୍ରୀତମ ଏଣ୍ଟରପ୍ରାଇଜ - 224656. **ମାଲକାନଗିରି:** କନିଷ୍ଠ ଅଟୋମୋବାଇଲ୍‌ସ - 9437181980, 230514. **ନବରଙ୍ଗପୁର:** ଅରୁଣ ସେଲ୍‌ସ ଆଣ୍ଡ ସର୍ଭିସ - 223970. **ସିମିଳିଗୁଡା:** କେ.ପି.ଏଣ୍ଟରପ୍ରାଇଜ - 225222. **ଦେବଗଡ଼ :** ଜିନ୍ଦଲ ମୋଟର୍ସ : 9337774624.

## ଜନ୍ମଦିନର ଶୁଭେଚ୍ଛା

ନାମ: .......................................
ବୟସ:.......................................
ଜନ୍ମ ତାରିଖ: .................................


ସୋନି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଚନ୍ଦ୍ରଶେଖରପୁର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।

## ଆଜି ରାତିରୁ ପ୍ରଚାର ...

**ପ୍ରଥମ ପୃଷ୍ଠାରୁ...**

ବସିରହାଟ, ଜୟନଗର, ମଥୁରାପୁର, ଯାଦବପୁର, ଡାଇମଣ୍ଡ ହାର୍ବୋର, ଦକ୍ଷିଣ ଓ ଉତ୍ତର କୋଲକାତା ନିର୍ବାଚନ ମଣ୍ଡଳୀରେ ପ୍ରଚାର ବନ୍ଦ ରହିବ। ଖାସକରି ସମାଜ ସଂସ୍କାରକ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗାକୁ ନେଇ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ସୃଷ୍ଟି ହୋଇଛି। ଏଥିପାଇଁ ଶାସକ ଦଳ ତୃଣମୂଳ ଭାଜପାକୁ ଦାୟୀ କରିବା ସହ ଏନେଇ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଅନ୍ୟପକ୍ଷରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ କାରକେଡ଼ ଉପରେ ଆକ୍ରମଣ ଘଟଣାରେ ଭାଜପା ପକ୍ଷରୁ ଦିଲ୍ଲୀର ଯନ୍ତରମନ୍ତରରେ ନୀରବ ପ୍ରତିବାଦ କରାଯାଇଥିଲା। ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଘଟଣାରେ ଭଦ୍ର ଗଭୀର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ପୋଲିସ ପ୍ରଶାସନରେ ...

ଏଭଳି ଅଭିଯୋଗ କରିଛନ୍ତି। ତଥ୍ୟ ଅନୁଯାୟୀ, ଇନ୍ସପେକ୍ଟର ଦୀପକ ମିଶ୍ରଙ୍କ ନାମରେ ସର୍ବାଧିକ ଅଭିଯୋଗ ରହିଛି। ତାଙ୍କ ନାମରେ ୧୦ ପିଟିଶନ ରହିଥିବାବେଳେ ଗୋଟିଏ ତଦନ୍ତାଧୀନ ରହିଛି। ଏହାସତ୍ତ୍ୱେ ଡିଜିପି ତାଙ୍କୁ ବେଷ୍ଟ ଇନ୍ସପେକ୍ଟର ପୁରସ୍କାର ଦେଇଛନ୍ତି। ଇନ୍ସପେକ୍ଟର ଶରତ କୁମାର ସାହୁଙ୍କ ବିରୋଧରେ ୯, ଅନୁପ କାନୁନଗୋଙ୍କ ନାମରେ ୪ ଅଭିଯୋଗ ଆସିଥିବାବେଳେ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି। ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ମଣ୍ଡଳଙ୍କ ନାମରେ ଆସିଥିବା ମୋଟ ୪ଟି ଯାକ ଅଭିଯୋଗର ତଦନ୍ତ ଚାଲିଥିବାବେଳେ ରଜତ ରାୟଙ୍କ ବିରୋଧରେ ହୋଇଥିବା ୫ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ସେହିପରି ଇନ୍ସପେକ୍ଟର ମନୋଜ କୁମାର ସାମନ୍ତଙ୍କ ବିରୋଧରେ ହୋଇଥିବା ୪ ଅଭିଯୋଗ ମଧ୍ୟରୁ ୩ ଏବଂ କୃଷ୍ଣ ପ୍ରସାଦ ମିଶ୍ରଙ୍କ ନାମରେ ହୋଇଥିବା ୩ ଅଭିଯୋଗ ମଧ୍ୟରୁ ୨ଟିର ତଦନ୍ତ ଚାଲିଛି। ଅନ୍ୟ ଇନ୍ସପେକ୍ଟରମାନଙ୍କ ମଧ୍ୟରେ କିଶୋରଚନ୍ଦ୍ର ମୁଣ୍ଡ, ଯୁଗଳକିଶୋର ଦାସ, ଜନାର୍ଦ୍ଦନ ପାଢ଼ୀ, ସୂର୍ଯ୍ୟମଣି ପ୍ରଧାନଙ୍କ ନାମରେ ୩ଟି ଲେଖାଏ ଅଭିଯୋଗ ଆସିଛି। ସେଥିମଧ୍ୟରୁ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି। ଇନ୍ସପେକ୍ଟର ଲକ୍ଷ୍ମୀନାରାୟଣ ତ୍ରିପାଠୀ, ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ନାମରେ ଥିବା ୨ଟି ଲେଖାଏ ଅଭିଯୋଗ ମଧ୍ୟରୁ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି।

ସେହିପରି କେତେଜଣ ଇନ୍ସପେକ୍ଟରଙ୍କ ନାମରେ ଗୋଟିଏ ଲେଖାଏ ଅଭିଯୋଗ ହୋଇଥିବାବେଳେ ତା'ର ତଦନ୍ତ ଚାଲିଛି। ସେମାନେ ହେଲେ କେ. କେ. ପାଣିଗ୍ରାହୀ, ରବି ନାରାୟଣ ପାଢ଼ୀ, ଅତନୁ କୁମାର ରାଉତ, ବନିତା ମହାରଣା, ରବି ନାରାୟଣ ଭଞ୍ଜ, ବିଦ୍ୟୁତ୍ ପଣ୍ଡା ଓ କ୍ଷମାସାଗର ପଣ୍ଡା।

ଆଉ କେତେଜଣ ଇନ୍ସପେକ୍ଟରଙ୍କ ନାମରେ ଏକାଧିକ ଅଭିଯୋଗ ଆସିଥିଲେ ମଧ୍ୟ କୌଣସି ଅଭିଯୋଗର ତଦନ୍ତ ବାକି ରହିନାହିଁ। ସେମାନେ ହେଲେ ମାନସ ରଞ୍ଜନ ଗଡ଼ନାୟକ(୫ ଅଭିଯୋଗ), ରବିନାରାୟଣ ଶତପଥୀ(୪), ହିମାଂଶୁଭୂଷଣ ସ୍ୱାଇଁ(୪), ଭରତଚନ୍ଦ୍ର ସାହୁ(୩), ଦେବାଶିଷର ପ୍ରଡାପ(୩), ବିଲାସିନୀ ମଲ୍ଲ(୨) ରଶ୍ମିରଞ୍ଜନ ସାହୁ(୨), ଆଲୋକ କୁମାର ଜେନା। ଅନ୍ୟମାନଙ୍କ ମଧ୍ୟରେ ଇନ୍ସପେକ୍ଟର ସତ୍ୟଜିତ୍ ମିଶ୍ର, ତପନ କୁମାର ମହାନ୍ତି, ପ୍ରିୟରଞ୍ଜନ ଶତପଥୀ, ଗଙ୍ଗାଧର ବରାଳ, ନୀହାର ରଞ୍ଜନ ପ୍ରଧାନ, ସୁରେନ୍ଦ୍ର କୁମାର ବଳ, ସରୋଜ କୁମାର ପଟେଲ, ସଞ୍ଜୀବ ଶତପଥୀ, ପଦ୍ମନାଭ ପ୍ରଧାନ, ଇନ୍ଦାନ କଲ୍ୟାଣୀ ନାୟକ, ଯତନ୍ଦ୍ରନାଥ ସରୋଜ କୁମାର ପଲେଇ ଓ ପ୍ରଭାସ ଚନ୍ଦ୍ର ପାଲଙ୍କ ବିରୋଧରେ ଗୋଟିଏ ଲେଖାଏ ପିଟିଶନ ଦାଏର ହୋଇଛି।

ଅନ୍ୟପକ୍ଷରେ ୧୪ଜଣ ଏସିପିଙ୍କ ନାମରେ ଏକାଧିକ ଅଭିଯୋଗ ଆସିଛି। ସେମାନେ ହେଲେ ନିର୍ମଳ ଶତପଥୀ(୨ ଅଭିଯୋଗ), ସୁବାସ ତ୍ରିପାଠୀ(୩), ଦିଲୀପ କୁମାର ଦାସ(୪), ପି.କେ. ପଟ୍ଟନାୟକ(୧), ବିନୋଦ କୁମାର ଦାଶ(୧), ଅକ୍ଷୟ କୁମାର ମିଶ୍ର(୫), ସୁରେଶ କୁମାର ଦାଶ(୧), ପ୍ରତାପ କୁମାର ସ୍ୱାଇଁ(୧), ଅନିଲ କୁମାର ପାତ୍ର(୧), ବିଜୟିନୀ ନାୟକ(୧), ବିଷ୍ଣୁଚରଣ ମିଶ୍ର(୧), ବିଭୂତି ଭୂଷଣ ପରିଡ଼ା(୧), ଶୁଭେନ୍ଦୁ ସିହ୍ନା(୧) ଓ ରବୀନ୍ଦ୍ରନାଥ ଶତପଥୀ(୧)। ଏମାନଙ୍କ ମଧ୍ୟରୁ ପି.କେ. ପଟ୍ଟନାୟକ, ପ୍ରତାପ କୁମାର ସ୍ୱାଇଁ, ଅନିଲ କୁମାର ପାତ୍ର, ବିଭୂତି ଭୂଷଣ ପରିଡ଼ା ଓ ରବୀନ୍ଦ୍ର ନାଥ ଶତପଥୀଙ୍କ ବିରୋଧରେ ଗୋଟିଏ ଲେଖାଏ ଅଭିଯୋଗର ତଦନ୍ତ ଚାଲିଛି।

ପୋଲିସ ଅଧିକାରୀଙ୍କ ବିରୋଧରେ ହେଉଥିବା ତଦନ୍ତ କେବଳ ନାମକୁ ମାତ୍ର। କାରଣ ଯଦି ଜଣେ ଇନ୍ସପେକ୍ଟରଙ୍କ ବିରୋଧରେ ଅଭିଯୋଗ ଆସୁଛି ତେବେ ତାହାର ତଦନ୍ତ ଭାର ସେହି ଥାନାର ଜୋନ୍ ଏସିପିଙ୍କୁ ଦିଆଯାଉଛି। ପ୍ରାୟତଃ ଯେଉଁ ଜୋନ୍ ଏସିପିଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଉଛି, ସେ ଇନ୍ସପେକ୍ଟର ଥିବାବେଳେ ତାଙ୍କ ନାମରେ ମଧ୍ୟ ଅଭିଯୋଗ ଆସିଛି। ଫଳରେ ସେ ତଦନ୍ତ କଲେ ସେଥିରେ ସ୍ୱଚ୍ଛତା ରହିବ ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଜଣେ ଏସିପିଙ୍କ ନାମରେ ଅଭିଯୋଗ ଆସିଲେ ଅତିରିକ୍ତ ଡିସିପିଙ୍କୁ ତଦନ୍ତ ଭାର ଦିଆଯାଉଛି। ଏସିପି ଏବଂ ଅତିରିକ୍ତ ଡିସିପିଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହୁଥିବାରୁ ତଦନ୍ତ ଦିଗରତା ହେଉଥିବା କୁହାଯାଉଛି। ଏନେଇ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି, ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତ କରାଯାଉନାହିଁ। ଯେଉଁଠି ତଦନ୍ତ କରାଯାଉଛି, ସେଠି ରିପୋର୍ଟକୁ ବଦଳାଯାଉଛି, ନଚେତ୍ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉନି। ଦାଗୀ ପୋଲିସ ଅଫିସରଙ୍କ ଘଷ ଘୋଡାଇବା ପାଇଁ ସବୁ ବ୍ୟବସ୍ଥା କରାଯାଉଛି। ବରିଷ୍ଠ ଆଇନଜୀବୀ ବିରଞ୍ଚିନାଥ ମଧ୍ୟ ପ୍ରାୟ ସମାନ ମତ ଦେଇ କହିଛନ୍ତି, କମିଶନରେଟ ପୋଲିସରେ ସବୁକିଛି ଚଲାସୁତରାରେ ଚାଲିଛି। ପୋଲିସ ଅଫିସରଙ୍କ ବିରୋଧରେ ହେଉଥିବା ଅଭିଯୋଗର ଠିକ୍ ତଦନ୍ତ କରାଯାଉନାହିଁ।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେଉଁ ପୋଲିସ ଅଫିସରଙ୍କ ବିରୋଧରେ ଅଭିଯୋଗ ଆସୁଛି ତାହାର ତଦନ୍ତ କରାଯାଉଛି। ଆଉ କେତେକ ଅଭିଯୋଗର ତଦନ୍ତ କୌଣସି କାରଣ ପାଇଁ ପଡ଼ି ରହିଥିବ। ସେହି ଅଭିଯୋଗଗୁଡ଼ିକର ପୁଣି ସମୀକ୍ଷା କରି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନର ସ୍ଥିତି କ'ଣ ରହିଛି ତାହା ଦେଖିବି ବୋଲି ସେ କହିଛନ୍ତି।

## ସପ୍ତାହକ ମଧ୍ୟରେ ଘରଭଙ୍ଗା ...

ପ୍ରତ୍ୟେକ ପରିବାରକୁ ୫୦କିଗ୍ରା ଚାଉଳ ଦିଆଯାଇଛି। ଯେଉଁମାନଙ୍କର ରାଶନକାର୍ଡ ନାହିଁ ସେମାନଙ୍କୁ ମଧ୍ୟ ଏହା ପ୍ରଦାନ କରାଯିବ। ସେହିପରି କ୍ଷତିଗ୍ରସ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ପ୍ରତି ୧୦ଦିନରେ ପ୍ରତି ପରିବାରକୁ ୨.୫ ଲିଟର ଲେଖାଏଁ କିରୋସିନ ମାଗଣାରେ ଯୋଗାଇ ଦିଆଯିବ। ଅଳ୍ପ କିଛିଦିନ ମଧ୍ୟରେ ୧୦ଲକ୍ଷ ମହୀମବତି ବଣ୍ଟାଯିବ। ଆଗାମୀ ବୁଧବାର ପାଇଁ ମାଗଣାରେ ସାନିଟାରି ନାପ୍‌କିନ ଯୋଗାଇ ଦିଆଯିବ। ପୁନରୁଦ୍ଧାର କାମ ଦ୍ରୁତଗତିରେ ଚାଲିଛି ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି। ତେଣୁ ଜନସାଧାରଣଙ୍କୁ ସହଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏଥିସହ ବିଦ୍ୟୁତ୍ ପୁନରୁଦ୍ଧାର କାମ କରୁଥିବାବେଳେ ପ୍ରାଣ ହରାଇଥିବା ମଙ୍ଗରାଜ ରାଉଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଥିଲେ।

ଉକ୍ତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲାପାଳ ବଲୱନ୍ତ ସିଂ, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଏବଂ ଅଧିକାରୀମାନେ ଯୋଗଦେଇଥିଲେ।

## ଜୁନ୍ ୬ରେ କେରଳ ...

ମୌସୁମୀ ବିଳମ୍ବରେ ପହଞ୍ଚିବା ଅର୍ଥ ନୁହେଁ ଯେ ଏହା ମୋଟାମୋଟି ବୃଷ୍ଟିପାତ ଉପରେ ପ୍ରଭାବ ପକାଇବ। ଗତବର୍ଷ ମୌସୁମୀ ସ୍ୱାଭାବିକ୍ ଠାରୁ ୩ ଦିନ ପୂର୍ବରୁ ଅର୍ଥାତ ମେ ୨୯ରେ କେରଳ ଛୁଇଁଥିଲା। ଏହା ସତ୍ତ୍ୱେ ସ୍ୱାଭାବିକ୍‌ଠାରୁ କମ୍ ବର୍ଷା ହୋଇଥିଲା। ସେହିପରି ୨୦୧୭ରେ ମୌସୁମୀ ମେ ୩୦ରେ ପହଞ୍ଚିଥିଲେ ମଧ୍ୟ ହାରାହାରି ବୃଷ୍ଟିପାତ ୯୫ ପ୍ରତିଶତ ଥିଲା, ଯାହାକି ସ୍ୱାଭାବିକ୍‌ଠାରୁ କମ୍। ଚଳିତ ବର୍ଷ ପାଖାପାଖି ସ୍ୱାଭାବିକ ବୃଷ୍ଟିପାତ ହେବ ବୋଲି ଗତ ଏପ୍ରିଲରେ ଆଇଏମ୍‌ଡି ଆକଳନ କରିଥିଲା। ଅନ୍ୟପକ୍ଷରେ ଚଳିତ ବର୍ଷ ସ୍ୱାଭାବିକ୍‌ଠାରୁ କମ୍ ଅର୍ଥାତ ୯୩ ପ୍ରତିଶତ ମୌସୁମୀ ବର୍ଷା ହେବ ବୋଲି ସ୍କାଏମେଟ୍ ପୂର୍ବରୁ କହିଛି।

ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ ୧୫ କିମ୍ବା ୧୮ ତାରିଖରେ ରାଜ୍ୟରେ ପହଞ୍ଚିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମୌସୁମୀ ବିଳମ୍ବ ହେବା ସହିତ ରାଜ୍ୟରେ ମଧ୍ୟ ସ୍ୱାଭାବିକ୍‌ଠାରୁ ସାମାନ୍ୟ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଏଥିଯୋଗୁ ଚାଷ କାର୍ଯ୍ୟ ମଧ୍ୟ ବିଳମ୍ବ ହେବା ଆଶଙ୍କା ରହିଛି। ଉକ୍ତ ଅର୍ଥାତ ଜୁନ ୧୪ ପୂର୍ବରୁ ରାଜ୍ୟରେ ପ୍ରାକ ମୌସୁମୀ ବର୍ଷା ପରେ ଧାନ ବୁଣା ଯାଇଥାଏ। ମୌସୁମୀ ଆସିବାରେ ବିଳମ୍ବ ହେଲେ ବୁଆ ଉତ୍ତଶର କାର୍ଯ୍ୟ ମଧ୍ୟ ବାଧା ପ୍ରାପ୍ତ ହେବ। ବରଗଡ଼, ସୁବର୍ଣ୍ଣପୁର, କୋରାପୁଟ, ମାଲକାନଗିରି, ନୟାଗଡ଼, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ସମ୍ବଲପୁର ଆଦି ଜିଲାରେ ସ୍ୱଳ୍ପ ବୃଷ୍ଟି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ସବୁକିଛି ମୌସୁମୀର ଆଗମନ ଉପରେ ହିଁ ନିର୍ଭର କରୁଛି।

୨୦୧୮ରେ ମୌସୁମୀ ସାଧାରଣ ଅର୍ଥାତ ଜୁନ ୮ ତାରିଖରେ ଓଡ଼ିଶାକୁ ପ୍ରବେଶ କରିଥିଲା। ସପ୍ତାହକ ମଧ୍ୟରେ ରାଜ୍ୟର ୬୦ ପ୍ରତିଶତ ଅଂଶକୁ ଛୁଇଁ ପାରିଥିଲା। ଜୁନ ୧୨ରୁ ୨୧ ତାରିଖ ଯାଏ ମୌସୁମୀ ଦୁର୍ବଳ ରହିଥିଲା। ଧାନ ଚାଷ ଉପରେ ଏହାର ପ୍ରଭାବ ପଡ଼ିଥିଲା। ପରେ ବର୍ଷା ସ୍ୱାଭାବିକ ସ୍ତରକୁ ଆସିଥିଲା।

## କଂଗ୍ରେସ: ସ୍ଥିତି ବଜାୟ ...

କଳାହାଣ୍ଡି ଏବଂ ସମ୍ବଲପୁର। ସେହିପରି କଂଗ୍ରେସ ୩୧ରୁ ୩୩ ବିଧାନସଭା ଆସନ ଲାଗି ଲଢ଼େଇରେ ରହୁଥିବା ଜନୈକ କଂଗ୍ରେସ ସମ୍ପାଦକ କହିଛନ୍ତି। ସେଥିମଧ୍ୟରୁ କେତେକ ଆସନରେ ତ୍ରିମୁଖୀ ଲଢ଼େଇ ହୋଇଛି। ଏହି ଆସନଗୁଡ଼ିକ ହେଉଛି- ଢେଙ୍କାନାଳ, ଅନୁଗୋଳ, ଆଠମଲ୍ଲିକ, କାକଟପୁର, ବାସୁଦେବପୁର, ଲକ୍ଷ୍ମୀପୁର, ପାରଳାଖେମୁଣ୍ଡି, ବୀରମହାରାଜପୁର ଏବଂ ବୃନ୍ଦା। ଅନ୍ୟପକ୍ଷେ ଜଗତ୍‌ସିଂହପୁର, ପାରାଦୀପ, ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ଼, ଜଟଣୀ, ବେଗୁନିଆ, ଜୟପୁର, କୋରାପୁଟ, ଆନନ୍ଦପୁର, କଟକ-ବାରବାଟୀ, ବାଙ୍କୀ, କେନ୍ଦ୍ରାପଡ଼ା, ରାଜନଗର, ଆଳି, ଭଣ୍ଡାରିପୋଖରୀ, ବାଲିଗୁଡ଼ା, ବୀରମିତ୍ରପୁର, ଟିଟିଲାଗଡ଼, ଗୋଟପାଡ଼ା, ସାନଖେମୁଣ୍ଡିରେ ବିଜେଡି ସହ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସ ଉଭା ହୋଇଥିବା ଆକଳନ କରାଯାଇଛି। ଉପରୋକ୍ତ ଆସନଗୁଡ଼ିକ ବାଦ୍ ଦେଇ ତଳସରା, ବାଙ୍ଗୁରି, ପଟାଙ୍ଗି, ନବରଙ୍ଗପୁର, ଭୋଗରାଇରେ ଦଳ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିବା ନେଇ ଆଶାବାଦୀ। ମୋଟ୍ ଉପରେ କହିବାକୁ ଗଲେ ଦଳ ଗୋଟିଏ ଲୋକ ସଭା ଏବଂ ୧୯ରୁ ୧୭ ବିଧାନସଭା ଆସନ ଜିତିବାକୁ ଲକ୍ଷ୍ୟ ରଖିଛି।

ଅନ୍ୟ ଦଳ ମଧ୍ୟରେ ସିପିଏମ୍ ବଣାଇ ଆସନ ବଜାୟ ରଖିବା ସମ୍ଭାବନା ରହିଛି। ଏହା ବ୍ୟତୀତ ଅନ୍ୟସବୁ ସ୍ଥାନରେ ଦଳର ପ୍ରଦର୍ଶନ ସେତେଟା ଉତ୍ସାହଜନକ ରହିବ ନାହିଁ ବୋଲି କୁହାଯାଉଛି। ଭୁବନେଶ୍ୱର ଲୋକ ସଭା ଆସନରେ ସିପିଏମ୍ ବହୁ ବ୍ୟବଧାନରେ ତୃତୀୟ ସ୍ଥାନରେ ରହିପାରେ ବୋଲି ଅଧିକାଂଶ ରାଜନୈତିକ ସମୀକ୍ଷକ ମତ ଦେଇଛନ୍ତି। ସିପିଆଇ ଆସିକା ଲୋକ ସଭାରେ ୫୦ରୁ ୭୫ ହଜାର ଭୋଟ ପାଇପାରେ ବୋଲି କୁହାଯାଉଛି। ଗୌଦ ଏବଂ ଛତ୍ରପୁର ବିଧାନସଭାରେ ଦଳ ସିଧାସଳଖ ଲଢ଼େଇରେ ଥିବାବେଳେ ବ୍ରଜରାଜନଗରରେ ତୃତୀୟ ସ୍ଥାନରେ ରହିପାରେ ବୋଲି କେତେକ ବିଶ୍ଳେଷକ ମତ ଦେଇଛନ୍ତି। ରାୟଗଡ଼ା, ପାରଳାଖେମୁଣ୍ଡି ଏବଂ ଜୟଦେବରେ ସ୍ୱାଧୀନ ପ୍ରାର୍ଥୀ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରହିଥିବା କୁହାଯାଉଛି। ରେଙ୍ଗାଲୀ, ରାଇରଙ୍ଗପୁର, ସାରସକଣା ଏବଂ ବିଏସ୍‌ପି ବିଷମକଟକ, ଲକ୍ଷ୍ମୀପୁର ବିଧାନସଭା ଆସନ ଲାଗି ମୁଖ୍ୟ ଲଢ଼େଇରେ ଥିବା ଆକଳନ କରାଯାଉଛି।

## ବଜ୍ରପାତ ନେଲା ...

ଏହି ଖବର ଜଣାପଡ଼ିବା ପରେ ବାହାଘରର ଖୁସି ନିମିଷକ ଭିତରେ ଲୁହରେ ଭାସି ଯାଇଥିଲା। ଅନ୍ୟପକ୍ଷରେ ଘଟିପୁରା ଥାନା ଅଧୀନ ବାଟସାହିରେ ସଞ୍ଜୟ ସୋରେନ ନାମକ ଜଣେ ଯୁବକ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ପୋଖରୀରୁ ଗାଧୋଇ ଫେରୁଥିବାବେଳେ ବଜ୍ରପାତ ଘଟିଥିଲା। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିପରି ବାଲେଶ୍ୱର ଜିଲା ସିଲା ଥାନା ଅନ୍ତର୍ଗତ ସାଥୀ ଗ୍ରାମର ଏକ ଚିଙ୍ଗୁଡ଼ି ଫାର୍ମରେ କାମ କରୁଥିବାବେଳେ ଝଡ଼ବର୍ଷା ହୋଇ ବଜ୍ରପାତ ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବାସୁଦେବ ଜେନା(୨୬) ଏବଂ ବାବୁରାମ ସିଂ (୪୫)। ଅନୁରୂପ ଭାବେ ଗଞ୍ଜାମ ଜିଲାର ୨ଟି ସ୍ଥାନରେ ବଜ୍ରପାତ ୨ ଜଣଙ୍କ ଜୀବନ ନେଇଛି। ବୁଧ ମୃତକ ହେଲେ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ରାଇଖୋଳ ଗ୍ରାମର ଯୁବଚାଷୀ ନାରାୟଣ ଗୌଡ଼(୩୦) ଓ ଆସିକା ଥାନା ଚେରମାରିଆ ଗ୍ରାମର ଅରକ୍ଷିତ ଗୌଡ଼ଙ୍କ ସ୍ତ୍ରୀ ଅନୁସୂୟା ଗୌଡ଼ (୪୫)।

ବୁଧବାର ଅପରାହ୍ନ ସାଢ଼େ ୫ଟାରେ ନାରାୟଣ ଜମିକୁ ଫସଲ ଦେଖିବା ପାଇଁ ବାଇକ୍‌ରେ ଯାଇଥିଲେ। ସେ ଗାଁ ମୁଣ୍ଡ କେନାଲ ତୁଡ଼ାରେ ପହଞ୍ଚି ବାଇକ୍ ରଖି ଜମିକୁ ଯାଉଥିବାବେଳେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନାରାୟଣ ୧ମାସ ତଳେ ବିବାହ କରିଥିଲେ। ସେହିପରି ଆସିକା ଥାନା ଚେରମାରିଆ ଗ୍ରାମରେ ବଜ୍ରପାତରେ ଅନୁସୂୟା ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମ ଉପକଣ୍ଠ ତେନ୍ତୁଳିଗୋରା ମଲ୍ଲିକ ଜୁହାଁର ସହ କଳିଆ ତାଙ୍କ ସ୍ୱାମୀଙ୍କ ଲାଗି ସେ ଅପରାହ୍ନ ପ୍ରାୟ ୪ଟାରେ ଖାଇବାକୁ ନେଇ ଯାଇଥିଲେ। ବର୍ଷାପବନ ଆସିବାରୁ ସେ ଘରକୁ ଫେରୁଥିବାବେଳେ ରାସ୍ତାରେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପରୀକ୍ଷା କରି ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆସିକା ଥାନାରେ ନଂ.୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ସଂଘବଦ୍ଧ ଆକ୍ରମଣରେ ନାବାଳକ ମୃତ

**ପାତ୍ରପୁର, ୧୫।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ତଡ଼ିପୁର ପଞ୍ଚାୟତ ଖଇର ଗ୍ରାମରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ଗୋଟିଏ ଗୋଷ୍ଠୀର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖଇର ଗ୍ରାମର ପବିତ୍ର ପ୍ରଧାନ। ସେ ଦଶମ ଶ୍ରେଣୀ ଛାତ୍ର ଥିଲେ। ଅନ୍ୟ ଆହତମାନଙ୍କୁ ପାତ୍ରପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଗାଁରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଠାକୁରାଣୀ ଯାତ୍ରାକୁ ବନ୍ଦ କରାଯାଇଛି। ବୁଧବାର ମୃତକଙ୍କ ବାପା ଗଣେଶ ପ୍ରଧାନଙ୍କ ଏତଲାକ୍ରମେ ନଂ.୮୭/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଅପରାହ୍ନରେ ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ମାୟାଧର ସେଠୀ, ଚିକିଟି ଏସଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ଦିଗପହଣ୍ଡି ଆଇଆଇସି ଗୌରାଙ୍ଗ ଚରଣ ସାହୁ, କେ. ନୂଆଗାଁ ଆଇଆଇସି ମାଧବାନନ୍ଦ ନାୟକ ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ଆକ୍ରମଣକାରୀ ଗୋଷ୍ଠୀ ଫେରାର ଅଛନ୍ତି। ବ୍ରହ୍ମପୁର ବଡ଼ ମେଡିକାଲରେ ପବିତ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଠାକୁରାଣୀ ଯାତ୍ରା ଲାଗି ମଙ୍ଗଳବାର ରାତିରେ ଗ୍ରାମ୍ୟ କମିଟି ବୈଠକ ଚାଲିଥିଲା। ଏହି ସମୟରେ ଗାଁ ଶେଷ ମୁଣ୍ଡରେ କୌଣସି ଏକ କଥାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଉଖା, ଗଞ୍ଜାମ

**ମେଷ** ଆଜି କାମ ହାସଲ କରିବାରେ ଜଣେ ପୁରୁଣା ବନ୍ଧୁ ସାହାଯ୍ୟ କରିବେ। ବାଣିଜ୍ୟ ଓ ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ଚିନ୍ତା ସୃଷ୍ଟି ହୋଇପାରେ, କିନ୍ତୁ ଗୁରୁତର ହେବ ନାହିଁ। ନୂତନ କର୍ମାରମ୍ଭ ସକାଶେ ମନ ବଳାଇ ସଫଳତା ହାସଲ କରିପାରନ୍ତି।

**ବୃଷ** ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟା କରି ସଫଳତା ପାଇବେ, କିନ୍ତୁ ଜଙ୍ଗଲ ଦେଇ ଯିବା ମଧ୍ୟ ହେବାକୁ ପଡ଼ିବ। କ୍ରୋଧ ସମ୍ବରଣ ନ କରିପାରି କଡ଼ା କଥା କହିବା କାରଣରୁ ତାହା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ବଳେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାର ସମ୍ଭାବନା ରହିଛି।

**ମିଥୁନ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସକାଶେ ଅନୁଚାପ କରିବାକୁ ବାଧ୍ୟ ହେବେ। ଭ୍ରମଣ, ରାଜନୀତି, ପ୍ରଶାସନ, ଓ ସଭାସମିତି କ୍ଷେତ୍ରରୁ ସଫଳତା ପାଇବେ। ବନ୍ଧୁମାନଙ୍କ ନିକଟରୁ ଭୁଲ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିରେ ମୁକାବିଲା କରିପାରିଲେ ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ପରିବାରରେ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ମିତ୍ରମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ନେହୁରା ହେବାକୁ ପଡ଼ିପାରେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି, କିନ୍ତୁ କୌଣସି ପ୍ରକାରର ଅସୁବିଧା ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ରାଜନୀତିରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**କନ୍ୟା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଉଦ୍ଦେଶ୍ୟମୂଳକ ଭାବରେ କରାଯାଉଥିବା ସ୍ଥାନାନ୍ତରର ସୂଚନା ପାଇ ହତ୍‌ବାଦ୍ଧେଇ ଯାଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଏକ ପ୍ରକାର ଦରକାର ହେବ। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ନିଜକୁ କେତେକ କଥା ସମ୍ଭାଳିବାକୁ ପଡ଼ିବ।

**ତୁଳା** ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇବ। ତଥାପି ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି, ହଠାତ୍ କୌଣସି କ୍ଷେତ୍ରରେ ପ୍ରତିଯୋଗୀ ଅଶିଳ ଫୁଟନ୍ତୁ ନାହିଁ, ଯାହାକି ପରୋକ୍ଷ ଶତ୍ରୁତାର କାରଣ ହୋଇପାରେ। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବାକୁ ପଡ଼ିବ।

**ବିଛା** ଭାବପ୍ରବଣତାରେ ଭାସିଯାଇ ଏଣୁ ତେଣୁ ଗପିବା ସମସ୍ୟାର କାରଣ ହୋଇପାରେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ଆନୁଷ୍ଠାନିକ କ୍ଷେତ୍ର କିମ୍ବା କଚେରି ମାମଲାରେ ସଫଳତା ଅବଶ୍ୟ ମିଳିବ।

**ଧନୁ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସଙ୍ଗଠନ ଓ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ବୈରାମ୍ୟ ଅସହ୍ୟ ହେବାରୁ ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନରେ ଝଗଡ଼ା ଲାଗିପାରେ।

**ମକର** ସବୁ ସମୟରେ ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ,କ୍ରୀଡ଼ା ଓ ଚଳଚ୍ଚିତ୍ରରେ ରହିଥିବା ସମସ୍ୟା ବନ୍ଧୁଙ୍କ ଜରିଆରେ ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। କିଛି ସହଯୋଗ ସକାଶେ ବନ୍ଧୁଙ୍କ ଆଗରେ ପ୍ରକାଶ କରି ନ ପାରି ପରେ ଅନୁତାପ କରିବେ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରି ପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ଧାର କରଜ କରି କାମ ଚଳାଇ ନେବେ।

**ମୀନ** ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ପାରସ୍ପରିକ ଆଲୋଚନା କ୍ରମେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ଭାବପ୍ରବଣ ବଶତଃ ବନ୍ଧୁଙ୍କ ସମ୍ମୁଖରେ କୌଣସି ଅପ୍ରକାଶ୍ୟ କଥା ପ୍ରକାଶ କରି ହଇରାଣ ହୋଇପାରନ୍ତି। କର୍ମ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ।

ଆଜି ବୈଶାଖ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଗୁରୁବାର, ମେ ୧୬ ତାରିଖ, କଳିଙ୍ଗ ଭାରତୀ ତରଫରୁ କଟକରେ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ, ସପ୍ତାହ ଆରମ୍ଭ, ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ତ୍ରି/କନ୍ୟା, ତ୍ରୟୋଦଶୀ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପବାସ, ବିବା ଘ ୧୦।୦୪ମି. ଗତେ ଘ ୧୧।୪୧ମି. ମଧ୍ୟେ ଅମୃତବେଳା। ବିବା ଘ ୧୧।୪୧ମି. ଗତେ, ଘ ୧୦।୮ମି. ମଧ୍ୟେ ମାହେନ୍ଦ୍ର ବେଳା। ବିବା ଘ ୧୫।୭ମି. ଗତେ ଘ ୨୩।୪୭ମି. ମଧ୍ୟେ ଅମୃତ ବେଳା।


# classifieds Everyday
**0674-2580101, 2549302**




**SALE**

**Tata ACE-2 Nos. (Full body covered) For sale. Make: 2016-17, Please contact: Dilip Kumar, Mob: 9437032752.** D-12501




**SALE**

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Stitiban Gharabari Plot 2675sqft with 3100sqft two storyed building for sale at Tankapani road, Bhubaneswar. Genuine buyers can Contact: 9437016461. D-66456

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, ସିମ୍ପ୍ଲେକ୍ସ, Duplex କିଣିବା ବା ବିକ୍ରୟ କରିବା ପାଇଁ ଯୋଗାଯୋଗ କରନ୍ତୁ। ପୁରୀରେ ଘର କରିବା ପାଇଁ ସହଜ କିସ୍ତିରେ ପ୍ଲଟ ବିକ୍ରୟ ଚାଲିଛି। ଯୋଗାଯୋଗ: 9438109040, 8144658008. D-12488

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଲକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D-66367

Urgent sale 0.73 decimele road side land near Mirgamunda Bus Stop. At.- Maneswar, Dist.- Sambalpur. Interested parties may Contact- 9090571675. D-12506




ଅଟୋମେଟିକ୍ ଦନା ପ୍ଲେଟ୍ ମେସିନ ମାତ୍ର ଟ.୪୦,୦୦୦/- ଏଠାରେ ସମସ୍ତ ପ୍ରକାର ପେପର ହୋଲସେଲ୍ ଦରରେ ଉପଲବ୍ଧ। ଯୋଗାଯୋଗ- ଶ୍ରୀ ଗଣେଶ ମେସିନାରୀ, ରାୟପୁର, 9752090498. D-12507

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

Now Matrimonial ads. only on Wednesday & Sunday Book 1 Get 1 FREE

**AFFIDAVIT**

By virtue of an affidavit before the Notary Public Purushottampur (Ganjam) I Sudama Pradhan S/o Dinabandhu Pradhan of village Baghala. I have adopted to one Somanath Khuntia S/o Late Chhanchan Khuntia. That often my adoption the surname and father's name changed from Sudama Pradhan S/o Dinabandhu Pradhan to Sudama Khuntia S/o Somanath Khuntia. I shall be known as Sudama Khuntia S/o Somanath Khuntia for all purpose. D-12505

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

**BIRTHDAY WISH**



Wish you a great *Happy Birthday*
**SONY**
**Best wishes**
**KANHA**
D-66231

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡ୍‌ରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# "ଫୋନି" ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟ ସଚେତନତା



- ପିଇବା ପାଣିରେ ଗୋଟିଏ କ୍ଲୋରିନ୍ ବଟିକା (୭୫ ମି.ଗ୍ରା.)୨୦ -୨୫ ଲିଟର (୧ମାଠିଆ/ବାଲଟି) ମିଶାନ୍ତୁ ଓ ମିଶାଇବାର ୧ଘଣ୍ଟା ପରେ ପିଅନ୍ତୁ ।
- ଖାଇବା ପୂର୍ବରୁ ଓ ଶୌଚହେବା ପରେ ହାତକୁ ସାବୁନରେ ଧୁଅନ୍ତୁ ।
- ରନ୍ଧା ଖାଦ୍ୟକୁ ଘୋଡାଇ ରଖନ୍ତୁ ଓ ମାଛି ବସିବାକୁ ଦିଅନ୍ତୁ ନାହିଁ ।
- ତରଳ ଝାଡା ହେଲେ ଓ.ଆର.ଏସ୍. ଦ୍ରବଣ ପିଅନ୍ତୁ ।
- ସାପ କାମୁଡିଲେ ତୁରନ୍ତ ଡାକ୍ତରଖାନା ନେଇଯାଆନ୍ତୁ ।
- ମ୍ୟାଲେରିଆ ଓ ଡେଙ୍ଗୁରୁ ରକ୍ଷା ପାଇବା ପାଇଁ ମଶାରୀ ଟାଣି ଶୁଅନ୍ତୁ ।
- ଘର ଆଖପାଖ ସଫା ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର
DSPL-12

ଅଧିକ ସୂଚନା ପାଇଁ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ କିମ୍ବା ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନମ୍ବର: ୦୬୭୪-୨୩୯୦୪୬୬ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
10003/13/0007/1920


# କର୍କଟରେ ପୀଡ଼ିତ ଟେଲି ଅଭିନେତ୍ରୀ ରାଜେଶ୍ୱରୀ

ଆବେଗ ପ୍ରବଣ ହୋଇ ପ୍ରଶଂସକଙ୍କୁ ଜଣାଇଲେ



**ଭୁବନେଶ୍ୱର, ୧୫।୫(ବ୍ୟୁରୋ):** କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ଜଣାଶୁଣା ଓଡ଼ିଆ ଟେଲି ଅଭିନେତ୍ରୀ ରାଜେଶ୍ୱରୀ ରାୟ ମହାପାତ୍ରଙ୍କ ଆରୋଗ୍ୟ କାମନା କରିଛନ୍ତି ତାଙ୍କ ପ୍ରଶଂସକ। କର୍କଟରେ ଆକ୍ରାନ୍ତ ହେବା ସମ୍ପର୍କରେ ରାଜେଶ୍ୱରୀ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଚାରିଆଡୁ ତାଙ୍କ ପ୍ରତି ଥିବା ଭଲପାଇବା ଓ ସ୍ନେହଶ୍ରଦ୍ଧା ଅଜାଡ଼ି ହୋଇପଡ଼ିଛି। ଶୀଘ୍ର ସୁସ୍ଥ ହୋଇ ପୁଣିଥରେ ଟେଲିଭିଜନ ପରଦାକୁ ବ୍ୟାକ୍ କରିବାକୁ ତାଙ୍କ ପ୍ରଶଂସକମାନେ କହିଛନ୍ତି। ଏକାଧିକ ଓଡ଼ିଆ ଧାରାବାହିକରେ ଅଭିନୟ କରି ଓଡ଼ିଶାର ଘରେ ଘରେ ପରିଚିତ ଚେହେରା ପାଲଟିଥିବା ରାଜେଶ୍ୱରୀ ବ୍ରେନ୍ ଓ ଲଙ୍ଗସ କ୍ୟାନ୍ସରରେ ପୀଡ଼ିତ ହୋଇଛନ୍ତି। ଏ ନେଇ ସେ ନିଜ ଫେସ୍‌ବୁକରେ ଦୁଇଟି ଫଟୋ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ କର୍କଟ ସହ ଲଢ଼େଇ କରୁଛନ୍ତି ଓ ଏଥିରେ ନିଶ୍ଚୟ ବିଜୟ ହାସଲ କରିବେ ବୋଲି କହିଛନ୍ତି। ଏହାସହ ତାଙ୍କ ଅଭିନୀତ ଚରିତ୍ର ତାରା ପଟ୍ଟନାୟକ ରୂପରେ ସେ ଖୁବ୍‌ଶୀଘ୍ର ଟେଲିଭିଜନକୁ ଫେରିବେ ବୋଲି ମଧ କହିଛନ୍ତି। ଭଗବାନଙ୍କ ଆଶୀର୍ବାଦ ସହ ଲୋକଙ୍କ ଆଶୀର୍ବାଦ କାମନା କରି ସେ ଏହି ପୋଷ୍ଟ କରିଛନ୍ତି। ଏହି ଖବର ତାଙ୍କ ପ୍ରଶଂସକଙ୍କୁ ଗଭୀର ଧକ୍କା ଦେଇଥିବା ବେଳେ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଶ୍ରୀମନ୍ଦିର ପାଇଁ ଫୁଲ, ତୁଳସୀ ଅଭାବ

ପ୍ରଭାତ ପାଣିଗ୍ରାହୀ
ପୁରୀ ଅଫିସ,୧୫।୫

ବାତ୍ୟାରେ ଛାରଖାର ହୋଇଯାଇଛି ପୁରୀ ସହର। ଚାରିଆଡେ ବିଦ୍ୟୁତଖୁଣ୍ଟ, ଗଛ ପଡ଼ି ରହିଛି। ଏଥିରୁ ଶ୍ରୀମନ୍ଦିର ବି ବାଦ୍ ପଡ଼ିନାହିଁ। ବାତ୍ୟାରେ ଶ୍ରୀମନ୍ଦିର ପାର୍ଶ୍ୱସ୍ଥ ବଡ ଗଛ, କଳ୍ପବଟ ସମେତ ସିଂହଦ୍ୱାର ଗୁମୁଟ ବାମ ପାର୍ଶ୍ୱରେ ରହିଥିବା ଜୟ ମୂର୍ତ୍ତି ଭାଙ୍ଗିଯାଇଛି। ସେହିପରି ଶ୍ରୀମନ୍ଦିରର ଦୈନନ୍ଦିନ ରୀତିନୀତି ସକାଶେ ରହିଥିବା ୪ଟି ଉଦ୍ୟାନ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଉଦ୍ୟାନର ତୁଳସୀ ଗଛ ଓ ବିଭିନ୍ନ ଫୁଲ ଗଛ ମାଟିରେ ଶୋଇପଡ଼ିଛି। ଫଳରେ ଦୈନିକ ପୂଜାନୀତି ନିମନ୍ତେ ଫୁଲ, ତୁଳସୀର ଅଭାବ ପରିଲକ୍ଷିତ ହୋଇଛି।

ଶ୍ରୀମନ୍ଦିର ପରିସରସ୍ଥ କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ, ମାଟିତୋଟା ଏବଂ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ୪ଟି ଉଦ୍ୟାନ ରହିଛି। ଏଠାରୁ ଦୈନିକ ମହାପ୍ରଭୁଙ୍କ ନୀତି ଲାଗି ଫୁଲ ଶ୍ରୀମନ୍ଦିରକୁ ଯାଇଥାଏ। ଉଦ୍ୟାନ ପରିସରରୁ ଅତ୍ୟନ୍ତ ନିଷ୍ଠାର ସହିତ ଏହି ଫୁଲ ଓ ତୁଳସୀ ତୋଳାଯାଇଥାଏ। କୋଇଲି ବୈକୁଣ୍ଠ, ନୀଳାଚଳ ଉପବନ ଓ ଉତ୍ତରଦ୍ୱାର ପଦ୍ମପାଦ ନିକଟରେ ଫୁଲ ଗୁହାଳିମାନେ ହବିଷ୍ୟ ଅନ୍ନ ଆହାର କରି ପବିତ୍ର ମନରେ ନିଷ୍ଠାର ସହିତ ମହାପ୍ରଭୁଙ୍କ ବିଭିନ୍ନ ବେଶ ଲାଗି ଫୁଲମାଳ ତିଆରି କରିଥାନ୍ତି। ଏଥିରେ ନାକଚଣା, ହୃଦ ପଲ୍ଲବ ଓ କର ପଲ୍ଲବ ଲାଗି ଫୁଲ ଓ ପତ୍ର ସମଭାବରେ ପ୍ରସ୍ତୁତ ହୋଇଥାଏ। ଏବେ ଫୁଲ ଓ ତୁଳସୀ ପତ୍ର କମ୍ ଆସୁଛି। ତେଣୁ ବିଭିନ୍ନ ବେଶ ଲାଗି ପ୍ରସ୍ତୁତ କରାଯାଉଥିବା ମାଳରେ କମ୍ ପରିମାଣର ଫୁଲ ଓ ତୁଳସୀ ପତ୍ର ଦିଆଯାଉଛି ବୋଲି ଜଣେ ମାଳ ଗୁହାଳି କହିଛନ୍ତି। ଦୈନିକ ପୂଜାନୀତି, ପର୍ବପର୍ବାଣି ଏବଂ ସ୍ୱତନ୍ତ୍ର ପୂଜାରେ ମହାପ୍ରଭୁଙ୍କଠାରେ ଆଜ୍ଞାମାଳ ଲାଗି ହୋଇଥାଏ। ଏବେ ଅକ୍ଷୟ ତୃତୀୟାଠାରୁ ମହାପ୍ରଭୁଙ୍କ ଚନ୍ଦନଯାତ୍ରା ଆରମ୍ଭ ହୋଇଛି। ଏହା ୪୨ଦିନ ଧରି ଚାଲିବ। ମହାପ୍ରଭୁ ଚାପକୁ ଯିବା ସମୟରେ ଆଜ୍ଞାମାଳ ଲାଗି ହେଉଛି। ସେହିପରି ରଥ ନିର୍ମାଣ ବେଳେ ୧୩ଥର ଅର୍ଥାତ ରଥକାଠ ଆଣିବା ଲାଗି ଯିବାଠାରୁ ରଥ ଦକ୍ଷିଣ ମୋଡ ହୋଇ ସିଂହଦ୍ୱାରକୁ ଆସିବା ପର୍ଯ୍ୟନ୍ତ ଆଜ୍ଞାମାଳ ଲାଗି ହୋଇଥାଏ। ଶ୍ରୀମନ୍ଦିରର ନୀତି ସମେତ ବିଭିନ୍ନ କାର୍ଯ୍ୟ ଲାଗି ଫୁଲ, ତୁଳସୀର ବିଶେଷ ଆବଶ୍ୟକତା ରହିଛି। ବାତ୍ୟାରେ ଶ୍ରୀମନ୍ଦିରର ୪ଟି ଉଦ୍ୟାନ ନଷ୍ଟ ହୋଇଯିବାରୁ ଫୁଲ, ତୁଳସୀର ସଙ୍କଟ ସୃଷ୍ଟି ହୋଇଛି। ତେବେ ଏହାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

**ବାତ୍ୟାରେ ଉଜୁଡ଼ିଛି ୪ ଉଦ୍ୟାନ**



ଶ୍ରୀମନ୍ଦିର ଉଦ୍ୟାନ

## ମନ୍ଦିର ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ

ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି ଯେ, ଶ୍ରୀମନ୍ଦିର ଦୈନିକ ପୂଜାନୀତି ଲାଗି ଫୁଲ, ତୁଳସୀ ପତ୍ରର ବିଶେଷ ଆବଶ୍ୟକତା ରହିଛି। ବର୍ତ୍ତମାନ କମ୍ ପରିମାଣର ଫୁଲ, ତୁଳସୀ ପତ୍ରରେ ମହାପ୍ରଭୁଙ୍କ ମାଳ ପ୍ରସ୍ତୁତ କରାଯାଉଛି। କେବଳ ଉଦ୍ୟାନରୁ ଆସୁଥିବା ଫୁଲ, ତୁଳସୀ ମହାପ୍ରଭୁଙ୍କ ସେବାରେ ଲାଗିଥାଏ। ଶ୍ରୀମନ୍ଦିର ବାହାରୁ କରାଯାଏ ନାହିଁ। ଏହା କେବଳ ରତ୍ନ ସିଂହାସନକୁ ଛୁଆଁ ଯାଇଥାଏ। ଉଦ୍ୟାନ ନଷ୍ଟ ହୋଇଯିବାରୁ ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

## ଦୁଃଖ ଦେଇଗଲା ଫନୀ

ବୀରହରେକୃଷ୍ଣପୁର ଅଞ୍ଚଳର ପ୍ରଫୁଲ୍ଲ ତ୍ରିପାଠୀ ଦୀର୍ଘବର୍ଷ ଧରି ମହାପ୍ରଭୁଙ୍କ ଲାଗି ଦୈନିକ ଫୁଲ, ତୁଳସୀପତ୍ର ଶ୍ରୀମନ୍ଦିରକୁ ଯୋଗାଇଥାନ୍ତି। ସେ ଏଥିପାଇଁ ନିଜସ୍ୱ ଉଦ୍ୟମରେ ଏକ ତୁଳସୀ ବଗିଚା ଓ ପୁଷ୍ପ ଉଦ୍ୟାନ କରିଛନ୍ତି। ସେଥିରେ ବିଭିନ୍ନ ପ୍ରକାର ଫୁଲଗଛ ଲଗାଇଛନ୍ତି। ଦୈନିକ ସେ ନିଷ୍ଠାର ସହ ଫୁଲ, ତୁଳସୀ ତୋଳି ଶ୍ରୀମନ୍ଦିରର ଫୁଲ ଗୁହାଳିମାନଙ୍କ ନିକଟରେ ପହଞ୍ଚାଇଥାନ୍ତି। ବାତ୍ୟାରେ ତାଙ୍କ ପୁଷ୍ପ ଉଦ୍ୟାନ ଓ ତୁଳସୀ ବଗିଚା ନଷ୍ଟ ହୋଇଯାଇଛି। ଫଳରେ ସେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ବଗିଚାରେ ବସି ମାଟିରେ ଲୋଟୁଥିବା ଶୁଖିଲା ଫୁଲଗଛକୁ ଆଉଁସିବାରେ ଲାଗିଛନ୍ତି। ତାଙ୍କ ଦୀର୍ଘବର୍ଷର ସାଧନା ଫନୀ ଉଜାଡ଼ି ଦେଲା ଏବଂ ଦୁଃଖ ଦେଇଗଲା ବୋଲି ପ୍ରଫୁଲ୍ଲ କୋହଭରା କଣ୍ଠରେ କହିଛନ୍ତି।

# ପ୍ରସୂତି ମାଓବାଦୀଙ୍କୁ ସହୃଦୟତା ଦେଖାଇଲେ ଯବାନ

- ସାଥୀ ମାଓବାଦୀ ଗର୍ଭବତୀ କରିବା ପରେ ଜଙ୍ଗଲରେ ଛାଡି ଚାଲିଯାଇଥିଲେ
- ଉଦ୍ଧାର ପରେ କଲେ ଆତ୍ମସମର୍ପଣ
- ମୁଣ୍ଡ ଉପରେ ଥିଲା ୧ ଲକ୍ଷ ପୁରସ୍କାର

ମାଲକାନଗିରି,୧୫।୫(ଡି.ଏନ୍.ଏ.)

ମାଓବାଦୀ ଦମନ ଅଭିଯାନରେ ସାମିଲ ଥିବା ଛତିଶଗଡ଼ ପୋଲିସର ଡିଆର୍‌ଜି ଯବାନମାନେ ଗର୍ଭବତୀ ଥିବା ଜଣେ ଇନାମି ମହିଳା ମାଓବାଦୀଙ୍କ ପ୍ରତି ସହୃଦୟତା ଦେଖାଇ ପ୍ରକୃତ ମାନବିକତାର ଉଦାହରଣ ସୃଷ୍ଟି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୫ ଦିନ ତଳେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କାଙ୍କେର ଜିଲା ଅଞ୍ଚଳରେ ଡିଆରଜି ଯବାନମାନେ କୋମ୍ବିଂ ଅପରେସନ କରୁଥିଲେ। ଏହି ସମୟରେ ସେଠାକାର ଆଲପରସ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଜଣେ ମହିଳା ସଦ୍ୟ ପ୍ରସବ କରି ରହିଥିବା ଦେଖିବାକୁ ପାଇଥିଲେ ଯବାନ। ତେଣୁ ସେମାନେ ପ୍ରସୂତି ମହିଳା ଓ ତାଙ୍କ ୫ ଦିନର ନବଜାତ ଶିଶୁକୁ ତୁରନ୍ତ ଉଦ୍ଧାର କରି ପ୍ରଥମେ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପରେ ଘଟଣାର ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଏହି ମହିଳା ଜଣକ ମାଓବାଦୀଙ୍କ କ୍ୟାମ୍ପରେ ଥିବାବେଳେ ସାଥୀ ସଦସ୍ୟମାନଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଗର୍ଭବତୀ ହୋଇଥିଲେ। ମାଓବାଦୀ ସଙ୍ଗଠନ ତାଙ୍କୁ ଗର୍ଭପାତ କରିବା ପାଇଁ ବାଧ୍ୟ କରିଥିଲେ ମଧ୍ୟ ସେ ରାଜି ନ ହେବାରୁ ମାଓବାଦୀମାନେ ତାଙ୍କୁ ସେଠାରେ ଛାଡ଼ି ଚାଲିଯାଇଥିଲେ। ଏହାପରେ ମହିଳା ମାଓବାଦୀ ଜଣକ ବିଭିନ୍ନ ସ୍ଥାନରେ ଘୂରି ବୁଲିବା ସହ ୫ ଦିନ ତଳେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଯବାନମାନେ ତାଙ୍କୁ ଉଦ୍ଧାର କରିବା ପରେ ସେ ନିଜକୁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଉପରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ଜଣାପଡ଼ିଛି।



ନବଜାତ ଶିଶୁ ସହ ଇନାମୀ ମହିଳା ମାଓବାଦୀ ।

# ଦୋହଲିଯାଇଛି ହୋଟେଲ ଶିଳ୍ପ

ଭୁବନେଶ୍ୱର,୧୫।୫(ବ୍ୟୁରୋ)

ପ୍ରଳୟଙ୍କରୀ ବାତ୍ୟା ଫନୀ ଦ୍ୱାରା ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି ରାଜ୍ୟର ହୋଟେଲ ଶିଳ୍ପ। ରାଜ୍ୟ ପର୍ଯ୍ୟଟନର ଭିତ୍ତିଭୂମି କୁହାଯାଉଥିବା ପୁରୀ-ଭୁବନେଶ୍ୱର-କଟକରେ ସର୍ବାଧିକ ହୋଟେଲ ରହିଥିବା ବେଳେ ବାତ୍ୟାରେ ଏହି ୩ଟି ସହର ହିଁ ଅଧିକ ପ୍ରଭାବିତ ହୋଇଛି। ୩ ସହରର ଏକ ହଜାରରୁ ଊର୍ଦ୍ଧ୍ୱ ହୋଟେଲ ଧ୍ୱସ୍ତବିଧ୍ୱସ୍ତ ହୋଇଛି। କେବଳ ୫୦୦ କୋଟି ଟଙ୍କାର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟିକ କ୍ଷତି ଆକଳନ କରାଯାଇଛି। ପୁରୀରେ ସର୍ବାଧିକ ୮୦୦ ହୋଟେଲ ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ବେଳେ ଭୁବନେଶ୍ୱର ଓ କଟକରେ ୨୦୦ ହୋଟେଲ ପ୍ରଭାବିତ ହୋଇଥିବା ସୂଚନା ଦେଇଛି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ)।

ଏଚ୍‌ଆର୍‌ଏଓ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇ କ୍ଷୟକ୍ଷତିର ଆକଳନ କରାଯାଇଛି। ଏହାସହ ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ ପୁନର୍ଗଠନ କରିବାକୁ ଆସୋସିଏଶନ ପକ୍ଷରୁ ରାଜ୍ୟ ସରକାରଙ୍କୁ କେତେକ ପ୍ରସ୍ତାବ ଦିଆଯାଇଛି। ଫନୀ ପୁରୀରେ ଲ୍ୟାଣ୍ଡଫଲ କରିଥିବା ବେଳେ ଏହି ଅଞ୍ଚଳର ଶତ ପ୍ରତିଶତ ହୋଟେଲ ପ୍ରଭାବିତ ହୋଇଛି। ବଡ଼ ବଡ଼ ହୋଟେଲଗୁଡ଼ିକର ୧୦ରୁ ୧୫ କୋଟି ଟଙ୍କାର ଭିତ୍ତିଭୂମି କ୍ଷତି ହୋଇଥିବା ଆକଳନ କରାଯାଇଛି। ଏହାବ୍ୟତୀତ ଆସନ୍ତା ଆର୍ଥିକବର୍ଷରେ ହୋଟେଲ ଶିଳ୍ପର ୨ ହଜାର କୋଟି ଟଙ୍କାର ବେପାର କ୍ଷତି ହେବ ବୋଲି ଏଚ୍‌ଆର୍‌ଏଓ ଅଧକ୍ଷ ଜେ.କେ. ମହାନ୍ତି କହିଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ସମସ୍ତ ମେଗା କନ୍‌ଫରେନ୍ସକୁ ବାତିଲ କରାଯାଇଥିବାବେଳେ ପୁରୀ ଓ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ହେବାକୁ ଥିବା ବାହାଘର ତଥା ଡେଷ୍ଟିନେଶନ ୱେଡିଂକୁ ବାତିଲ କରାଯାଇଛି। ବହୁସଂଖ୍ୟାରେ ପର୍ଯ୍ୟଟକ ଏବେ ବୁକିଂ ବାତିଲ୍ କରୁଥିବାରୁ ହୋଟେଲିୟରମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡୁଛି। ଏଭଳିସ୍ଥଳେ ଜୁନ୍ ୧୦ ସୁଦ୍ଧା ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ପୁଣିଥରେ ଉନ୍ମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ପୁରୀକୁ ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗ ସହ ଯୁଦ୍ଧକାଳୀନ ଭିତ୍ତିରେ ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥା କରିବାକୁ ଆସୋସିଏଶନ ଦାବି କରିଛି।

ଅନ୍ୟପକ୍ଷରେ ହୋଟେଲଗୁଡ଼ିକ ନେଇଥିବା ଟର୍ମ ଲୋନ୍‌ର ମୂଳ ଅର୍ଥ ଓ ସୁଧ ପ୍ରଦାନ କ୍ଷେତ୍ରରେ ୨ବର୍ଷ ପାଇଁ ସାମୟିକ ରହିତାଦେଶ ଲାଗି ଅନୁରୋଧ କରାଯାଇଛି। ସେହିଭଳି କ୍ଷୟକ୍ଷତି ହୋଇଥିବା ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ଆବେଦନ କରିବାର ୩୦ଦିନ ମଧ୍ୟରେ ବ୍ୟାଙ୍କଗୁଡ଼ିକ ଋଣ ମଞ୍ଜୁର କରିବା ସହ ଇନ୍‌ସ୍ୟୁରାନ୍ସ କମ୍ପାନୀମାନେ ମେ ୩୦ ସୁଦ୍ଧା ଦାବି ଅର୍ଥରାଶିର ୫୦ ପ୍ରତିଶତ ପ୍ରଦାନ କରିବାକୁ କୁହାଯାଇଛି। ଏକ୍ଷେତ୍ରରେ ରାଜ୍ୟ ସରକାର ବ୍ୟାଙ୍କ୍ ଓ ଇନ୍‌ସ୍ୟୁରାନ୍ସ କମ୍ପାନୀ ସହ ଆଲୋଚନା କରିବାକୁ ମହାନ୍ତି ନିବେଦନ କରିଛନ୍ତି। ବାତ୍ୟାରେ ପ୍ରଭାବିତ ପୁରୀ, ଭୁବନେଶ୍ୱର ଓ କଟକର ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମିକୁ ସଜାଡ଼ିବା ସହ ହୋଟେଲଗୁଡ଼ିକ ଦେଉଥିବା ଜିଏସ୍‌ଟି, ହୋଲ୍ଡିଂ ଟ୍ୟାକ୍ସ, ମ୍ୟୁନିସିପାଲ ଟ୍ୟାକ୍ସ ଓ ଅନ୍ୟାନ୍ୟ ଟ୍ୟାକ୍ସରେ ଛାଡ କରିବାକୁ ଦାବିହୋଇଛି। ବନ୍ୟା ପରେ କେରଳ ପର୍ଯ୍ୟଟନ ଭଳି ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଦେଶ ବାହାରେ ରୋଡ୍ ଶୋ, ବ୍ୟାପକ ମିଡିଆ କଭ୍‌ରେଜ୍, ଭିଡିଓ ଫିଲ୍ମ ପ୍ରସ୍ତୁତି ଭଳି ପ୍ରମୋଶନାଲ ଆକ୍ଟିଭିଟି କରିବାକୁ ପରାମର୍ଶ ଦେଇଛି ଆସୋସିଏଶନ। ଏହାବ୍ୟତୀତ ରାଜ୍ୟ ସରକାର ଅନ୍ତର୍ଜାତୀୟ ବିମାନ ଚଳାଚଳ, ଷ୍ଟାର୍ ହୋଟେଲ ପ୍ରତିଷ୍ଠା, ଦୀର୍ଘସ୍ଥାୟୀ ପର୍ଯ୍ୟଟନ ଭିତ୍ତିଭୂମି ନିର୍ମାଣ, ଲିଜର ଟୁରିଜିମ୍, ନାଇଟ୍ ଲାଇଫ୍, କନ୍‌ଭେନ୍‌ସନ୍ ସେଣ୍ଟର, ୱାଟର ସ୍ପୋର୍ଟସ ଭଳି ଦୀର୍ଘମିଆଦୀ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ଏଚ୍‌ଆର୍‌ଏଓ ଦାବି କରିଛି। ଖୁବ୍‌ଶୀଘ୍ର ଉପରୋକ୍ତ ଦାବିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ମହାନ୍ତି କହିଛନ୍ତି।

## 'ଫନୀ' ତାଣ୍ଡବ

- ଭିତ୍ତିଭୂମି ବାବଦରେ ୫୦୦ କୋଟି ଟଙ୍କାର କ୍ଷତି
- ୨ ହଜାର କୋଟିର ବ୍ୟବସାୟିକ କ୍ଷତି
- ପୁରୀ-ଭୁବନେଶ୍ୱର-କଟକର ୧ ହଜାର ହୋଟେଲ ପ୍ରଭାବିତ
- ପୁରୀର ସର୍ବାଧିକ ୮୦୦ ହୋଟେଲ କ୍ଷତିଗ୍ରସ୍ତ
- ଭିତ୍ତିଭୂମି ସଜାଡ଼ିବାକୁ ପ୍ରସ୍ତାବ ରଖିଲା ଏଚ୍‌ଆର୍‌ଏଓ
- ଋଣ, ଟିକସ ଉପରେ ସାମୟିକ ରହିତାଦେଶ ପାଇଁ ଦାବି
- ବିଦେଶରେ ରୋଡ୍ ଶୋ ପାଇଁ ପ୍ରସ୍ତାବ



ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ବେଳାଭୂମି ମାର୍ଗର ହୋଟେଲ ଅଞ୍ଚଳ।

# ମାଲବାହୀ ଟ୍ରେନ ୱାଗନ ଲାଇନଚ୍ୟୁତ

ରାଉରକେଲା ଅଫିସ,୧୫।୫

ମାଲଗୋଦାମ ନିକଟ ଡାଉନ ଲାଇନରେ ମଙ୍ଗଳବାର ରାତି ସାଢ଼େ ୧୨ଟାରେ ଏକ ମାଲବାହୀ ଟ୍ରେନ୍‌ର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଥିଲା। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳରେ ବ୍ୟାଘାତ ଘଟିଥିଲା। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ କରିବାକୁ କାର୍ଯ୍ୟାରମ୍ଭ କରିଥିଲେ। ଏହି ସିମେଣ୍ଟ ବୋଝେଇ ମାଲବାହୀ ଟ୍ରେନ୍‌ଟି ପାନପୋଷରୁ ରାଉରକେଲା ଷ୍ଟେଶନ ଦେଇ ପଶ୍ଚିମବଙ୍ଗ ଯାଉଥିଲା। ଜଣେ ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ ଦୁର୍ଘଟଣାରେ ବିଶେଷ କିଛି କ୍ଷତି ଘଟି ନାହିଁ।


**NIFT LATERAL ADMISSIONS 2019**
**DIRECT ADMISSION TO SECOND YEAR**

NIFT announces Lateral Admission to the second year B.Des. and B.F.Tech Programmes for candidates who have completed their Diploma/Degree in relevant fields. For more details please visit www.nift.ac.in

National Institute of Fashion Technology
A Statutory Institute governed by the NIFT Act 2006
Ministry of Textiles, Government of India

**INDIAN INSTITUTE OF TOURISM AND TRAVEL MANAGEMENT**
(An Autonomous Body under Ministry of Tourism, Government of India)
Centres : Gwalior, Bhubaneswar, Noida, Nellore & Goa. Camps: Shillong & Bodh Gaya

**ADMISSION NOTICE**
BBA (Tourism & Travel) 2019-22
MBA (Tourism & Travel Management) 2019-21

Under collaborative scheme of IGNTU

BBA (Tourism & Travel)
ELIGIBILITY :
- Passed 10+2 examination with 50% marks (45% for SC/ST/PH)
- Appear in IGNTU-IITTM Admission Test (IIAT)-2019

MBA (Tourism & Travel Management)
ELIGIBILITY :
- Graduation with 50% of marks (45% for SC/ST/PH) and
- Valid score in CAT/MAT/CMAT/GMAT/ATMA/XAT or Appear in IGNTU-IITTM Admission Test (IIAT)-2019

For online application & detailed information please visit - www.iittm.ac.in
For more details please contact : 7205146285, 9425407607, 9990050707, 9437010180, 9849739489
or Email: admissions@iittm.ac.in
ATUL

Advantages@IITTM
Leading Government Institute of Tourism and Travel with Best Placement record

Last Date of Application 27th May 2019

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ।
-ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# କୁକୁଡ଼ା ଅଣ୍ଡାର ମାନ

ଅଣ୍ଡାକୁ ସବୁବେଳେ ମାନକ ନିରାପଦ ଖାଦ୍ୟ ଭାବେ ବିବେଚନା କରାଯାଇ ଆସିଛି। କ୍ୱଚିତ୍ ଲୋକ ଜାଣନ୍ତି ଯେ, ପ୍ରତି ଅଣ୍ଡା ଅଲଗା ଏବଂ କେତେକ ଆଦୌ ଖାଇବା ଉପଯୋଗୀ ନୁହେଁ। ଗୋଟିଏ ଅଣ୍ଡାର ଉପାଦାନଗୁଡ଼ିକ ହେଉଛି: ଆଲ୍‌ବୁମେନ (ଅଣ୍ଡା ଭିତରର ଧଳା ଅଂଶ), କେଶର (ଅଣ୍ଡାର ହଳଦିଆ ଅଂଶ) ଏବଂ କ୍ୟାଲ୍‌ସିୟମ୍ କାର୍ବୋନେଟ୍‌ରେ ତିଆରି ଅଣ୍ଡାର ସୂକ୍ଷ୍ମ ଛିଦ୍ରବହୁଳ ଖୋଳପା। ତେବେ ଅଣ୍ଡାର ଏହି ଭିତର ଉପାଦାନଗୁଡ଼ିକୁ ବଦଳାଇ ଦିଆଯାଇପାରେ। କୁକୁଡ଼ାକୁ ଆମେ ଯେମିତି ଖାଦ୍ୟ ଖାଇବାକୁ ଦେବା, ତା'ର ଶରୀର ତଥା ଅଣ୍ଡା ଭିତରେ ମଧ୍ୟ ଅନୁରୂପ ପରିବର୍ତ୍ତନ ଘଟିବ। ଉଦାହରଣସ୍ୱରୂପ ଜାପାନରେ ଅଣ୍ଡା ଭିତରେ ଓମେଗା ୩ ଓ ଆୟୋଡିନ୍ ଭର୍ତ୍ତି କରିଦିଆଯାଉଛି।

ଅଣ୍ଡାର ମାନ କୁକୁଡ଼ାର ଖାଦ୍ୟ ଓ ସେ ରହୁଥିବା ପରିବେଶର ଅବସ୍ଥା ଉପରେ ନିର୍ଭର କରେ। ଅଣ୍ଡାଦେବା ପୂର୍ବ ଓ ପରର ଅନେକ କାରକ ଦ୍ୱାରା ଏହା ପ୍ରଭାବିତ ହୁଏ। ପାଣିପାଗ, ଖାଦ୍ୟର ପ୍ରକାର, କୁକୁଡ଼ା ପିଉଥିବା ପାଣିର ପରିମାଣ, ପରିବେଶର ପରିଚ୍ଛନ୍ନତା, କେତେ ଘଣ୍ଟା କୁକୁଡ଼ାଟି ସୂର୍ଯ୍ୟାଲୋକରେ କଟାଉଛି, ସେ କିପରି ନିଃଶ୍ୱାସ ପ୍ରଶ୍ୱାସ ନେଉଛି– ଏସବୁ କାରକ ଅଣ୍ଡାର ଗୁଣବତ୍ତା ପାଇଁ ଦାୟୀ। କୁକୁଡ଼ାଟି ଅଣ୍ଡା ଦେବା ପରେ ଆପଣଙ୍କ ପ୍ଲେଟ୍ ପର୍ଯ୍ୟନ୍ତ ଆସିବା ଯାଏ, ତାକୁ କିପରି ହ୍ୟାଣ୍ଡଲ୍ କରାଯାଇଛି, ତା' ଉପରେ ମଧ୍ୟ ଏହା ଖାଇବା ଯୋଗ୍ୟ କି ନା ତାହା ନିର୍ଭର କରୁଛି। ଗୋଟିଏ କୁକୁଡ଼ା ଅଣ୍ଡାରେ ହାରାହାରି ଛଅଗ୍ରାମ୍ ପ୍ରୋଟିନ୍ ଓ ଛଅଗ୍ରାମ୍ ଚର୍ବି ରହିବା କଥା। ଏଥିପାଇଁ କୁକୁଡ଼ାକୁ ସନ୍ତୁଳିତ ଆହାର ଦେବାକୁ ହୋଇଥାଏ, ଯେଉଁଥିରେ ଆବଶ୍ୟକ ପରିମାଣର ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଚର୍ବି, ଭିଟାମିନ୍ ଓ ଖଣିଜ ଲବଣ ଥିବ। ବିଶେଷଜ୍ଞମାନେ କୁକୁଡ଼ା ଖାଦ୍ୟରେ ୧୬ରୁ ୧୮ ପ୍ରତିଶତ ପ୍ରୋଟିନ୍ ଓ ପ୍ରାୟ ୩.୫% କ୍ୟାଲ୍‌ସିୟମ୍ ରହିବା ଉଚିତ ବୋଲି କହିଛନ୍ତି। ଅଣ୍ଡାଦିଆ କୁକୁଡ଼ାକୁ ମଧ୍ୟ ଯଥେଷ୍ଟ ସ୍ୱଚ୍ଛ ଜଳ ଦିଆଯିବା ଦରକାର କାରଣ କୁକୁଡ଼ା ଅଣ୍ଡାର ଅଧା ଭାଗ ହେଉଛି ଜଳ।

ଅଣ୍ଡାର ପ୍ରାକୃତିକ ଉପାଦାନଗୁଡ଼ିକୁ ଯେ ବଦଳାଯାଇ ପାରିବ, ଏ କଥା କୁକୁଡ଼ା ଫାର୍ମର ମାଲିକମାନେ ଜାଣିଛନ୍ତି। ସେଥିପାଇଁ ସେମାନେ କୁକୁଡ଼ା ଖାଦ୍ୟରେ ଏପରି ରାସାୟନିକ ମିଶାନ୍ତି, ଯାହାଦ୍ୱାରା କୁକୁଡ଼ା ଦେଉଥିବା ଅଣ୍ଡା ଭଲ ଦେଖାଯିବ ଓ ଅଧିକ ଦିନ କାଞ୍ଜିଆ ନ ହୋଇ ରହିପାରିବ। ଅଣ୍ଡା ଖୋଳର ମାନ ବଢ଼ାଇବା ପାଇଁ ସେମାନଙ୍କୁ ଖାଇବା ସୋଡ଼ା ଓ ଆମୋନିୟମ୍ କ୍ଲୋରାଇଡ୍ ଦିଆଯାଏ। ଶୋଷିଲା କୁକୁଡ଼ାକୁ ପାଣିରେ ପୋଟାସିୟମ୍ କ୍ଲୋରାଇଡ୍ ମିଶାଇ ପିଇବାକୁ ଦିଆଯାଏ। କୁକୁଡ଼ା ଜନ୍ମ ହେବା ଦିନଠାରୁ ସେମାନଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯାଏ।

ଯେଉଁ କୁକୁଡ଼ାଙ୍କୁ ବାହାରେ ବୁଲି ଖାଦ୍ୟ ଖୁଣ୍ଟି ଖାଇବାକୁ ଦିଆଯାଏ, ସେମାନେ ଭଲ ଅଣ୍ଡା ଦିଅନ୍ତି। ସେମାନେ ମାଟି ଆମ୍ପୁଡ଼ି ପୋକଜୋକ, ଜିଆ, ମଞ୍ଜି ଆଦି ଖାଆନ୍ତି। କିନ୍ତୁ ଆପଣ ଯେଉଁ ଅଣ୍ଡା କିଣନ୍ତି, ସେଗୁଡ଼ିକ ଏପରି କୁକୁଡ଼ାଙ୍କଠାରୁ ଆସି ନ ଥାଏ। କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ ପାଇଁ କୁକୁଡ଼ାଙ୍କୁ ପଞ୍ଜୁରି ଭିତରେ ଅଧିକ ସଂଖ୍ୟାରେ ରଖାଯାଏ। ସେମାନଙ୍କୁ ରାସାୟନିକ ଖାଦ୍ୟ ଓ ଆଣ୍ଟିବାୟୋଟିକ୍ସ ଦିଆଯାଏ। ସେମାନେ ମୁକ୍ତ ବାୟୁ, ମୁକ୍ତ ସୂର୍ଯ୍ୟକିରଣ ବା ପାଣି ପାଆନ୍ତି ନାହିଁ। ଦୈନିକ ଅଧିକ ଅଣ୍ଡା ଦେବା ପାଇଁ ତାଙ୍କୁ କୃତ୍ରିମ ଆଲୁଅ ଭିତରେ ସବୁବେଳେ ରଖାଯାଏ। ଏପରି ଚାପଗ୍ରସ୍ତ ପରିବେଶରୁ ଭଲ ପୁଷ୍ଟିକର ଅଣ୍ଡା କିପରି ଉତ୍ପାଦନ ହୋଇପାରିବ? ସେଥିପାଇଁ ଭାରତୀୟ କୁକୁଡ଼ା ଅଣ୍ଡାର ମାନ ଅତ୍ୟନ୍ତ ଖରାପ।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଭାରତୀୟ କୁକୁଡ଼ା ଫାର୍ମଗୁଡ଼ିକରେ ଅଧିକାଂଶ କୁକୁଡ଼ାଙ୍କ ଦେହରେ ଘାଆ ହୋଇଯାଇଥାଏ, ସେମାନେ ନିଜର ମଳ ଉପରେ ଠିଆ ହୋଇଥାନ୍ତି, ତାଙ୍କ ଉପରେ ବୁଢ଼ିଆଣୀ ଜାଲ ବୁଣିଥାଏ, ତାଙ୍କ ଦେହରେ ଉକୁଣି ଭର୍ତ୍ତି ହୋଇଥାନ୍ତି, ସେମାନଙ୍କୁ ଅନ୍ୟ ମଲା କୁକୁଡ଼ାଙ୍କ ଦେହାବଶେଷ, କାର୍ଡବୋର୍ଡ, ମାର୍ବଲ ଚିପ୍ସ, ମାଛଗୁଣ୍ଡ ଆଦି ଖାଇବାକୁ ଦିଆଯାଏ। ଏଗୁଡ଼ିକ ଅଣ୍ଡାର ପୌଷ୍ଟିକ ଗୁଣକୁ ନଷ୍ଟ କରିଦିଏ। ଅସ୍ୱାସ୍ଥ୍ୟକର ପରିବେଶ ସହ ମାନ ନିୟନ୍ତ୍ରଣର ବ୍ୟବସ୍ଥା ନ ଥିବାରୁ ଅଣ୍ଡାଗୁଡ଼ିକ ସଂକ୍ରମିତ ହେବାର ଭୟ ଥାଏ। ଭାରତ ପୃଥିବୀର ତୃତୀୟ ବୃହତ୍ତମ ଅଣ୍ଡା ଉତ୍ପାଦନକାରୀ ଦେଶ ହେଲେ ମଧ୍ୟ ଏହାର ଅଣ୍ଡାଗୁଡ଼ିକ ଅନ୍ତର୍ଜାତୀୟ ମାନର ନୁହେଁ। ତେଣୁ ଅନ୍ୟ ଦେଶଗୁଡ଼ିକ ଆମଦାନି କରିବାକୁ ଚାହାନ୍ତି ନାହିଁ।

ଆପଣ ଅଣ୍ଡାଟିଏ ଭଲ କିନା ତାହାର ଧଳା ଅଂଶ, ହଳଦିଆ କେଶର ଓ କଠିନ ଖୋଳପାକୁ ଦେଖି ଉପରଠାଉରିଆ ଭାବେ ଜାଣନ୍ତି। କିନ୍ତୁ କେହି କ'ଣ ଖୋଳପାର ମୋଟେଇ କେତେ ତାହା ଦେଖନ୍ତି? ପତଳା ଖୋଳପାରୁ ତା'ର ମାଆ ରୋଗଣା ଥିବା ଜଣାପଡ଼େ। ମାଆ କୁକୁଡ଼ା ଭୋଗୁଥିବା ରୋଗଗୁଡ଼ିକ ଭିତରେ ରହିଛି: ସଂକ୍ରାମକ ବ୍ରୋଙ୍କାଇଟିସ୍ (ଶ୍ୱାସନଳୀର ପ୍ରଦାହ), ନ୍ୟୁକ୍ୟାଶ୍‌ଲ ରୋଗ, ଉଡ଼ା ସର୍ଦ୍ଦି ଓ ଏଗ୍ ଡ୍ରପ୍ ସିଣ୍ଡ୍ରୋମ୍। ଏହିସବୁ ରୋଗ ଥିଲେ ଅଣ୍ଡାର ଖୋଳପା ପତଳା ଓ ନିମ୍ନମାନର ହୋଇଯାଏ। ସଂକ୍ରାମକ ବ୍ରୋଙ୍କାଇଟିସ୍ ଭୂତାଣୁ ଅଣ୍ଡା ଖୋଳପାକୁ ନରମ, ଆବଡ଼ାଖାବଡ଼ା, ବେରଙ୍ଗ ଓ ମୋଡ଼ିମୋଡ଼ିକିଆ କରିଦିଏ। ଅଣ୍ଡାକୁ ଫଟେଇଦେଲେ ତା' ଭିତରର ଧଳା ଅଂଶ ଲାଳ ପରି ବୋହିଯାଏ, ତା' ହଳଦିଆ କେଶରର ରଙ୍ଗ ମଳିନ ଦେଖାଯାଏ ଏବଂ ତା' ଖୋଳପା ଆବଡ଼ାଖାବଡ଼ା ଦେଖାଯାଏ। ଅଣ୍ଡାର ଖୋଳପା ଯଦି ବିକୃତ ଓ ଆବଡ଼ାଖାବଡ଼ା ହୋଇଥାଏ, ତେବେ ତା' ମାଆକୁ ସାଙ୍ଘାତିକ ରୋଗ ହୋଇଥିବାର ଜାଣିବେ।

ଗ୍ରୀଷ୍ମଋତୁରେ ପିଞ୍ଜରାରେ ଅନ୍ୟ କୁକୁଡ଼ାଙ୍କ ଗହଳି ଭିତରେ ରହୁଥିବା କୁକୁଡ଼ା ନିଜ ଦେହକୁ ଟିକେ ଥଣ୍ଡା କରିବା ପାଇଁ ଉର୍ଦ୍ଧ୍ୱଶ୍ୱାସ ନିଏ। ଏହାଦ୍ୱାରା 'ରେସ୍ପିରେଟୋରୀ ଆଲ୍‌କାଲୋଇସ୍' ନାମକ ଅବସ୍ଥା ସୃଷ୍ଟି ହୁଏ। ରକ୍ତର ପିଏଚ୍ କ୍ଷାରୀୟ ହୋଇଯାଏ ଏବଂ ଅଣ୍ଡାର ଖୋଳପା ପାଇଁ ଯଥେଷ୍ଟ କ୍ୟାଲ୍‌ସିୟମ୍‌ର ଅଭାବ ଘଟେ। ସେଥିପାଇଁ ଅଣ୍ଡାର ଖୋଳପା ପତଳା ହୋଇଯାଏ। ବୀଜାଣୁ ଓ ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଅଣ୍ଡା ଖୋଳପାର ମୋଟେଇ ହେଉଛି ଗୁରୁତ୍ୱପୂର୍ଣ୍ଣ। ଖୋଳପା ପତଳା ହେଲେ ତା' ଭିତରକୁ ଜୀବାଣୁମାନେ ସହଜରେ ପ୍ରବେଶ କରିପାରନ୍ତି।

ଗୋଟିଏ ଅଣ୍ଡାରେ ଫସ୍‌ଫରସ୍, ଜିଙ୍କ୍, ଭିଟାମିନ୍ ଏ, ବି୬, ବି୧୨, ଫଲିକ୍ ଏସିଡ୍, ଥାୟାମିନ୍ ଓ ଭିଟାମିନ୍ ଡି ରହିବା ଉଚିତ। କିନ୍ତୁ ଖରାଦିନର ଗରମ ସମ୍ଭାଳି ନ ପାରି କୁକୁଡ଼ାମାନେ ଖାଇବା କମାଇଦିଅନ୍ତି ଏବଂ କମ୍ ଖାଦ୍ୟରେ ସେମାନେ କମ୍ କ୍ୟାଲ୍‌ସିୟମ୍ ପାଇଥାନ୍ତି। ଫଳରେ ତାଙ୍କ ରକ୍ତରେ ଫସ୍‌ଫରସ୍‌ର ପରିମାଣ ବଢ଼ିଯାଏ। ଅଣ୍ଡା ଖୋଳର ଉପଯୁକ୍ତ ମାନ ପାଇଁ କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ରହିବା ଜରୁରୀ। କିନ୍ତୁ ଫସ୍‌ଫରସ୍‌ର ପରିମାଣ ବଢ଼ିଗଲେ ତାହା କ୍ୟାଲ୍‌ସିୟମ୍‌ର ସୃଷ୍ଟିକୁ ବାଧା ଦିଏ। କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍‌ର ସନ୍ତୁଳନ ନଷ୍ଟ ହେଲେ ଜିଙ୍କ୍ ଓ ମ୍ୟାଗ୍ନେସିୟମ୍ ପରିମାଣ ମଧ୍ୟ କମିଯାଏ। ଏପରି ରୋଗଣା କୁକୁଡ଼ା ଦେହରେ ଭିଟାମିନ୍ ଡି ପରିମାଣ ବି କମିଯାଏ। ତେଣୁ ଅଣ୍ଡାରେ ଯଥେଷ୍ଟ ପରିମାଣରେ ଭିଟାମିନ୍ ଡି ରହିପାରେ ନାହିଁ। ବ୍ୟାୟାମ ଅଭାବରୁ ପିଞ୍ଜରାବଦ୍ଧ କୁକୁଡ଼ାମାନେ ମୋଟା ହୋଇଯାନ୍ତି ଓ ତାଙ୍କ ଦେହରେ ଚର୍ବି ବଢ଼ିଯାଏ। ସେଥିପାଇଁ ଅଣ୍ଡା କେଶରରେ ଥିବା ଫ୍ୟାଟି ଏସିଡ୍ କମ୍ପୋଜିଶନ ମଧ୍ୟ ବଦଳିଯାଏ।

କୁକୁଡ଼ାମାନେ ଯାହା ଖାଆନ୍ତି, ତାହା ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ହାଇବ୍ରିଡ୍ ଅଣ୍ଡାଦିଆ କୁକୁଡ଼ାକୁ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ଖାଦ୍ୟ ଦିଆଯିବା ଉଚିତ, ଯାହା ଭାରତରେ ଦିଆଯାଉ ନାହିଁ। ଭାରତରେ କୁକୁଡ଼ାଙ୍କୁ ପୁଷ୍ଟିସାରହୀନ ଶସ୍ତା ଖାଦ୍ୟ ଖାଇବାକୁ ଦିଆଯାଉଛି।

ଆପଣ ଯେତେବେଳେ ଫାର୍ମରେ ପାଳିତ ଆଣ୍ଟିବାୟୋଟିକ୍ସ ଦିଆ କୁକୁଡ଼ା ଅଣ୍ଡା ଖାଆନ୍ତି, ସେତେବେଳେ ତା' ସହିତ ଆପଣ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ବୀଜାଣୁଙ୍କୁ ମଧ୍ୟ ଖାଆନ୍ତି। ତା'ପରେ ରୋଗରେ ପଡ଼ିଲେ ଆଣ୍ଟିବାୟୋଟିକ୍ସ ଆଉ ଆପଣଙ୍କ ଦେହରେ କାମ କରିବ ନାହିଁ। ଭାରତରେ ଏପରି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନେ ଆଣ୍ଟିବାୟୋଟିକ୍ସ-ପ୍ରତିରୋଧୀ ହୋଇଯାଇଛନ୍ତି। ଏହାର ମୂଳ କାରଣ ହେଉଛି ଫାର୍ମ କୁକୁଡ଼ା ମାଂସ ଓ କୁକୁଡ଼ା ଅଣ୍ଡା ଖାଇବା।

Email: gandhim@nic.in

# ଆସନ୍ନ ବେକାରି ବିସ୍ଫୋରଣ



ବିମଳ ପ୍ରସନ୍ନ ଦାସ

ପୃଥିବୀର ଦ୍ୱିତୀୟ ଜନବହୁଳ ଦେଶ ଭାରତରେ ବେକାରି ସମସ୍ୟା ବଡ଼ ବିପଦ ଭାବେ ଉଭା ହୋଇଛି। ଯେଉଁ ହାରରେ ଜନସଂଖ୍ୟା ବୃଦ୍ଧି ପାଉଛି ସେହି ଅନୁଯାୟୀ ଲୋକମାନଙ୍କୁ କର୍ମସଂସ୍ଥାନ ମିଳୁନାହିଁ। ଏକ ଗଣତାନ୍ତ୍ରିକ ଶାସନର ସମୟସୀମା ୫ ବର୍ଷ ପୂରିବା ଆଗରୁ ସରକାର, ରାଜନୈତିକ ଦଳ, ନିର୍ବାଚନ କମିଶନ ପ୍ରଭୃତି ସଚେତନ ହୋଇ ଉଠନ୍ତି। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିଛନ୍ତି କି ନାହିଁ ସେ ବିଷୟରେ ଖୋଳତାଡ କରନ୍ତି। ଅନୁରୂପ ଭାବେ ସାଂସଦ ଓ ବିଧାୟକ ବର୍ଷ ବର୍ଷ ଧରି ଲୋକଙ୍କ ଅନୁରୋଧ ସତ୍ତ୍ୱେ ମନ ଦେଇ ନ ଥିବା କର୍ମ ଓ କର୍ତ୍ତବ୍ୟ ପ୍ରତି ହଠାତ୍ ସଜାଗ ହେଇ ଉଠନ୍ତି। ଏଥିରେ ବିସ୍ମିତ ହେବାର କିଛି ନାହିଁ। ଯଦି ପୂର୍ବର ପ୍ରତିଶ୍ରୁତି ଅନୁଯାୟୀ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ହୋଇ ନ ଥିବା ପ୍ରଶ୍ନ ଉଠେ, ତେବେ ନିର୍ଦ୍ଦିଷ୍ଟ ଉତ୍ତର ପରିବର୍ତ୍ତେ କୁହାଯାଏ ଏ ପର୍ଯ୍ୟନ୍ତ ସବୁ ଗ୍ରାମକୁ ସଡ଼କ, ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟାଳୟ, ସ୍ୱାସ୍ଥ୍ୟ ଓ ଚିକିତ୍ସା ବ୍ୟବସ୍ଥା କରାଯାଇଛି, ଯାହା ହୁଏତ ପୂର୍ବରୁ କରାଯାଇଥାଏ। ତଥାପି ସରକାର ଯେପରି ନିଜର ପଦମର୍ଯ୍ୟାଦା ରକ୍ଷା କରିବା ପାଇଁ ଦୃଢ଼ସଙ୍କଳ୍ପ, ପ୍ରତିନିଧିମାନେ ପୁଣି କ୍ଷମତାକୁ ଫେରିବା ପାଇଁ ବଦ୍ଧପରିକର।

ଲୋକମାନେ ରାସ୍ତାଘାଟ, ଛକ ସହର ବଜାରକୁ ଗଲେ ଦେଖନ୍ତି ରଙ୍ଗ ବେରଙ୍ଗର କେତେ ଆଖିଝଲସା ବିଜ୍ଞାପନ ଓ ଛବି। କେଉଁଠି ପ୍ରଧାନମନ୍ତ୍ରୀଙ୍କର ହାସ୍ୟମୁଖ ତ କେଉଁଠି ମୁଖ୍ୟମନ୍ତ୍ରୀଙ୍କ ପ୍ରସନ୍ନ ବଦନ। ଏମାନଙ୍କ ସହ ରାଜନୀତିରେ ନିଜକୁ ଚଳଚଞ୍ଚଳ ରଖିଥିବା ଲୋକପ୍ରତିନିଧିମାନଙ୍କ ମନୋଲୋଭା ଚିତ୍ର। କିନ୍ତୁ ସହରଠାରୁ ଆରମ୍ଭ କରି ଗାଁ ଗହଳରୁ ଉଚ୍ଚଶିକ୍ଷା ପାଇଥିବା ଯୁବତୀଯୁବକମାନଙ୍କୁ ଘର ଆଗରେ ବା ବଜାରରେ ମୁହଁ ଶୁଖାଇ ଚାଲୁଥିବା ଦେଖାଯାଏ। କାରଣ ପରିସଂଖ୍ୟାନ ବିଭାଗ ସୂଚନା ଦେଇଛି ଯେ, ଏମାନଙ୍କୁ ଛୋଟବଡ଼ ଚାକିରିଟିଏ ଯୋଗାଇଦେବା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଚଳିତବର୍ଷ ବେକାରଙ୍କ ସଂଖ୍ୟା ୭.୨ ପ୍ରତିଶତରେ ରହିଛି ଏବଂ ୪୦ ପ୍ରତିଶତ ଲୋକ ବେକାର ରହିଛନ୍ତି। ନିଯୁକ୍ତି ମିଳିବାର ଆଶା ନାହିଁ। ନେତାଙ୍କୁ ହାତରେ ରଖିଲେ, ତାଙ୍କ ପଛରେ ଗୋଡାଇଲେ ହୁଏତ ଚାକିରିଟିଏ ମିଳିଯିବ। ସେହି ଆଶାରେ ବେକାର ଯୁବତୀଯୁବକ ତାଙ୍କ ପଛରେ ଧାଡି ବାନ୍ଧିବାକୁ ବାଧ୍ୟ ହେଉଛନ୍ତି।

ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟରେ କର୍ମନିଯୁକ୍ତି କାର୍ଯ୍ୟାଳୟରେ ନାମ ପଞ୍ଜୀକୃତ ବେକାରଙ୍କ ସଂଖ୍ୟା ୧୨ ଲକ୍ଷରୁ ଅଧିକ। ଅନୁରୂପ ଭାବେ ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗତ ୩/୪ ବର୍ଷ ଧରି ନିଯୁକ୍ତି କ୍ଷେତ୍ରର ଅବସ୍ଥା ଅତ୍ୟନ୍ତ ନିରୁତ୍ସାହଜନକ ଓ ଉଦ୍‌ବେଗପୂର୍ଣ୍ଣ। ପରିସଂଖ୍ୟାନ କହେ, ଦେଶର ବେକାର ସଂଖ୍ୟା ୪୦ ପ୍ରତିଶତ।

ଆଉ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୨୦୧୭-୧୮ରେ ଭାରତର ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇ ୪୫ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ଅର୍ଥାତ୍ ଏହି ସମୟରେ ସବୁଠାରୁ କମ୍ ଲୋକ ନିଯୁକ୍ତି ପାଇଛନ୍ତି। ସରକାରଙ୍କ ପ୍ରମୁଖ ନିଯୁକ୍ତିପ୍ରଦାନକାରୀ ସଂସ୍ଥା କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି), ଷ୍ଟାଫ୍ ସିଲେକ୍ସନ କମିଶନ (ଏସ୍‌ଏସ୍‌ସି) ଏବଂ ରେଲୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ ବିଗତ ୪ ବର୍ଷ ମଧ୍ୟରେ ୩୮ ପ୍ରତିଶତ କମ୍ ନିଯୁକ୍ତି ସୃଷ୍ଟି କରିଛନ୍ତି। ୨୦୧୪-୧୫ରେ ଉପରୋକ୍ତ ସଂସ୍ଥା ୧ ଲକ୍ଷ ୩୦ ହଜାର ଯୁବତୀଯୁବକଙ୍କୁ ରୋଜଗାର ଦେଇଥିବା ବେଳେ ୨୦୧୭-୧୮ରେ ୭୦,୮୦୫କୁ ଖସିଆସିଛି। ବିଡ଼ମ୍ବନାର କଥା ହେଲା, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ବ୍ୟାପକ ପଦବୀ ଖାଲି ପଡିଥିବା ବେଳେ ସେଗୁଡିକ ପୂରଣ କରାଯାଉନାହିଁ। ମାତ୍ର ଆହୁରି ଦୁଃଖଦ କଥା, ସରକାର ଏହା ସ୍ୱୀକାର କରିବାକୁ ରାଜି ନୁହନ୍ତି। ଅପରନ୍ତୁ ବାହୁସ୍ଫୋଟ ମରାଯାଇ କୁହାଯାଉଛି ଯେ, ଦେଶରେ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଅର୍ଥନୈତିକ ଅଭିବୃଦ୍ଧି ଘଟୁଛି। 'ବାହାପିଆଙ୍କ ବାରବାଟି ଚାଷ' ବ୍ୟତୀତ ଏହା ବା ଆଉ କ'ଣ ହୋଇପାରେ?

କେନ୍ଦ୍ରରେ ଭାଜପା ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାର ନିଷ୍ଠୁର ବାସ୍ତବତା ଯୁବତୀଯୁବକ ଏବଂ ତାଙ୍କ ହତଭାଗ୍ୟ ମାତାପିତା ଅଙ୍ଗେ ନିଭାଉଛନ୍ତି। ଏପରି କି ପକୁଡିବାଲାଙ୍କୁ ନିଯୁକ୍ତି ପରିସରକୁ ଆଣି ସରକାର ରୋଜଗାର ସୁଯୋଗର ଯେଉଁ ନୂଆ ପରିଭାଷା ସୃଷ୍ଟି କଲେ, ତାହା ହାସ୍ୟାସ୍ପଦ ଓ ଲଜ୍ଜାଜନକ। ପ୍ରତ୍ୟେକ ଯୁବ ନାଗରିକଙ୍କ ଆଗରେ ସକାରାତ୍ମକ ଉପାୟରେ ଅର୍ଥ ଉପାର୍ଜନର ସମ୍ଭାବନା ଥିଲେ ସେ ଲକ୍ଷ୍ୟଭ୍ରଷ୍ଟ ହେବେନାହିଁ। ଯଦି ରାଷ୍ଟ୍ର ଯୁବଶକ୍ତିଙ୍କ ପାଇଁ ଚାକିରି ବା ଔଦ୍ୟୋଗିକ ନିଯୁକ୍ତି ସୃଷ୍ଟି କରିବାକୁ ସମର୍ଥ ହେବନାହିଁ, ସେମାନେ ହୁଏତ ଆତଙ୍କବାଦୀ ସଙ୍ଗଠନଗୁଡ଼ିକର ବିଭିନ୍ନ ପ୍ରଲୋଭନର ଶିକାର ହୋଇ ବଞ୍ଚି ରହିବାକୁ ବାଧ୍ୟ ହେବେ। ଆଜିର 'ବେକାରି' ସରକାର ଓ ସମାଜ ପାଇଁ ଏକ ସତର୍କ ଘଣ୍ଟି। ସମାଧାନରେ ବିଳମ୍ବ ହେଲେ ବିସ୍ଫୋରଣ ଅବଶ୍ୟମ୍ଭାବୀ।

ମୋ-୯୪୩୮୧୮୬୨୨୬

## ଏଇ ଭାରତରେ

କନ୍ୟାକୁ ଦେଖି ବେଦି ଉପରେ ନିଜର ଡ୍ରେସ୍ ଚିରି ନାକ ଘଷିଲେ ବର। ବିହାରର ଫୁଲୱାରି ଥାନା ଅନ୍ତର୍ଗତ ବ୍ରହ୍ମପୁର ଗାଁରେ ଦେଖିବାକୁ ମିଳିଛି ଏପରି ଅଭାବନୀୟ ଘଟଣା। ଏହି ଗାଁରେ କାମେଶ୍ୱର ସିଂଙ୍କ ଝିଅ ବାହାଘର ହେଉଥିଲା। ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ପାଖ ଗାଁରୁ ବର ମଧ୍ୟ ଠିକ୍ ସମୟରେ ଆସି ପହଞ୍ଚିଯାଇଥିଲେ। ତେବେ ବେଦି ଉପରେ ବରଣମାଳା ବିନିମୟବେଳେ ସବୁ ଓଲଟପାଲଟ ହୋଇଯାଇଥିଲା। ବର ମାଳା ପିନ୍ଧାଇବା ପୂର୍ବରୁ କନ୍ୟାଙ୍କ କୁତ୍ସିତ ରୂପ ଦେଖି ନିଜକୁ ସମ୍ଭାଳି ପାରି ନ ଥିଲେ। ସେ ତୁରନ୍ତ ତାଙ୍କ ପିନ୍ଧା ଡ୍ରେସ୍ ଚିରି ପକାଇବା ସହ ବେଦି ଉପରେ ନାକ ଘଷିବା ଦେଖିବାକୁ ମିଳିଥିଲା। ତେବେ କେହି କିଛି ବୁଝିବା ପୂର୍ବରୁ କୌଣସି ବ୍ୟକ୍ତି ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ବର ଓ ତାଙ୍କ ପିତାଙ୍କୁ ଥାନାକୁ ନେଇଯାଇଥିଲା। ଏହାପରେ କନ୍ୟା ଉକ୍ତ ବରଙ୍କୁ ବିବାହ କରିବାକୁ ସିଧା ସିଧା ମନା କରି ଦେଇଥିଲେ। କନ୍ୟା ଅଭିଯୋଗ କରିଥିଲେ, ବର ହେଉଛନ୍ତି ଜଣେ ପାଗଳ। ହେଲେ ବର ପିତା କହିଥିଲେ ଯୌତୁକ ପାଇଁ କନ୍ୟାଘର ବାହାଘର ଭାଙ୍ଗି ଦେଇଛନ୍ତି। ଏବେ ଘଟଣାର ତଦନ୍ତ ଚାଲିଥିବା ବେଳେ ବର ଶିଶୁପାଳ ହୋଇ ଫେରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ହମା ରବ ଛାଡି ଛୁଆକୁ ଆଗରେ ଚାହିଁ
ଫେରୁଥିବ ପରା ଗୋଠୁଁ ତା'ର କାଳୀଗାଈ।
କେଉଁ ରମଣୀର ନୟନ ତାହାରି ପଥ
ଚାହିଁ ଚାହିଁ ପୁଣି ଫେରୁଥିବ ଅବିରତ।
ପରିଚିତ କେଉଁ ରୂପ ସେ ଦେଖିବା ଲାଗି
କୋଳେ ଶିଶୁ ଧରି ଚାହିଁଥିବ ଅନୁରାଗୀ,
ପାହାଡ଼ ଉପରେ ପରିଚିତ କଳା ଛାଇ
ଦେଖିବାକୁ ପରା ରହିଥିବ ପଥ ଚାହିଁ!

(ଏହି ଯେ ପାହାଡ଼)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | B | | | | | | | | | | 0 |
| | | | E | 2 | C | 0 | | | | | | 9 | | |
| 6 | | | 0 | | | 9 | | 7 | | D | | | | 5 |
| | 4 | C | | 1 | 9 | 3 | 6 | | | | | 2 | | |
| | | | | | | | | | 7 | 0 | 9 | B | | C |
| A | 3 | 9 | | 0 | | | | 2 | D | | | C | | B |
| | | 7 | 3 | | | 4 | | | C | | 8 | | 6 | |
| | | 2 | | 6 | | C | | | | 9 | 0 | | | |
| | | D | | | E | | | | | | 3 | | 4 | |
| | | 1 | | A | | | | | B | | E | 7 | | |
| | 5 | | | | | 7 | | | | | B | | 3 | 2 |
| | | 8 | | | 2 | | | | | | | | | 4 |
| | | | | | 5 | | 0 | E | | 7 | 2 | | | |
| E | | | | | | 8 | | | | 5 | | | | 6 |
| D | B | 3 | | | 6 | 5 | | | | 4 | | | 9 | |


ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | E | 5 | 6 | 8 | C | D | 1 | 0 | 2 | A | 7 | 3 | 9 | B |
| 6 | 8 | 7 | 5 | 0 | 2 | C | E | A | 9 | 3 | B | D | 4 | 1 |
| 2 | 9 | C | 4 | D | B | 3 | 7 | 6 | 1 | 0 | E | A | 8 | 5 |
| 3 | A | D | 9 | E | 1 | 5 | 4 | B | C | 6 | 8 | 7 | 0 | 2 |
| 1 | 0 | B | A | 7 | 3 | 9 | 8 | 2 | 5 | 4 | D | E | C | 6 |
| 9 | 5 | A | 8 | C | 6 | 4 | 3 | 7 | D | B | 2 | 1 | E | 0 |
| 7 | 2 | 4 | 1 | A | 9 | 0 | 6 | D | 3 | E | 5 | C | B | 8 |
| B | 3 | 8 | D | 2 | 7 | A | 5 | E | 0 | 1 | C | 4 | 6 | 9 |
| C | D | E | 0 | B | 5 | 8 | 9 | 1 | 4 | 7 | 6 | 2 | 3 | A |
| 0 | 6 | 1 | E | 3 | 4 | 2 | B | C | 8 | 9 | A | 5 | 7 | D |
| A | C | 3 | 2 | 9 | 0 | 7 | D | 8 | 6 | 5 | 4 | B | 1 | E |
| D | 4 | 0 | C | 1 | E | 6 | A | 3 | B | 2 | 9 | 8 | 5 | 7 |
| 5 | B | 2 | 3 | 4 | A | E | 0 | 9 | 7 | 8 | 1 | 6 | D | C |
| E | 1 | 6 | 7 | 5 | 8 | B | C | 4 | A | D | 0 | 9 | 2 | 3 |
| 8 | 7 | 9 | B | 6 | D | 1 | 2 | 5 | E | C | 3 | 0 | A | 4 |

ଗତକାଲିର ଉତ୍ତର

# ଉତ୍ତରାଧିକାରୀର ଔଦ୍ଧତ୍ୟ



ଡ. ସୁବାସ ଚନ୍ଦ୍ର ପାତ୍ର

ନିଜର ପୂର୍ବଜ, ପୂର୍ବାଧିକାରୀ ବା ପୂର୍ବସୂରିଙ୍କୁ ଉପହାସ କରିବା, ସେମାନଙ୍କ ଅବଦାନକୁ ଅସ୍ୱୀକାର କରିବା, ସେମାନଙ୍କୁ ଲୋକଲୋଚନରେ ଗୌଣ କରି ତୋଳିବା ମଣିଷର ଏକ ସହଜାତ ଗୁଣ। ସାଂପ୍ରତିକ ସ୍ଥିତିରେ ଏହା ଅତି ଉତ୍କଟ, ଦୃଶ୍ୟମାନ ଓ ଚର୍ଚ୍ଚିତ ହେଲାଣି। ଏ ପ୍ରକାର ଏକ ଅଭାବନୀୟ ପରମ୍ପରା ପାରିବାରିକ, ସାମାଜିକ, ସାରସ୍ୱତ କ୍ଷେତ୍ରରେ ଦେଖାଯାଏ। ତେବେ ସବୁଠୁ ଦୁଃଖ ଦିଏ ପ୍ରଶାସନିକ ଓ ରାଜନୈତିକ ମହଲରେ ଏହାର ପ୍ରତିଫଳନ।

ପ୍ରଖ୍ୟାତ କବି ଆଲେକ୍‌ଜାଣ୍ଡର ପୋପ୍ ପାରିବାରିକ ତଥା ସାମାଜିକ ସ୍ତରରେ ଏ ପ୍ରକାର ମନୋଭାବକୁ ବ୍ୟଙ୍ଗ କରିବାକୁ ଯାଇ ଯେଉଁ ପଂକ୍ତିଯୁଗଳ ରଚନା କରିଥିଲେ ତା'ର ସାରମର୍ମ ହେଲା, "ଆମେ ଏଡ଼େ ବିଜ୍ଞ ଯେ ଆମ ବାପାଙ୍କୁ ନିର୍ବୋଧ ଭାବୁଁ; ଏହା ନିଃସନ୍ଦେହ ଯେ ଆମର ବିଜ୍ଞତମ ପିଲାମାନେ ଆମକୁ ସେଇଆ ହିଁ ଭାବିବେ।" (ୱି ଥିଙ୍କ୍ ଆୱାର ଫାଦର୍ସ ଫୁଲ ସୋ ୱାଇଜ୍ ୱି ଗ୍ରୋ; ଆୱାର ୱାଇଜେଷ୍ଟ ସନସ୍ ୱିଲ୍ ନୋ ଡାଉଟ୍ ଥିଙ୍କ୍ ଅସ୍ ସୋ)। ପୂର୍ବଜଙ୍କୁ ଉପହାସ କଲାବେଳେ ମଣିଷ ଭୁଲିଯାଏ ସେ ତାଙ୍କ ସମୟ ତଥା ପରିସ୍ଥିତିର ସୃଷ୍ଟି। ତେଣୁ ଶିକ୍ଷା, ଦୀକ୍ଷା, ପାରଦର୍ଶିତା କ୍ଷେତ୍ରରେ ତାଙ୍କର ସୀମିତତା ଥିବ। ଫକୀରମୋହନଙ୍କ 'ଡାକମୁନ୍‌ସୀ' ଗଳ୍ପରେ ପୁଅ ଗୋପାଳ ସିଂହର ବାପା ହରି ସିଂହଙ୍କ ପ୍ରତି ଦୁର୍ବ୍ୟବହାରର ମୂଳ ଉତ୍ସ ଥିଲା ମନସ୍ତାତ୍ତ୍ୱିକ– ଅପାଠୁଆ ବାପାଙ୍କୁ ନିର୍ବୋଧ ଭାବି ହେୟଜ୍ଞାନ କରିବା। ତେବେ ଶିକ୍ଷା ସହ ମାନବିକ ଗୁଣାତ୍ମକତାର କି ସଂପର୍କ? ଉଚ୍ଚଶିକ୍ଷିତ ଗୋପାଳ ସିଂହମାନେ କହିପାରିବେ କି ଅଳ୍ପ ଶିକ୍ଷିତ ବା ଅଶିକ୍ଷିତ ହରି ସିଂହମାନଙ୍କଠୁ ସେମାନେ ଉଚ୍ଚତର, ମହତ୍ତର ମଣିଷ? ପାରିବାରିକ ପୂର୍ବଜମାନଙ୍କ ପ୍ରତି ଅବଜ୍ଞା ସାମାଜିକ ସ୍ତରକୁ ସଂକ୍ରମିତ ହୁଏ ଏବଂ ସାଧାରଣ ଭାବରେ ନବଶିକ୍ଷିତ ଯୁବତୀଯୁବକମାନଙ୍କର ବୟସ୍କ ଅଭିଭାବକମାନଙ୍କ ପ୍ରତି ହତାଦର ସବୁଠୁ ଯନ୍ତ୍ରଣାଦାୟକ ଲାଗେ ଯେତେବେଳେ ସେମାନେ ବରିଷ୍ଠମାନଙ୍କର ସଂସ୍କାର, ସମାଜ ନିର୍ମାଣ ପାଇଁ ତ୍ୟାଗ, ବଦାନ୍ୟତାକୁ ତଥାକଥିତ ଶିକ୍ଷାର ମାପକାଠିରେ ତଉଲି ସେମାନେ ସମ୍ମାନାସ୍ପଦ ନୁହନ୍ତି ବୋଲି ଭାବି ନିଅନ୍ତି।

ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ କୌଣସି ଅନୁଷ୍ଠାନ ବା ଗୁରୁତ୍ୱପୂର୍ଣ୍ଣ ପଦବୀରେ ଯୋଗ ଦେଇଥିବା ଅଧିକାରୀମାନଙ୍କର ପୂର୍ବାଧିକାରୀମାନଙ୍କ ପ୍ରତି ଥିବା ଦୃଷ୍ଟିଭଙ୍ଗୀରେ। କାର୍ଯ୍ୟରେ ଯୋଗ ଦେଉ ନ ଦେଉଣୁ ଆଗେ ଆରମ୍ଭ ହୁଏ ପୂର୍ବାଧିକାରୀମାନଙ୍କ ସମୟରେ କ'ଣ ହୋଇ ନାହିଁ, କ'ଣ ସବୁ ସେ ଛାଡ଼ି ଯାଇ ନାହାନ୍ତି। ସେମାନଙ୍କ ଅବଦାନକୁ ନ ଦେଖିବାର ବା ସ୍ୱୀକାର ନ କରିବାର ଅଭିନୟ କରି ସେମାନେ ନିଜର ଗୁରୁତ୍ୱ ବଢ଼େଇବାକୁ ଚେଷ୍ଟା କରନ୍ତି ଏବଂ ନିଜେ କେଡ଼େ କାର୍ଯ୍ୟଦକ୍ଷ, ବିଜ୍ଞ ଓ ପାରଙ୍ଗମ ଏବଂ କି ପ୍ରକାର ସ୍ୱର୍ଣ୍ଣିମ ଯୁଗ କର୍ମଚାରୀମାନଙ୍କୁ ଅପେକ୍ଷା କରିଛି ତା'ର ସଂକେତ ଦେବା ସହିତ ସେମାନେ ବୋଧହୁଏ ଧରିନିଅନ୍ତି ଅନ୍ୟର ବଦନାମ ନିଜର ସୁନାମ ବୃଦ୍ଧିର ଏକମାତ୍ର ମାର୍ଗ।

ଦୁର୍ଭାଗ୍ୟର କଥା କଳା ଓ ସାହିତ୍ୟ ଜଗତରେ ସମଧର୍ମା ପୂର୍ବଜଙ୍କୁ ଚାପୁଡ଼ା ମାରି ନିଜର ବୈଶିଷ୍ଟ୍ୟ ପ୍ରଦାନ କରିବାକୁ ଚେଷ୍ଟା କରାଯାଏ। ଏ ପ୍ରକାର ମନୋଭାବରୁ ବଡ଼ ବଡ଼ ଲେଖକ ଓ କଳାକାର ବାଦ୍ ପଡ଼ନ୍ତି ନାହିଁ। ପ୍ରଖ୍ୟାତ ରୁଷୀୟ ଲେଖକ ଟଲ୍‌ଷ୍ଟୟଙ୍କ ଉକ୍ତି ଉପରେ ନଜର ପକାଇଲେ ସମସ୍ୟାଟି କେଡ଼େ ଦୁର୍ବିଷହ ଜଣାପଡ଼ିବ। ଏକଦା ଟଲ୍‌ଷ୍ଟୟ ତାଙ୍କର ସମସାମୟିକ ବିଖ୍ୟାତ ଲେଖକ ଆଣ୍ଟନ୍ ଚେକୋଭଙ୍କୁ କହିଥିଲେ, "ମୁଁ ଭାବୁଥିଲି ତୁମେ ଜଣେ ବଡ଼ ଲେଖକ ହେବ। କିନ୍ତୁ ଦେଖୁଛି ତୁମେ ସେକ୍ସପିୟରଙ୍କଠୁ ଆହୁରି ଖରାପ ଲେଖୁଛ।" ଅର୍ଥାତ୍ ବିଶ୍ୱର ସର୍ବଶ୍ରେଷ୍ଠ କବି ଓ ନାଟ୍ୟକାର ସେକ୍ସପିୟର ଜଣେ ଖରାପ ଲେଖକ ଏବଂ ଚେକୋଭ ତାଙ୍କଠୁ ହୀନ! ଅନ୍ୟ ଜଣେ ଲେଖକ ବିଷୟରେ ତାଙ୍କର ମତ ଥିଲା, "ସେ ଆତ୍ମହତ୍ୟା ନ କରି କାହିଁକି ଲେଖୁଛନ୍ତି?" ଦୁଃଖର କଥା ପରବର୍ତ୍ତୀ ସମୟରେ ଆବିର୍ଭୂତ ଲେଖକମାନେ ସେମାନଙ୍କ ପୂର୍ବଜ ଲେଖକମାନଙ୍କର ସମୟ ତଥା ସମାଜକୃତ ସୀମିତତାର ଅନୁଧ୍ୟାନ କରନ୍ତି ନାହିଁ। ଅହଂକାରର ଅନ୍ଧକାରରେ ସେମାନେ ନିଜ ଛଡ଼ା ଆଉ କାହାକୁ ଦେଖି ପାରନ୍ତି ନାହିଁ। ସେଇଥିପାଇଁ ସାରସ୍ୱତ ଗୁଣବତ୍ତା ସହିତ ଐତିହାସିକ ଦାୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଅର୍ଥାତ୍ କିଛି ନ ଥାଇ କିଛି ଗୋଟିଏ ସୃଷ୍ଟି କରିବା, ବହୁତ ଥାଇ କ'ଣ ଗୋଟିଏ ସୃଷ୍ଟି କରିବାଠୁ ଗୌଣ ନୁହେଁ।

ଫକୀରମୋହନଙ୍କ ପ୍ରସଙ୍ଗରେ ମନୋଜ ଦାସ କହନ୍ତି, "ଫକୀରମୋହନଙ୍କ ପରେ ଅନେକ ଲେଖକ ଆସିଛନ୍ତି ବା ଆସିବେ ଯେଉଁମାନେ ତାଙ୍କଠୁ ଅଧିକ ଭଲ ଗଳ୍ପ ବା ଉପନ୍ୟାସ ଲେଖିଛନ୍ତି ବା ଲେଖିବେ, ତେବେ ଫକୀରମୋହନ ଏଇଥିପାଇଁ ଅନତିକ୍ରମଣୀୟ ଯେ ତାଙ୍କ ଆଗରେ ଉଦାହରଣ ନ ଥିଲା।" ତାଙ୍କ ଆଗରେ ଓଡ଼ିଆ କଥାସାହିତ୍ୟର ପୁଞ୍ଜି ବା ମୂଳଦୁଆ ନ ଥିଲା। ସେ ହିଁ ସେ ପୁଞ୍ଜିର ମଞ୍ଜି, ସେ ହିଁ ମୂଳଦୁଆ। ପରବର୍ତ୍ତୀ କଥାସାହିତ୍ୟ ଭିନ୍ନଭଙ୍ଗୀରେ ଫକୀରମୋହନ କଥାସାହିତ୍ୟର ଏକ ବିକଶିତ ରୂପ।

ରାଜନୈତିକ କ୍ଷେତ୍ରରେ ପୂର୍ବସୂରୀମାନଙ୍କୁ ଅହରହ 'ହତ୍ୟା' କରାଯାଏ। ଏବେ ନେହେରୁ-ହନନର ଯୁଗ। ଏବେ କିଛିଲୋକ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କୁ ରାତିଦିନ ଖିନ୍‌ଭିନ୍ କରୁଛନ୍ତି। ନେହେରୁଙ୍କ ମୃତ୍ୟୁକୁ ହେଲାଣି ୫୫ବର୍ଷ। ପାଞ୍ଚ ଦଶନ୍ଧି ପୂର୍ବରୁ ଇହଧାମ ତ୍ୟାଗ କରିଥିବା ଜଣେ ପ୍ରଧାନମନ୍ତ୍ରୀ କ'ଣ କରିଥିଲେ, କ'ଣ କରିପାରି ନ ଥିଲେ ତାକୁ ନେଇ ମାଳା ଜପିବା ପରିବର୍ତ୍ତେ ବରଂ ଆମେ ଏବେ କ'ଣ କରିପାରିବା ତାକୁ ନେଇ ଚିନ୍ତା କରିବା ଉଚିତ। ଯଦି ୫୦/୬୦ ବର୍ଷ ତଳେ ମୃତ୍ୟୁବରଣ କରିଥିବା ଜଣେ ପ୍ରଧାନମନ୍ତ୍ରୀଙ୍କ ଶବକୁ ଟାଣିଓଟାରି ଆମେ ଆମର ଗୁରୁତ୍ୱ ପ୍ରତିପାଦନ କରିବାକୁ ଚାହୁଁ, ତା'ହେଲେ ଦିନ ଆସିବ କୌଣସି ଶାସନମୁଖ୍ୟ ଅଶୋକ ବା ଆକବରଙ୍କ ବିଫଳତାକୁ ନିଜର ମନ୍ଥର ପ୍ରଗତିର କାରଣ ହିସାବରେ ଉପସ୍ଥାପନ କରିବେ। ପୂର୍ବସୂରୀମାନଙ୍କୁ ପ୍ରହାର ଆଳରେ ଏମିତି ଚିତ୍ର ପ୍ରଦାନ କରାଯାଏ ଯେମିତି ଆମ ଦେଶରେ ରାସ୍ତାଘାଟ, ରେଳଲାଇନ, ନଦୀବନ୍ଧ, ବେତାରକେନ୍ଦ୍ର, ଟେଲି ଯୋଗାଯୋଗ, ଉପଗ୍ରହ ପ୍ରକଳ୍ପ, ଯୁଦ୍ଧ ବିମାନ, ଉଚ୍ଚତର ଶିକ୍ଷାନୁଷ୍ଠାନ, ବିମାନବନ୍ଦର, ବନ୍ଦର ଇତ୍ୟାଦି କିଛି ନ ଥିଲା। ଉତ୍ତରାଧିକାର ସୂତ୍ରରେ ଆମେ କେବଳ ମରୁଭୂମିଟିଏ ପାଇଥିଲୁ, ଯାହାକୁ ବିକଶିତ କରି ଆମେ ଏହି ରୂପକୁ ଆଣିଛୁ। ବାଛି ବାଛି ନିଜର କଳ୍ପିତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କ ଛାଇକୁ ହତ୍ୟା କରିବା ପରିବର୍ତ୍ତେ ରାଜନୈତିକ ଆଦର୍ଶ ନିର୍ବିଶେଷରେ ଯଦି ଆମର ସମସ୍ତ ପୂର୍ବସୂରୀଙ୍କର କିଛି କିଛି ଅବଦାନ ଓ ଭଲଗୁଣକୁ ସ୍ୱୀକାର ତଥା ସ୍ମରଣ କରି ନିଜର କାର୍ଯ୍ୟଶୈଳୀକୁ ପରିବର୍ଦ୍ଧିତ କରିପାରନ୍ତେ, ରାଷ୍ଟ୍ରର ମଙ୍ଗଳ ହୁଅନ୍ତା। ପୂର୍ବଜ ବା ପୂର୍ବସୂରୀ ଆମର ପ୍ରତିବନ୍ଧକ ନୁହନ୍ତି। ସେମାନଙ୍କର ସଫଳତା ଆମ ପାଇଁ ପ୍ରେରଣା, ସେମାନଙ୍କର ବିଫଳତା ଆମ ପାଇଁ ଶିକ୍ଷା ସଦୃଶ। କିନ୍ତୁ ସେମାନଙ୍କୁ ଅପମାନିତ କରି, ପ୍ରହାର କରି ଆମେ ଆମର ଅହଂକାର ଜାହିର କରୁ ସିନା, ଏହାଦ୍ୱାରା ସମାଜ ବା ରାଷ୍ଟ୍ରର କିଛି ମଙ୍ଗଳ ହୁଏ ନାହିଁ। କେବଳ ଉତ୍ତରାଧିକାରୀର ଔଦ୍ଧତ୍ୟ ହିଁ ସାବ୍ୟସ୍ତ ହୁଏ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ-୯୪୩୭୩ ୭୬୨୧୯,
subashbls56@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍‌କାଟ କାହିଁକି

ମହାଶୟ,

ଫନୀ ବାତ୍ୟା ପରେ ଦୀର୍ଘଦିନ ଧରି ଲାଇନ ରହିଲା ନାହିଁ। ଏବେ ବି ଅନେକ ଅଞ୍ଚଳକୁ ଲାଇନ ଆସିନାହିଁ। ଯେଉଁ ଅଞ୍ଚଳକୁ ଲାଇନ ଆସିଛି, ସେଠାରେ ଘନ ଘନ ବିଦ୍ୟୁତ୍‌କାଟ ହେଉଛି। ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍‌ର କବାଟବନ୍ଧ ଏବଂ ଆରୁହା ଫିଡରରେ ମନମୁଖି ଭାବେ ବିଦ୍ୟୁତ୍‌କାଟ ହେଉଛି। ଏହା କେବଳ ଗୋଟିଏ ଅଞ୍ଚଳର ଦୃଷ୍ଟାନ୍ତ। ସାରା ଓଡିଶା ଏହି ଯନ୍ତ୍ରଣା ଓ ସମସ୍ୟାରେ ବିବ୍ରତ, ବିଚଳିତ। ସରକାର ଫନୀ ପରେ ଉପୁଜିଥିବା ଦୁର୍ବିଷହ ପରିସ୍ଥିତିରୁ ଅନ୍ତତଃ ଲୋକଙ୍କୁ ଟିକେ ଶାନ୍ତିରେ ବଞ୍ଚିବା ପାଇଁ ବିଦ୍ୟୁତ୍ ସେବା ଟିକକ ଦେଲେ ଅସୁବିଧା କ'ଣ?

ସୁଧାଂଶୁ କୁମାର ବିଶ୍ୱାଳ, ଗଡ଼ମଧୁପୁର, ଯାଜପୁର

### ପାଠଶୂନ୍ୟ ଶିକ୍ଷା

ସମଗ୍ର ଦେଶରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପାଠ ନ ପଢି ପରୀକ୍ଷା ଦେବା ଓ ଅସାଧୁ ଉପାୟ ଅବଲମ୍ବନ କରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏକ ସାଧାରଣ ଘଟଣା ହୋଇଗଲାଣି। ଅଧିକାଂଶ ଛାତ୍ରୀଛାତ୍ର ବିନା ପାଠରେ ସାର୍ଟିଫିକେଟ ହାସଲ କରୁଛନ୍ତି। ଶିକ୍ଷା ବିଭାଗ ଓ ପ୍ରଶାସନ ଏହାକୁ ରୋକିବାରେ ଅସମର୍ଥ। ଗୋଟିଏ ଉଦାହରଣ ଦେଲେ କଥାଟି ସ୍ପଷ୍ଟ ହୋଇଯିବ। ଗତବର୍ଷ ଜୁଲାଇରେ ଗୋଆରେ ୮୦ଟି ହିସାବ ରକ୍ଷକ ପଦବୀ ପାଇଁ ୮୦୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପୂର୍ଣ୍ଣସଂଖ୍ୟା ଥିଲା ୧୦୦। ପାସ୍ ନମ୍ବର ୫୦ ରଖାଯାଇଥିଲା। ମାତ୍ର ଜଣେ ହେଲେ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲେ। ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ନ ଆଣିଲେ ଏପରି ଦୁଃସ୍ଥିତି ଲାଗି ରହିଥିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମେ ୧୯୯୪


- ରୁଆଣ୍ଡାରେ ଚାଲିଥିବା ଗୃହଯୁଦ୍ଧକୁ ନିୟନ୍ତ୍ରଣ କରିବା ପାଇଁ ଜାତିସଂଘ ନିରାପତ୍ତା ପରିଷଦ ଆହୁରି ୫୫୦୦ ସୈନ୍ୟ ପଠାଇବାକୁ ଏକ ପ୍ରସ୍ତାବ ଗ୍ରହଣ କରିଥିବା ଜଣାପଡିଛି।
- ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟା ସମାଧାନ ପାଇଁ ଦୁଇ ରାଜ୍ୟର ଅଫିସରସ୍ତରୀୟ ଆଲୋଚନା ଆରମ୍ଭ।

# ମୁଖ୍ୟମନ୍ତ୍ରୀ କହିଥିଲେ, ୱେଲ୍‌କମ୍ ମାଇଁ ବଏଜ୍..

ମୋ ଅନୁଭୂତି

୨୦୦୯ ଅଗଷ୍ଟ ୨୨ ତାରିଖ। ସାରା ବିଶ୍ୱରେ ଆମେ ପରିଚୟ ପାଇଲୁ। ଇଣ୍ଡିଆ ଗଟସ୍ ଟ୍ୟାଲେଣ୍ଟ ରିୟଲିଟି ଶୋରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ବିଜେତା ହେବା ସହ ଓଡ଼ିଶାର ପରିଚୟ ଆମେରିକା ପର୍ଯ୍ୟନ୍ତ ଲମ୍ବିଗଲା। ଷ୍ଟେଜ ଉପରେ ଆମେ ୱିନର ବୋଲି ଘୋଷଣା ହେବା ମାତ୍ରେ ବହୁତ ଖୁସି ମିଳିଥିଲା ସତ, ହେଲେ ଓଡ଼ିଶା ଫେରିବା ପରେ ଆମକୁ ଯେଉଁଭଳି ଭାବେ ସମ୍ମାନ ଦିଆଗଲା, ଯେଉଁ ଭଲପାଇବା ଲୋକମାନେ ଦେଲେ ତାହା ସେ ଷ୍ଟେଜ ଉପରର ଖୁସିଠାରୁ ଅଧିକା ଥିଲା। ୨୪ ତାରିଖରେ ଆମେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ବେଳକୁ ଜନସମୁଦ୍ର। ଲୋକମାନେ ଆମକୁ ଦେଖିବାକୁ ପାଇଁ ଭିଡ଼ ଲଗାଇଥାନ୍ତି। ଏୟାରପୋର୍ଟରୁ ବାହାରିବା ପାଇଁ ବି ଆମକୁ ହାଲକା ଛାନିଆ ଲାଗିଥିଲା। ହେଲେ ବାହାରିବା ବେଳକୁ ଆମକୁ ୧୦୦ରୁ ୧୫୦ ପୋଲିସ କର୍ମଚାରୀ ସୁରକ୍ଷା ବଳୟ ଭିତରେ ବାହାରକୁ ଆଣିଲେ। କେବେ ସ୍ୱପ୍ନରେ ବି ଭାବି ନ ଥିଲି ଏମିତି ଦିନ ଦେଖିବାକୁ ମିଳିବ ବୋଲି। ବାହାରେ ବିଧାୟକ, ମନ୍ତ୍ରୀ, ବଡ଼ ବଡ଼ ଅଫିସରମାନେ ଆମକୁ ଫୁଲତୋଡା ଦେଇ ଶୁଭେଚ୍ଛା ଜଣାଉଥାନ୍ତି। ତେବେ ଏୟାରପୋର୍ଟରୁ ଗାଡ଼ି ସିଧାଗଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନକୁ। ମୁଖ୍ୟମନ୍ତ୍ରୀଙ୍କୁ କେବେ ଆଗରୁ ଏମିତି ଭେଟି ନ ଥିବା ପିଲାମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କ ସହ ସିଧା କଥା ହେବେ, ତାହା ଦିବାସ୍ୱପ୍ନ ଭଳି ଅନୁଭବ ହେଉଥାଏ। ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗାଡ଼ି ଲାଗିଲା। ଆମେ ଓହ୍ଲାଇବା ବେଳକୁ ମୁଖ୍ୟମନ୍ତ୍ରୀ ବାହାରେ ଛିଡ଼ା ହୋଇଥାନ୍ତି। ପାଖକୁ ଯିବା ମାତ୍ରେ ପିଠିରେ ହାତ ଥାପୁଡ଼ାଇ କହିଥିଲେ ୱେଲକମ୍ ମାଇଁ ବଏଜ୍..। ଏହି କଥାଟି ଜୀବନ ଯାକ ମନେ ରହିବ। ସେ ଦିନ ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ କଥାବାର୍ତ୍ତା ହୋଇଥିଲୁ। ଇଣ୍ଡିଆ ଗଟ୍‌ସ ଟ୍ୟାଲେଣ୍ଟର ଚମ୍ପିୟନ କ୍ରିଷ୍ଣା ରେଡ୍ଡୀଙ୍କର ଏହା ହେଉଛି ଅନୁଭୂତିରୁ କିଛି। କ୍ରିଷ୍ଣାଙ୍କ ଘର ବ୍ରହ୍ମପୁରର ହାଉସିଂ ବୋର୍ଡ ଅଞ୍ଚଳରେ। ତାଙ୍କ ପିତା ହେଲେ ସ୍ୱର୍ଗତ ଈଶ୍ୱର ରାଓ ଓ ମା' ଟି. ଲୀଳାବତୀ। କ୍ରିଷ୍ଣାଙ୍କ କହିବା ଅନୁଯାୟୀ, ସମ୍ମାନ ଯେତେ ଦେଶବିଦେଶରେ ପାଇଲେ ବି ନିଜ ମାଟିରେ ଯଦି ଲୋକମାନେ ତୁମକୁ ଭଲପାଇବା ଦେବେ କିମ୍ବା ସମ୍ମାନ ଜଣାଇବେ ତାହା ସବୁଠାରୁ ବଡ଼ କଥା। କ୍ରିଷ୍ଣାଙ୍କ ଜୀବନୀକୁ ନେଇ ଏକ ଚଳଚ୍ଚିତ୍ର ମଧ ପ୍ରସ୍ତୁତ ହୋଇଛି, ଯାହାର ନାଁ ରହିଛି କ୍ରିଷ୍ଣା–ଷ୍ଟୋରି ଅଫ ଏ ଡ୍ୟାନ୍ସର।

–ରିପୋର୍ଟ: କୁମାରଶ୍ରୀ ସାହୁ


କ୍ରିଷ୍ଣା ରେଡ୍ଡୀ

# ଲତା, କିଶୋରଙ୍କ ଗୀତରେ ନିଜକୁ ହଜାଇଥାଏ


ପ୍ରଫେସର ଦଉେଶ୍ୱର ହୋତା

ବହୁତ ଦୁଃଖ ଲାଗିଥାଏ ଯେତେବେଳେ କୌଣସି ରୋଗୀ ଚେରମୂଳ ଖାଇ କିମ୍ବା ଗୁଣିଗାରେଡିର ଆଶ୍ରୟ ନେଇ ଗୁରୁତର ହେବା ପରେ ଡାକ୍ତରଖାନାକୁ ଆସିଥାନ୍ତି। ଆଧୁନିକ ଚିକିତ୍ସା ବିଜ୍ଞାନ ଅନେକ ଅସାଧ ରୋଗକୁ ଆରୋଗ୍ୟ କରିପାରୁଛି। ହେଲେ ଏମାନଙ୍କୁ ସେ ସବୁ ଜଣାନାହିଁ। ତେଣୁ ମୋ ଜୀବନରେ ଏକ ମିଶନ ନେଇ ମୁଁ କାର୍ଯ୍ୟ କରୁଛି। ଯେଉଁଠି ସ୍ୱାସ୍ଥ୍ୟ ସେବା ଅପହଞ୍ଚ ଅଛି, ସେଠାରେ କିଭଳି ଆଧୁନିକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଲୋକଙ୍କୁ ଅବଗତ କରିହେବ ସେ ଲକ୍ଷ୍ୟ ନେଇ ମୁଁ କାର୍ଯ୍ୟ କରୁଛି। ଏବେ ରାଜ୍ୟର ଦୁର୍ଗମ ଅଞ୍ଚଳଗୁଡିକୁ ଯାଇ ସ୍ୱାସ୍ଥ୍ୟ କ୍ୟାମ୍ପ ମାଧମରେ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରୁଛି। ୨୦୧୭ରେ ମାଲକାନଗିରି ଜିଲାର କୋରକୁଣ୍ଡା ଅଞ୍ଚଳରେ ଏକ ସ୍ୱାସ୍ଥ୍ୟ କ୍ୟାମ୍ପ କରିଥିଲି। ବହୁସଂଖ୍ୟାରେ ବଣ୍ଡା ଜନଜାତିର ଲୋକ ସେଠାକୁ ଆସିଥିଲେ। ସେମାନଙ୍କ ସରଳତା ଓ ନିଷ୍କପଟତା ମୋତେ ଅନେକ ଭାବରେ ପ୍ରଭାବିତ କରିଛି। ତେଣୁ ସମୟ ପାଇବା ମାତ୍ରେ ଏହିସବୁ ଅଞ୍ଚଳକୁ ଗସ୍ତ କରି ଲୋକଙ୍କୁ ଆଧୁନିକ ଚିକିତ୍ସା ବିଜ୍ଞାନ ପ୍ରତି ସଚେତନ କରିବା କାର୍ଯ୍ୟ ଜାରି ରଖିବି। ଏ କଥା କହିଛନ୍ତି ଏସସିବି ମେଡିକାଲ ମୂତ୍ରଶଲ୍ୟ ବିଭାଗ(ୟୁରୋଲୋଜି)ର ବରିଷ୍ଠ ପ୍ରଫେସର ଡା. ଦଉେଶ୍ୱର ହୋତା। ୧୯୫୮ ଜାନୁୟାରୀ ୧୩ରେ ସୋନପୁରଠାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ହୋତା ରାଜ୍ୟରେ ଏକ ପରିଚିତ ଚେହେରା। ବାପା ଚିତ୍ତରଞ୍ଜନ ଓ ମା' ଜ୍ଞାନୀ ଦେବୀ ଚାହିଁଥିଲେ ଯେ ପୁଅ ଜଣେ ବଡ ଡାକ୍ତର ହେଉ। ବାପା, ମା'ଙ୍କ ଲକ୍ଷ୍ୟକୁ ପୂରଣ କରିବା ଲକ୍ଷ୍ୟରେ ଦଉେଶ୍ୱର ସ୍କୁଲ ଜୀବନରୁ ପ୍ରସ୍ତୁତି ଆରମ୍ଭ କରିଥିଲେ। ୧୯୭୬ରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ଏହାପରେ ମାଷ୍ଟର ଅଫ ସର୍ଜରୀ ଓ ୧୯୯୩ରେ ଚଣ୍ଡିଗଡ଼ରୁ ୟୁରୋଲୋଜିରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ଏସ୍‌ସିବି ମେଡିକାଲରେ କିଡ୍‌ନୀ ପ୍ରତ୍ୟାରୋପଣ କରି ସଫଳତାର ମାଇଲ ଖୁଣ୍ଟ ସ୍ଥାପନ କରିଥିବା ଡାକ୍ତର ହୋତାଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ତାଙ୍କୁ ପଚରାଯାଇଥିବା କେତୋଟି ପ୍ରଶ୍ନ।

ନିଜ କଥା

**ପ୍ରଥମ ଦରମାରେ କ'ଣ କରିଥିଲେ?**

▶▶୧୯୮୬ରେ ବୁର୍ଲା ମେଡିକାଲରେ ଡାକ୍ତରଭାବେ ଚାକିରିରେ ଯୋଗଦେଇଥିଲି। ପ୍ରଥମ ମାସର ଦରମା ମା'ଙ୍କୁ ଦେଇଥିଲି।

**କେଉଁ ରଙ୍ଗକୁ ଆପଣ ପସନ୍ଦ କରନ୍ତି?**

▶▶ସବୁଜ ରଙ୍ଗ ମୋର ବହୁତ ପସନ୍ଦ। ଏହି ରଙ୍ଗରେ ମୁଁ ଶାନ୍ତି ଓ ସହାନୁଭୂତି ଲାଭ କରିଥାଏ।

**ସିନେମା ଦେଖନ୍ତି?**

▶▶ସମୟ ପାଇବା ମାତ୍ରେ ମୁଁ ସିନେମା ଦେଖିବାକୁ ଯାଇଥାଏ। ଶେଷଥର ପାଇଁ ହଲ୍‌ରେ ବସି ପଦ୍ମାବତ୍ ସିନେମା ଦେଖିଥିଲି।

**ପସନ୍ଦର କଳାକାର କେଉଁମାନେ?**

▶▶ଅମିତାଭ ବଚ୍ଚନ ଓ ୱାହିଦା ରହମାନ ମୋର ପସନ୍ଦର ଅଭିନେତା, ଅଭିନେତ୍ରୀ।

**ଗୀତ ଶୁଣନ୍ତି?**

▶▶ହଁ, ବହୁତ ଭଲ ପାଏ। ଲତା ଓ କିଶୋରକୁମାରଙ୍କ ଗୀତରେ ମୁଁ ନିଜକୁ ହଜାଇଥାଏ। ଓଡ଼ିଆରେ ନିର୍ମଳା ମିଶ୍ରଙ୍କ କଣ୍ଠସ୍ୱର ମୋର ପସନ୍ଦ।

**ରୋଷେଇ ଜାଣିଛନ୍ତି?**

▶▶ପୂରା ସିଦ୍ଧହସ୍ତ। ଭେଜ୍, ନନ୍‌ଭେଜ୍ ସବୁ ପ୍ରସ୍ତୁତ କରିପାରିବି। ହେଲେ ଏବେ ସମୟ ଅଭାବରୁ ଆଉ କିଚେନକୁ ଯାଇପାରୁନି।

**ବହି ପଢ଼ନ୍ତି?**

▶▶ବହି ପଢିବା ମୋର ପିଲା ଦିନରୁ ଅଭ୍ୟାସ। ଏବେ ସୁଧାମୂର୍ତ୍ତିଙ୍କ ଥ୍ରି ଥାଉଜାଣ୍ଡାସ(୩୦୦୦) ଷ୍ଟିଚେସ ବହି ପଢୁଛି।

**ଲଭ୍ ନା ଆରେଞ୍ଜ୍ ମ୍ୟାରେଜ?**

▶▶ସମ୍ପୂର୍ଣ୍ଣ ଆରେଞ୍ଜ ମ୍ୟାରେଜ। ୧୯୮୯ ଜୁନ୍ ୩୦ରେ ମୁଁ ସୁଜାତା ପୂଜାରୀଙ୍କୁ ବିବାହ କରିଥିଲି। ସେ ଏବେ ଏସ୍‌ସିବି ମେଡିକାଲର ପାଥୋଲୋଜି ବିଭାଗରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ।

**ସ୍ତ୍ରୀଙ୍କ କେଉଁ ଗୁଣ ଆପଣଙ୍କୁ ଭଲ ଲାଗେ?**

▶▶ତାଙ୍କ ପାଖରେ କୌଣସି ଖରାପ ଗୁଣ ମୁଁ ଦେଖିନି, ତେଣୁ ତାଙ୍କର ସମସ୍ତ ଗୁଣ ମୋତେ ଭଲ ଲାଗେ।

–ସାକ୍ଷାତ: ନିର୍ମଳ ପଣ୍ଡା

# ଚିକେନ୍ ମହାରାନୀ ମୋତାଲାଇ

ଖାଦ୍ୟ ରୁଚି

ଚିକେନକୁ ନେଇ ବିଭିନ୍ନ ପ୍ରକାର ଡିଶ୍ ପ୍ରସ୍ତୁତ ହେଉଛି। ଗ୍ରାହକଙ୍କ ସ୍ୱାଦ ଅନୁଯାୟୀ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବ୍ୟଞ୍ଜନ ତିଆରି କରାଯାଉଛି। ତେବେ ପୁରୀ ସିଟି ରୋଡରେ ଥିବା ହୋଟେଲ ସୂର୍ଯ୍ୟ ବିଚ୍ ଇନ୍ ମଧ ସୁସ୍ୱାଦୁପୂର୍ଣ୍ଣ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଆସୁଛି। ଏଠାରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଦିଆଯାଏ। ଆମିଷ ମଧରେ ଚିକେନ ମହାରାନୀ ମୋତାଲାଇ ହେଉଛି ହୋଟେଲ ସୂର୍ଯ୍ୟ ବିଚ୍ ଇନର ଏକ ଚାହିଦାଯୁକ୍ତ ଡିଶ୍। ଏହି ଇଣ୍ଡିଆନ ଡିଶ୍‌ର ପ୍ଲେଟ୍ ଦାମ୍ ରହିଛି ୨୫୦ ଟଙ୍କା। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ସାଗର ପ୍ରସାଦ ଦାସଙ୍କ ମୁହଁରୁ...




ସାଗର ପ୍ରସାଦ ଦାସ

## ଆବଶ୍ୟକ ସାମଗ୍ରୀ

ଚିକେନ୍-୭୦୦ ଗ୍ରାମ୍
ସୋରିଷ ତେଲ-୧୦୦ଗ୍ରାମ୍
କଟା ପିଆଜ-୧୫୦ଗ୍ରାମ୍
କ୍ଷୀର-୩୦୦ଗ୍ରାମ୍
ଅମୂଲ କ୍ରିମ୍-୧୦୦ଗ୍ରାମ୍
ଦହି-୩୦୦ଗ୍ରାମ୍
ଚିନି-୧ଚାମଚ
ଗୋଟା ଜିରା-୧ଚାମଚ
ଗୋଟା ଧନିଆ-୧ଚାମଚ
ପାନମଧୁରୀ-୧ଚାମଚ
ଜାଇତ୍ରୀ-୧ପିସ୍
ଗୋଟା କାଜୁ-୮ରୁ ୧୦ଟା
ବାଦାମ-୮ଟାରୁ ୧୦ଟା
କଞ୍ଚାଲଙ୍କା-୫/୬ଟା
ଲଙ୍କାଗୁଣ୍ଡ-୧ ଚାମଚ
ହଳଦୀଗୁଣ୍ଡ-ଅଧ ଚାମଚ
ଗରମ ମସଲା-ଅଧ ଚାମଚ
ଗୁଜରାତି-୫/୬ଟା
ସ୍ୱାଦ ଅନୁଯାୟୀ ଲୁଣ

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ରଥମେ ଚିକେନକୁ ମଧମ ଧରଣର ପିସ୍ କରିବେ। ଏହାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖିବେ। ଚୁଲା ଉପରେ କଡ଼େଇ ବସାଇ ୨ ଚାମଚ ତେଲ ପକାଇବେ। ଗରମ ହୋଇଗଲା ପରେ ଏଥିରେ ପ୍ରଥମେ ଗୁଜରାତି ଏବଂ ଏହାପରେ କଟା ପିଆଜ ପକାଇ ଭାଜିବେ। ପିଆଜ ସାମାନ୍ୟ ଲାଲରଙ୍ଗ ହୋଇଯିବା ପରେ ଚିକେନ ପକାଇ ଗୋଳାଇବେ। ପ୍ରାୟ ୩ ମିନିଟ୍ ପରେ ଦହି, କଞ୍ଚାଲଙ୍କା ପେଷ୍ଟ ଏବଂ ହଳଦୀ ପକାଇ କଷିବେ। ୨/୩ ମିନିଟ୍ ପରେ କ୍ଷୀର ପକାଇ ଗୋଳାଇଦେବେ। ପୂର୍ବରୁ କଟାଯାଇଥିବା କାଜୁ ଏବଂ ବାଦାମ୍‌କୁ ପକାଇ କଷିବେ। ଏଥିରୁ ପାଣି ମରିଯିବା ପରେ ଗୋଟା ଧନିଆ, ଜିରା, ପାନମଧୁରୀ, ଜାଇତ୍ରୀକୁ ଗ୍ରାଇଣ୍ଡିଂ କରି ପକାଇବେ। ଏହାପରେ ଚିନି ଏବଂ ଗରମ ମସଲା ପକାଇ ଘାଣ୍ଟିବେ। ଶୁଖିଲା ହେବା ପର୍ଯ୍ୟନ୍ତ କଷିବେ। ଶେଷରେ ଅମୂଲ କ୍ରିମ୍ ପକାଇ ଗୋଳାଇବେ ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇବେ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ମହାରାନୀ ମୋତାଲାଇ। ଏହାକୁ ଏକ ପାତ୍ରରେ ଗରମ ଗରମ କାଢି ତା' ଉପରେ ଧନିଆପତ୍ର ପକାଇ ନିଜେ ଖାଇବେ ଏବଂ ଅନ୍ୟଙ୍କୁ ପରଷି ଦେବେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : rgdselfie@gmail.com


ରାଜେଶ


ଶଶିକାନ୍ତ


ନୀଳମଣି


ସୁଧାଂଶୁ


ପ୍ୟାରଫୁଲ୍ଲ


ଆସ୍ଥାରାଣୀ


ସୁଧୀର


ମୀନକେତନ


ସଞ୍ଜିତା ପ୍ରିୟଦର୍ଶିନୀ

**ସଂକ୍ଷେପରେ**

## ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା



ତେନ୍ତୁଳିଖୁଣ୍ଟି,୧୫।୫(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷା ସହାୟକ, କର୍ମଚାରୀ ଫନୀ ପ୍ରପୀଡିତଙ୍କ ସହାୟତା ପାଇଁ ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିକୁ ଅର୍ଥ ଦେବା ନିଷ୍ପତ୍ତି ନେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ଟି. ମିନତୀ ଗୋଟିଏ ଦିନର ଦରମା ପ୍ରଦାନ କରିବା ସହ ବ୍ଲକର କଙ୍ଗରା, ପୂଜାରୀଗୁଡା, ସଲପା, ତେନ୍ତୁଳିଖୁଣ୍ଟି, ଝରିଗୁମ୍ମା, ମଞ୍ଚାଗାଁ କ୍ଲଷ୍ଟରର ଅର୍ଥ ସଂଗ୍ରହ କରାଯାଇଛି। କଙ୍ଗ୍ରା କ୍ଲଷ୍ଟରରୁ ୯ ହଜାର, ପୂଜାରୀଗୁଡାରୁ ୧୦ ହଜାର, ତେନ୍ତୁଳିଖୁଣ୍ଟିରୁ ୪ ହଜାର ୨ଶହ, ଝରିଗୁମ୍ମା କ୍ଲଷ୍ଟରରୁ ୪ ହଜାର ୪ ଶହ, ସଲପା କ୍ଲଷ୍ଟରରୁ ଏକ ହଜାର, ମଞ୍ଚାଗାଁ କ୍ଲଷ୍ଟରରୁ ୧୦ ହଜାର , ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ୫ ହଜାର ଟଙ୍କା ସଂଗ୍ରହ କରାଯାଇଛି। ସେହିପରି ଶିକ୍ଷୟିତ୍ରୀ, ଶିକ୍ଷକ, ସିଆରସିସି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋଟିଏ ଦିନର ଦରମା ପ୍ରଦାନ କରିଛନ୍ତି। ଏହି ଅର୍ଥ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରେ ଡିପୋଜିଟ କରାଯାଇଛି।

# ୫ ମାସ ହେଲା ମଙ୍ଗଳମ୍ ଟିମ୍ବର୍ସରେ ଉତ୍ପାଦନ ବନ୍ଦ

### ଅକ୍ଷୟ ତୃତୀୟାରୁ କାଠ ସଂଗ୍ରହ କାର୍ଯ୍ୟ ଆରମ୍ଭ

ନବରଙ୍ଗପୁର,୧୫।୫(ବି.ପ୍ର.)

ନବରଙ୍ଗପୁର ସହର ଉପକଣ୍ଠରେ ରହିଥିବା ମଙ୍ଗଳମ ଟିମ୍ବର୍ସରେ ୨୦୧୯ ଜାନୁୟାରୀ ମାସରୁ ଉତ୍ପାଦନ ବନ୍ଦ ରହିଛି । କିନ୍ତୁ ଅକ୍ଷୟ ତୃତୀୟାରୁ ମଙ୍ଗଳମ ଟିମ୍ବର କାଠ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଛି । ମଙ୍ଗଳମ ଟିମ୍ବର ବନ୍ଦ ରହିଥିବାରୁ ଶ୍ରମିକ, କର୍ମଚାରୀ ଓ ପରିଚାଳନାଗତ କର୍ମଚାରୀମାନେ ଦରମା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ଟିମ୍ବରର୍ସ ଏବେ ବିଦ୍ୟୁତ ଶୁଳ୍କ ୨ କୋଟି ୪୦ ଲକ୍ଷ ଟଙ୍କା ପୈଠ ନକରିବାରୁ ବିଦ୍ୟୁତ କାଟ କରାଯାଇଛି । ବିଦ୍ୟୁତ କାଟକୁ ୩ ମାସ ବିତିଗଲାଣି । ଏହା ଭିତରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇ ୨ କୋଟି ୭୨ ଲକ୍ଷ ଟଙ୍କା ପହଞ୍ଚିଥିବା ସୂଚନା ମିଳିଛି । ଏଯାଏ ବିଦ୍ୟୁତ ସଂଯୋଗୀ କରଣ ହୋଇ ପାରିଲା ନାହିଁ। ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ୨୫ ଲକ୍ଷ ଟଙ୍କା ଓ ବକେୟା କିଛି ଦିନ ବ୍ୟବଧାନରେ ବିଦ୍ୟୁତ ବିଭାଗକୁ ପୈଠ କରାଯିବ ବୋଲି ଟିମ୍ବର କର୍ତ୍ତୃପକ୍ଷ ସାଉଥକୋକୁ ଜଣାଇଥିଲେ । ଏଯାଏ ଟିମ୍ବରର୍ସ ବିଦ୍ୟୁତ ଶୁଳ୍କ ପୈଠ କରିନାହାଁ ଏଭଳି ସ୍ଥିତିରେ କ୍ୱାଟର୍ସ ମାନଙ୍କୁ ମଧ୍ୟ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି । ୭୮ଟି କ୍ୱାଟରରୁ ୫୬ଟି କ୍ୱାଟରରେ କର୍ମଚାରୀ ରହୁଛନ୍ତି । ସକାଳୁ ପିଇବା ପାଣି ବ୍ୟବସ୍ଥା ପାଇଁ ଜେନେରେଟରର ଲଗାଇ ଏକ ଘଣ୍ଟା ପାଣି ଯୋଗାଇ ଦିଆ ଯାଉଛି । ସନ୍ଧ୍ୟାରେ ୭ରୁ ୯ଟା ଓ ସାଢେ ୧୦ରୁ ସକାଳ ସାଢେ ୫ ପର୍ଯ୍ୟନ୍ତ ଜେନେରେଟର ମାଧ୍ୟମରେ କ୍ୱାଟର୍ସ ଗୁଡିକ ବିଦ୍ୟୁତ ଯୋଗାଇ ଦିଆଯାଉଛି । ଖରାଦିନ ଗରମ ଗୁଳଗୁଳିରେ ପରିବାର ଲୋକ ହନ୍ତସନ୍ତ ହେଉଛନ୍ତି । ସେହିଭଳି ଅକ୍ଟୋବର ମାସରୁ ଦରମା ନପାଇ ୯୪ ଜଣ ୱାର୍କର, ମ୍ୟାନେଜମେଣ୍ଟ ଷ୍ଟାଫ ୪୬, ୱର୍କସ ଷ୍ଟାଫ ୨୦ ଜଣ ଦରମା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି । ଦରମା ନପାଇ ପରିବାର ଲୋକ ବହୁ ସମସ୍ୟାର ସମ୍ମୁଖିନ ମଧ୍ୟରେ ରହିଛନ୍ତି । ୪ଶହ ଶ୍ରମିକ ପୂର୍ବରୁ ଦୈନିକ ରୋଜଗାର ପାଉଥିଲେ । ଧିରେଧିରେ ଏହା କମାଇ ଦିଆଯାଇ ୧୨୦ ଶ୍ରମିକ ପ୍ରତିଦିନ ତିନୋଟି ସିଫ୍ଟରେ କାର୍ଯ୍ୟ କରୁଥିଲେ । ଜାନୁୟାରୀ ମାସ ଠାରୁ ଟିମ୍ବରରେ ଉତ୍ପାଦନ ବନ୍ଦ ହେବା ପରେ ଶ୍ରମିକମାନେ କାମଧନ୍ଦା ମଧ୍ୟ ହରାଇ ବସିଛନ୍ତି । କାମଧନ୍ଦା ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ।



ବନ୍ଦ ଥିବା ମଙ୍ଗଳମ ଟିମ୍ବର୍ସ ।

# ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ହୋଟେଲ ଯାଞ୍ଚ

ଝରିଗାଁ,୧୫।୫(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମା ବୁଧବାର ଖାଦ୍ୟ ସୁରକ୍ଷା ଅଧିକାରୀ ଡାକ୍ତର ଦେବବ୍ରତ ଡାକୁଆ ଗସ୍ତ କରି ସ୍ଥାନୀୟ ପୋଲିସ ସହାୟତାରେ ହେଟେଲ୍, ପାନ ଦୋକାନ, କିରାନା ଦେକାନ ଯାଞ୍ଚ କରିଛନ୍ତି। ଏହି ସମୟରେ କିଛି ହୋଟେଲରେ ରନ୍ଧା ଯାଇଥିବା ଖାଦ୍ୟ ସାମଗ୍ରୀ ଯାଞ୍ଚ କରିବା ସହ ପାନ ଦେକାନ ମାନଙ୍କରେ ଗୁଟକା ବିକ୍ରିକୁ ନେଇ ଜରିମାନା ଆଦାୟ କରାଯାଇଥିଲା। ବସଷ୍ଟାଣ୍ଡ ନିକଟରେ ରହିଥିବା ହୋଟେଲରେ ବାସି ଖାଦ୍ୟ ବିକ୍ରୟ ସକାଶେ ରଖାଯାଇଥିବା ଯାଞ୍ଚ ସମୟରେ ଜଣାପଡିଥିଲା। ସେହି ହୋଟେଲର ଲାଇସେନ୍ସ ରଦ୍ଦ ସହ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ନେଇ ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି। ସେହିପରି ବଜାରରେ ରହିଥିବା ଥଣ୍ଡା (କୋଲଡ୍ରିଙ୍କ୍ସ) ଦୋକାନୀ ମାଲିକ ମାନଙ୍କୁ ନିର୍ଦ୍ଧାରିତ ଦରଦାମ ଠାରୁ ଅଧିକ ଦରରେ ବିକ୍ରି ନ କରିବା ନେଇ ଯାଞ୍ଚ ସମୟରେ ଅଧିକାରୀ ଜଣକ କହିଥିଲେ।


ହୋଟେଲ ଯାଞ୍ଚ କରାଯାଉଛି ।

# ମହିଳାଙ୍କ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ପିତା

ଡାବୁଗାଁ,୧୫।୫(ଡି.ଏନ.ଏ.)

ଡାବୁଗାଁ ଥାନା ଅଧୀନ ତଣ୍ଡିଗୁଡା ଗ୍ରାମରେ ମଙ୍ଗଳବାର ଚିନ୍ତାମଣି ମାଝୀ (୨୧)ଙ୍କ ମୃତ୍ୟୁ ହୋଇଛି। ଚିନ୍ତାମଣିଙ୍କୁ ଶାଶୂ ଘର ଲୋକ ହତ୍ୟା କରିଛନ୍ତି ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଉମରକୋଟ ଥାନା ଅଧୀନ ବୁଆଲିବେଡା ଗ୍ରାମର ବନସିଂ ମାଝୀଙ୍କ ଝିଅ ଚିନ୍ତାମଣି ଦେଢ ବର୍ଷ ତଳେ ଡାବୁଗାଁ ଥାନା ଅଧୀନ ତଣ୍ଡିଗୁଡା ଗ୍ରାମର ଜୟରାମ ଭତ୍ରାଙ୍କୁ ବିବାହ କରିଥିଲେ। ମଙ୍ଗଳବାର ଭୋରୁ ତଣ୍ଡିଗୁଡା ଗ୍ରାମର ୩ ଜଣ ବ୍ୟକ୍ତି ବୁଆଲିବେଡ଼ାକୁ ଆସି ବନସିଂଙ୍କୁ କହିଥିଲେ ଯେ ତମ ଝିଅର ପେଟ ବ୍ୟଥା ହୋଇ ମୃତ୍ୟୁ ଘଟିଛି। ବନସିଂ, ଘନ ମାଝୀ ଓ ଗ୍ରାମର କେତେ ଜଣ ବ୍ୟକ୍ତି ତଣ୍ଡିଗୁଡାରେ ପହଞ୍ଚି ଚିନ୍ତାମଣିଙ୍କ ମୃତ୍ୟୁ ହୋଇଥିବା ଦେଖିଥିଲେ। ଏନେଇ ଚିନ୍ତାମଣିଙ୍କ ଦାଦା ଘନ ମାଝୀ ଡାବୁଗାଁ ଥାନାରେ ଏକ ଏତଲା ଦେଇଥିଲେ । ସବଇନ୍ସପେକ୍ଟର ରଙ୍କନିଧି ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ । ଏନେଇ ଥାନାରେ ନଂ ୨୦/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା । ବୁଧବାର ବନସିଂ ଅଭିଯୋଗ କରିଛନ୍ତି ଯେ ବିବାହର କିଛି ଦିନ ପରେ ଝିଅକୁ ଶ୍ୱଶୁର ଘରେ ନିର୍ଯାତନା ଦିଆଯାଇଥିଲା। ତେଣୁ ଝିଅକୁ ହତ୍ୟା କରାଯାଇଛି ବୋଲି ସନ୍ଦେହ କରି ଜୟରାମ ଭତ୍ରା ଓ ତାଙ୍କ ପରିବାର ଲୋକଙ୍କ ନାମରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ଥାନାରେ ନଂ ୫୯/୧୯ରେ ଏକ ମାମଲା ରୁଜୁ କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା କରାଯାଇଛି ତାହା ଜଣାପଡିବ। ତଦନ୍ତ ଜାରି ରହିଥିବା ଆଇଆଇସି ମୁନି ଆଚାରୀ କହିଛନ୍ତି।

## ଝରଣାରେ ପଡି ମହିଳା ମୃତ

ନବରଙ୍ଗପୁର,୧୫।୫(ବି.ପ୍ର)–

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ବଡବାର୍ଲିଗାଁରେ ଝରଣାରୁ ପାଣି ଆଣିବା ବେଳେ ପଡିଯାଇ ତୁଳା ଜାନୀଙ୍କ ମୃତ୍ୟୁ ଘଟିଛି। ବଡ ବାର୍ଲିଗାଁରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବାରୁ ଲୋକମାନେ ଝରଣାରୁ ପାଣି ସଂଗ୍ରହ କରି ପିଉଛନ୍ତି। ଝରଣାରୁ ତୁଳା ପାଣି ଆଣିବା ସମୟରେ ଗୋଡ ଖସି ଯିବାରୁ ପଡିଯାଇ ମୁଣ୍ଡରେ ଆଘାତ ଲାଗିଥିଲା। ପରିବାର ଲୋକ ତାଙ୍କୁ ମଇଦଲପୁର ଡାକ୍ତରଖାନା ପରେ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଖବରଦାତାଙ୍କୁ ଆକ୍ରମଣ

ନବରଙ୍ଗପୁର,୧୫।୫(ବି.ପ୍ର.)




ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଧରିତ୍ରୀ ପ୍ରତିନିଧି ତଥା ଆଇନଜୀବୀ ରାମକୃଷ୍ଣ ନାୟକଙ୍କୁ ମଙ୍ଗଳବାର ଉମରକୋଟ ବଜାର ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଅମିତ ଗୁପ୍ତା ଏକ ପଟିଂ ମେସିନ ଦ୍ୱାରା ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ରାମକୃଷ୍ଣଙ୍କ ଗୋଟିଏ ପୋଷ୍ଟାଲ ଆରଡି ଜମା ଅଧାରୁ ବନ୍ଦ ରହିଥିଲା। ଏହା ସମେତ ନ୍ୟାସନାଲ ସିକ୍ୟୁରିଟି ବଣ୍ଡ ଦୁଇଟି ମ୍ୟାଚୁରିଟି ହୋଇଯାଇଥିଲା । ଏହାର ସବିଶେଷ ତଥ୍ୟ ପାଇଁ ରାମକୃଷ୍ଣ ଅନେକ ଥର ପୋଷ୍ଟ ଅଫିସ ଯାଇ ପଚାରିଥିଲେ । ତେବେ ପୋଷ୍ଟ ମାଷ୍ଟର ଅମିତ ମାଲକାନଗିରିରୁ ଆସିବା ପରେ ଏହି କାମ କରିଦେବି ବୋଲି କହିଥିଲେ । ଏନେଇ କିଛି କାଗଜ ପତ୍ର ମାଗିଥିଲେ । ତାହା ରାମକୃଷ୍ଣ ଦେବା ପରେ ମଧ୍ୟ ପୋଷ୍ଟ ମାଷ୍ଟର କିଛି କରି ନ ଥିଲେ । ମଙ୍ଗଳବାର ରାମକୃଷ୍ଣ ପୋଷ୍ଟ ଅଫିସକୁ ଯାଇ ଆରଡି ଜମା ଖାତା ଓ ନ୍ୟାସନାଲ ସିକ୍ୟୁରିଟି ବଣ୍ଡ ବିଷୟରେ ପଚାରିଥିଲେ । ପୋଷ୍ଟ ମାଷ୍ଟର ଧାଡିରେ ଆସିବାକୁ କହିଥିଲେ । ରାମକୃଷ୍ଣ ନବରଙ୍ଗପୁରରେ ଏକ ବିବାହ ରହିଛି ଯିବାକୁ ପଡିବ । ଆପଣ ଏହି କାମ କରି ନିଜ ପାଖରେ ରଖିଥାଆନ୍ତୁ ପରେ ଆସି ନେଇଯିବି ବୋଲି କହିଥିଲେ । ଧାଡିରେ ଆସନ୍ତୁ ବୋଲି ପୋଷ୍ଟମାଷ୍ଟର କହିଥିଲେ । ଏନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ପୋଷ୍ଟମାଷ୍ଟର ପଟିଂ ମେସିନ ଦ୍ୱାରା ରାମକୃଷ୍ଣଙ୍କୁ ଆକ୍ରମଣ କରିଥିଲେ । ଏଥିରେ ରାମକୃଷ୍ଣ ଆହତ ହୋଇଥିଲେ । ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ରାମକୃଷ୍ଣ ଉମରକୋଟ ଥାନାରେ ଏତଲା ଦେଇଥିଲେ । ମଙ୍ଗଳବାର ଉମରକୋଟ ବାର୍ ଆସୋସିଏଶନ ଓ ଡାକବିଭାଗର ଇନ୍ସପେକ୍ଟର, ୟୁନିୟନ ସମ୍ପାଦକ ପ୍ରମୁଖ ଆସି ଆଲୋଚନା କରିଥିଲେ । ଏଠାରୁ ପୋଷ୍ଟମାଷ୍ଟରଙ୍କୁ ବଦଳି କରାଯାଉ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ରାମକୃଷ୍ଣ କହିଥିଲେ। ଏଥିରେ ବିଭାଗ ରାଜି ନ ହେବାରୁ ଆଲୋଚନା ଫଳପ୍ରଦ ହୋଇ ନ ଥିଲା। ଏନେଇ ଥାନା ଅଧିକାରୀ ଉମେଶ ସାହୁଙ୍କୁ ପଚାରିବାରୁ ଏହି ଘଟଣାରେ ଏକ ମାମଲା ରୁଜୁ କରାଯିବ । ପୋଷ୍ଟ ମାଷ୍ଟର ଗୁପ୍ତା ମଙ୍ଗଳବାର ଠାରୁ ଥାନାରେ ଆତ୍ମସମର୍ପଣ କରିଛନ୍ତି ବୋଲି କହିଛନ୍ତି।

■ ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

# ବର୍ଷେ ବିତିଲା, କାର୍ଯ୍ୟକ୍ଷମ ହେଉନି ଡିଜିଟାଲ୍ ଡିସ୍‌ପେନସାରୀ

ଝରିଗାଁ,୧୫।୫(ସ୍ୱ.ପ୍ର)

ନବରଙ୍ଗପୁର ଜିଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଡିଜିଟାଲ ଡିସପେନସାରୀର ବ୍ୟବସ୍ଥା କରିଥିଲେ। କିନ୍ତୁ ଏହି ବ୍ୟବସ୍ଥାକୁ ବର୍ଷେ ବିତିଯାଇଥିବା ବେଳେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ତେଲନଦୀ ପଞ୍ଚାୟତରେ ଏହା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ଲୋକମାନେ ସ୍ୱାସ୍ଥ୍ୟସେବା ପାଇ ପାରୁ ନାହାନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ କରାଯାଇଥିବା ଡିସପେନସାରୀଟି କେବଳ କିଛି କର୍ମଚାରୀଙ୍କ ପାଇଁ ବଞ୍ଚିବାର ରାହା ପାଲଟିଛି ସିନା ଯେଉଁ ମାନଙ୍କ ପାଇଁ ଏହା ଆରମ୍ଭ କରାଯାଇଥିଲା ସେମାନଙ୍କ ପାଇଁ ଲାଭପ୍ରଦ ହୋଇପାରି ନାହିଁ। ରାଜ୍ୟ ସରକାର ଗ୍ଲୋକାଲ ହେଲ୍‌ଥ କେୟାର ସଂସ୍ଥା ସହ ୨୦୧୭ ଡିସେମ୍ବରରେ ଏମଓୟୁ ସ୍ୱାକ୍ଷର କରି ନବରଙ୍ଗପୁର ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୪ ଟି ଗ୍ରାମରେ ଉକ୍ତ ସେବା ଆରମ୍ଭ କରିଥିଲେ। ତତ୍‌କାଳୀନ ଜିଲାପାଳ ରଶ୍ମିତା ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଉକ୍ତ ସଂସ୍ଥା ସହ ବୁଝାମଣା ପତ୍ର ସ୍ୱାକ୍ଷରିତ କରିଥିଲେ। ଝରିଗାଁ ବ୍ଲକର ୩ଟି ଗ୍ରାମ ଚକଲାପଦର, ବଡଟେମେରା ଏବଂ ତେଲନଦୀ ଗ୍ରାମରେ ଏହା ଆରମ୍ଭ କରାଯାଇଥିଲା। ତେବେ ତେଲନଦୀ ପଞ୍ଚାୟତ ସଦରରେ ଥିବା ଡିଜିଟାଲ ଡିସପେନସାରୀ ନେଟୱାର୍କ ଅଭାବରୁ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରି ନାହିଁ। ସରଳ ଆଦିବାସୀମାନେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଯେଉଁ ଆଶା ରଖିଥିଲେ ସେମାନଙ୍କୁ ନିରାଶ ହେବାକୁ ପଡିଛି। ତେଲନଦୀ ଡିଜିଟାଲ ଡିସପେନସାରୀରେ ଜଣେ ଫର୍ମାସିଷ୍ଟ, ଜଣେ ଷ୍ଟାଫ୍ ନର୍ସ ଓ ଜଣେ ଆଟେଣ୍ଡାଣ୍ଟଙ୍କ ସହ ପର୍ଯ୍ୟାପ୍ତ ପରିମାଣର ଉନ୍ନତ ମାନର ଔଷଧ ମହଜୁଦ୍ ରହିଥିଲେ ମଧ୍ୟ ଅନୁବନ୍ଧିତ ସଂସ୍ଥାର ଚିକିତ୍ସକଙ୍କ ସହ ଯୋଗାଯୋଗ ହୋଇପାରୁ ନାହିଁ। ଏଥି ଯୋଗୁଁ ଡିଜିଟାଲ ଚିକିତ୍ସାଳୟଟି ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବିଫଳ ହୋଇଛି।ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲାପାଳ ମଧ୍ୟ ଏ ବିଷୟ ପ୍ରତି ଦୃଷ୍ଟି ନଦେବା ନିଶ୍ଚିତ ଭାବରେ ଏକ ବିଡମ୍ବନାର ବିଷୟ ।


ତେଲ ନଦୀ ଡିଜିଟାଲ ଡିସପେନସାରୀରେ ମହଜୁଦ ଔଷଧ


## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395864708
8929606415
SCO- 106, Second Floor, Vishal Tower, Cannaught Place, Delhi.

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
09499218733
PETUMALI, JHARMUNDA, PETUPALI, BARGARH, ODISHA- 768034

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

BUSINESS

Dharitri : 15, 16, 17, 18, 19, 20 & 21 May 2019
SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କମ୍ପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

See Color Display Classified on every Tuesday & Friday
Size: 6 X 8
For 15 days: 40,000
For 8 days: 20,000
For 4 days: 11,000
For Single day: 2,800
GST: 5% will be added extra


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନୂଆଗାଁକୁ ମିଳୁନି ବିକାଶର ନୂଆ ଚିତ୍ର

## ମୌଳିକ ସମସ୍ୟା ଭିତରେ ଛନ୍ଦି ହୋଇପଡ଼ିଛନ୍ତି ଗାଁର ୩୨ ପରିବାର

ପାରଳାଖେମୁଣ୍ଡି,୧୫।୫(ସ୍ୱ.ପ୍ର.)

ଗ୍ରାମର ନାମ ନୂଆଗାଁ। କିନ୍ତୁ ଏଠି ପ୍ରଶାସନିକ ଅବ୍ୟବସ୍ଥାର ପୁରୁଣା ଚିତ୍ର। ବିକାଶ ଏମାନଙ୍କ ପାଇଁ ଅପହଞ୍ଚ ହୋଇ ରହିଛି। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି। ସବୁ ପ୍ରକାର ମୌଳିକ ସମସ୍ୟା ଭିତରେ ଛନ୍ଦି ହୋଇପଡ଼ିଥିବା ନୂଆଗାଁରେ ଅବ୍ୟବସ୍ଥାର ଏହି ପୁରୁଣା ଚିତ୍ର ବଦଳି କେବେ, ବିକାଶର ନୂତନ ସ୍ୱାଦ ମିଳିବ, ତାହାକୁ ଅପେକ୍ଷା କରି ରହିଛନ୍ତି ଗ୍ରାମବାସୀ।

ଗଜପତି ଜିଲା ଗୋଷାଣୀ ବ୍ଲକ କତଲକୋଇଠା ପଞ୍ଚାୟତ ଆଦିବାସୀ ବହୁଳ ଗ୍ରାମ ହେଉଛି ନୂଆଗାଁ। ଏଠାରେ ଦୀର୍ଘ ବର୍ଷ ଧରି ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ,ବିଜୁଳି, ପାନୀୟଜଳ ମୁଖ୍ୟ ସମସ୍ୟା ହୋଇ ରହିଛି। ୩୨ଟି ପରିବାରର ଶତାଧିକ ଲୋକେ ରହୁଥିବା ଏହି ଗାଁକୁ ଭଲ ରାସ୍ତାଟିଏ ନାହିଁ । ମୋରମ ପଥୁରିଆ ରାସ୍ତା ଦେଇ ଗାଁକୁ ଯିବାକୁ ପଡ଼େ। ବର୍ଷାଦିନେ କାଦୁଅଭର୍ତ୍ତି ରାସ୍ତାରେ ଗମନାଗମନ କଷ୍ଟକର ହୋଇପଡ଼େ। ଏଠାରେ ଥିବା ବିଦ୍ୟାଳୟ ୬/୭ ମାସ ତଳେ ଉପସ୍ଥାନର ଆଳ ଦେଖାଇ ବନ୍ଦ କରିଦିଆଯାଇଛି। ଫଳରେ ଗାଁର ପିଲା ବର୍ତ୍ତମାନ ୫-୭ କିମି ଦୂରରେ ଥିବା ବାଞ୍ଜିରି ଓ ତୁଳସିପାଡୁ ଗ୍ରାମ ବିଦ୍ୟାଳୟକୁ ଯାଉଛନ୍ତି ତ କେତେକ ପାଠପଢାରୁ ବଞ୍ଚିତ ହେଉଛନ୍ତି । ସ୍ୱାସ୍ଥ୍ୟସେବା ଏଠାରେ ବିପର୍ଯ୍ୟସ୍ତ । ବିଦ୍ୟୁତ ସେବା ଥାଇ ମଧ ନଥିବା ସଙ୍ଗେ ସମାନ । ଅଧିକାଂଶ ସମୟରେ ବିଭ୍ରାଟ। ଥରେ ବିଜୁଳି ଚାଲିଗଲେ କେତେବେଳେ ତାହା ଆସିବ, କିଛି ଠିକଣା ନଥାଏ । ତେବେ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ । ବର୍ଷ ତମାମ ଏଠାରେ ପାନୀୟ ଜଳ ସଙ୍କଟ ଲାଗିରହିଛି । ଗ୍ରାମରେ ଗୋଟିଏ ନଳକୂପ ଅଛି, କିନ୍ତୁ ସେଥିରୁ ଗନ୍ଧଯୁକ୍ତ ପାଣି ଆସୁଛି ତାହା ପୁଣି କମ୍ ପରିମାଣର । ଗୋଟିଏ କୂପ ଅଛି ହେଲେ ଶୁଖିଲା ପଡ଼ିଛି। ବଡ଼ ପୋଖରୀ ମଧ ଶୁଖିଲା ପଡିଛି । ପାନୀୟଜଳ ଅଭାବରୁ ମହିଳାମାନେ ଗ୍ରାମଠାରୁ ୨କିମି ଦୂରରେ ଥିବା ପାହାଡ଼ ତଳିରେ ଥିବା କୂଅ ଉପରେ ନିର୍ଭର କରୁଛନ୍ତି। ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ପଥର କୂଅ ଯେଉଁଥିରେ ଶିଉଳି ଦଳଭରା, ସେହି ଅପରିଷ୍କାର ପାଣି ସଂଗ୍ରହ କରି କନାରେ ଛାଣି ତାହା ଘରକୁ ନେଇ ବ୍ୟବହାର କରିବାକୁ ବାଧ ହୋଇଥାନ୍ତି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ଏହି ପାଣି ଆଣିବା ପାଇଁ ମହିଳାମାନେ ବିଲ ହୁଡା ଏବଂ ପ୍ରାୟ ଜଙ୍ଗଲଭରା ଅଞ୍ଚଳରେ ଥିବା ପାହାଡ ତଳିଆକୁ ଯିବାକୁ ହୋଇଥାଏ । ଗ୍ରାମରେ ଥିବା ନଳକୂପର ଜଳସ୍ତର ତଳକୁ ଚାଲିଯିବା, କୂଅ ଓ ପୋଖରୀର ପାଣି ଶୁଖିଯିବା ଫଳରେ ପାନୀୟ ଜଳ ଅନ୍ୟ ବ୍ୟବହାର ପାଇଁ ଜଳର ଘୋର ସଙ୍କଟ ଦେଖାଦେଇଛି । ଏଭଳି ପରିସ୍ଥିତରେ ଗ୍ରାମବାସୀ ପାଇଖାନା ବ୍ୟବହାର କରି ନପାରି ବାହାରକୁ ଶୌଚ ଯିବା ପାଇଁ ବାଧ ହେଉଛନ୍ତି । ଜଳ ଅଭାବ ପାଇଁ ଶତାଧିକ ଏକର ଜମିରେ ଚାଷକାର୍ଯ୍ୟ ହୋଇ ନପାରି ଶୁଖିଲା ପଡ଼ିଛି। ଗ୍ରାମରେ ଇନ୍ଦିରା ଆବାସ ଘର ମିଳି ନଥିବା ଏବଂ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଗ୍ରାମର ମାଲେୟା ଶବର, ସମରା ବଡରଇତ, ଇନେତୁ ଶବର, ରାଶି ଶବର, ମାଳତୀ ଶବର ଏବଂ ରଜମୀ ଶବର କହିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ନୂଆଗାଁକୁ ପିଏମ୍‌ଜିଏସ୍‌ୱାଇରେ ଭଲ ରାସ୍ତା ଓ ପାନୀୟ ଜଳର ବ୍ୟବସ୍ଥା ସହ ମୌଳିକ ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଛନ୍ତି ଗ୍ରାମବାସୀ।


ନୂଆଗାଁ ସାହିର ମହିଳାମାନେ ୨କିମି ଦୂରରୁ ପାଣି ବୋହି ନେଉଛନ୍ତି ।

## ସଂକ୍ଷେପରେ

### ମା’ କନ୍ୟକା ପରମେଶ୍ୱରୀଙ୍କ ଜନ୍ମୋତ୍ସବ

ବୁଗୁଡ଼ା,୧୫।୫(ଡି.ଏନ.ଏ.)-ସ୍ଥାନୀୟ କଳିଙ୍ଗ ବୈଶ୍ୟ ସମାଜ ପକ୍ଷରୁ ମା’ କନ୍ୟକା ପରମେଶ୍ୱରୀଙ୍କ ଧରା ଅବତାରଣ ଦିବସ ବୁଗୁଡ଼ା ବଡ଼ଦାଣ୍ଡସ୍ଥିତ କଳିଙ୍ଗ ବୈଶ୍ୟ ପେଣ୍ଠଗୃହରେ ମଙ୍ଗଳବାର ପାଳିତ ହୋଇଯାଇଛି। ମା’ କନ୍ୟକା ପରମେଶ୍ୱରୀଙ୍କ ଜନ୍ମୋତ୍ସବ ଅବସରରେ ସମସ୍ତ ବୈଶ୍ୟ ପରିବାର ସଦସ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା କରିବା ସହ ମା’ଙ୍କ ଫଟୋଚିତ୍ର ଧରି ନଗର ପରିକ୍ରମା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୈଶ୍ୟ ସମାଜର ସଭାପତି ବି. ଗୋପାଳ ପାତ୍ର, ସମ୍ପାଦକ ଟି. ପ୍ରକାଶ ଚନ୍ଦ୍ର ସାମନ୍ତରା, ମହିଳା ସଂଘ ସଭାପତି ରିନା ଚୌଧୁରୀ, ସମ୍ପାଦିକା ଟି. ଭାଗ୍ୟଲକ୍ଷ୍ମୀ ସାମନ୍ତରାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟଗଣ ଯୋଗ ଦେଇଥିଲେ ।

### ଦାରିଙ୍ଗବାଡ଼ି ପୋଲିସର ଗାଡ଼ିମୋଟର ଯାଞ୍ଚ
### ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରୟାସ



ଦାରିଙ୍ଗବାଡି,୧୫।୫(ଡି.ଏନ.ଏ)- ଦାରିଙ୍ଗବାଡି ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ କରାଯାଇଛି। ଅଞ୍ଚଳରେ ଦିନକୁ ଦିନ ଗାଡିମୋଟର ସଂଖ୍ୟା ବୃଦ୍ଧି ଯୋଗୁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହୋଇଛି। ଆଇଆଇସି ଅଲେଖ ଗରଡିଆଙ୍କ ନିର୍ଦ୍ଦେଶକ୍ରମେ ସବଇନ୍ସପେକ୍ଟର ସୌମ୍ୟରଞ୍ଜନ ଜେନା ଉକ୍ତ ଥାନା ଅଞ୍ଚଳର ଆମ୍ବ ଘାଟି ସମେତ ଚାରିଛକ ଆଦି ସ୍ଥାନରେ ବ୍ଲକିଂ ଯାନବାହନ ଯାଞ୍ଚ କରିଛନ୍ତି। ବାଇକ ଚାଳକଙ୍କୁ ହେଲମେଟ ବ୍ୟବହାର ପାଇଁ ପରାମର୍ଶ ଦେବା ସହ ଯେଉଁମାନଙ୍କର ହେଲମେଟ ନାହିଁ କିମ୍ବା ଗାଡି କାଗଜପତ୍ର ନାହିଁ ସେମାନଙ୍କ ଠାରୁ ଜୋରିମାନା ଆଦାୟ ହୋଇଥିଲା। ଦ୍ରୁତ ଗତି ଏବଂ ମଦ୍ୟପ ଚାଳକ ମାନଙ୍କ ଡ୍ରାଇଭିଂ ଲାଇସନ୍ସକୁ ରଦ୍ଦ କରାଯାଉଥିବା ସବଇନ୍ସପେକ୍ଟର ଜେନା କହିଛନ୍ତି।

### ବୃଦ୍ଧଙ୍କ ଆତ୍ମହତ୍ୟା

ଭଞ୍ଜନଗର,୧୫।୫(ଡି.ଏନ.ଏ.)- ତାରସିଂ ଥାନା ବ୍ରାହ୍ମଣପଦରର ସୁମା ନାଇକ ବୁଧବାର ରଶି ଲଗାଇ ଆତ୍ମହତ୍ୟ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସପିଟାଲକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। କେଉଁ କାରଣରୁ ସୁମା ଆତ୍ମହତ୍ୟା କଲେ ତାହାର ପ୍ରକୃତ କାରଣ ଜଣାପଡିନାହିଁ। ପ୍ରକାଶ ଯେ, ବ୍ରାହ୍ମଣପଦରର ସୁମା ବଦାଙ୍ଗି ଧୁଣ୍ଡାଗାଡିଆରେ ରହୁଥିଲେ। ମଙ୍ଗଳବାର ରାତିରେ ବ୍ରାହ୍ମଣପଦର ଅଭିମୁଖେ ଯାଉଛି କହି ସେ ଘରୁ ବାହାରିଥିଲେ। କିନ୍ତୁ ସେ ବ୍ରାହ୍ମଣପଦର ଅଭିମୁଖେ ନଯାଇ ଧୁଣ୍ଡାଗାଡିଆ ନିକଟରେ ଏକ ସାହାଡା ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

# ସହରରେ କାଳବୈଶାଖୀର ତାଣ୍ଡବ

- କେତେକ ସ୍ଥାନରେ ଗଛ ସହ ଉପୁଡିଲା ବିଦ୍ୟୁତ ଖୁଣ୍ଟ
- ୪ ଘଣ୍ଟା ପରେ ଆସିଲା ବିଦ୍ୟୁତ

ପାରଳାଖେମୁଣ୍ଡି, ୧୫।୫(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସହରରେ ବୁଧବାର ସନ୍ଧ୍ୟା ପ୍ରାୟ ୫ଟା ବେଳେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଥିଲା। ଏଥିସହ ସନ୍ଧ୍ୟା ୬ଠରୁ ଊର୍ଦ୍ଧ୍ୱ ବେଗରେ ଜୋରରେ ପବନ ବୋହିବା ସହ ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ପବନ ଯୋଗୁ କେତେକ ସ୍ଥାନରେ ଗଛପତ୍ର ସହ ବିଦ୍ୟୁତ ଖୁଣ୍ଟମାନ ଉପୁଡି ପଡିଥିଲା। ଏଥି ଯୋଗୁ ପ୍ରାୟ ୪ଘଣ୍ଟା ଧରି ସହର ଅନ୍ଧାର ରହିଥିଲା। ଏପରି ବର୍ଷା ପବନ ଯୋଗୁ ବାତ୍ୟା ଆଶାଙ୍କ କରି ଲୋକଙ୍କ ମଧରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବିଦ୍ୟୁତ ବିଭାଗ ତୁରନ୍ତ ଭିକ୍ଟୋର କଲୋନୀ, ପୋଷ୍ଟଲ କଲୋନୀ, ଦୋଳ ପୋଖରୀ ରୋଡ ଆଦି ଅଞ୍ଚଳରେ ଛିଣ୍ଡିଥିବା ତାରକୁ ସଜାଡିଥିଲେ।

ରାତି ପ୍ରାୟ ୯ଟା ବେଳେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା।

ଅନ୍ୟପକ୍ଷରେ ଗତ ୩/୪ଦିନ ହେବ ସହରର ତାପମାତ୍ରା ୪୫ଡିଗ୍ରୀ ରହୁଥିବାରୁ ଏହି କାଳ ବୈଶାଖୀ ବର୍ଷା ଲୋକଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି।

# ସିଣ୍ଡିବା ଗାଁରେ ସତସଙ୍ଗ ଗୃହ ପ୍ରତିଷ୍ଠା


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶବର ସଂପ୍ରଦାୟର ମହିଳା ଓ ଯୁବତୀମାନେ ।

ଗୁମ୍ମା, ୧୫।୫(ଡି.ଏନ୍.ଏ.)–

ଗଜପତି ଜିଲା ଗୁମ୍ମା ବ୍ଲକ ତୁମୁଲ ପଞ୍ଚାୟତ ଅଧୀନ ସିଣ୍ଡିବା ଗ୍ରାମରେ ବୁଧବାର ଏକ ସତ୍‌ସଙ୍ଗ ଗୃହ ପ୍ରତିଷ୍ଠା କରାଯାଇଛି। ସକାଳେ ଗାଁ ପାଖ ନଦୀରୁ ପାଣି ଆଣି ହୋମଯଜ୍ଞ ଓ ପୂଜାପାଠ କରାଯାଇଥିଲା। ସୁରେଶ ଗମାଙ୍ଗ ପୂଜାକାର୍ଯ୍ୟ ତୁଲାଇଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ କୃଷ୍ଣ ଗମାଙ୍ଗ ଏବଂ ମୁଖ୍ୟବକ୍ତା ଭାବେ ଅରକ୍ଷିତ ମଣ୍ଡଳ ଯୋଗ ଦେଇଥିଲେ। ସତ୍‌ସଙ୍ଗର ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏଥିରେ ପୂର୍ବତନ ବିଧାୟକ ତଥା ଭାଜପା ପ୍ରାର୍ଥୀ କେ.ନାରାୟଣ ରାଓ, କାଶୀନଗର ବ୍ଲକ ଅଧକ୍ଷ ସି.ଏଚ୍ ସୀମାଦ୍ରୀ, ପାରଳାଖେମୁଣ୍ଡି ପୂର୍ବତନ ମ୍ୟୁନିସିପାଲଟି ଅଧକ୍ଷ ପି.କ୍ରିଷ୍ଣା, ପାତିନି ବଡରଇତ ଯୋଗ ଦେଇଥିଲେ। ଏଥିରେ ଆଖପାଖ ଅଞ୍ଚଳର ସତ୍‌ସଙ୍ଗ ମଣ୍ଡଳୀ ଯୋଗ ଦେଇ କୀର୍ତ୍ତନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶବର ସମାଜ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଭାଲୁଆକ୍ରମଣରେ ବୃଦ୍ଧ ଗୁରୁତର

ଫୁଲବାଣୀ ଅଫିସ, ୧୫।୫

ଫୁଲବାଣୀ ବ୍ଲକ ଗୁମାଗଡ ପଞ୍ଚାୟତ ବାଡିସୁଗା ଗ୍ରାମର ଜଣେ ବୃଦ୍ଧ ବୁଧବାର ସକାଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କାଦର କହଁର। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଫୁଲବାଣୀ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । କାଦର ତାଙ୍କ ଗାଇ ଖୋଜିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ଭାଲୁ ହାବୁଡରେ ପଡି ଯାଇଥିଲେ । ଭାଲୁଟି ତାଙ୍କୁ ଆକ୍ରମଣ କରି କ୍ଷତାକ୍ତ କରି ଦେଇଥିଲା । କାଦରଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ପହଞ୍ଚି ଯିବାରୁ ଭାଲୁଟି ଛାଡି ପଳାଇଥିଲା । କାଦରଙ୍କ ମୁହଁ ଏବଂ ବାମ କାନ୍ଧରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଫରେଷ୍ଟର ରବୀନ୍ଦ୍ର କୁମାର ପାତ୍ର ଫୁଲବାଣୀ ଡାକ୍ତରଖାନାକୁ ଆସି କାଦରଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଭାଲୁଟି ୩ଟି ଛୁଆ ଜନ୍ମ କରିଛି। ଲୋକଙ୍କୁ ବାରଣ କରିବା ସତ୍ତ୍ୱେ ସେମାନେ ଉକ୍ତ ଜଙ୍ଗଲକୁ ଯାଇ ଆକ୍ରମଣର ଶୀକାର ହେଉଛନ୍ତି ବୋଲି ଫରେଷ୍ଟର ପ୍ରକାଶ କରିଛନ୍ତି।

## ସାମର୍ଥ୍ୟ ଶିବିର

ଆସିକା,୧୫।୫(ଡି.ଏନ୍.ଏ.)

ଆସିକାସ୍ଥିତ ହରିହର ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲ ପରିସରରେ ମଙ୍ଗଳବାର ଠାରୁ ଏକ ୧୦ ଦିନିଆ ଶିକ୍ଷକ ପ୍ରଶିକ୍ଷଣ ସାମର୍ଥ୍ୟ ଶିବିର ଆରମ୍ଭ ହୋଇଛି। ହରିହର ହାଇସ୍କୁଲ ଠାରେ ଇଂଲିଶ, ଓଡିଆ ଓ ଗଣିତ ବିଷୟ ଉପରେ ପ୍ରାୟ ୧୩୦ ଜଣ ପ୍ରଶିକ୍ଷାର୍ଥି ଯୋଗଦେଇଥିବାବେଳେ ବାଳିକା ହାଇସ୍କୁଲ ଠାରେ ଜୀବନ ବିଜ୍ଞାନ ଓ ଭୌତିକ ବିଜ୍ଞାନ ବିଷୟରେ ୧୪୫ଜଣ ପ୍ରଶିକ୍ଷାର୍ଥୀ ସାମିଲ୍ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯାହା ପୁଅକୁ କୁମ୍ଭୀର ଖାଏ,**
**ତା’ ମା ଢେଙ୍କି ଦେଖିଲେ ଡରେ ।**

ବିପଦକୁ ସାମ୍ନା କରିଥିବା ବ୍ୟକ୍ତି ମନରେ ଭୟ ଏକପ୍ରକାର ଘର କରି ରହିଯାଇଥାଏ। ଯେତେ ଚେଷ୍ଟା କଲେ ମଧ ସେଥିରୁ ସେ ନିଜକୁ ମୁକୁଳାଇ ପାରି ନ ଥାଏ। ସାଧାରଣ କୁମ୍ଭୀର ଓ ଢେଙ୍କି ମଧରେ ଅନେକ ସାମଞ୍ଜସ୍ୟ ରହି ଥାଏ। ଦୂରରୁ ଦେଖିଲେ ଏକାପରି ଲାଗି ଥାଏ। ଏପରିସ୍ଥିଳେ କୁମ୍ଭୀର ଆକ୍ରମଣରେ ଶିକାର ହୋଇଥିବା ବ୍ୟକ୍ତିର ଆତ୍ମୀୟ ପୂର୍ବ ଅଭିଜ୍ଞତାର ସ୍ମୃତି ହେତୁ ଭୟର କାରଣ ନ ଥାଇ ମଧ ଭୟ ପାଇବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେତେ କଲେ ଦିଶେ ନାହିଁ,**
**ଯେତେ ଦେଲେ ହସେ ନାହିଁ ।**

ମଣିଷର ଆଶା ଅସୁମାରୀ। ଯିଏ ଯେତେ କଲେ ଆଖିକୁ ସେତେ ଦିଶେ ନାହିଁ କି ଯିଏ ଯେତେ ଦେଲେ ମନରେ ହରଷ ଆସେ ନାହିଁ। ମନରେ ସନ୍ତୁଷ୍ଟି ଆଣିବା ମଣିଷର ସାଧ ବାହାରେ। ସେହିପରି ଯେତେ ଧନ ପାଖରେ ଥିଲେ ବି ମନୁଷ୍ୟର ତୃପ୍ତି ଆସି ନ ପାରିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୁଞ୍ଜବିହାରୀ ମଠ ପ୍ରତିଷ୍ଠାର ବାର୍ଷିକ ମହୋତ୍ସବ

ନବରଙ୍ଗପୁର,୧୫।୫(ବି.ପ୍ର.)-

ନବରଙ୍ଗପୁର କୁଞ୍ଜବିହାରୀ ମଠ ପ୍ରତିଷ୍ଠାର ୫ଦଶ ବାର୍ଷିକ ମହୋତ୍ସବ ମହାସମାରୋହରେ ପାଳିତ କରାଯାଇଛି । ଏହି ଉପଲକ୍ଷେ, ପୂଜା, ହୋମ, ଅଖଣ୍ଡଦୀପ ଓ ସଙ୍କୀର୍ତ୍ତନ କରାଯାଇଥିଲା । ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ଶତାଧିକ ଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜଗନ୍ନାଥ ମନ୍ଦିର, କୁଞ୍ଜ ବିହାରି ମଠର କୀର୍ତ୍ତନମଣ୍ଡଳୀ ସାମିଲ ଥିଲେ । ସକାଳୁ ଅପରାହ୍ନ୨ଟା ପର୍ଯ୍ୟନ୍ତ ନାମ ସଙ୍କୀର୍ତ୍ତନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା, ସଭ୍ୟାସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋପବନ୍ଧୁ ବିଷୋୟୀ, ରାଧାନାଥ ବେହେରା, କୁମୁଦଚନ୍ଦ୍ର ପଟ୍ଟନାୟକ, ଭରତ ପ୍ରଧାନୀ, ରଘୁନାଥ ପାତ୍ର, ରଜନୀ କୁମାର ପାତ୍ର, ଦମୟନ୍ତି ବେହେରା, ବୈଦେହୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।


ବାର୍ଷିକ ଉତ୍ସବ ଅବସରରେ ସଂକୀର୍ତ୍ତନ କରାଯାଉଛି।

# ଭୋଟ ଗଣତି ପାଇଁ ଚାଲିଛି ପ୍ରସ୍ତୁତି

ପାରଳାଖେମୁଣ୍ଡି,୧୫।୫ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହର ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଗାମୀ ୨୦୧୯ ସାଧାରଣ ନିର୍ବାଚନର ଭୋଟ ଗଣତି ହେବ। ଏଥିସକାଶେ ଯୁଦ୍ଧକାଳୀନ ପରିସ୍ଥିତିରେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବାର ଦେଖିବାକୁ ମିଳିଛି । ଗଜପତି ଜିଲାର ପାରଳାଖେମୁଣ୍ଡି ଓ ମୋହନା ନିର୍ବାଚନୀ ମଣ୍ଡଳୀର ପ୍ରାର୍ଥୀମାନଙ୍କ ଭାଗ୍ୟଫଳ ନିର୍ଣ୍ଣୟ କରାଯିବ। ଏଥି ସକାଶେ ପ୍ରଶାସନ ପକ୍ଷରୁ ପୂର୍ତ୍ତ ବିଭାଗ ସହାୟତାରେ ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଲୁହାପାଚେରୀ ଠାରୁ ଆରମ୍ଭ କରି ସିସି କ୍ୟାମେରା ବିଶିଷ୍ଟ ଫାଟକ ସବୁ ଲଗାଯାଇଥିଲା। ହଠାତ ଏହି ସ୍ଥାନକୁ ବଦଳାଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧରେ ଗୋଟିଏ କୋଠା ଗୃହ ଠାରେ ଇଭିଏମ୍ ମେସିନ ସବୁ ସ୍ଥାନାନ୍ତରିତ କରାଯାଇଥିଲା । ଆଗକୁ ଭୋଟ ଗଣତି କାର୍ଯ୍ୟକ୍ରମ ରହିଛି। ଜିଲାପ୍ରଶାସନର ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟ ପରିସରରେ ଉକ୍ତ ନୂତନ କୋଠା ଗୃହରୁ ଜିଲାପାଳଙ୍କ ଅଫିସ କାର୍ଯ୍ୟାଳୟ ପରିସରକୁ କିପରି ସୁରକ୍ଷିତ ଭାବେ ମେସିନ ଗୁଡିକୁ ଅଣାଯାଇ ଶାନ୍ତି ଶୃଙ୍ଖଳା ଭାବେ ଭୋଟ ଗଣତି କରାଯିବ ସେଥି ସକାଶେ ପ୍ରସ୍ତୁତି ଚାଲିଛି। ପୂର୍ତ୍ତ ବିଭାଗ ଅଧିକାରୀ ଓ ଠିକାଦାରମାନେ ଦିନରାତି ବିନା ଟେଣ୍ଡରରେ କାର୍ଯ୍ୟାଳୟ ପରିସରରେ ପୁରାତନ ପାଚେରୀ ସବୁ ଭାଙ୍ଗି ପୁନର୍ବାର ନୂତନ ପାଚେରୀ ଓ ସୁଡଙ୍ଗ ଆକୃତିର ଅସ୍ଥାୟୀ ରାସ୍ତା ନିର୍ମାଣ କରୁଥିବାର ଦେଖିବାକୁ ମିଳୁଛି । ପୂର୍ବରୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ବର୍ତ୍ତମାନ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଠାରେ କାର୍ଯ୍ୟ ଚାଲିଥିବାର ଦେଖିବାକୁ ମିଳିଛି।

■୪୦ ଡିଗ୍ରୀ ତାପମାତ୍ରାରେ ଭତ୍ତା ବଣ୍ଟନ

# ବୃଦ୍ଧାବୃଦ୍ଧ ହଟହଟା, ଅଂଶୁଘାତ ଆଶଙ୍କା

ଭଞ୍ଜନଗର,୧୫।୫(ଡି.ଏନ.ଏ)

ପ୍ରତ୍ୟେକ ମାସର ୧୫ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟ ଗୁଡିକରେ ବିଭିନ୍ନ ପ୍ରକାର ଭତ୍ତା ବଣ୍ଟନ କରାଯାଉଛି। ଏହିଭଳି ବୁଧବାର ଭଞ୍ଜନଗର ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଓ ଅନ୍ୟ ସ୍ଥାନ ଗୁଡିକରେ ଭତ୍ତା ବଣ୍ଟନ ବ୍ୟବସ୍ଥା ହୋଇଥିଲା। ମାତ୍ର ବୁଧବାର ସର୍ବାଧିକ ତାପମାତ୍ରା ଭଞ୍ଜନଗର ଅଞ୍ଚଳରେ ୪୦ ଡିଗ୍ରୀ ଥିଲେ ମଧ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଦିନ ୧୨ଟାରେ ମଧ୍ୟ ଭତ୍ତା ବଣ୍ଟନ ଚାଲିଥିଲା। ଲୋକେ ୨ରୁ ୩ କିମି ପର୍ଯ୍ୟାନ୍ତ ଖରାରେ ଚାଲିଚାଲି ଆସି ଭତ୍ତା ନେଉଥିଲେ।

ପ୍ରଚଣ୍ଡ ଖରା ଯୋଗୁ ବୟସ୍କ ଲୋକଙ୍କୁ ଅଂଶୁଘାତ ହେବାର ସମ୍ଭାବନା ରହିଛି। ଏହିଭଳି ପରିସ୍ଥିତିରେ ଲୋକଙ୍କ ହିତକୁ ଦେଖି ପ୍ରତ୍ୟେକ ଗ୍ରାମରେ ଭତ୍ତା ବଣ୍ଟନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଏହାହେଲେ ଲୋକେ ଆଉ ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡି ଖର୍ଚ୍ଚାନ୍ତ ହୁଅନ୍ତେ ନାହିଁ, ସୁରକ୍ଷିତ ମଧ ରହିପାରନ୍ତେ। ଅପରପକ୍ଷେ ଗ୍ରୀଷ୍ମଋତୁ ଶେଷ ମୌସୁମୀ ଆସିବାକୁ ବସିଲାଣି ମାତ୍ର ବ୍ଲକର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ଜଳଛତ୍ର ଖୋଲି ପାରିଲା ନାହିଁ। ଅଧିକାଂଶ ସ୍ଥାନରେ ଜଳଛତ୍ର ଖୋଲିବା ଦିନର ହିଁ ଫଟୋ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ଆସୁଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେଠାରେ ପାଣି ଦିଆଯାଉଛି କି ନାହିଁ ସେନେଇ ତଦାରଖ କରାଯାଉନାହିଁ। ତେଣୁ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହିଭଳି ପରିସ୍ଥିତିରେ ଲାଳସିଂ ପଞ୍ଚୟତ ଛେଦାଭୂମି ଗ୍ରାମର ସତ୍ୟଭାମା ସ୍ୱାଇଁ (୮୦) ବୁଧବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଭତ୍ତା ଟଙ୍କା ଧରି ୨କିମି ଚାଲିଚାଲି ଘରକୁ ଯାଉଥିଲେ। ଚାଲି ପାରୁ ନ ଥିବାରୁ ୨ଜଣ ତାଙ୍କ ହାତଧରି ନେଉଥିଲେ। ଏନେଇ ସତ୍ୟଭାମାଙ୍କୁ ପଚାରିବାରୁ ସେ କହିଥିଲେ, ପ୍ରତ୍ୟେକ ଗ୍ରାମରେ ଭତ୍ତା ବଣ୍ଟନ ବ୍ୟବସ୍ଥା କଲେ ଆମେ ଉପକୃତ ହେବୁ। ଏନେଇ ବିଡିଓ ଅନିଲ କୁମାର ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବଡବଡ ପଞ୍ଚାୟତ ଗୁଡିକରେ ଏକାଧିକ ସ୍ଥାନରେ ଭତ୍ତା ବଣ୍ଟନ ବ୍ୟବସ୍ଥା କରାଯାଇଛି। କର୍ମଚାରୀ ଅଭାବ ଯୋଗୁ ସମସ୍ତ ପଞ୍ଚାୟତରେ ଏହି ସୁବିଧା କରାଯାଇ ପାରୁନାହିଁ। ବର୍ତ୍ତମାନ ଖରାକୁ ଦେଖି ସକାଳୁଆ କେତକ ଗ୍ରାମକୁ ନେଇ ଭତ୍ତା ବଣ୍ଟନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। କିନ୍ତୁ ଗୋଟିଏ ଦିନରେ ସମସ୍ତେ ଭତ୍ତା ନେବାପାଇଁ ଆସୁଛନ୍ତି। ତେଣୁ ଏହିଭଳି ଅସୁବିଧା ହେଉଛି। ଖରା ଯୋଗୁ ଅଧାରୁ ଭତ୍ତା ବଣ୍ଟନ ବନ୍ଦ କଲେ ବିଶୃଙ୍ଖଳା ହେବା ଆଶଙ୍କା ରହୁଛି। ଆଗାମୀ ଦିନରେ ଯଦି ତାପମାତ୍ରା ଅଧିକ ରହିବ ତେବେ ଲୋକଙ୍କ ସୁବିଧା ପାଇଁ ଆଉ କିଛି ନୂଆ ପଦକ୍ଷେପ ନିଆଯିବ। ଜଳଛତ୍ର ସମସ୍ତ ପଞ୍ଚାୟତରେ ଖୋଲାଯାଇଛି ବୋଲି ବିଡିଓ ସେଠୀ ସୂଚନା ଦେଇଛନ୍ତି।

## ଏ ଯାଏ ଖୋଲିଲା ନାହିଁ ଜଳଛତ୍ର


ସତ୍ୟଭାମାଙ୍କୁ ୨ଜଣ ଚାଲିଚାଲି ଯିବାରେ ସହାୟତା କରୁଛନ୍ତି।

■ ଷଷ୍ଠ ଦିନରେ ମଝିସାହି ଠାକୁରାଣୀ ଯାତ୍ରା

# ଖଣ୍ଡା ନାଚ ମୁଖ୍ୟଆକର୍ଷଣ

ରାୟଗଡ(ଗଜପତି)୧୫।୫

ରାୟଗଡ ମଝିସାହିରେ ଅନୁଷ୍ଠିତ ମା’ ସିଦ୍ଧ କମଳାଦେଇ ଠାକୁରାଣୀ ଯାତ୍ରା ବୁଧବାର ଷଷ୍ଠଦିନରେ ପହଞ୍ଚିଛି । ପ୍ରବଳ ଖରା ସତ୍ତ୍ୱେ ମା’ଙ୍କୁ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ ଜମିଥିଲା । ସନ୍ଧ୍ୟାଆଳତୀ ପରେ ମା’ ନଗର ପରିକ୍ରମାରେ ବାହାରିଥିଲେ। ପ୍ରସାଦିନୀ ବିଶୋୟୀଙ୍କ ଘରେ ମା’ଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ପରେ ବଲ୍ଲଭ ପାଇକଙ୍କ ଘରୁ ଭୈରବ ବେଶରେ ବାହାରି ଖଣ୍ଡା ଚାଳନା ଏବଂ ମା’ଙ୍କ ସ୍ଥାୟୀପୀଠରେ (ଠାକୁରାଣୀ ମନ୍ଦିର) ଖଣ୍ଡାନାଚ କରାଯାଇଥିଲା । ଉକ୍ତ ଖଣ୍ଡାନାଚ ଯାତ୍ରାର ମୁଖ୍ୟଆକର୍ଷଣ ରହିଥିଲଶ। ବିଭିନ୍ନ ସାହି ଗଳିକନ୍ଦିରେ ଘଟପୂଜା ପାଇଥିଲା। ଉକ୍ତ ଯାତ୍ରା ଆଉ ଦୁଇଦିନ ବୃଦ୍ଧି କରାଯାଇଥିବାରୁ ଭକ୍ତଙ୍କ ମନରେ ଉତ୍ସାହ ଦେଖାଦେଇଥିଲା। ପ୍ରତ୍ୟେକ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ପରିଚାଳନା କମିଟି ସଭାପତି ରବି ପାଇକ, ସମ୍ପାଦକ ପ୍ରଦୀପ ସାହୁ, କୋଷାଧକ୍ଷ ଜଗା ପାଇକ, ସନ୍ନ୍ୟାସୀ ପାଇକଙ୍କ ସମେତ ସାହିର ଯୁବକମାନେ ପରିଚାଳନାରେ ସହଯୋଗ କରିଥିଲେ।


ଖଣ୍ଡା ନାଚ କରାଯାଉଛି।

# ଘଣ୍ଟାଏ ବର୍ଷାରେ ପୋଲ ଉପରେ ଚାଲିଲା ପାଣି



କାକିରିଗୁମ୍ମା ରାସ୍ତା ପୋଲ ଉପରେ ପାଣି ଚାଲିଛି।



ଝଡ଼ରେ କାକିରିଗୁମ୍ମା ଷ୍ଟେଶନ ପାଚେରି ଭୁଶୁଡ଼ି ପଡ଼ିଛି।

କୋରାପୁଟ/କାକିରିଗୁମ୍ମା ୧୫।୫(ସ୍ୱ.ପ୍ର.)

କୋରାପୁଟ ଜିଲାର କାକିରିଗୁମ୍ମା ଅଞ୍ଚଳରେ ବୁଧବାର ଅପରାହ୍ନରେ ହୋଇଥିବା ମାତ୍ର ଘଣ୍ଟାଏ କାଳ ପ୍ରବଳ ବର୍ଷାରେ ସ୍ଥାନୀୟ ଏକ ପୋଲ ଉପରେ ୨ ଫୁଟରୁ ଅଧିକ ପାଣି ଚାଲିଛି। ଫଳରେ ପ୍ରାୟ ୨ ଘଣ୍ଟା ପାଇଁ ସ୍ଥାନୀୟ ଲୋକଙ୍କୁ ଯାତାୟତରେ ସମସ୍ୟା ହୋଇଥିଲା। ବୁଧବାର ଅପରାହ୍ନ ୩ଟା ୪୫ରୁ ୪ଟା ୪୫ ଯାଏ ହୋଇଥିବା ଝଡ଼ବର୍ଷା ଯୋଗୁ କାକିରିଗୁମ୍ମା-ଦାମନଯୋଡ଼ି ରାସ୍ତାରେ ଏକ ବିରାଟ ଗଛ ଉପୁଡ଼ି ଯାଇଥିବା ବେଳେ ଅନେକ ସ୍ଥାନରେ ଛୋଟ ବଡ଼ ଗଛ ଭାଙ୍ଗିଯାଇଛି। ଫଳରେ ଅଞ୍ଚଳରେ ବିଦ୍ୟୁତ ସେବା ବ୍ୟାହତ ହୋଇଥିଲା। ବିଭାଗର ଯୁଦ୍ଧକାଳୀନ କାର୍ଯ୍ୟ ପାଇଁ ରାତି ୮ଟାରେ ସେବା ସ୍ୱାଭାବିକ ହୋଇଥିଲା।

## ସଂକ୍ଷେପରେ

### ବଜ୍ରାଘାତରେ ବୃଦ୍ଧ ମୃତ

ନନ୍ଦପୁର,୧୫।୫(ଡି.ଏନ୍.ଏ.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ହିଂକିପୁଟ ପଞ୍ଚାୟତର ଖୁଲୁଆ ଗ୍ରାମର ତୁଳସା ଗୋଲରି (୬୪) ବୁଧବାର ଅପରାହ୍ନରେ ବଜ୍ରାଘାତରେ ପ୍ରାଣ ହରାଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ନେଇ ହିଂକିପୁଟ ପଞ୍ଚାୟତ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ଖୁଲୁଅ ଛକ ନିକଟରେ ପବନ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ତୁଳସାଙ୍କ ମୃତ୍ୟୁ ହୋଇଛି।

### କନ୍ୟାକ ପରମେଶ୍ୱରୀ ଜୟନ୍ତୀ ପାଳିତ



ଦାମନଯୋଡ଼ି,୧୫।୫(ଡି.ଏନ୍.ଏ.): କଳିଙ୍ଗ ବୈଶ୍ୟ ସଂଘ ଦାମନଯୋଡ଼ି ପକ୍ଷରୁ ବୈଶ୍ୟ ସମାଜର ଇଷ୍ଟଦେବୀ ମାଆ କନ୍ୟାକ ପରମେଶ୍ୱରୀଙ୍କ ଜୟନ୍ତୀ ମାଥାଲପୁଟ ସ୍ଥିତ ପେଣ୍ଠଘରେ ପାଳିତ ହୋଇଛି। ୧୦ ଜଣ ପରିବାର ସସ୍ତ୍ରୀକ ଧାଡ଼ିରେ ବସି କଳସ ସ୍ଥାପନା ସହ ମା'ଙ୍କ ଫଟୋଚିତ୍ର ରଖି ପୂର୍ଜାର୍ଚ୍ଚନା କରିଥିଲେ। ମା'ଙ୍କ ଜନ୍ମତିଥିରେ ସତ୍ୟନାରାୟଣ ପୂଜା କରାଯାଇଥିଲା। ଏହି ପୂଜା କରିବା ଦ୍ୱାରା ଧନ, ସମ୍ପଦ, ଆରୋଗ୍ୟ ସହ ସର୍ବସାଧାରଣଙ୍କ ମଙ୍ଗଳ ହୁଏ ବୋଲି ବିଶ୍ୱାସ ରହିଛି। ପୂଜକ ଏନ୍.ଜି.ଭି.ଆର୍. ଶାସ୍ତ୍ରୀ କର୍ତ୍ତା ଓ କର୍ତ୍ତ୍ରୀଙ୍କୁ ସଙ୍କଳ କରାଇ ପୂଜାର୍ଚ୍ଚନା କରାଇଥିଲେ। ଏଥିରେ ଶଙ୍କର ପାତ୍ର, ପି. କାମେଶ୍ୱର ପୃଷ୍ଟି, ଜଗନ୍ନାଥ ସେନାପତି, ଏମ୍. କୋଟେସ୍ ପାତ୍ର, ପ୍ରସାଦ ସୁବୁଦ୍ଧି, ଦୃତିକୃଷ୍ଣ ସରାବ, ଶ୍ୟାମ କୁମାର ପାତ୍ର, ସନ୍ତୋଷ କୁମାର ପାତ୍ର ଓ ପଞ୍ଚାନନ ପାତ୍ର ପୂଜାକାର୍ଯ୍ୟ ସମାପନ କରିଥିଲେ।

### ଚତୁର୍ଥ ଦିନରେ ମା' ଗାଙ୍ଗମ୍ମାଙ୍କ ନବରାତ୍ର ଘଟଯାତ୍ରା



ପଟ୍ଟାଙ୍ଗି,୧୫।୫(ଡି.ଏନ୍.ଏ.): ପଟ୍ଟାଙ୍ଗି ସଦର ଗ୍ରାମଦେବୀ ମା' ଗାଙ୍ଗମାଙ୍କ ନବରାତ୍ର ଘଟଯାତ୍ରା ଚତୁର୍ଥ ଦିନରେ ପହଞ୍ଚିଛି। ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିବା ଏହି ଯାତ୍ରା ଆସନ୍ତା ୨୧ ତାରିଖ ଯାଏଁ ଚାଲିବ। ମା'ଙ୍କ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବା ଆରମ୍ଭ କରିଛି। ଘଟଯାତ୍ରା ଆରମ୍ଭ ହେବା ପୂର୍ବରୁ ମା'ଙ୍କ ସ୍ଥାୟୀ ମନ୍ଦିରରେ ନୀତି ଅନୁସାରେ ସୋମବାର ସନ୍ଧ୍ୟାରୁ ପୂଜକ ଦିଲ୍ଲୀପ କୁମାର ହୋତାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଶୁଭବେଳା ରାତି ୯ଟା ୩୫ରେ ମା'ଙ୍କ ଘଟହାଣ୍ଡି ଯାତ୍ରା କମିଟିର ସମ୍ପାଦକ ତଥା ସଦର ସରପଞ୍ଚ ଭଗବାନ ଖରା, ସ୍ଥାୟୀ ସଭାପତି ତଥା ତହସିଲଦାର ଡ. ଅରୁଣ ଖଣ୍ଡା, ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍ଆଇ ବିନୟ ରଏ, ଗ୍ରାମର ବୟୋଜ୍ୟେଷ୍ଠ ନୃସିଂହନାଥ ବେହେରା ଓ ଶିବଶଙ୍କର ଚୌଧୁରୀ, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତାଙ୍କ ହାତରୁ ଘଟ ହାଣ୍ଡି ଉଠିଥିଲା। ଏହି ସମୟରେ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ମା'ଙ୍କୁ ଦର୍ଶନ କରିଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ର ଓ ଆନ୍ଧ୍ର ପଶ୍ଚିମ ଗୋଦାବରୀ ଜିଲାର ଗୋଲାଗୁଡେମ ଅଞ୍ଚଳରୁ ଆସିଥିବା ନାଗ ଦେବତା ନାଚ ମାଧ୍ୟମରେ ମା'ଙ୍କୁ ଜଗନ୍ନାଥ ମନ୍ଦିର ନିକଟରେ ହୋଇଥିବା ଅସ୍ଥାୟୀ ପୂଜା ମଣ୍ଡପକୁ ରାତି ପ୍ରାୟ ଗୋଟାଏ ସମୟରେ ବିଜେ କରିଥିଲେ। ଅନ୍ୟପକ୍ଷରେ ଘଟଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଞ୍ଚଳିକ ନାଟ ଓ ମିନାବଜାର ଆୟୋଜନ କରାଯାଇଛି। ବିଭିନ୍ନ ଗ୍ରାମରୁ ଭକ୍ତ ମା'ଙ୍କ ପୂଜା ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମାନସିକ ପୂରଣ ହୋଇଥିବା ଭକ୍ତ ଘଟ ହାଣ୍ଡି ପ୍ରଦାନ କରିଥାନ୍ତି। ଉକ୍ତ ଯାତ୍ରା ସମୟରେ ଦିନେ ଛାଡି ଦିନେ ମା'ଙ୍କ ଘଟହାଣ୍ଡି ଗ୍ରାମ ପରିକ୍ରମା କରି ପ୍ରତି ଘରେ ପହଞ୍ଚି ପୂଜାର୍ଚ୍ଚନା ପାଇବା ସହ ହରିଜନ ସାହିରେ ରହିଥିବା ପିତାଙ୍କ ଘର ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।

■ ମତ୍ସ୍ୟଚାଷ ଯୋଜନାରେ ମିଳିଲା ମଞ୍ଜୁରୀ

# ଟାର୍ଗେଟ୍‌ରୁ ଅଧିକ ପୋଖରୀ ଖୋଳାଯିବ

ଜୟପୁର,୧୫।୫(ଡି.ଏନ୍.ଏ.)

ସରକାରଙ୍କ ମୋ' ପୋଖରୀ, ନୀଳ ବିପ୍ଳବ ଓ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅଧୀନରେ ଜିଲା ମତ୍ସ୍ୟ ବିଭାଗ ୨୦ ହେକ୍ଟର ଜମିରେ ପୋଖରୀ ଖୋଳିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତେବେ ମତ୍ସ୍ୟଚାଷ ପ୍ରତି ଚାଷୀଙ୍କୁ ଅଧିକ ଆକୃଷ୍ଟ କରିବା ଓ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କ ସଚେତନତା ଯୋଗୁ ଏଥିପାଇଁ ଚାଷୀଙ୍କ ଆବେଦନ ବଢ଼ିଛି। ଚାଷୀମାନେ କରିଥିବା ଆବେଦନ ମଧ୍ୟରୁ ୩୩ ଜଣ ହିତାଧିକାରୀଙ୍କ ଆବେଦନ ମଞ୍ଜୁର କରାଯାଇଛି। ଏଥିପାଇଁ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୪.୧୦ ହେକ୍ଟର ଚାଷଜମିରେ ପୋଖରୀ ଖୋଳାଯିବା ପାଇଁ ମଞ୍ଜୁରୀ ମିଳିଛି। ଇତିମଧ୍ୟରେ ୧୯ ଜଣ ଚାଷୀଙ୍କ ୧୨.୩୦ ହେକ୍ଟର ଜମିରେ ପୋଖରୀ ଖୋଳା ଆରମ୍ଭ ହୋଇଛି। ମଞ୍ଜୁର ହୋଇଥିବା ଅବଶିଷ୍ଟ ୧୪ ଜଣ ଚାଷୀଙ୍କ ୨୧.୮୦ ହେକ୍ଟର ଜମିରେ ଜୁନ୍ ସୁଦ୍ଧା ପୋଖରୀ ଖୋଳା ଶେଷ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବିଭାଗ ତଥ୍ୟ ଅନୁଯାୟୀ, ସରକାରଙ୍କ ଉପରୋକ୍ତ ତିନୋଟି ଯୋଜନାରେ ଏହି ନୂତନ ପୋଖରୀ ଖୋଳିବା ପାଇଁ ୮ଲକ୍ଷ ୫୦ ହଜାର ଟଙ୍କା ଅଟକଳ କରାଯାଇଥିବା ବେଳେ ସରକାର ଏଥିରେ ୫୦ ପ୍ରତିଶତ ଛାଡ଼ କରିଛନ୍ତି। ଏହି ଯୋଜନାରେ ମତ୍ସ୍ୟଚାଷ ପାଇଁ ବ୍ୟାଙ୍କଗୁଡ଼ିକ ବାର୍ଷିକ ୪ ପ୍ରତିଶତ ସୁଧହାରରେ ଋଣ ବ୍ୟବସ୍ଥା କରିଛନ୍ତି।

# ନିର୍ବାଚନ ଗଣତି ପାଇଁ ମାଷ୍ଟର ଟ୍ରେନରଙ୍କୁ ତାଲିମ

କୋରାପୁଟ,୧୫।୫(ସ୍ୱ.ପ୍ର.)



ପ୍ରଶିକ୍ଷଣ ଶିବିରରେ ନିର୍ବାଚନ ଗଣତି ପାଇଁ ତାଲିମ ଦିଆଯାଉଛି।

ଆସନ୍ତା ୨୩ରେ ଭୋଟ୍ ଗଣତି ହେବାକୁ ଥିବାବେଳେ ଏଥିପାଇଁ ବୁଧବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ରାଜ୍ୟ ମାଷ୍ଟର ଟ୍ରେନର ଭାବେ ସୁଜାତା ମିଶ୍ର ଏଥିରେ ଅଧ୍ୟକ୍ଷତା କରି ଜିଲାସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ନିର୍ବାଚନ ଗଣତି ପାଇଁ ଥିବା ବ୍ୟବସ୍ଥା ସମ୍ପର୍କରେ ତାଲିମ ଦେଇଛନ୍ତି। ଚଳିତ ନିର୍ବାଚନରେ ପ୍ରଥମଥର ଇଭିଏମ୍ ଓ ଭିଭିପିଏଟି ମେଶିନ ଯୋଗେ ମତଦାନ ହୋଇଥିବାବେଳେ ଭୋଟ୍ ଗଣତି କିପରି ନିର୍ଭୁଲ କରାଯିବ, ସେନେଇ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ଦିଆଯାଇଥିଲା। ଆସନ୍ତା ୨୩ରେ କୋରାପୁଟର ଲାଣ୍ଡିଗୁଡ଼ା ସରକାରୀ ମହାବିଦ୍ୟାଳୟରେ କୋରାପୁଟ, ଲକ୍ଷ୍ମୀପୁର, ପଟ୍ଟାଙ୍ଗି ବିଧାନସଭା ଆସନ ସମେତ କୋରାପୁଟ ଲୋକସଭା ଆସନ ପାଇଁ ଭୋଟ୍‌ର ଗଣତି ହେବ। ସେହିପରି ଜୟପୁରସ୍ଥିତ ବିକ୍ରମଦେବ ମହାବିଦ୍ୟାଳରେ ଜୟପୁର ଓ କୋଟପାଡ଼ ବିଧାନସଭା ଆସନ ପାଇଁ ଭୋଟ୍ ଗଣତି କରାଯିବ। ଏଥିପାଇଁ ଜିଲାର ସମସ୍ତ ମାଷ୍ଟର ଟ୍ରେନର, ବିଡିଓ, ତହସିଲଦାର, ନିର୍ବାହୀ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ଶିବିରରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, କୋରାପୁଟ ଉପଜିଲାପାଳ ଲଳିତ କହଁର, ଜୟପୁର ଉପଜିଲାପାଳ ଲୋକନାଥ ଦଳବେହେରା, କୋରାପୁଟ ଆଇଟିଡିଏ ପିଏ କାରୁ ସୋରେନ, ଜୟପୁର ଆଇଟିଡିଏ ପିଏ ଗୋପୀନାଥ ସାରକା, ଜିଲା ନିର୍ବାଚନ ଅଧିକାରୀ ସବ୍ୟସାଚି ବେହେରା, ଜିଲା ଇ-ଗଭର୍ନାନ୍ସ କାର୍ଯ୍ୟାଳୟର ମନୋଜ ଦାସ, ଏନଆଇସିର ଶଶି କୁମାର, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ ପଣ୍ଡା ଉପସ୍ଥିତ ଥିଲେ। ଗୁରୁବାର ଜିଲାର ସମସ୍ତ ଭୋଟ ଗଣନାକାରୀ ସୁପରଭାଇଜରମାନଙ୍କୁ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ୮ଟି ଗୃହରେ ଏବଂ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୪ଟି ଗୃହରେ ଭୋଟ ଗଣତି ପାଇଁ ତାଲିମ ଦିଆଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ସବ୍ୟସାଚି ବେହେରା କହିଛନ୍ତି।

# ଜୋନ୍‌ସ୍ତରୀୟ ଶ୍ରୀସତ୍ୟସାଇ ଭକ୍ତ ସମ୍ମିଳନୀ

ଦାମନଯୋଡ଼ି,୧୫।୫(ଡି.ଏନ୍.ଏ.)



ଜୋନ୍‌ସ୍ତରୀୟ ଶ୍ରୀସତ୍ୟସାଇ ସମ୍ମିଳନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

କୋରାପୁଟ ଜିଲା ନାଲ୍‌କୋ ଶିଳ୍ପାଞ୍ଚଳ ସେକ୍ଟର-୧ ମୁକ୍ତ ରଙ୍ଗମଞ୍ଚରେ ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାରୁ ଶତାଧିକ ଭକ୍ତ ଜୋନ୍‌ସ୍ତରୀୟ ଶ୍ରୀସତ୍ୟସାଇ ସମ୍ମିଳନୀରେ ଭାଗନେଇ ବିଭୁକୃପା ଲାଭ କରିଛନ୍ତି। ୨ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମରେ ନଗର ସଙ୍କୀର୍ତ୍ତନ, ଯୋଗ, ଭଜନ, ଦେବ ଉଚ୍ଚାରଣ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଜାତୀୟ କାଉନସିଲ ମେମ୍ବର ପି. ଜଗନ୍ନାଥ ପ୍ରସାଦ ରାଓ 'ବିବିଧତା ଭିତରେ ଏକତା' ସମ୍ପର୍କରେ ସତ୍ୟସାଇ ବାବାଙ୍କ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସତ୍ୟସାଇ ଆଶ୍ରମ ପୁଟପର୍ତ୍ତିରୁ ବିଶ୍ୱେଶ୍ୱର ପୃଷ୍ଟି, ରାମେଶ୍ୱର ପୃଷ୍ଟି ଉପସ୍ଥିତ ରହି ଭଗବାନଙ୍କ ଲୀଳା ସମ୍ପର୍କରେ ମାର୍ଗଦର୍ଶନ କରାଇଥିଲେ। ସେବା ହିଁ ଶ୍ରୀସତ୍ୟସାଇ ସଙ୍ଗଠନର ପରିଚୟ ବୋଲି ବକ୍ତାମାନେ କହିଥିଲେ। ମୁଖ୍ୟବକ୍ତା ଭାବେ ପୁଟ୍ଟପର୍ତ୍ତିରୁ କୋରାପୁଟ ଡିପି ନାଗଭୂଷଣ ରାଓ, ରାୟଗଡ଼ା ଡିପି ରାବଣା ମୂର୍ତ୍ତି, ନବରଙ୍ଗପୁର ଡିପି ପି. ଲିଙ୍ଗମୂର୍ତ୍ତି ଯୋଗ ଦେଇଥିଲା ବେଳେ ନାଲକୋ ଇଡି ରବିଶଙ୍କର ଦାସ, ମହାପ୍ରବନ୍ଧକ (ଏଚ୍ ଆଣ୍ଡ ଏ) ରାଜୀବ କୁମାର ମିଶ୍ର, ମହାପ୍ରବନ୍ଧକ (ମାଇନ୍ସ) ଅରୁଣ କୁମାର ଦାସ, ମହାପ୍ରବନ୍ଧକ ନେତ୍ରାନନ୍ଦ ମହାରଣା, ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ରମେଶ ଚନ୍ଦ୍ର ଯୋଗୀ ଯୋଗ ଦେଇଥିଲେ। ବାଳବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଦୀପାନ୍ୱିତା ଦାସ, ସ୍ମିତା ବ୍ରହ୍ମା, ଶିବାନୀ ଭଉଣୀ, ଶ୍ରାବଣୀ ଭଉଣୀ, ଅଙ୍କିତା ଭଉଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

■ କୋରାପୁଟ ମ୍ୟୁନିସିପାଲଟି

# ୮୩୦ ପାଇଖାନା ନିର୍ମାଣ ଶେଷ

କୋରାପୁଟ,୧୫।୫(ସ୍ୱ.ପ୍ର.)

ସ୍ୱଚ୍ଛ ଭାରତ ଅଭିଯାନ ଜରିଆରେ ୨୦୧୮-୧୯ ଆର୍ଥିକ ବର୍ଷରେ କୋରାପୁଟ ମ୍ୟୁନିସିପାଲଟି ଅଞ୍ଚଳରେ ମୋଟ ୮୩୦ଟି ଘରୋଇ ପାଇଖାନା ନିର୍ମାଣ ଶେଷ ହୋଇଛି। ଏହି ପାଇଖାନାକୁ ସଂପୃକ୍ତ ହିତାଧିକାରୀ ବ୍ୟବହାର କଲେ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଲକ୍ଷ୍ୟ ସଫଳ ହୋଇପାରିବ ବୋଲି ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେହିପରି କୋରାପୁଟ ସହରର ଚନ୍ଦନପୋଖରୀ, ମାଳିସାହି, ଟାଉନ ହଲ, ଗାନ୍ଧିପାର୍କ, ଜଗନ୍ନାଥ ମନ୍ଦିର, ଶ୍ମଶାନ ପରି ୬ଟି ସ୍ଥାନରେ କମ୍ୟୁନିଟି ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଓଏମ୍‌ପି, ପୋଲିସ ପ୍ୟାରେଡ ପଡିଆ, ମା' ମୁଦ୍ୟାଲୁମ୍ମା ମନ୍ଦିର, ଡିଆଇଜି କାର୍ଯ୍ୟାଳୟ, ବିଇଓ କାର୍ଯ୍ୟାଳୟ, ରେଭିନ୍ୟୁ କଲୋନୀ, ରାଜୀବ ଗାନ୍ଧୀ ପାର୍କ, ହାଟପଦା ପରି ୮ଟି ସ୍ଥାନରେ ପବ୍ଲିକ ପାଇଖାନା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା କୋରାପୁଟ ମ୍ୟୁନିସିପାଲଟିର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ର ପ୍ରକାଶ କରିଛନ୍ତି। ଏହି ୧୪ଟି ପାଇଖାନାରେ ପାଣି ଓ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି ପଠାଯାଇଥିବା ସହକାରୀ ଯନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି।

## ଫନୀ ବିପନ୍ନଙ୍କ ପାଇଁ ଦିନକର ଦରମା ଦେଲେ ଡାକ୍ତର, କର୍ମଚାରୀ

ମାଲକାନଗିରି, ୧୫।୫(ଡି.ଏନ୍.ଏ.)

ଫନୀ ପ୍ରଭାବିତଙ୍କୁ ସହାୟତା ହାତ ବଢ଼ାଇଛି ମାଲକାନଗିରି ଜିଲା ସ୍ୱାସ୍ଥ୍ୟ ବିଭାଗ। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀ ସେମାନଙ୍କ ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦେଇଛନ୍ତି। ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ ଡ. ଅନିଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏହି ଅର୍ଥ ସଂଗ୍ରହ କରାଯାଇଥିଲା। ସଂଗୃହୀତ ସହାୟତା ରାଶୀକୁ ଜିଲାପାଳ ମନିଷ ଅଗ୍ରୱାଲଙ୍କୁ ପ୍ରଦାନ କରାଯାଇଛି। ଏହାଛଡ଼ା ଜିଲାର ସମସ୍ତ ସଂଘ ଏବଂ ସଙ୍ଗଠନ ବାତ୍ୟା ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଜିଲା ପୋଲିସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ଏବଂ ଅନ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି।

■ ଯୁବକଙ୍କ ଅଦ୍‌ଭୁତ କାଣ୍ଡ

# ଦଂଶିଥିବା ସାପକୁ ଧରି ଡାକ୍ତରଖାନାରେ ହାଜର

ମାଲକାନଗିରି, ୧୫।୫(ଡି.ଏନ୍.ଏ.)



ମାଲକାନଗିରି ଡାକ୍ତରଖାନାରେ ମଙ୍ଗଳବାର ରାତିରେ ଜଣେ ଯୁବକଙ୍କ ଅଦ୍‌ଭୁତ କାଣ୍ଡ ଉପସ୍ଥିତ ସମସ୍ତଙ୍କୁ ଆତଙ୍କିତ କରିଛି। ସାପ କାମୁଡିଲା ବୋଲି ସେଇ ସାପକୁ ଧରି ଯୁବକ ଜଣଙ୍କ ଡାକ୍ତରଖାନାରେ ପହଞ୍ଚିବା ପରେ କର୍ମଚାରୀ ଓ ରୋଗୀଙ୍କ ମଧ୍ୟରେ ଖେଳାଇ ଦେଇଥିଲା ଭୟ। ମାଲକାନଗିରି ଜିଲା ଏମ୍‌ଭି-୬୩ ଗ୍ରାମର ପାର୍ଥ ସରକାର ମଙ୍ଗଳବାର ରାତିରେ ପାର୍ଥ ଘରେ ଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ିଥିଲା। ଅନ୍ଧାର ହୋଇଥିବାରୁ କେଉଁ ସାପ କାମୁଡିଥିଲା ସେ ଜାଣି ପାରି ନ ଥିଲେ। ଅତି ଚତୁରତାର ସହ ପାର୍ଥ ସାପଟିକୁ କାବୁ କରିବା ସହ କାମୁଡ଼ି ଥିବା ସ୍ଥାନରେ ଗାମୁଛା ବାନ୍ଧି ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଥିଲେ। ଯୁବକଙ୍କ ସହ ସାପଟିକୁ ଦେଖି ଡାକ୍ତର ଓ କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯିବା ସହ ସେଠାରେ କିଛି ସମୟ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସାପଟି ଜୀବିତ ବୋଲି ପାର୍ଥ ଡାକ୍ତରଙ୍କୁ କହିଥିଲେ। ଏହା ପରେ ସାପଟିକୁ ଡାକ୍ତରଖାନା ନିକଟସ୍ଥ ବଣରେ ଛଡ଼ା ଯାଇଥିଲା। ଯୁବକ ଜଣଙ୍କ ସାପଟିକୁ ଛାଡିବା ପରେ ତୁରନ୍ତ ତାଙ୍କ ଚିକିତ୍ସା ଆରମ୍ଭ କରାଯାଇଥିଲା। ପାର୍ଥଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବାରୁ ତାଙ୍କୁ ବୁଧବାର ଡାକ୍ତରଖାନାରୁ ଛଡ଼ାଯାଇଛି।

# ଆଦିବାସୀଙ୍କୁ ରୋଜଗାର ଯୋଗାଉଛି କେନ୍ଦୁପତ୍ର


ମାଲକାନଗିରି, ୧୫।୫(ଡି.ଏନ୍.ଏ.)

ମାଲକାନଗିରିରେ ବସବାସ କରୁଥିବା ଅଧିକାଂଶ ଆଦିବାସୀ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରିଥାନ୍ତି। ଏବେ କେନ୍ଦୁପତ୍ର ଉପରେ ନିର୍ଭର କରି ସେମାନେ ଚଳୁଛନ୍ତି। କେନ୍ଦୁପତ୍ରକୁ ସଂଗ୍ରହ କରି ପ୍ରତ୍ୟେକ ଆଦିବାସୀ ପରିବାରର ବାର୍ଷିକ ଆୟ ପ୍ରାୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ। ତେବେ ଜିଲାର ସମସ୍ତ ଅଞ୍ଚଳରେ ଏବେ କେନ୍ଦୁପତ୍ର ତୋଳା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହିଳା ଓ ପୁରୁଷ କେନ୍ଦୁପତ୍ର ତୋଳିବାରେ ବ୍ୟସ୍ତ ରହିଛନ୍ତି। ଗତ କିଛିବର୍ଷ ତଳେ କେନ୍ଦୁପତ୍ର ଗୋଟିଏ ବିଡା ପିଛା ୨୦ ପଇସା ରହିଥିଲା। ବର୍ତ୍ତମାନ ଏହାର ମୂଲ୍ୟ ବଢି ବିଡ଼ା ପିଛା ୪ଟଙ୍କା ଧାର୍ଯ୍ୟ କରାଯାଇଛି। କେନ୍ଦୁପତ୍ର ଦରବୃଦ୍ଧି ଯୋଗୁ ଅଞ୍ଚଳର ଆଦିବାସୀ ଓ ଅଣଆଦିବାସୀ ପରିବାର ଏଥିରେ ଅଧିକ ସଂଖ୍ୟାରେ ନିୟୋଜିତ ହେଉଛନ୍ତି। ବନ ବିଭାଗ କେନ୍ଦୁପତ୍ର କିଣିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ଏହାଛଡ଼ା କେତେକ ଘରୋଇ କମ୍ପାନୀ କେନ୍ଦୁପତ୍ର କିଣୁଥିବାରୁ ଲୋକମାନେ ଅତି ସହଜରେ ସେମାନଙ୍କୁ ବିକ୍ରି କରି ଲାଭବାନ ହେଉଛନ୍ତି।



ଫଡିରେ କେନ୍ଦୁପତ୍ର ଶୁଖାଯାଉଛି।

# ପାଣି, ରାସ୍ତା ଦାବିକଲେ ୨ ଗାଁର ବାସିନ୍ଦା



ପଟ୍ଟାଙ୍ଗି ବିଡ଼ିଓଙ୍କୁ ଭେଟି ଦାବି ଜଣାଉଛନ୍ତି ଗ୍ରାମବାସୀ।

ପଟ୍ଟାଙ୍ଗି,୧୫।୫(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ ସୁଙ୍କି ଓ ରାଲେଗଡ଼ା ପଞ୍ଚାୟତ ଅଧୀନ ୨ଟି ଗାଁର ବାସିନ୍ଦା ପାନୀୟ ଜଳ ଓ ରାସ୍ତା ଦାବି କରିଛନ୍ତି। ଏନେଇ ସେମାନେ ବିଡିଓ କରୁଣାକର ପ୍ରଧାନଙ୍କୁ ଭେଟି ଲିଖିତ ଦାବି ଜଣାଇଥିବା ଭାଜପା ସୁଙ୍କି ସଭାପତି ତ୍ରିନାଥ ବେହେରାଙ୍କ ନେତୃତ୍ୱରେ ଜେଟି ମହେଶ, ଜାନୀ ପାଣ୍ଡାୟା, ତାମାଲ ନାଗେଶ ଓ ଲାଛନା ଖରା କହିଛନ୍ତି।ସୂଚନା ଅନୁଯାୟୀ, ରାଲେଗଡ଼ା ପଞ୍ଚାୟତର

**ବିଡିଓଙ୍କୁ ଦାବିପତ୍ର**

ମାଡବାଲସା ଗ୍ରାମରେ ୩୨ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ମାତ୍ର ଗୋଟିଏ ନଳକୂପ ରହିଛି। ଖରାଦିନେ ଏହା ପିଇବା ପାଣି ଯୋଗାଇବାରେ ସକ୍ଷମ ହେଉନାହିଁ। ତେଣୁ ଗାଁ ପାଖ ଝରଣା ଉପରେ ଗ୍ରାମବାସୀ ନିର୍ଭର କରୁଛନ୍ତି। ପ୍ରବଳ ଗ୍ରୀଷ୍ମରେ ଝରଣା ଶୁଖିଗଲେ ସେଠାରେ ମାଟି ଖୋଳି ପାଣି ସଂଗ୍ରହ କରୁଛନ୍ତି ଗ୍ରାମବାସୀ। ପୂର୍ବରୁ ଥିବା ବିଡିଓଙ୍କୁ ଏନେଇ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ଫଳ ମିଳି ନଥିବା ରବି ଖରା, ଗେମେଲ ଲାଛନା କହିଛନ୍ତି। ସେହିପରି ସୁଙ୍କି ପଞ୍ଚାୟତ ପାନସାଲପାଡୁ ଗ୍ରାମରେ ପରଜା ଓ ଦୋରା ସମ୍ପ୍ରଦାୟର ପରିବାର ରହୁଛନ୍ତି। ୫ ବର୍ଷ ତଳେ ପରଜା ସମ୍ପ୍ରଦାୟ ରହୁଥିବା ସାହିରେ କଂକ୍ରିଟ୍ ରାସ୍ତା ତିଆରି କରାଯାଇଥିବା ବେଳେ ଦୋରା ସମ୍ପ୍ରଦାୟ ରହୁଥିବା ସାହିକୁ ଅଣଦେଖା କରାଯାଇଥିବା ଓ ପୁଣି ଥରେ ସିସି ରାସ୍ତା ଆସିବ ବୋଲି ଫାଙ୍କା ପ୍ରତିଶ୍ରୁତି ମିଳୁଥିବା ଜାନୀ ପାଣ୍ଡେୟା ଅଭିଯୋଗ କରିଛନ୍ତି। ୨ ବର୍ଷ ତଳେ ଏକ ନଳକୂପ ଖୋଳାଯାଇଥିବା ବେଳେ ସେଥିରୁ ବାହାରୁଥିବା ପାଣିରେ ତେଲ ପରି କିଛି ଭାସୁଥିବା ସହ ଲୌହଯୁକ୍ତ ରହୁଥିବା ସେମାନେ କହିଛନ୍ତି। ବିଡିଓ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ସାଧାରଣ ନିର୍ବାଚନ ପାଇଁ ଲାଗିଥିବା ଆଚରଣବିଧି ଉଠିନାହିଁ। ଏହା ଉଠିବା ପରେ ଉପରୋକ୍ତ ଦୁଇ ଗାଁକୁ ତଦନ୍ତକାରୀ ଟିମ୍ ପଠାଯାଇ ସମସ୍ୟା ସମ୍ପର୍କରେ ରିପୋର୍ଟ ସଂଗ୍ରହ ପରେ ସମାଧାନ କରାଯିବ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ଦେଲେ ପିଣ୍ଟୁ



**ବ୍ରହ୍ମପୁର ଅଫିସ୍,୧୫।୫:** ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବ୍ରହ୍ମପୁରର ପୂର୍ବତନ ମେୟର୍ ଶିବଶଙ୍କର ଦାସ(ପିଣ୍ଟୁ)ଙ୍କ ତରଫରୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ୪୯ହଜାର ଟଙ୍କା ଏବଂ ୫୧ହଜାର ଟଙ୍କାର ଦୁଇଟି ଡିଡିକୁ ପିଣ୍ଟୁଙ୍କ ମା' ଶ୍ରଦ୍ଧା ଦାସ, ସ୍ତ୍ରୀ ଆଶା ଦାସ ଏବଂ ଦୁଇ ପୁଅ ହରିଶଙ୍କର ଏବଂ ଅଭୟରାମ ବୁଧବାର ଅପରାହ୍ନରେ ବ୍ରହ୍ମପୁର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କୁ ପ୍ରଦାନ କରିଥିଲେ ।

### ବନ୍ଦ ହେବ ଭଞ୍ଜନଗର ଓଏସ୍‌ଆର୍‌ଟିସି ଜୋନ୍

### ବ୍ରହ୍ମପୁରରୁ ଗଡ଼ିବ ୩ ରୁଟ୍‌ର ୭ବସ୍

**ବ୍ରହ୍ମପୁର ଅଫିସ୍,୧୫।୫:** ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ(ଓଏସ୍‌ଆର୍‌ଟିସି)ର ଭଞ୍ଜନଗର ୟୁନିଟ୍‌କୁ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ୟୁନିଟ୍‌ର କର୍ମଚାରୀମାନେ ଆନ୍ଦୋଳନକୁ ତୀବ୍ର କରୁଥିଲେ ମଧ୍ୟ ସରକାରଙ୍କ ଉପରେ ଏହାର କୌଣସି ପ୍ରଭାବ ପଡ଼ୁନି । ଅନ୍ୟପଟେ ଭଞ୍ଜନଗରରୁ ଚଳାଚଳ କରୁଥିବା ବସଗୁଡ଼ିକ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଉଦ୍ୟମ ଆରମ୍ଭ ହୋଇଯାଇଛି। ଭଞ୍ଜନଗର ଜୋନ୍‌ରୁ ଚଳାଚଳ କରୁଥିବା ୨୨ ବସ୍ ମଧ୍ୟରୁ ୧୮ଟିକୁ ଅନ୍ୟ ଜୋନ୍‌କୁ ସ୍ଥାନାନ୍ତର କରାଯାଉଛି । ଏଥିରୁ ୩ଟି ରୁଟ୍‌ରେ ୭ଟି ବସ୍‌କୁ ବ୍ରହ୍ମପୁର ଜୋନ୍‌କୁ ସ୍ଥାନାନ୍ତର କରାଯିବ । ଏହାକୁ ନେଇ ବ୍ରହ୍ମପୁର ଜୋନ୍‌ରେ ପ୍ରସ୍ତୁତି ଜୋରଦାର୍ କରାଯାଉଛି। ଯଦ୍ୱାରା ବ୍ରହ୍ମପୁର ଜୋନ୍‌ରୁ ୧୨ ରୁଟରେ ୨୭ଟି ବସ ଚଳାଚଳ କରୁଛି। ଏଥିରେ ପୁଣି ୩ ରୁଟ୍‌ରେ ୭ଟି ବସ୍‌କୁ ସାମିଲ୍ କରାଯିବ । ଭଞ୍ଜନଗରରୁ ଆସାନସୋଲକୁ ଚଳାଚଳ କରୁଥିବା ୩ଟି ବସ ଯଥା ଓଡ଼ି୦୨ଏ୯୨୭୬, ଓଡ଼ି୦୭ଇ୯୩୫୫ ଏବଂ ଓଡ଼ି୩୨ସି୪୧୭୩ ନମ୍ବର ବସଗୁଡ଼ିକ ବ୍ରହ୍ମପୁରରୁ ଚଳାଚଳ କରିବ। ସେହିଭଳି ଭଞ୍ଜନଗରରୁ ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶ ଦେଇ ଗୁନାଗୋଟ ଯାଉଥିବା ୨ଟି ବସ ଯଥା ଓଡ଼ି୩୨ସି୫୧୨୧ ଏବଂ ଓଡ଼ି୩୨ସି୪୧୭୫ ସମେତ ଭଞ୍ଜନଗରରୁ ଆନ୍ଧ୍ରପ୍ରଦେଶ ଦେଇ ଇଚ୍ଛାବତୀ ଯାଉଥିବା ୨ଟି ବସ ଯଥା ଓଡ଼ି୩୨ସି୧୨୨ ଏବଂ ଓଡ଼ି୩୨ସି୪୧୭୪କୁ ବ୍ରହ୍ମପୁର ଜୋନ୍ ଅଧୀନରେ ଚଳାଚଳ କରିବ । ଏଥି ପାଇଁ ଅଧିକ ୧୫ ଜଣ ଲୋଖୋ ଚାଳକ ଓ କଣ୍ଡକ୍ଟରଙ୍କ ଆବଶ୍ୟକତା ରହିଛି । ଖୁବ୍ ଶୀଘ୍ର ସେମାନଙ୍କୁ ନିଯୁକ୍ତି ଦିଆଯିବ । ତେବେ ବସ ସଂଖ୍ୟା ବଢ଼ିଲେ ମଧ୍ୟ ରହଣି କିମ୍ବା ମରାମତିରେ କୌଣସି ଅସୁବିଧା ହେବନି ବୋଲି ବ୍ରହ୍ମପୁର ଜୋନ୍ କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଉଛି । ଭଞ୍ଜନଗରରୁ ବସ୍ ବ୍ରହ୍ମପୁରରୁ ଚଳାଚଳ କରିବ, କିନ୍ତୁ ପୂର୍ବଭଳି ଭଞ୍ଜନଗରକୁ ଯିବ । ଏଣୁ ସେଠାରେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବ ।

## ■ଜାନିବିଲି ପାଇପଲାଇନ ପାଇଁ ରାସ୍ତା ଖୋଳାକୁ ନେଇ ଅସନ୍ତୋଷ


# ଶିଳ୍ପାଞ୍ଚଳରେ ବିଭାଗୀୟ ଅଧିକାରୀଙ୍କୁ ଘେରିଲେ ଅଞ୍ଚଳବାସୀ

ବ୍ରହ୍ମପୁର ଅଫିସ, ୧୫।୫

ବ୍ରହ୍ମପୁର ସହରରେ ପାନୀୟ ଜଳ ସଙ୍କଟ ଦୂର କରିବାକୁ ରାଜ୍ୟ ସରକାର ଜାନିବିଲି ଜଳଯୋଗାଣ ପ୍ରକଳ୍ପ ହାତକୁ ନେଇଛନ୍ତି। ମାର୍ଚ୍ଚ ୩ରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରହ୍ମପୁର ଗସ୍ତରେ ଆସି ଉଦ୍‌ଘାଟନ ମଧ୍ୟ କରିଛନ୍ତି । କିନ୍ତୁ ପାଣି ତ ଦୂରର କଥା ପାଇପ ଲାଇନ ବିଛାଇବା କାର୍ଯ୍ୟ ମଧ୍ୟ ଏଯାଏ ସରିନାହିଁ । ଅନ୍ୟପଟରେ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିବା ସମ୍ପୃକ୍ତ ଘରୋଇ ସଂସ୍ଥା ପାଇପ ବିଛାଇବା ନାମରେ ମନଇଚ୍ଛା ରାସ୍ତା ଖୋଳିବା ଦ୍ୱାରା ଏବେ ସହରର ଅନେକ ଅଞ୍ଚଳର ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି । ଏଥିସହ ପାଇପଲାଇନ ବିଛାଇବା ପାଇଁ ମନଇଚ୍ଛା ରାସ୍ତା ଖୋଳା ଯୋଗୁ ଅନେକ ଅଞ୍ଚଳକୁ ପୁରୁଣା ପାଇପଲାଇନରୁ ମଧ୍ୟ ଜଳଯୋଗାଣ ମଧ୍ୟ ବନ୍ଦ ହୋଇଥିବା ଅଭିଯୋଗ ହୋଇଛି । ଏପରି ଏକ ଉଦାହରଣ ବୁଧବାର ଶିଳ୍ପାଞ୍ଚଳରେ ଦେଖିବାକୁ ମିଳିଛି । ମନଇଚ୍ଛା ପାଇପ ବିଛାଇବା ବେଳେ ପୁରୁଣାପାଇପଲାଇନ ଫାଟିବାରୁ ମଙ୍ଗଳବାରରୁ ଆଙ୍କୁଲି, ଶିଳ୍ପାଞ୍ଚଳର ଅନେକ ଅଞ୍ଚଳକୁ ଜଳଯୋଗାଣ ବନ୍ଦ ରହିଛି । ଫଳରେ ଏହାକୁ କେନ୍ଦ୍ର କରି ଶିଳ୍ପାଞ୍ଚଳ ଛକରେ ବୁଧବାର ଉତ୍ତେଜନା ଦେଖାଦେଇଛି । ଜନଅସନ୍ତୋଷ ପରେ ଜାନିବିଲି ପ୍ରକଳ୍ପ କାର୍ଯ୍ୟ କରୁଥିବା ସଂସ୍ଥା ଫାଟିଥିବା ପାଇପ୍‌ଲାଇନକୁ ଯୋଡ଼ିବା ସହ ଅପରାହ୍ନରେ ମାଟି ପକାଇ ସମତୁଲ କରିଛି ।

ସହରରେ ଜଳସଙ୍କଟ ଦୂର ପାଇଁ ଏବେ ଜାନିବିଲିରୁ ସହରର ପ୍ରତ୍ୟେକ ଘରକୁ ଜଳଯୋଗାଣ ପାଇଁ ପାଇପ୍‌ଲାଇନ ବିଛା କାର୍ଯ୍ୟ ଚାଲିଛି । କିନ୍ତୁ ପ୍ରକଳ୍ପ କାର୍ଯ୍ୟ ହାତକୁ ନେଇଥିବା ଘରୋଇ ସଂସ୍ଥା ବିଭିନ୍ନ ଅଞ୍ଚଳରେ ପାଇପ୍ ବିଛାଇବା ନାମରେ ମନଇଚ୍ଛା ରାସ୍ତା ଖୋଳୁଛି । ସହରର ଅନେକ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବିଶେଷ କରି ଲାଞ୍ଜିପଲ୍ଲୀ ବାଇପାସରୁ ଶିଳ୍ପାଞ୍ଚଳ ଛକ ପର୍ଯ୍ୟନ୍ତ ରାସ୍ତାରେ ପାଇପଲାଇନ ବିଛାଇବା ପାଇଁ ସମ୍ପୃକ୍ତ ସଂସ୍ଥା ଖୋଳିଛି । କିନ୍ତୁ ପାଇପଲାଇନ ବିଛାଇବା ପରେ ସଂସ୍ଥା ଖୋଳାଯାଇଥିବା ମାଟିକୁ ସମତୁଲ କରିବା ଓ ପୁନଃ ରାସ୍ତା ନିର୍ମାଣ କରିବାକୁ ଭୁଲି ଯାଇଛି । ଫଳରେ ଏହି ରାସ୍ତାରେ ଯାତାୟାତ କରିବା ଏବେ କଷ୍ଟସାଧ ହୋଇପଡ଼ୁଛି । ରେଲଓ୍ୱେକଲୋନୀରୁ ଶିଳ୍ପାଞ୍ଚଳ ଛକ ପର୍ଯ୍ୟନ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଅନ୍ୟପଟରେ ଘରୋଇ ସଂସ୍ଥାର ମନମୁଖି କାର୍ଯ୍ୟକଳାପକୁ ବିରୋଧ କରି ଶିଳ୍ପାଞ୍ଚଳ ବାସିନ୍ଦା ବୁଧବାର ଘରୋଇ ସଂସ୍ଥା ଓ ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଘେରାଉ କରିବା ସହ ପରିସ୍ଥିତି କରିଥିଲେ । ଫଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା ।

ଅଞ୍ଚଳବାସୀ ଶିବଶଙ୍କର ନାୟକଙ୍କ କହିବାନୁଯାୟୀ, ପୂର୍ବରୁ ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ରାସ୍ତାକୁ ପାଇପଲାଇନ ବିଛାଇବା ନାମରେ ଖୋଳି ନଷ୍ଟ କରିଥିବା ବେଳେ ମଙ୍ଗଳବାର ରାତିରେ ଶିଳ୍ପାଞ୍ଚଳ ଛକରେ ଥିବା ମନ୍ଦିର ସମ୍ମୁଖକୁ ସଂସ୍ଥା ଖୋଳିଥିଲା । ଫଳରେ ଉକ୍ତ ସ୍ଥାନ ଦେଇ ଯାଇଥିବା ପୁରୁଣା ପାଇପ ଲାଇନ ଫାଟି ଯାଇଥିବା ଦେଖିବାକୁ ମିଳିବା ପରେ ଶିଳ୍ପାଞ୍ଚଳରେ ଛକରେ ସ୍ଥାନୀୟ ଅଞ୍ଚଳବାସୀମାନେ ରୁଣ୍ଡ ହେବା ସହ ବିଭାଗୀୟ ଅଧିକାରୀଙ୍କୁ ଘେରାଉ କରିଥିଲେ । ତୁରନ୍ତ କାର୍ଯ୍ୟ ବନ୍ଦ କରିବା ସହ ମନଇଚ୍ଛା ରାସ୍ତା ଖୋଳା ବେଳେ ପାଇପଲାଇନ ଫାଟିବା ଫଳରେ ଶିଳ୍ପାଞ୍ଚଳ ସମେତ ଆଙ୍କୁଲି, ସୂର୍ଯ୍ୟନଗର, କୁମ୍ଭାରପଲ୍ଲୀ, ବୃନ୍ଦାବନ ନଗରକୁ ଜଳଯୋଗାଣ ବନ୍ଦ ହୋଇଯାଇଥିବା ସେମାନେ ଅଭିଯୋଗ କରିଥିଲେ । ତୁରନ୍ତ ପାଇପଲାଇନ ବିଛା କାର୍ଯ୍ୟ ବନ୍ଦ କରି ଖୋଳା ଯାଇଥିବା ରାସ୍ତାକୁ ସମତୁଲ କରିବା ସହ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଦାବି କରିଥିଲେ । ରାସ୍ତା ଓ ପାଇପଲାଇନ ମରାମତି ନ କରିବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ନ କଲେ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଥିଲେ । ତେବେ ଘଟଣାସ୍ଥଳରେ ଉପସ୍ଥିତ ଘରୋଇ ସଂସ୍ଥା ନିର୍ବାହୀଯନ୍ତ୍ରୀ, ଜେଇ ଓ ଅନ୍ୟ ଅଧିକାରୀମାନେ ପାଇପଲାଇନକୁ ମରାମତି କରିବା ରାସ୍ତା ସମତୁଳ କରିବାକୁ ପ୍ରତିଶ୍ରୁତି ଦେବା ପରେ ଅଞ୍ଚଳବାସୀ ଶାନ୍ତ ହୋଇଥିଲେ । ଏହାପରେ ସଂସ୍ଥା ପକ୍ଷରୁ ଅପରାହ୍ନରେ ଫାଟିଥିବା ପାଇପଲାଇନକୁ ମରାମତି କରିବା ସହ ରାସ୍ତାକୁ ସମତୁଳ କରିଥିବା ସୂଚନା ମିଳିଛି ।



ଜାନିବିଲି ପାଇପଲାଇନ ବିଛାଯିବା ବେଳେ ଶିଳ୍ପାଞ୍ଚଳ ଛକରେ ଫାଟିଥିବା ପୁରୁଣା ପାଇପଲାଇନ ।

■ବିପର୍ଯ୍ୟସ୍ତ ରାସ୍ତା, ଫାଟିଥିବା ପାଇପଲାଇନ ସଜାଡ଼ିବାକୁ ଦାବି

■ଅପରାହ୍ନରେ ପାଇପଲାଇନ ସଜାଡ଼ିଲା ଘରୋଇ ସଂସ୍ଥା

## ■ପୁରୀରେ ବିସିସି ବ୍ୟାଙ୍କର ମୋବାଇଲ ଏଟିଏମ୍ ସେବା

# ୫ ଦିନରେ ୧୫୨୩ ଗ୍ରାହକ ଉଠାଇଛନ୍ତି ୬୭.୧୭ ଲକ୍ଷ ଟଙ୍କା




ପୁରୀରେ ବିସିସି ବ୍ୟାଙ୍କ ମୋବାଇଲ ଏଟିଏମ୍ ଭ୍ୟାନ ନିକଟରେ ଲୋକଙ୍କ ଧାଡ଼ି ।

ବ୍ରହ୍ମପୁର ଅଫିସ,୧୫।୫

ଚଳିତ ମାସ ପ୍ରଥମ ସପ୍ତାହରେ ଘଟିଥିବା ସାମୁଦ୍ରିକ ବାତ୍ୟା ଫନି ପୁରୀ ଜିଲ୍ଲାକୁ ବିଶେଷ ପ୍ରଭାବିତ କରିଛି । ଫଳରେ ବ୍ୟାଙ୍କ ସେବା ବିପର୍ଯ୍ୟସ୍ତ ହୋଇଯାଇଛି । ତେଣୁ ମୋବାଇଲ ଏଟିଏମ୍ ଦ୍ୱାରା ଗ୍ରାହକଙ୍କୁ ସେବା ଯୋଗାଇବା ବ୍ୟବସ୍ଥା କରିଛି ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ । ଗତ ୧୦ରୁ ଆରମ୍ଭ ହୋଇଥିବା ଏହି ସେବା ୧୪ ତାରିଖ ସୁଦ୍ଧା ୫ ଦିନରେ ପୁରୀ ସହର ସମେତ ସେହି ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୫୨୩ ଗ୍ରାହକଙ୍କୁ ୬୭.୧୭ ଲକ୍ଷ ଟଙ୍କା ଦିଆଯାଇଛି । ବ୍ୟାଙ୍କ ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ପରିଚାଳନା ବୋର୍ଡ ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀ ବୁଧବାର ଏହି ସୂଚନା ଦେଇଛନ୍ତି । ଆବଶ୍ୟକ ସ୍ଥଳେ ଅଧିକ ଟଙ୍କା ଯୋଗାଇ ଦିଆଯିବାର ସେ ଦର୍ଶାଇଛନ୍ତି ।

ସୂଚନାଯୋଗ୍ୟ, ବିସିସି ବ୍ୟାଙ୍କ ଅଧୀନରେ ଗଜପତି ଜିଲ୍ଲାର ଅନେକ ଦୁର୍ଗମ ମାଳ ଅଞ୍ଚଳ ରହିଛି । ଆଦିବାସୀ ବହୁଳ ଗାଁ ଗଣ୍ଡା ଓ ହାଟଗୁଡ଼ିକରେ ଗ୍ରାହକମାନେ ସୁବିଧାରେ ଟଙ୍କା ଉଠାଣ ଏଭଳିକି ବିଭିନ୍ନ ଋଣ ବାବଦ ଅର୍ଥ ମଧ୍ୟ ମୋବାଇଲ ଏଟିଏମରୁ ଉଠାଇବାର ବ୍ୟବସ୍ଥା ହୋଇଛି । ଗତ ୩ ବର୍ଷ ତଳୁ ମୋବାଇଲ ଏଟିଏମ ଭ୍ୟାନ ପ୍ରଚଳିତ ହୋଇ ଆର.ଉଦୟଗିରି ବ୍ୟାଙ୍କ ଶାଖା ଅଧୀନରେ ରଖାଯାଇଛି । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ (ଓଏସସିବି) ନିର୍ଦ୍ଦେଶରେ ବିସିସି ବ୍ୟାଙ୍କ ବାତ୍ୟା ଦ୍ୱାରା ପ୍ରଭାବିତ ପୁରୀକୁ ମୋବାଇଲ ଭ୍ୟାନ ପଠାଉଛି । ଏଟିଏମରୁ ଟଙ୍କା ସରିବା ମାତ୍ରେ ଅନଲାଇନ ଦ୍ୱାରା ପୁଣି ଭର୍ତ୍ତି କରାଯାଉଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି ।

## ବିଇଡିର ତୃତୀୟ ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ, ୧୫।୫

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ସ୍କୁଲ ଅଫ ଏଜୁକେସନ(ବିଇଡି)ର ତୃତୀୟ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଷ୍ଟେଟ ସିଲେକ୍ସନ ବୋର୍ଡର ସଦସ୍ୟ ଡ. ଧୀରେନ୍ଦ୍ର କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜରେ ଶିକ୍ଷକଙ୍କ ଭୂମିକା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଶିକ୍ଷକମାନେ ସମାଜର ମେରୁଦଣ୍ଡ । ଦେଶର ଶିକ୍ଷାବ୍ୟବସ୍ଥା ଉପରେ ଦେଶର ବିକାଶ ତଥା ପ୍ରଗତି ନିର୍ଭର କରିଥାଏ । ତେଣୁ ଦେଶର ବିକାଶ ପାଇଁ ଶିକ୍ଷାବ୍ୟବସ୍ଥାରେ ସୁଧାର ଆଣିବାର ଆବଶ୍ୟକତା ରହିଛି । ଜଣେ କର୍ତ୍ତବ୍ୟନିଷ୍ଠ ଉତ୍ତମ ଶିକ୍ଷକ ଭାବେ ଦାୟିତ୍ୱ ସମ୍ପାଦନ କରିବା ସହ ବର୍ତ୍ତମାନ ବିପଥଗାମୀ ଯୁବବର୍ଗ, ଛାତ୍ରଛାତ୍ରୀଙ୍କୁ ଠିକ ରାସ୍ତା ଦେଖାଇବା ଦିଗରେ କାର୍ଯ୍ୟକରିବାକୁ ମୁଖ୍ୟବକ୍ତା ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳସଚିବ ରଞ୍ଜନ ବିଶ୍ୱାଳ, ସେଲଫ ଫାଇନାନ୍ସ କୋର୍ସ ନିର୍ଦ୍ଦେଶକ ଡ. ପ୍ରଧାକର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗ ସଂଯୋଜିକା ପ୍ରଫେସର ସନ୍ଧ୍ୟାରାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କନସଲଟାଣ୍ଟ ସୁଦର୍ଶନ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ■ବଡ଼ଗୁମୁଳା ସୁଶାନ୍ତ ହତ୍ୟା ଘଟଣା

# ମୁଖ୍ୟ ଷଡ଼ଯନ୍ତ୍ରକାରୀ ଲିଷ୍ଟା କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୧୫।୫

ବଡ଼ଗୁମୁଳା ବୋମାମାଡ଼ ଘଟଣାରେ ସୁଶାନ୍ତ ସାହୁଙ୍କ ମୃତ୍ୟୁ ଘଟିଥିଲା । ୨ ଗୋଷ୍ଠୀଙ୍କ ମଧ୍ୟରେ ଲାଗି ରହିଥିବା ଅସନ୍ତୋଷର ଶିକାର ହୋଇଥିଲେ ସୁଶାନ୍ତ ବୋଲି ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ସୁଶାନ୍ତ କୁମାର ଜେନା ଓରଫ ଲିଷ୍ଟାଙ୍କୁ ସୋମବାର ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ମିଶ୍ର କହିଛନ୍ତି। ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ସେଠୀ, ଗୁନା ସେଠୀ ଓ ସମୟ ରଣାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ଲିଷ୍ଟା ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସମିତିସଭ୍ୟ ଅଛନ୍ତି । ଲିଷ୍ଟା, ଗୁନା ସେଠୀ ଓ ପ୍ରଦୀପ ସେଠୀ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ହୋଇଥିବା ବେଳେ ମୃତ ସୁଶାନ୍ତ ସାହୁ ଓ ଶିବ ସେଠୀ ଅନ୍ୟ ଏକ ଦଳର ଅଛନ୍ତି। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିଭିନ୍ନ କାରଣକୁ ନେଇ ଭିତ୍ତର ଲାଗି ରହିଥିଲା। ସାଧାରଣ ନିର୍ବାଚନ ସମୟରେ ଗୋପାଳପୁର ପୋଲିସ ଉଭୟ ଗୋଷ୍ଠୀଙ୍କୁ ୧୧୦ ସିଆରପିସି ଧାରା ଅନୁସାରେ ନୋଟିସ ଦେଇଥିଲା। ସାଧାରଣ ନିର୍ବାଚନ ପରେ ଲିଷ୍ଟା ପୂର୍ବରୁ ଅନ୍ୟ ଗୋଷ୍ଠୀ ପକ୍ଷରୁ ହୋଇଥିବା ଆକ୍ରମଣ ଘଟଣାର ପ୍ରତିଶୋଧ ନେବା ପାଇଁ ଯୋଜନା କରିଥିଲେ । ଏପ୍ରିଲ ୧୯ ତାରିଖରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ନେଇ ଲିଷ୍ଟା ପାଣିଗ୍ରାହୀପେଣ୍ଠରେ ରହୁଥିବା ମାମିନୀ ସାହୁଙ୍କ ଘରେ ବୋମା ପ୍ରସ୍ତୁତ କରିଥିଲେ। ସେମାନଙ୍କ ଟାର୍ଗେଟରେ ଥିଲେ ଶିବ ସେଠୀ। ଘଟଣା ଦିନ ଶିବଙ୍କୁ ନ ପାଇ ତାଙ୍କର ଜଣେ ପ୍ରମୁଖ ସହଯୋଗୀ ସୁଶାନ୍ତଙ୍କ ବଡ଼ଗୁମୁଳା ଗାଁକୁ ଯାଇଥିଲେ। ସୁଶାନ୍ତ ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ମୋବାଇଲ ଫୋନ ଦେଖୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ଘଟଣାସ୍ଥଳରେ ହିଁ ସୁଶାନ୍ତଙ୍କର ମୃତ୍ୟୁ ହୋଇଥିଲା । ସୂଚନାଯୋଗ୍ୟ, ପୂର୍ବରୁ ଗୋପାଳପୁର ପୋଲିସ ଗତ ୨ ତାରିଖରେ ଦମାଣ୍ଡିରେ ଅଜିତ ସେଠୀ, ପୁରୁଷୋତ୍ତମପୁର ଥାନା ତାରାତରିଣୀର ଗୋପିନାଥ ରଣା ଓ ବଡ଼କଳାର ଥାନା ପାଣିଗ୍ରାହୀ ପେଣ୍ଠର ରହୁଥିବା ମାମିନୀ ସାହୁ ଓ ତାଙ୍କ ସ୍ୱାମୀ ଚନ୍ଦନ କୁମାର ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ମଙ୍ଗଳବାର ରାତିରେ ଜରଡ଼ା ଥାନା ଅନ୍ତର୍ଗତ ଖଇର ଗାଁରେ ପୂର୍ବରୁ ଲାଗି ରହିଥିବା ୨ ଗୋଷ୍ଠୀ ବିବାଦର ସମାଧାନ ପାଇଁ ଗାଁ ବୈଠକ ବସିଥିଲା । ସେଥିଲେ ସେଠାରେ ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଫଳରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି ବୋଲି ଏସ୍‌ପି ସୂଚନା ଦେଇଛନ୍ତି । ଜିଲ୍ଲା ଏସ୍‌ଡିପିଓଙ୍କ ନେତୃତ୍ୱରେ ଘଟଣାର ଅନୁସନ୍ଧାନ ଚାଲିଛି। ଅଞ୍ଚଳରେ ଲାଗି ରହିଥିବା ଚାପା ଉତ୍ତେଜନାକୁ ପ୍ରତିହତ କରିବା ପାଇଁ ଏକ ପ୍ଲାଟୁନ ପୋଲିସ ମୁତୟନ କରାଯାଇଛି ବୋଲି ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି ।

# ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ମିଳିଲା ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୧୫।୫

**ଚେକ୍ ବାଉନ୍ସ ମାମଲା**

■ତଳ କୋର୍ଟ ରାୟ ଉପରେ ସ୍ଥଗିତାଦେଶ

ଏକ ଚେକ୍ ବାଉନ୍ସ ମାମଲା ଦଣ୍ଡାଦେଶ ରାୟ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି । ହାଇକୋର୍ଟର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ତଳ କୋର୍ଟ ରାୟ କାର୍ଯ୍ୟକାରୀ ଉପରେ ସ୍ଥଗିତାଦେଶ ଜାରି କରାଯାଇଛି । ଏହି ମାମଲାର ଅଭିଯୁକ୍ତ ତଥା ଠିକାଦାର ପ୍ରଦ୍ୟୁମ୍ନ ପାଣିଗ୍ରାହୀଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିବା ସହ ତଳ କୋର୍ଟରେ ୫ ହଜାର ଟଙ୍କା ପେଠ କରିବାକୁ ନିର୍ଦ୍ଦେଶ ଦେଇଥିବା ଅଭିଯୁକ୍ତଙ୍କ ଓକିଲ ଚିତ୍ତରଞ୍ଜନ ଶତପଥୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବ୍ରଜନଗର ଅଞ୍ଚଳର ପ୍ରଦ୍ୟୁମ୍ନ ଜଣେ ଠିକାଦାର ହୋଇଥିବା ବେଳେ ବଡ଼ବଜାର ଖାସା ସାହି ବ୍ୟବସାୟୀ ଜାମୁଲା ଗୋପାଳମଙ୍କଠାରୁ ୩୦ ହଜାର ଟଙ୍କାର ଲୁହାରଡ଼ ଓ ସିମେଣ୍ଟ ନେଇଥିଲେ। ଏ ବାବଦରେ ଠିକାଦାର ଜଣଙ୍କ ୩୦ ହଜାର ଟଙ୍କାର ଏକ ଚେକ୍ ବ୍ୟବସାୟୀଙ୍କୁ ଦେଇଥିଲେ। ଜାମୁଲା ଗୋପାଳମ ଉକ୍ତ ଚେକଟିକୁ ବ୍ୟାଙ୍କରେ ଜମା କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ଏନେଇ ବ୍ୟବସାୟୀ ଜଣକ ଠିକାଦାରଙ୍କ ନିକଟକୁ ଓକିଲ ନୋଟିସ ପଠାଇଥିଲେ। ପରେ ବ୍ୟବସାୟୀ ଜଣଙ୍କ କୋର୍ଟରେ ନଂ. ୨୧୩/୧୦ରେ ଏକ ୱାନସିଟି ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ତତ୍କାଳୀନ ଏସଡିଜେଏମ୍ ପ୍ରଦ୍ୟୁମ୍ନଙ୍କୁ ୩ ମାସ ଜେଲ ଦଣ୍ଡ ସହ ଆବେଦନକାରୀଙ୍କୁ ୪୫ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଜରିମାନା ଅନାଦାୟ ଥିଲେ ଏକ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ମଧ୍ୟ ନିର୍ଦ୍ଦେଶ ରହିଥିଲା । ଏହା ପରେ ଅଭିଯୁକ୍ତ ପ୍ରଦ୍ୟୁମ୍ନ ଜାମିନ ପାଇଁ ତାଙ୍କ ଓକିଲ ଶତପଥୀ ଜିଲ୍ଲା କୋର୍ଟରେ ଆବେଦନ କରିଥିଲେ । ହେଲେ ଜିଲ୍ଲା କୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରିବା ସହ ତଳକୋର୍ଟର ରାୟକୁ ବଜାୟ ରଖିଥିଲେ । ଶେଷରେ ଅଭିଯୁକ୍ତଙ୍କ ଜାମିନ ପାଇଁ ଓକିଲ ଶତପଥୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ।

## ■ଘରୋଇ ସଂସ୍ଥାର ଖାମଖିଆଲ ମନୋଭାବ

# ବିଳମ୍ବ ହେଲା ଯୁକ୍ତ ୨ ଖାତା ମୂଲ୍ୟାୟନ

ବ୍ରହ୍ମପୁର ଅଫିସ,୧୫।୫

ଚଳିତ ଥର ଯୁକ୍ତ ୨ ଖାତା ମୂଲ୍ୟାୟନ ବିଭିନ୍ନ କାରଣରୁ ବାଧାପ୍ରାପ୍ତ ହେବାରେ ଲାଗିଛି । ନିର୍ଦ୍ଧାରିତ ସମୟରେ ପରୀକ୍ଷା ଫଳ ପ୍ରକାଶ ପାଇବାକୁ ନେଇ ମଧ୍ୟ ସନ୍ଦେହ ଉପୁଜିଛି । ଅନ୍ୟପଟେ ଅଫଲାଇନ୍ ଅପେକ୍ଷା ଅନ୍‌ଲାଇନ୍ ଖାତା ମୂଲ୍ୟାୟନରେ ବିଭ୍ରାଟ ଦେଖିବାକୁ ମିଳିଛି । ବିଶେଷକରି ବ୍ରହ୍ମପୁର ଜୋନ୍‌ରେ ଥିବା ଇ-ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ନିୟମିତ ସମସ୍ୟା ଦେଖାଦେଉଛି । କେଉଁଠି ଇଣ୍ଟରନେଟ୍ ସଂଯୋଗ ନାହିଁ ତ ପୁଣି କେଉଁଠାରେ ବିଳମ୍ବରେ ମୂଲ୍ୟାୟନ ଆରମ୍ଭ ହେଉଛି। ବୁଧବାର ପରଲା ମହାରାଜା ଇଞ୍ଜିନିୟରିଂ କଲେଜରେ ଥିବା ଇ-ମୂଲ୍ୟାୟନ କେନ୍ଦ୍ରରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଖାତା ଦେଖା ଅବଧି ବୃଦ୍ଧି ହୋଇଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇ ନ ଥିଲା। ଏଣୁ ଖାତା ଦେଖା ଶେଷ ହୋଇଥିବା ଭାବି କଲେଜ କର୍ତ୍ତୃପକ୍ଷ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ, ଯାହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା । ଉଚ୍ଚ ପଦସ୍ଥ ଅଧିକାରୀମାନେ ପହଞ୍ଚିବା ପରେ ଖାତା ଦେଖା ଆରମ୍ଭ ହୋଇଥିଲା ।



ମୂଲ୍ୟାୟନ କେନ୍ଦ୍ର ବନ୍ଦ ଥିବା ଯୋଗୁ ଅଧ୍ୟାପିକା ଅଧ୍ୟାପକମାନେ ବାହାରେ ବସିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁର ଜୋନ୍‌ରେ ପ୍ରଥମ ପର୍ଯ୍ୟାୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ଖାତା ଦେଖା ଶେଷ ହୋଇଛି। ମେ ପହିଲାରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ଜୋନ ଅଧୀନରେ ୧୧ ମାନ୍ୟୁଆଲ ଏବଂ ୫ଟି ଇ-ମୂଲ୍ୟାୟନ କେନ୍ଦ୍ର କରାଯାଇଛି । ଏକ ଘରୋଇ ସଂସ୍ଥାକୁ ଇ-ମୂଲ୍ୟାୟନ ଦାୟିତ୍ୱ ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ପାରଲା ମହାରାଜା ଇଞ୍ଜିନିୟରିଂ କଲେଜ ଏବଂ ଗିରିରୋଡ଼ ସ୍ଥିତ ସିଏସ୍‌ପିରେ ଦୁଇଟି ଇ-ମୂଲ୍ୟାୟନ କେନ୍ଦ୍ର ହୋଇଛି। ତେବେ ସମସ୍ୟା ହେଲା ଗତ ୩ ତାରିଖରେ ବାତ୍ୟା ଫନି ଯୋଗୁ ୧୩ଟି ଜିଲ୍ଲାରେ ଖାତା ଦେଖା ବନ୍ଦ ହୋଇଯାଇଥିଲା। ହେଲେ ଗଞ୍ଜାମ ଜିଲ୍ଲାରେ କୌଣସି ସମସ୍ୟା ନ ଥିବା ଯୋଗୁ ଖାତାଦେଖା ସ୍ୱାଭାବିକ ଭାବେ ଚାଲିଥିଲା । ମଙ୍ଗଳବାର(୧୪ତାରିଖ)ରେ ପାରଲା ମହାରାଜା ଇଞ୍ଜିନିୟରିଂ କଲେଜରେ ଖାତା ଦେଖା ଶେଷ ହେବାକୁ ପୂର୍ବରୁ ଦିନ ଧାର୍ଯ୍ୟ ହୋଇଥିଲା । ବାତ୍ୟା ଯୋଗୁ ଯେଉଁ ଜିଲ୍ଲାଗୁଡ଼ିକରେ ଇ-ମୂଲ୍ୟାୟନ ବନ୍ଦ ହୋଇଛି, ସେଭଳିସବୁ ଜିଲ୍ଲାର କେତେକ ଖାତାକୁ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜରେ ମୂଲ୍ୟାୟନ କରିବାକୁ ବିଭାଗ ତରଫରୁ ନିଷ୍ପତ୍ତି କରାଯାଇଥିଲା । ଏନେଇ ଇ-ମୂଲ୍ୟାୟନ ଦାୟିତ୍ୱ ନେଇଥିବା ଘରୋଇ ସଂସ୍ଥା ଏବଂ ମୂଲ୍ୟାୟନରେ ନିୟୋଜିତ ଅଧ୍ୟାପିକା ଅଧ୍ୟାପକଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ଘରୋଇ ସଂସ୍ଥା ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏଣୁ ୧୪ତାରିଖରେ ଇ-ମୂଲ୍ୟାୟନ ଶେଷ ହୋଇଯାଇଥିବା ଭାବି କଲେଜ କର୍ତ୍ତୃପକ୍ଷ ମୂଲ୍ୟାୟନ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ବୁଧବାର(ମେ ୧୫ତାରିଖ) ସକାଳ ୮ଟା ପୂର୍ବରୁ ମୂଲ୍ୟାୟନରେ ନିୟୋଜିତ ଅଧ୍ୟାପିକା ଅଧ୍ୟାପକମାନେ ମୂଲ୍ୟାୟନ କେନ୍ଦ୍ରରେ ପହଞ୍ଚିଥିଲେ। କିନ୍ତୁ କେନ୍ଦ୍ରରେ ତାଲା ଝୁଲୁଥିଲା । ସେମାନେ ଫାଟକ ବାହାରେ ଠିଆ ହୋଇଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଖବର ପାଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଜୋନ ଉପସଚିବ ଡ. କୁଳମଣି ଓଝା ଏବଂ କଲେଜ ଅଧ୍ୟକ୍ଷ ରଞ୍ଜନ ସ୍ୱାଇଁ ପହଞ୍ଚିଲା ପରେ ତାଲା ଖୋଲାଯାଇଥିଲା। ପ୍ରାୟ ସାଢ଼େ ୧୦ଟା ବେଳେ ଖାତା ମୂଲ୍ୟାୟନ ଆରମ୍ଭ ହୋଇଥିଲା। ଏନେଇ ଉପସଚିବ ଡ. ଓଝାଙ୍କ କହିବାନୁଯାୟୀ, ଇ-ମୂଲ୍ୟାୟନ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା କଥା । କିନ୍ତୁ ଯୋଗାଯୋଗ ହୋଇ ନ ଥିବା ଯୋଗୁ କଲେଜ କର୍ତ୍ତୃପକ୍ଷ କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ମୁଁ ପହଞ୍ଚିବା ପରେ ତାଲା ଖୋଲାଯାଇଥିଲା । ଖାତାଦେଖା ସ୍ୱାଭାବିକ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।


ଦୀପିକା

ଅପେରା ହାଲଚାଲ

# ନିଆରା ଅଭିନେତା ସୁଜୟ

ମଞ୍ଚ ଉପରେ ତାଙ୍କୁ ଦେଖିଲେ ଦର୍ଶକଙ୍କ ମନରେ ଖେଳିଯାଏ ଖୁସିର ଲହରି। କାରଣ ତାଙ୍କ ଅଭିନୟ ସ୍ୱତନ୍ତ୍ରତା ପ୍ରଦର୍ଶିତ ନାଟକରେ ଭରିଦିଏ ରୋମାଞ୍ଚ। ଭୂମିକାଟି ଯାହା ହେଉ ନା କାହିଁକି ତାକୁ ସେ ଏପରି ଉପସ୍ଥାପନା କରନ୍ତି ଯାହା ଦର୍ଶକଙ୍କୁ ଦିଏ ଭିନ୍ନ ସ୍ୱାଦର ମନୋରଞ୍ଜନ। ଦିନ ଥିଲା ନାୟକ ଭାବରେ ସେ ଜଲିଉଡ୍‌ରେ ଦର୍ଶକଙ୍କର ନିକଟତର ହୋଇଥିଲେ। ଆଉ ଏବେ ଜଣେ ଚରିତ୍ର ଅଭିନେତା ଭାବରେ ସେ ନିଜର ଆସନକୁ ଏପରି ଦୃଢ଼ କରିଛନ୍ତି ଯାହା ଅନ୍ୟ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି। ସେ ହେଲେ ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଲୋକପ୍ରିୟ କଳାକାର ସୁଜୟ ମହାପାତ୍ର। ଦୀର୍ଘ ୪୦ବର୍ଷର ଯାତ୍ରା ଜୀବନର ଖଟାମିଠା ଅନୁଭୂତି ଆଜି ବି ତାଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ତୃତୀୟ ଶ୍ରେଣୀରେ ପଢ଼ିବା ସମୟରେ ସେ ପାଦ ଥାପନ୍ତି ମଞ୍ଚରେ। ତା'ପରେ କଲେଜରେ ଡ୍ରାମାଟିକ ସେକ୍ରେଟାରି ଦାୟିତ୍ୱ ତୁଲାଇବା ଏବଂ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ ହେବା ପରେ ଭବିଷ୍ୟତରେ ଅଭିନୟକୁ କ୍ୟାରିୟର କରିବା ନିଶା ଆହୁରି ଘାରେ। ଭୁବନେଶ୍ୱରସ୍ଥ ସଙ୍ଗୀତ ମହାବିଦ୍ୟାଳୟରୁ ଅଭିନୟରେ ଡିପ୍ଲୋମା ହାସଲ ପରେ ସେ ଯୋଗ ଦିଅନ୍ତି ଅନ୍ନପୂର୍ଣ୍ଣା ଥିଏଟରରେ। ମଞ୍ଚ ନାଟକରେ ମୁଖ୍ୟ ଭୂମିକାରେ ଅଭିନୟ କରି ସେ ସାଉଁଟନ୍ତି ଅନେକ ସଫଳତା। ସୁଜୟଙ୍କ ଅପେରା ଜୀବନ ଆରମ୍ଭ ହୁଏ ତାରିଣୀ ଗଣନାଟ୍ୟରୁ। ପ୍ରଥମ ନାଟକ ଥିଲା 'କନିଆ ହଜିଛି ତମ ଗାଁରେ'। ପ୍ରଥମେ ନାୟକ ଭାବରେ ମିଳିଥିବା ସୁଯୋଗକୁ ଆଦୌ ହାତଛଡ଼ା କରନ୍ତି ନାହିଁ ସେ। ତା'ପରେ ମା', ତ୍ରିନାଥ, ପାର୍ବତୀ, ବାଘାଯତୀନ ଲୋକନାଟ୍ୟ, ସୋମନାଥ ଅପେରା, ଜଗଧାତ୍ରୀ, କଳିଙ୍ଗ, କୋଣାର୍କ ଆଉ ଏବେ ଯାତ୍ରା ସଚ୍ଚିଦାନନ୍ଦମରେ ପତ୍ନୀ ତଥା ଲୋକପ୍ରିୟ ଅଭିନେତ୍ରୀ ମିନୁଙ୍କ ସହ ଅଭିନୟ ଜାରି ରଖିଛନ୍ତି। ତ୍ରିନାଥ ଗଣନାଟ୍ୟରେ ଏହି ଯୋଡ଼ିଙ୍କୁ ପ୍ରଥମ ଥର ପାଇଁ ନାୟକ-ନାୟିକା ଭାବରେ ଦେଖିବାକୁ ମିଳିଥିଲା। ସୁଜୟଙ୍କ ସ୍ମରଣୀୟ ଅଭିନୟର ସାକ୍ଷରତା ବହନ କରୁଥିବା ୨୫୦ ନାଟକ ମଧ୍ୟରୁ 'ଜହ୍ନ ରାତିର ଝଡ଼, ମଇଳା କାଗଜ, ଅଚଳ ପଇସା, ବୁଢ଼ିଆଣୀ ଜାଲ, ଶବ ଉପରେ ମୋ ବାସର ରାତି', ଗୀତା ସୁନୀତା ମଧୁମିତା, ଭଲ ମଣିଷ ଖୋଜା ଚାଲିଛି' ଆଦି ଅନ୍ୟତମ। 'ଦିନ ଥିଲା ନାଟକ ଦେଖିଲେ ତାହା ଦର୍ଶକଙ୍କ ମନରେ ଦୀର୍ଘବର୍ଷ ଧରି ମନେ ରହୁଥିଲା। ହେଲେ ଏବେକାର ନାଟକରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ଚରିତ୍ର ନାହିଁ କି କେତେକ କଳାକାରଙ୍କଠାରେ ନିଷ୍ଠା ଏବଂ ଚେଷ୍ଟାର ଅଭାବ ପରିଲକ୍ଷିତ ହେଉଛି। ଅଭିନୟ ତ ଚାଲିଛି। ଏହା ମୋ ପାଇଁ ଏପରି ଏକ ନିଶା ପାଲଟି ଯାଇଛି, ଯେଉଁଥିରୁ ମୁକୁଳିବା ସହଜ ନୁହେଁ। ଦର୍ଶକ ମୋ ପାଇଁ ସବୁକିଛି। ସେମାନଙ୍କୁ ମୁଁ ସବୁବେଳେ ପ୍ରାଥମିକତା ଦେଇଥାଏ ବୋଲି କହନ୍ତି ବାଲେଶ୍ୱର ସୋର ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଜନ୍ମିତ (ବାପା-ଗଙ୍ଗାଧର ମହାପାତ୍ର, ମା'-ପଦ୍ମାବତୀ) ସୁଜୟ।'



# ଦେବାନନ୍ଦଙ୍କ ଟାଇଟଲ ସିଲେକ୍ସନ



ଦେବାନନ୍ଦ-ହିନ୍ଦୀ ସିନେମା ଜଗତର ଅନ୍ୟତମ ମାଇଲଖୁଣ୍ଟ। ତାଙ୍କର ଅଭିନୟ କେତେ ହୃଦୟସ୍ପର୍ଶୀ ତାହା ଯିଏ ତାଙ୍କ ଅଭିନୀତ ଫିଲ୍ମ ଦେଖିଛି ସିଏ ହିଁ ଜାଣିଛି। ସେ କେବଳ ଜଣେ ଅଭିନେତା ନ ଥିଲେ ଜଣେ ସଫଳ ପ୍ରଯୋଜକ ମଧ୍ୟ ଥିଲେ। ଯେତେବେଳେ ସେ ସିନେମାଟିଏ ନିର୍ମାଣ କରିବାକୁ ଯାଆନ୍ତି ତନ୍ନ ତନ୍ନ କରି ଖବର କାଗଜ ପଢ଼ନ୍ତି। ଏହି ସମୟରେ ସେ ବିଶେଷ ଭାବରେ ନ୍ୟୁଜ୍ ହେଡଲାଇନ୍ ପ୍ରତି ଅଧିକ ଧ୍ୟାନ ଦିଅନ୍ତି। କାରଣ ତା' ଭିତରେ ଏକ ରୋଚକ କଥା ଲୁଚି ରହିଥାଏ। ସେହି ହେଡଲାଇନ୍‌ଗୁଡିକରୁ ହିଁ ଦେବାନନ୍ଦ ତାଙ୍କ ଫିଲ୍ମର ଟାଇଟଲ ଫାଇନାଲ କରିଥାଆନ୍ତି।

# ଦୀପିକାଙ୍କ ସ୍ଲିମ୍ ଟ୍ରିମ୍ ମିଶନ

ଦୀପିକା ପାଦୁକୋନ ଏବେ ନିଜ ସ୍ଲିମ୍ ଟ୍ରିମ୍ ମିଶନକୁ ନେଇ ବ୍ୟସ୍ତ। ସୀମିତ ସମୟ ଭିତରେ ତାଙ୍କୁ ଆହୁରି ସ୍ଲିମ୍ ହେବା ସହ ନିଜର ଫିଜିକାଲ ଫିଟନେସକୁ ଆହୁରି ଆକ୍ଟିଭ ରଖିବାକୁ ପଡ଼ିବ। ତେଣୁ ସେ ସବୁ କାମ କ୍ୟାନସେଲ କରି ସ୍ଲିମ୍ ଟ୍ରିମ୍ ମିଶନରେ ଲାଗିପଡ଼ିଛନ୍ତି। ତେଣୁ ତାଙ୍କର ଅଧିକାଂଶ ସମୟ ଏବେ ଜିମ୍‌ରେ ହିଁ କଟୁଛି। ତା'ସହ ପ୍ରତିଦିନ ଯୋଗ, ପ୍ରାଣାୟାମ ମଧ୍ୟ କରୁଛନ୍ତି। ବାକି ରହିଲା ଡାଏଟିଂ କଥା। ଏହାକୁ ନେଇ ସେ ଆରମ୍ଭରୁ ସଚେତନ ବୋଲି କହିଛନ୍ତି। ଏ ବିଷୟରେ ଦୀପିକା କହନ୍ତି, 'ନିଜେ ପ୍ରଥମେ ଫିଟ୍ ରହିବା ବଡ଼ କଥା। ୟା ଭିତରେ ମୋତେ କେତୋଟି ମେଗା ଇଭେଣ୍ଟରେ ଭାଗ ନେବାର ଅଛି। ତେଣୁ ତା' ପୂର୍ବରୁ ମୁଁ ନିଜ ଫିଜିକାଲ ଫିଟ୍‌ନେସ୍ ପ୍ରତି ଧ୍ୟାନ ଦେଉଛି। ଏଭଳି ମିଶନ ପଛରେ ଆଉ କିଛି କାରଣ ନାହିଁ।'


ଶ୍ରଦ୍ଧା

# ସମୟ ନାହିଁ

ଶ୍ରଦ୍ଧା କପୁର ଏବେ ପୂରା ବ୍ୟସ୍ତ। ଯେତିକି ଫିଲ୍ମ ସାଇନ୍ କରିଛନ୍ତି ତାହାର ଶୁଟିଂ କେମିତି ଶେଷ କରିବେ ସେ ନେଇ ଲାଗିପଡ଼ିଛନ୍ତି। ନିକଟରେ ସେ ଏକ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ଫଟୋ ସେସନ ସମୟରେ ସେ ଏକଥା କହିଛନ୍ତି। 'ପ୍ରଥମେ ଯେତିକି ଫିଲ୍ମ ସାଇନ୍ କରିଛି ତାହାକୁ ଶେଷ କରିବା ପରେ ନୂଆ ସିନେମା କଥା ଚିନ୍ତା କରିବି। ଏଥିପାଇଁ ମୋତେ ୩-୪ଟି ଭଲ ଭଲ ଅଫର ହାତଛଡ଼ା କରିବାକୁ ପଡ଼ିଛି। ଯେହେତୁ ମୋ ପାଖରେ ସମୟ ନାହିଁ ତେଣୁ ଅଯଥାରେ ଗୁଡ଼ିଏ ଫିଲ୍ମ ସାଇନ୍ କରି କିଛି ଲାଭ ନାହିଁ। ଏବେ ମୁଁ କେତୋଟି ଭଲ ଷ୍ଟୋରି ସିଲେକ୍ସନ କରିଛି। ଯଦି କୌଣସି ପ୍ରଯୋଜକ ଏହାକୁ ନେଇ ସିନେମା ନିର୍ମାଣ କରିବାକୁ ମୋତେ ପ୍ରସ୍ତାବ ଦିଅନ୍ତି ତେବେ ମୁଁ ବହୁତ ଖୁସି ହେବି ବୋଲି କହନ୍ତି ଶ୍ରଦ୍ଧା।

# ଚୁଜି ହେବେ ଅନୁଷ୍କା

ଅନୁଷ୍କା ଶର୍ମା ଆଉ ତରତର ହୋଇ ଆଗେଇବେ ନାହିଁ। କାରଣ ଆକ୍ଟିଂ କ୍ୟାରିୟର ଯାହା ଥିଲା ଛାଡନ୍ତୁ, କେତୋଟି ଫିଲ୍ମ ପ୍ରଯୋଜନା କରି ସେ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ତାହା ନ କହିବା ଭଲ। ସିନେମାଗୁଡିକ ଫ୍ଲପ ତାଲିକାଭୁକ୍ତ ହେବା ପରେ ଏବେ ତାଙ୍କ ମନ ଘର ଧରିଛି। ଆଉ ତରବର ହୋଇ ସିନେମା ସାଇନ୍ କରିବେ ନାହିଁ କି ଫିଲ୍ମଟିଏ ପ୍ରଯୋଜନା କରିବେ ନାହିଁ। ଏହା ପୂର୍ବରୁ ଶହେ ଥର ଚିନ୍ତା କରିବେ। ଜାଣିଶୁଣି କେତେକ ଭୁଲକୁ ଗୁରୁତ୍ୱ ନ ଦେବାକୁ ଏପରି ଦଶା ତାଙ୍କୁ ଭୋଗିବାକୁ ପଡିଛି ବୋଲି କହିଛନ୍ତି ଅନୁଷ୍କା। ତେବେ ଏଣିକି ମାପିଚୁପି ଚାଲିବାକୁ ମାଇଣ୍ଡ ମେକ୍‌ଅପ କରିଥିବା ଏହି ଅଭିନେତ୍ରୀ ତାଙ୍କ କଥାରେ କେତେ ଦୃଢ଼ ରହୁଛନ୍ତି ତାହା ଆଗାମୀ ସମୟ ହିଁ କହିବ।

# ଫନୀକୁ ନେଇ ସିନେମା


ସନ୍ତୋଷ ପଣ୍ଡା

ନିକଟରେ ବାତ୍ୟା 'ଫନୀ' ଆମ ରାଜ୍ୟର କେତେକ ଅଞ୍ଚଳରେ ପ୍ରଳୟ ରଚାଇ ସାରିଛି। ବିଶେଷ ଭାବରେ ଏଥିରେ ପୁରୀ ଏବଂ ଖୋର୍ଦ୍ଧା ଜିଲା ଅଧିକ ପ୍ରଭାବିତ ହୋଇଛି। ଏହାର ଅନୁଭୂତିକୁ ଚଳଚ୍ଚିତ୍ରର ରୂପ ଦେବାକୁ ଅଣ୍ଟା ଭିଡିଛନ୍ତି ନିର୍ଦ୍ଦେଶକ ସନ୍ତୋଷ ପଣ୍ଡା। ଏହାର ପ୍ରାରମ୍ଭିକ କାମ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସନ୍ତୋଷ କହନ୍ତି, 'ଏହି ବାତ୍ୟା ଦେଖିବା ପରେ ଏହାକୁ ନେଇ ଏକ ସିନେମା ନିର୍ମାଣ କରିବାକୁ ସ୍ଥିର କରିଛି। ସ୍ୱଳ୍ପ ସମୟ ଭିତରେ କାହାଣୀ ପ୍ରସ୍ତୁତ କରି ସ୍କ୍ରିପ୍ଟିଂ କାମ ଚାଲିଛି। ସିନେମାଟି କିପରି ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କ ମନକୁ ଛୁଇଁବ ସେ ନେଇ ଯଥାସମ୍ଭବ ଚେଷ୍ଟା କରାଯିବ। ଏହାର କାଷ୍ଟିଂ ଏବଂ ଅନ୍ୟାନ୍ୟ କାମ ଶେଷ ହେବା ପରେ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ।'

ନୂଆ ସିନେମା

# ତୁ ମୋ ଲଭ୍ ଷ୍ଟୋରି-୨


ଭୂମିକା-ଅନୁ

ଥରେ ମନେ ପକାନ୍ତୁ ନା ତରଙ୍ଗ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ଲଭ୍ ଷ୍ଟୋରି'କୁ। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ନବାଗତ ଯୋଡ଼ି ସ୍ୱରାଜ-ଭୂମିକାଙ୍କୁ ଏହି ଫିଲ୍ମରେ ବ୍ରେକ୍ ମିଳିଥିଲା। ଟିନ୍ ଏଜ ଲଭ ଷ୍ଟୋରି ଉପରେ ପ୍ରସ୍ତୁତ ଏହି ଚିତ୍ରଟି ହିଟ୍ ହୋଇଥିଲା। ଆଉ ଏବେ ଏହି ବ୍ୟାନରରେ ଏହାର ସିକୁଏଲର ଶୁଟିଂ ଚାଲୁ ରହିଛି, ଯାହାର ଟାଇଟଲ ହେଲା 'ତୁ ମୋ ଲଭ୍ ଷ୍ଟୋରି-୨'। ଖାସ୍ କଥା ହେଲା ପ୍ରଯୋଜକ ସୁଧାଂଶୁ ମୋହନ ସାହୁ ଏବଂ ନିର୍ଦ୍ଦେଶକ ତାପସ ଏଥିରେ ପୁଣି ଥରେ ସ୍ୱରାଜ-ଭୂମିକା ଯୋଡିକୁ ରିପିଟ୍ କରିଛନ୍ତି। ସ୍ୱରାଜ ଏହି ଫିଲ୍ମରେ ଜଣେ ମ୍ୟୁଜିକ ଲଭର ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ବେଳେ ଭୂମିକାକୁ ମିଳିଛି ଏକ ଭିନ୍ନ ଧରଣର ରୋଲ୍। ଏହି କ୍ୟାରେକ୍ଟରରେ ରୋମାଣ୍ଟିକ ଥିଲେ ମଧ୍ୟ ମେମୋରିକୁ ନେଇ ସସ୍‌ପେନ୍ସ ରହିଛି। ଆଣ୍ଡାମାନରେ ଏହାର ୧୨ଦିନବ୍ୟାପୀ ଶୁଟିଂ ପରେ ଏବେ ବାରିପଦାରେ ଏକ ଗୀତର ଶୁଟିଂ ଚାଲୁ ରହିଛି। ଏଥିରେ ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କୁ ନିଶ୍ଚୟ ଛୁଇଁବ ବୋଲି ଆଶା ରଖିଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ। ଏହି ଫିଲ୍ମରେ ଏକ ହୋଲି ଗୀତର ମଜା ଦର୍ଶକ ପାଇବେ ବୋଲି ସୂଚନା ଦେଇଛନ୍ତି ପ୍ରେମ। ପୂର୍ବରୁ ବେଶ୍ କେତୋଟି ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ଭୂମିକାଙ୍କୁ ନାୟିକା ଭାବରେ 'ତୁ ମୋ ଲଭ୍ ଷ୍ଟୋରି'ରେ ବ୍ରେକ୍ ମିଳିଥିଲା। ସ୍ୱରାଜ-ଭୂମିକା ଯୋଡି ବ୍ୟତୀତ ଏହି ଫିଲ୍ମରେ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀ, ଶୁଭାଶିଷ ଶର୍ମା (ମଣ୍ଟୁ) ଏବଂ ପାର୍ଥ ସାରଥି ରାୟ ଆଦି କଳାକାର ଅଭିନୟ କରୁଛନ୍ତି।



"ପାନାସୋନିକ ଇଣ୍ଡିଆ ଏହାର ବ୍ୟବସାୟ ଅଭିବୃଦ୍ଧି ଲାଗି ବିଭିନ୍ନ ସେଗମେଣ୍ଟରେ ବିବିଧତା ଆଣିବା ଆରମ୍ଭ କରିଛି। କମ୍ପାନୀ ଏବେ ଏନର୍ଜି ସେଗମେଣ୍ଟ ଉପରେ ଅଧିକ ଜୋର୍ ଦେଉଛି।"

– ମନୀଷ ଶର୍ମା, ପ୍ରେସିଡେଣ୍ଟ ତଥା ସିଇଓ, ପାନାସୋନିକ ଇଣ୍ଡିଆ



"ମୁରୁଗାପ୍ପା ଗ୍ରୁପ୍ ଅର୍ଥନିବେଶ ପ୍ରତି ଏହାର ବଚନବଦ୍ଧତା ଦୋହରାଇବା। ନିଜର କ୍ଷମତା ଓ ଦକ୍ଷତା ବୃଦ୍ଧି ଲାଗି ନିବେଶ ବୃଦ୍ଧି ଠିକ୍ ରାସ୍ତାରେ ଚାଲିଛି।"

–ଏମ୍.ଏମ୍. ମୁରୁଗାପ୍ପାନ, ଏକ୍ଜିକ୍ୟୁଟିଭ ଚେୟାରମ୍ୟାନ, ମୁରୁଗାପ୍ପା ଗ୍ରୁପ୍

## ସଂକ୍ଷେପରେ

### କୋଟିଏ ଲୋକଙ୍କୁ ନିଯୁକ୍ତି ଲାଗି ବ୍ଲୁପ୍ରିଣ୍ଟ



ନୂଆଦିଲ୍ଲୀ,୧୫-୫: ଦେଶରେ ଇଲେକ୍ଟ୍ରିକ ଯାନ ପ୍ରଚଳନକୁ ପ୍ରୋତ୍ସାହିତ କରିବାକୁ ଯାଇ କେନ୍ଦ୍ର ସରକାର ଏକ ସ୍ୱତନ୍ତ୍ର କର୍ମବଳ ସୃଷ୍ଟି କରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଏହି ମିଶନକୁ ସଫଳତା ପୂର୍ବକ ଲାଗୁ କରାଗଲେ ଦେଶରେ ପ୍ରାୟ ୧ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଜଣାପଡିଛି। ମିଶନକୁ ସଫଳ କରିବା ଉଦ୍ଦେଶ୍ୟରେ ଏକ କୁଶଳୀ କର୍ମଶକ୍ତି ତିଆରି କରିବା ପାଇଁ ସରକାର ଅଣ୍ଟାଭିଡ଼ିଛନ୍ତି। ଏହି କ୍ଷେତ୍ରରେ ବିଶେଷଜ୍ଞ ଥିବା କର୍ମବଳ ତିଆରି କରାଯିବ। ଏଥିଲାଗି ଡିଜାଇନ ଏବଂ ଟେଷ୍ଟିଙ୍ଗ, ବ୍ୟାଟେରି ମାନୁଫାକ୍ଚରିଂ ସହିତ ମ୍ୟାନେଜମେଣ୍ଟ, ସେଲ୍ସ, ସର୍ଭିସେସ୍ ଏବଂ ଭିତ୍ତିଭୂମି ଭଳି କ୍ଷେତ୍ରରେ ନୂଆ ନିଯୁକ୍ତି ସୃଷ୍ଟି କରାଯିବ। ଏହାବ୍ୟତୀତ ଅଟୋମୋଟିଭ ମିଶନ ପ୍ଲାନ ୨୦୨୬ରେ ଅଟୋ ସେକ୍ଟରରେ ଅତିରିକ୍ତ ୬.୫୦ କୋଟି ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି। ଇ-ଯାନ କ୍ଷେତ୍ରରେ ମାନବ ସମ୍ବଳର ଚାହିଦା ପୂରଣ କରିବା ଲାଗି କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ଏକ ଯୋଜନା ପ୍ରସ୍ତୁତିରେ ଲାଗି ପଡିଛି। ଏଥିଲାଗି ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉଛି, ଯାହାଦ୍ୱାରା ଇଲେକ୍ଟ୍ରିକ ଯାନ କ୍ଷେତ୍ରରେ ଚାହିଦା ପୂରଣ କରାଯାଇପାରିବ। ଏକ ନିଶ୍ଚିତ ସମୟାବଧିରେ ନୂଆ କାର୍ଯ୍ୟବଳ ସୃଷ୍ଟି କରିବା ଉପରେ କୌଶଳ ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ନଜର ରଖିବ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

### ଏପ୍ରିଲରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି

ନୂଆଦିଲ୍ଲୀ,୧୫-୫: ଦେଶର ରପ୍ତାନି ଏପ୍ରିଲରେ ୦.୬୪% ବୃଦ୍ଧି ପାଇ ୨୬ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ଅବଧିରେ ଆମଦାନୀ ୪.୫%ବୃଦ୍ଧି ପାଇ ୪୧.୪ ବିଲିୟନ ଡଲାର ହୋଇଛି। ବୁଧବାର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ଏହା ଜଣାପଡିଛି। ଫଳରେ ଦେଶର ବାଣିଜ୍ୟ ନିଅଣ୍ଟ ଏପ୍ରିଲରେ ୧୫.୩୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି; ଯାହା କି, ଗତବର୍ଷର ଏହି ଅବଧିରେ ୧୩.୭୨ ବିଲିୟନ ଡଲାର ଥିଲା। ଆଲୋଚ୍ୟ ମାସରେ ଦେଶର ଅଶୋଧିତ ତୈଳ ଆମଦାନୀ ୯.୨୬% ବୃଦ୍ଧି ପାଇ ୧୧.୩୮ ବିଲିୟନ ଡଲାରରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଣତୈଳ ସାମଗ୍ରୀ ଆମଦାନୀ ୨.୭୮% ବଢ଼ିଛି। ସେହିପରି ଏପ୍ରିଲରେ ସୁନା ଆମଦାନୀ ୫୪% ସହ ୩.୯୭ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

### ମାଲ୍ୟା, ମୋଦିଙ୍କ ପ୍ରତ୍ୟର୍ପଣ ତଥ୍ୟ ଦେଲାନି ଏମ୍ଇଏ

ନୂଆଦିଲ୍ଲୀ,୧୫-୫: ପଳାତକ ମଦ ବ୍ୟବସାୟୀ ବିଜୟ ମାଲ୍ୟା ଏବଂ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ତଥ୍ୟ ଦେବାକୁ ମନା କରିଦେଇଛନ୍ତି ବୈଦେଶିକ ମନ୍ତ୍ରଣାଳୟ(ଏମ୍ଇଏ)। ଏ ସମ୍ପର୍କରେ ଆର୍‌ଟିଆଇରେ ପ୍ରଶ୍ନ ପଚାରାଯାଇଥିଲା ବେଳେ ଏହି ଆଇନର ଦ୍ୱାହି ଦେଇ ବୈଦେଶିକ ମନ୍ତ୍ରଣାଳୟ ଉକ୍ତ ତଥ୍ୟ ଦେବ ନାହିଁ ବୋଲି କହିଛି। ଆର୍‌ଟିଆଇ ଉତ୍ତରରେ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ମାଲ୍ୟା ଓ ମୋଦିଙ୍କୁ ପ୍ରତ୍ୟର୍ପଣ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରିଟେନକୁ ଅନୁରୋଧ କରାଯାଇଛି। ଏବେ ବ୍ରିଟେନ ସରକାର ଏ ସମ୍ପର୍କରେ ବିଚାର କରୁଛନ୍ତି। ତେବେ ଏ ସଂକ୍ରାନ୍ତରେ ଆର୍‌ଟିଆଇ ଆଇନର ଧାରା ୮(୧)(ଏଚ୍) ଅଧୀନରେ ତଦନ୍ତ,ଗିରଫଦାରିରେ ବାଧା ଉପୁଜିବା ତଥା ମାମଲା ପରିଚାଳନାରେ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟର୍ପଣ ସଂକ୍ରାନ୍ତ ତଥ୍ୟ ପ୍ରକାଶ କରିହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### ତାୟଲ ଗ୍ରୁପ୍‌ର ୪୮୩ କୋଟିର ସମ୍ପତ୍ତି କୋରଖ

ନୂଆଦିଲ୍ଲୀ,୧୫-୫: ବହୁ କୋଟି ଟଙ୍କାର ବ୍ୟାଙ୍କ ଜାଲିଆତି ମାମଲାରେ କୋଲ୍‌କାତାର ତାୟଲ ଗ୍ରୁପ୍‌ର ୪୮୩ କୋଟି ଟଙ୍କାର ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କୋରଖ କରିଛି। ପ୍ରିଭେନ୍‌ସନ ଅଫ୍ ମନିଲଣ୍ଡରିଂ ଆକ୍ଟ(ପିଏମ୍ଏଲ୍ଏ) ଅଧୀନରେ ତାୟଲ ଗ୍ରୁପ୍‌ର କେଏସ୍ଏଲ୍ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର କୋଲକାତାସ୍ଥିତ ୪୮୩ କୋଟି ଟଙ୍କାର ୨,୭୦,୩୭୪ ବର୍ଗଫୁଟ୍‌ର ଫ୍ଲାଟ୍ ଏବଂ ନାଗପୁରର ଶପିଂ ମଲ୍‌କୁ କୋରଖ କରାଯାଇଛି। ଇଡି ପକ୍ଷରୁ କୁହାଯାଇଛି ଯେ, ତାୟଲ ଗ୍ରୁପ୍ ୫୨୪ କୋଟି ଟଙ୍କାର ଋଣ ନେଇଥିଲେ।

# ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ନଗଦ ସଙ୍କଟ

- ସରକାରଙ୍କ ଖର୍ଚ୍ଚହ୍ରାସ କାରଣରୁ ୪୦,୮୫୯ କୋଟି ନଗଦ ଅଭାବ
- ବର୍ଷକ ପୂର୍ବରୁ ୧୫,୮୫୭ କୋଟି ବଳକା ଥିଲା
- ମେ ୧୩ରେ ସରକାରଙ୍କ ଥିଲା ୪୪,୩୧୫ କୋଟି ବଳକା ନଗଦ
- ଜୁନ୍‌ରୁ ସଙ୍କଟ ଟଳିବା ସମ୍ଭାବନା

ନୂଆଦିଲ୍ଲୀ,୧୫-୫



ଦେଶରେ ସାଧାରଣ ନିର୍ବାଚନ କାରଣରୁ କେନ୍ଦ୍ର ସରକାର ଖର୍ଚ୍ଚ କମାଇ ଦେଇଛନ୍ତି। ଫଳରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଲିକ୍ୟୁଡିଟି(ନଗଦ) କମିଗଲାଣି। ଏବେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୪୦,୮୫୯ କୋଟି ଟଙ୍କାର ନଗଦ ସଙ୍କଟ ଦେଖାଦେଇଛି। ପୂର୍ବବର୍ଷ ଏହି ଅବଧିରେ ୧୫,୮୫୭ କୋଟି ଟଙ୍କା ବଳକା ଥିଲା ବୋଲି ବ୍ଲୁମବର୍ଗ ଏକ ରିପୋର୍ଟ ପ୍ରକାଶ କରିଛି।

ଏସ୍‌ବିଆଇର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷ ଉକ୍ତ ରିପୋର୍ଟକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ସରକାର ଏପ୍ରିଲରେ ଖର୍ଚ୍ଚ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ। ଏହି କାରଣରୁ ଏବେ ବ୍ୟାଙ୍କିଙ୍ଗ୍ ସିଷ୍ଟମରେ ଅପ୍ରତ୍ୟାଶିତ ଭାବେ ନଗଦ ସଙ୍କଟ ଦେଖାଦେଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ରେପୋ ରେଟ୍ ହ୍ରାସ କରିଥିଲେ ମଧ୍ୟ ଏହି କାରଣରୁ ଲୋକେ ଏହାର ଫାଇଦା ପାଇଲେ ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଅର୍ଥନୀତିରେ ଅଭିବୃଦ୍ଧି ଲାଗି ଆର୍‌ବିଆଇ ଗତ ଦୁଇଟି ମୁଦ୍ରାନୀତିରେ ରେପୋ ରେଟ୍‌କୁ ୦.୨୫% ହିସାବରେ ଦୁଇଥର ବୃଦ୍ଧି କରିଥିଲେ। କିନ୍ତୁ ନଗଦ ସଙ୍କଟ କାରଣରୁ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ହ୍ରାସ କରିବାରେ ଅସମର୍ଥ ହେଲେ। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ବରିଷ୍ଠ ଅର୍ଥନୀତିଜ୍ଞ ଉପାସନା ଭରଦ୍ୱାଜ କହିଛନ୍ତି, ଏପ୍ରିଲରେ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ଅଭାବ ଚକିତ କରିଛି। ସରକାର ଖର୍ଚ୍ଚ ହ୍ରାସ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ୨ ସପ୍ତାହ ଭିତରେ ସିଷ୍ଟମରେ ନଗଦ ହ୍ରାସ ଆହୁରି ବଢ଼ିବ ବୋଲି ତାଙ୍କର ମତ। ତେବେ ଏପ୍ରିଲ ତୁଳନାରେ ଏବେ ନଗଦ ସ୍ଥିତି ଅଧିକ ଉନ୍ନତ ହୋଇଛି। ଗତ ମାସରେ ଏହା ୧.୪୯ ଲକ୍ଷ କୋଟି ଟଙ୍କା ପହଞ୍ଚିଯାଇଥିଲା। ଏହାପରେ ଆର୍‌ବିଆଇ ବ୍ୟାଙ୍କିଙ୍ଗ ସିଷ୍ଟମରେ ଅଧିକ ନଗଦ ବଢ଼ାଇଥିଲେ। କେନ୍ଦ୍ରରେ ନୂଆ ସରକାର ଆସିବା ପରେ ଜୁନ୍‌ରୁ ସ୍ଥିତି ସ୍ୱାଭାବିକ ହେବା ଆରମ୍ଭ କରିବ ବୋଲି ଘୋଷ ପ୍ରକାଶ କରିଛନ୍ତି। ଭରଦ୍ୱାଜ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ନୂଆ ସରକାର ଖର୍ଚ୍ଚ କରିବା ଆରମ୍ଭ କରିବା ମାତ୍ରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ବଳକା ହେବ। ମେ ୧୩ରେ କେନ୍ଦ୍ରର ବଳକା ପରିମାଣ ୪୪,୩୧୫ କୋଟି ଟଙ୍କା ଥିଲା। ଅନ୍ୟପକ୍ଷରେ ଗତବର୍ଷ ଏହି ସମୟରେ ଏହା ଶୂନ ଥିଲା। କେନ୍ଦ୍ର ନିକଟରେ ଏତେ ପରିମାଣ ନଗଦ ରହିବା ଅର୍ଥ ଏହା ଖର୍ଚ୍ଚ କାଟ କରିଛି। ଏପ୍ରିଲ ୩୦ ସୁଦ୍ଧା ବଳକା ୭୯,୪୦୦ କୋଟି ଟଙ୍କା ଥିଲା। କେୟାର ରେଟିଂସ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ମଦନ ସବନବୀସ୍ କହିଛନ୍ତି, ନଗଦ ସଙ୍କଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ସରକାରୀ ବଣ୍ଡ ସୁଧ ହାର ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଆର୍‌ବିଆଇ ପକ୍ଷରୁ ରେପୋ ରେଟ୍ ହ୍ରାସର କୌଣସି ଫାଇଦା ମିଳିବ ନାହିଁ। ବର୍ତ୍ତମାନ ଋଣ ଅଭିବୃଦ୍ଧି ଜମାଠାରୁ ବହୁ ଅଧିକ ହୋଇଗଲାଣି। ଏହି କାରଣରୁ ମଧ ବ୍ୟାଙ୍କିଙ୍ଗ ସିଷ୍ଟମରେ ନଗଦ ସଙ୍କଟ ଦେଖାଦେଇଛି। ସେ କହିଛନ୍ତି, ଆର୍ଥିକ ବର୍ଷ ୨୦୧୮ ପରେ ଏପ୍ରିଲ ୨୬ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଋଣ ଅଭିବୃଦ୍ଧି ୧୩ ପ୍ରତିଶତ ଥିଲା ବେଳେ ଜମା ୯.୭% ରହିଛି। ଅନ୍ୟପକ୍ଷରେ ଆର୍‌ବିଆଇ ସିଷ୍ଟମରେ ଅଧିକ ନଗଦ ପହଞ୍ଚାଇବା ଲକ୍ଷ୍ୟରେ ଓପନ ମାର୍କେଟ ଅପରେଶନ୍ସ(ଓଏମ୍ଓ) ଜରିଆରେ ସରକାରୀ ବଣ୍ଡ କିଣିଛି। ଆର୍‌ବିଆଇ ଡଲାର-ଟଙ୍କା ଅଦଳବଦଳ ଜରିଆରେ ମଧ ବ୍ୟାଙ୍କିଙ୍ଗ ସିଷ୍ଟମରେ ୧୦ ବିଲିୟନ ଡଲାର ଭାରତୀୟ ଟଙ୍କା ବଜାରରେ ପ୍ରବେଶ କରାଇଛି।

## ଧୀରେ ଧୀରେ କମୁଛି ଏଟିଏମ୍

ନୂଆଦିଲ୍ଲୀ,୧୫-୫



ସାରା ଦେଶରେ ଏଟିଏମ୍ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ଲାଭ କମିବା କାରଣରୁ ବ୍ୟାଙ୍କ ଏବଂ ଘରୋଇ କମ୍ପାନୀଗୁଡ଼ିକ ଏଟିଏମ୍ ବନ୍ଦ କରିବା ଆରମ୍ଭ କରିଛନ୍ତି। ତେବେ ଏଥିରେ ଟ୍ରାଞ୍ଜାକଶନ ସଂଖ୍ୟା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଜାରି ଆର୍‌ବିଆଇ ତଥ୍ୟ ଅନୁଯାୟୀ, ୨୦୧୧ ପରେ ଗତ ୨ ବର୍ଷରେ ହିଁ ଏଟିଏମ୍ ସଂଖ୍ୟା ହ୍ରାସ ପାଇଛି। ଆର୍‌ବିଆଇ ତଥ୍ୟ ଅନୁସାରେ ୨୦୧୧ରେ ଦେଶରେ ମୋଟ ଏଟିଏମ୍ ସଂଖ୍ୟା ୭୫,୬୦୦ ଥିଲା ବେଳେ ୨୦୧୭ ସୁଦ୍ଧା ଏହା ବୃଦ୍ଧି ପାଇ ୨ ଲକ୍ଷ ୨୨ ହଜାର ୫୦୦ରେ ପହଞ୍ଚିଯାଇଥିଲା। ଏହାପରେ ଗତ ୨ ବର୍ଷରେ ଏଟିଏମ୍ ସଂଖ୍ୟା କ୍ରମାଗତ ହ୍ରାସ ପାଇବାରେ ଲାଗିଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଏଟିଏମ୍ ସଂଖ୍ୟା ୮୦୦ ହ୍ରାସ ପାଇ ୨,୨୧,୭୦୦ରେ ପହଞ୍ଚିଛି। ଅନ୍ୟପକ୍ଷରେ ୨୦୧୭ରେ ଦେଶରେ ୭୧.୦୬ କୋଟି ଥର ଏଟିଏମ୍ ବ୍ୟବହାର ହୋଇଥିଲା ବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୮୯.୨୩ କୋଟି ଥର ହୋଇଛି। ଅର୍ଥାତ୍ ଗତ ୨ ବର୍ଷରେ ଏଟିଏମ୍‌ରେ ୧୮.୧୭ କୋଟି ଥର ଟ୍ରାଞ୍ଜାକଶନ ହୋଇଛି। ଏ ସମ୍ପର୍କରେ ଫେଡେରେଶନ ଅଫ୍ ଏଟିଏମ୍ ଇଣ୍ଡଷ୍ଟ୍ରି ମହାନିର୍ଦ୍ଦେଶକ ଲଳିତ ସିହ୍ନା କହିଛନ୍ତି ଯେ, ଆର୍‌ବିଆଇ ଏବଂ ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏଟିଏମ୍ ପରିଚାଳନା ଓ ଟ୍ରାଞ୍ଜାକଶନ ନିୟମକୁ ଅଧିକ କଠୋର କରାଯିବାରୁ ଏହାର ଖର୍ଚ୍ଚ ବଢ଼ିଯାଇଛି। ଏବେ ଏଟିଏମ୍ ଦେଖାଶୁଣା କରିବା ଲାଗି ଗତବର୍ଷ ଅପେକ୍ଷା ୪୦% ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ଏଟିଏମ୍ ସଂଖ୍ୟା ହ୍ରାସ ପାଉଥିବାରୁ ଲୋକେ ଅଧିକ ମାତ୍ରାରେ ମୋବାଇଲ ବ୍ୟାଙ୍କିଙ୍ଗ ଉପରେ ଭରସା କରିବେ ବୋଲି ଫେଡେରାଲ ବ୍ୟାଙ୍କ ଲିମିଟେଡର ଚିଫ୍ ଫାଇନାନ୍ସିଆ ଅଫିସର ଆଶୁତୋଷ ଖଜୁରିଆ କହିଛନ୍ତି।

## ନଜରରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା

ନୂଆଦିଲ୍ଲୀ,୧୫-୫

**ଆଇଏଲ୍ଆଣ୍ଡଏଫ୍ଏସ୍ ସଙ୍କଟ**

ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍ (ଆଇଏଲ୍ଆଣ୍ଡଏଫ୍ଏସ୍) ରେ ଦେଖାଦେଇଥିବା ସଙ୍କଟ ମୂଳରେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ସରକାରଙ୍କ ସନ୍ଦେହ ଯେ, ସେମାନେ ନିଜ କାର୍ଯ୍ୟ ସୁଚାରୁରୂପେ ତୁଲାଇବାରେ ବିଫଳ ହେବାରୁ ଆଇଏଲ୍ଆଣ୍ଡଏଫ୍ଏସରେ ସଙ୍କଟ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଆଇଏଲ୍ଆଣ୍ଡଏଫ୍ଏସର ସମସ୍ତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକାର ଯାଞ୍ଚ କରିବାକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି। ଏକାଧିକ ଗ୍ରୁପ୍ କମ୍ପାନୀ ବକେୟା ଋଣ ଫେରସ୍ତ ଦେବାରେ ବିଫଳ ହେବା କାରଣରୁ ଆଇଏଲ୍ଆଣ୍ଡଏଫ୍ଏସ ଉପରେ ଏବେ ପ୍ରାୟ ୯୪ ହଜାର କୋଟି ଟଙ୍କାର ଋଣଭାର ରହିଛି। ଆଇଏଲ୍ଆଣ୍ଡଏଫ୍ଏସ ସଙ୍କଟ ପାଇଁ ଦାୟୀ ଏକାଧିକ ଅଡିଟର, କ୍ରେଡିଟ ରେଟିଂ ଏଜେନ୍ସି ଓ ପୂର୍ବତନ ଅଧିକାରୀଙ୍କ ପରେ ଏବେ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି।

## ୨୫୦ କମ୍ପାନୀକୁ ଜରିମାନା କଲା ଏନ୍ଏସ୍ଇ

ମୁମ୍ବାଇ,୧୫-୫



ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବାର ନିୟମ ତଥା ଅନ୍ୟାନ୍ୟ ବହୁ କାରଣରୁ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ମାର୍ଚ୍ଚ ତ୍ରୈମାସରେ ୨୫୦ କମ୍ପାନୀଠାରୁ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିବା ବେଳେ ବହୁ କମ୍ପାନୀକୁ ନୋଟିସ ଜାରି କରିଛି। ଜରିମାନା ଆଦାୟ ହୋଇଥିବା ବଡ଼ କମ୍ପାନୀଙ୍କ ମଧ୍ୟରେ ରହିଛନ୍ତି ଆଦାନୀ ପୋର୍ଟ୍ସ ଆଣ୍ଡ ସ୍ପେଶିଆଲ ଇକୋନୋମିକ ଜୋନ୍, ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ, ଇନ୍ଦ୍ରପ୍ରସ୍ଥ ଗ୍ୟାସ, ମନ୍ନପୁରମ୍ ଫାଇନାନ୍ସ, ଭାରତ ପେଟ୍ରୋଲିୟମ କର୍ପୋରେଶନ, ଜେଟ୍ ଏୟାରୱେଜ(ଇଣ୍ଡିଆ), ଭାରତ ଇଲେକ୍ଟ୍ରୋନିକ୍ସ ଏବଂ ଅଏଲ ଇଣ୍ଡିଆ ପ୍ରମୁଖ। ୩୧ କମ୍ପାନୀଙ୍କ ଠାରୁ ଜରିମାନା ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଆଦାୟ କରାଯିବ। ଏହି ଅର୍ଥକୁ ପରେ ଇନ୍‌ଭେଷ୍ଟର ପ୍ରୋଟେକ୍ସନ ଫଣ୍ଡକୁ ପ୍ରଦାନ କରାଯିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ପ୍ରକାଶ କରାଯାଇଛି। ତାଲିକାଭୁକ୍ତ ନିୟମରେ ଖିଲାପ କଲେ ଏହା ସମ୍ପୃକ୍ତ କମ୍ପାନୀ, ଏହାର ପ୍ରମୋଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସମ୍ପତ୍ତି ଜବତ କରିପାରିବ ଅଥବା ଜରିମାନା ଆଦାୟ କରିପାରିବ ବୋଲି ଏକ୍ସଚେଞ୍ଜ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଶସ୍ତାରେ ମିଳିବ ଇଣ୍ଡିଗୋର ବିଜ୍‌ନେସ କ୍ଲାସ୍ ସିଟ୍

ନୂଆଦିଲ୍ଲୀ,୧୫-୫

ସ୍ୱଳ୍ପ ମୂଲ୍ୟର ବିମାନ କମ୍ପାନୀ ଭାବେ ପରିଚିତ ଇଣ୍ଡିଗୋ ଏୟାରଲାଇନ୍ସ ଖୁବ୍‌ଶୀଘ୍ର ବିମାନ ଯାତ୍ରୀଙ୍କୁ ଶସ୍ତା ଦରରେ ବିଜ୍‌ନେସ କ୍ଲାସ୍‌ରେ ଯାତ୍ରା କରିବାର ସୁଯୋଗ ଆଣିଦେବ। ୟୁରୋପ୍ ଓ ଏସିଆର ଦେଶଗୁଡ଼ିକରେ କମ୍ ଖର୍ଚ୍ଚରେ ଲୋକଙ୍କୁ ବିମାନ ଯାତ୍ରା ସୁବିଧା ଯୋଗାଇ ଦେବାକୁ କମ୍ପାନୀ ପ୍ରୟାସ କରୁଛି। ଏଥିଲାଗି କମ୍ପାନୀ ଏକ ଯୋଜନା ପ୍ରସ୍ତୁତ କରୁଛି। ଏୟାରଲାଇନ୍ସ ଲମ୍ବା ଦୂରତାର ଉଡ଼ାଣ ନେଟ୍‌ୱାର୍କ ପ୍ରସ୍ତୁତି ଉପରେ ଧ୍ୟାନ ଦେଇଛି। ଇଣ୍ଡିଗୋ ସିଇଓ ରନଜୟ ଦତ୍ତ ଗତ ସପ୍ତାହରେ ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ୬ ମାସ ଭିତରେ ଇଣ୍ଡିଗୋ ପକ୍ଷରୁ ୟୁରୋପକୁ ନନ୍ ଷ୍ଟପ୍ ଉଡାଣ ଆରମ୍ଭ କରାଯିବ। ବର୍ତ୍ତମାନ କମ୍ପାନୀ ୧୮ ଅନ୍ତଃରାଷ୍ଟ୍ରୀୟ ରୁଟ୍‌ରେ ନିଜର ଉଡ଼ାଣ ଜାରି ରଖିଛି। ଇଣ୍ଡିଗୋର ଯୋଜନା ଅନୁଯାୟୀ, ୬ରୁ ୧୦ ଘଣ୍ଟା ଅଥବା ଏହାଠାରୁ ଅଧିକ ସମୟର ଉଡ଼ାଣରେ ଯାଉଥିବା ଯାତ୍ରୀଙ୍କୁ ବିଜ୍‌ନେସ କ୍ଲାସରେ ଯାତ୍ରା ପାଇଁ ଏକାଧିକ ଅତିରିକ୍ତ ସୁବିଧା ପ୍ରଦାନ କରାଯିବ। ସେମାନଙ୍କୁ ବାରମ୍ବାର ଖାଦ୍ୟପଦାର୍ଥ ପ୍ରଦାନ ସହ ୱେଲକମ୍ ଡ୍ରିଙ୍କ୍ସ ଏବଂ ଆଲ୍‌କୋହଲିକ୍ ଡ୍ରିଙ୍କ ପ୍ରଦାନ କରାଯିବ।

## ଘର କ୍ରେତା ବକେୟା ଉପରେ ଦେବେ ୧୨% ଜିଏସ୍‌ଟି

ନୂଆଦିଲ୍ଲୀ,୧୫-୫



ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବିଲ୍ଡରଙ୍କ ଦ୍ୱାରା ନିର୍ମିତ ପ୍ରକଳ୍ପକୁ ଯଦି ନିର୍ମାଣ ଶେଷ ହୋଇଥିବା ସାର୍ଟିଫିକେଟ ମିଳିଯାଏ, ତେବେ ଘର କ୍ରେତା ବକେୟା ଅର୍ଥ ଉପରେ ୧୨% ଜିଏସ୍‌ଟି ଦେବାକୁ ବାଧ୍ୟ ରହିବେ ବୋଲି ସିବିଆଇସି ସ୍ପଷ୍ଟ କରିଛି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ୍(ସିବିଆଇସି) କହିଛି ଯେ, ବିଲ୍ଡର ଯଦି ୫%ର ଜିଏସ୍‌ଟି ପାଇଁ ଆବେଦନ କରିଥିବେ, ତେବେ ତାଙ୍କୁ ଚାଲିଥିବା ପ୍ରକଳ୍ପ ଉପରେ ସଂଗୃହୀତ କ୍ରେଡିଟ୍ ଆଡ୍‌ଜଷ୍ଟ କରିବାର ସୁବିଧା ମିଳିବ ନାହିଁ। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସ୍‌ଟି କାଉନସିଲ ରିୟଲ ଇଷ୍ଟେଟ ସେକ୍ଟରକୁ ଆଶ୍ୱସ୍ତ କରି ଜିଏସ୍‌ଟି ହାରକୁ ୫%କୁ ହ୍ରାସ କରିଥିଲେ।

- ଅଂଶଧନ କିଣିବାକୁ ଅନୁରୋଧ କଲା ଏଟିହାଦ, ବ୍ୟାଙ୍କ ସମୂହ

# ଜେଟ୍ ପାଇଁ ହିନ୍ଦୁଜା ଭ୍ରାତାଙ୍କୁ ଗୁହାରି

ନୂଆଦିଲ୍ଲୀ,୧୫-୫



ଜେଟ୍ ଏୟାରୱେଜ ପାଇଁ ଏନ୍‌ଆର୍‌ଆଇ ହିନ୍ଦୁଜା ଭ୍ରାତା ଏବେ ଶେଷ ଆଶା ହୋଇଛନ୍ତି। କମ୍ପାନୀ ବଡ଼ ଆକାରର ଅଂଶଧନ କିଣିବା ଲାଗି ଏଟିହାଦ ଏୟାରୱେଜ ଏବଂ ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କ ସମୂହ ପକ୍ଷରୁ ସେମାନଙ୍କୁ ଅନୁରୋଧ କରାଯାଇଛି।

ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବଡ଼ କମ୍ପାନୀ ଆଗେଇ ଆସିନାହାନ୍ତି। ଆବୁଧାବୀର ଏୟାରଲାଇନ୍ସ କମ୍ପାନୀ ଏଟିହାଦ ସମେତ ୩ କମ୍ପାନୀ ବିଡ୍ ଦାଖଲ କରିଛନ୍ତି ସତ ସେମାନେ ବଡ଼ ଆକାରର ନିବେଶ ଲାଗି ଆଗ୍ରହୀ ନ ଥିବା ଜଣାଇ ଦେଇଛନ୍ତି। ଏହି କାରଣରୁ ଏବେ ଜେଟ୍‌ରେ ନିବେଶଲାଗି ଇଚ୍ଛୁକ କମ୍ପାନୀ କିମ୍ବା ଗ୍ରୁପ୍‌କୁ ଖୋଜିବା ଉଦ୍ୟମ ଆରମ୍ଭ ହୋଇଛି। ତେବେ ହିନ୍ଦୁଜା ଭ୍ରାତା ଜେଟ୍‌ରେ ନିବେଶ ଲାଗି କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି। ଅନ୍ୟପକ୍ଷରେ ଏଟିହାଦର ପ୍ରତିନିଧିମାନେ ହିନ୍ଦୁଜା ଭ୍ରାତାଙ୍କ ମଧ୍ୟରେ ବଡ଼ ଜେ.ପି. ହିନ୍ଦୁଜାଙ୍କ ସହ ଯୋଗାଯୋଗ କରିଛନ୍ତି। ଉଭୟଙ୍କ ମଧ୍ୟରେ ଆଲୋଚନା ପରେ ଜେଟ୍‌ରେ ନିବେଶ ନେଇ ସେ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ହିନ୍ଦୁଜା ଗ୍ରୁପ୍‌ର ପରିଚାଳନା ଦାୟିତ୍ୱ ଜେ.ପିଙ୍କ ହାତରେ ରହିଛି। ନିବେଶ ସମ୍ପର୍କରେ ସବୁ ଶୁଣିବା ପରେ ଜେ.ପି. ତାଙ୍କ ସାନଭାଇ ଅଶୋକ ହିନ୍ଦୁଜାଙ୍କ ନିକଟକୁ ଏଟିହାଦ ପ୍ରତିନିଧିଙ୍କୁ ପଠାଇ ଦେଇଛନ୍ତି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ ଏୟାରୱେଜରେ ନିବେଶ ଲାଗି ହିନ୍ଦୁଜା ଗ୍ରୁପ୍ କୌଣସି ପ୍ରତିଶ୍ରୁତି ଦେଇନାହାନ୍ତି, କିନ୍ତୁ ସମସ୍ତ ବିକଳ୍ପ ଖୋଲା ରଖିଛନ୍ତି। ଆଗାମୀ ଦିନରେ ସେମାନେ ଏଟିହାଦ ଓ ବ୍ୟାଙ୍କ କନ୍‌ସୋର୍ଟିୟମ ପ୍ରତିନିଧିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ତେବେ ଏଥିଲାଗି ଦିନ ଧାର୍ଯ୍ୟ ହୋଇନାହିଁ। ସୂଚନାଥାଉ କି, ସାରା ବିଶ୍ୱରେ ହିନ୍ଦୁଜା ଗ୍ରୁପ୍ ଅଟୋମୋଟିଭ, ଅଏଲ ଆଣ୍ଡ ସ୍ପେଶିଆଲିଟି କେମିକାଲ୍ସ, ମିଡିଆ, ଆଇଟି, ପାୱାର, ହେଲ୍‌ଥକେୟର ଏବଂ ରିଏଲ ଇଷ୍ଟେଟ୍ ଆଦି ୧୦ ସେକ୍ଟରରେ ବ୍ୟବସାୟ କରୁଛନ୍ତି। ବିକ୍ରି ଦୃଷ୍ଟିରୁ ଭାରତରେ ଏକ ନମ୍ବର ସ୍ଥାନରେ ଥିବା ଟ୍ରକ କମ୍ପାନୀ ଅଶୋକ ଲେଲ୍ୟାଣ୍ଡର ମାଲିକାନା ହିନ୍ଦୁଜା ଗ୍ରୁପ୍ ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ଜେଟ୍‌ର ପୁନରୁଦ୍ଧାର ଲାଗି ହିନ୍ଦୁଜା ଗ୍ରୁପ୍ ନିକଟରେ ପର୍ଯ୍ୟାପ୍ତ ଅର୍ଥ ରହିଛି।

ODISHA POWER GENERATION CORPORATION LTD.
(A Government Company of the State of Odisha)
Regd. Office: Zone A, 7th Floor, Fortune Towers, Chandrasekharpur, Bhubaneswar – 751023, Odisha, India
Ph: +91 674- 2303765/66, Fax: +91 674 2303755/56
OPGC Power for Progress

REQUEST FOR PROPOSAL FOR ENGAGEMENT OF COAL COORDINATION AGENCY

OPGC invites proposals for selection of Coal Coordination Agency for coordination and handling coal supplies to its power plant situated at IB Thermal Power Station, Banharpali, Jharsuguda, Odisha. Interested Parties may download the RFP detailing terms and conditions from website **www.opgc.co.in** till **27th May 2019**.

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
ODISHA POWER TRANSMISSION CORPORATION LIMITED
OPTCL
(A Government of Odisha Undertaking)
OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA
P.O.- BONEIKALA, DIST.- KEONJHAR, PIN: 758038 (ODISHA), PHONE NO.: 7328829375, E-mail: ehtm.div.jod@optcl.co.in
CIN: U40102OR2004SGC007553
Letter No.: 123 Dated: 15.05.2019

TENDER CALL NOTICE NO.- 02/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the work of "SUPPLY, FITTING & FIXING OF FLOOR TILES AT DIFFERENT ROOMS OF DIVISION OFFICE, JODA" under EHT(O&M) Division Joda. Cost of tender paper Rs.2240/-, EMD = Rs.5000/-. Sale of tender documents from Dt.17.05.2019 to 26.05.2019. Last date of submission of tender - 27.05.2019 upto 1.00 P.M. Date of opening of tender - 27.05.2019 at 3.00 P.M. For details visit our website: **www.optcl.co.in**.
Corrigendum if any will be published in the OPTCL website only.
Sd./- Dy. General Manager (Elect.), EHT (O&M) Division, Joda

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର
ନଂ. ୫୬୨୮ ତା.୧୪।୦୫।୨୦୧୯
ବିଜ୍ଞାପନ
ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ା ସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ତଥ୍ୟାବଳୀ ତା.୧୮।୦୫।୨୦୧୯ରୁ ୨୮।୦୫।୨୦୧୯ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୭୫/- (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ଜମା କରି www.osrtc.in ରେ ଡାଉନଲୋଡ କରି ଟେଣ୍ଡର ଫର୍ମ ସହ ଟ.୧୭୫/- (ଏକଶତ ପଞ୍ଚସ୍ତରୀ ଟଙ୍କା) ମାତ୍ର ମୂଲ୍ୟର I.P.O ଯାହାକି G.P.O ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେଶିକ ଫିସ୍ ଟ.୧୨୦୦/- (ଏକ ହଜାର ଦୁଇ ଶହ ଟଙ୍କା) ମାତ୍ର (ଫେରସ୍ତଯୋଗ୍ୟ ନୁହେଁ), ଯେକୌଣସି ଜାତୀୟକରଣ ବ୍ୟାଙ୍କର Bank Draft, Accounts Officer, OSRTC ଭୁବନେଶ୍ୱରଙ୍କ ନାମରେ ଗ୍ରହଣ କରାଯିବ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ତା.୨୮।୦୫।୧୯ରିଖ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା OSRTC Website- www.osrtc.in ରେ ଉପଲବ୍ଧ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ
ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ
ସାଧାରଣ ପରିଚାଳକ (ପ୍ରଶାସନ)
ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର


“ ବ୍ୟାଟିଂ ଓ ବୋଲିଂରେ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଯେଉଁ ଦକ୍ଷତା ରହିଛି ଟିମ୍ ଇଣ୍ଡିଆରେ ଆଉ କେହି ତାଙ୍କ ନିକଟତର ହୋଇପାରିବେ ନାହିଁ।

–ବୀରେନ୍ଦ୍ର ସେହ୍ୱାଗ, ପ୍ରାକ୍ତନ ଭାରତୀୟ କ୍ରିକେଟର



“ ଗତ ଆଇପିଏଲ୍‌ରେ ଭିନ୍ନ କୋଚ୍ ଓ ଖେଳାଳିଙ୍କ ନିକଟରୁ କିଛି ନୂତନ କଥା ଶିଖିପାରିଲି।

–ଜନି ବେୟାରଷ୍ଟୋ, ଇଂଲଣ୍ଡ କ୍ରିକେଟର



## ସଂକ୍ଷେପରେ

### ଆଟ୍‌ଲେଟିକୋ ଛାଡ଼ିବେ ଗ୍ରିଜମ୍ୟାନ





ମାଡ୍ରିଡ୍,୧୫।୫(ଏଏଫ୍‌ପି)- ଫ୍ରାନ୍ସ ଷ୍ଟ୍ରାଇକର ଆଣ୍ଟିନୋ ଗ୍ରିଜମ୍ୟାନ ଚଳିତ ସିଜନ ଶେଷରେ ଆଟ୍‌ଲେଟିକୋ ମାଡ୍ରିଡ୍ ଦଳ ଛାଡ଼ିବେ। ଏ ନେଇ ଗ୍ରିଜମ୍ୟାନ ଟୁଇଟରରେ ପ୍ରକାଶ କରିଛନ୍ତି। କୋଚ ଓ ପ୍ରଶଂସକଙ୍କ ସହ ଆଲୋଚନା କରିବା ପରେ ମୁଁ ଏହି ନିଷ୍ପତ୍ତି ନେଇଛି। ମୁଁ ଏଠାରେ ୫ଟି ସଫଳ ସିଜନ ଖେଳିଛି। ଏହା ସର୍ବଦା ମୋ ହୃଦୟରେ ରହିବ ବୋଲି ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ କହିଛନ୍ତି। ୨୮ ବର୍ଷୀୟ ଗ୍ରିଜମ୍ୟାନ ସ୍ପାନିଶ କ୍ଲବ ଆଟ୍‌ଲେଟିକୋ ସହ ୨୦୨୩ ପର୍ଯ୍ୟନ୍ତ ଚୁକ୍ତି କରିଥିଲେ। ହେଲେ ୧୩୪ ନିୟୁତ ଆମେରିକୀୟ ଡଲାର ଦେଇ ଚୁକ୍ତିକୁ ଖାରଜ କରିଛନ୍ତି। ଆଟଲେଟିକୋ ପାଇଁ ୨୫୨ ମ୍ୟାଚ୍ ଖେଳି ଫ୍ରେଞ୍ଚ ଷ୍ଟାର ୧୩୩ ଗୋଲ ସ୍କୋର କରିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଆଟଲେଟିକୋ ମାଡ୍ରିଡ୍ ୨୦୧୬ ଚାମ୍ପିୟନ୍ସ ଲିଗ୍ ରନର୍ସଅପ୍ ହୋଇଥିଲା। ୨୦୧୮ରେ ଦଳ ୟୁରୋପ ଲିଗ୍‌ରେ ଚାମ୍ପିୟନ ହୋଇଥିଲା। ଏହାବାଦ୍ ୨୦୧୬ ବାଲନ ଡି’ ଅର ପୁରସ୍କାର ପାଇବା ଦୌଡ଼ରେ ୩ୟ ସ୍ଥାନରେ ରହିଥିଲେ।

### ବର୍ଷର ଶ୍ରେଷ୍ଠ ମ୍ୟାନେଜର ଗାର୍ଡିୟୋଲା



ଲଣ୍ଡନ,୧୫।୫(ଏଏଫ୍‌ପି)- ମାଞ୍ଚେଷ୍ଟର ସିଟି କୋଚ୍ ପେପ ଗାର୍ଡିୟୋଲା ଜୁର୍ଗନ କ୍ଲାପଙ୍କୁ ପଛରେ ପକାଇ ତିନି ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ୨୦୧୮ ବର୍ଷର ଶ୍ରେଷ୍ଠ ମ୍ୟାନେଜର ସମ୍ମାନ ପାଇଛନ୍ତି। ସ୍ପାନିଶ କୋଚ୍ ଭୋଟ ପ୍ରକ୍ରିୟାରେ କ୍ଲାପ, ଟୋଟେନହାମ ମ୍ୟାନେଜର ମୌରିସିୟୋ ପୋଚେଟିନୋଙ୍କୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି। ନିକଟରେ ଗାର୍ଡିୟୋଲା ଲିଗ୍ ମ୍ୟାନେଜରଙ୍କ ଆସୋସିଏଶନ ପକ୍ଷରୁ ସମାନ ବର୍ଷ ପାଇଁ ଶ୍ରେଷ୍ଠ କୋଚ୍ ପୁରସ୍କାର ମିଳିଥିଲା। ଗାର୍ଡିୟୋଲାଙ୍କ ଦଳ ରବିବାର କ୍ଲାପଙ୍କ ଲିଭରପୁଲକୁ ହରାଇ ପ୍ରିମିୟର ଲିଗ୍ ଟାଇଟଲ ବଜାୟ ରଖିଛି। ପୂର୍ବରୁ ମାଞ୍ଚେଷ୍ଟର ସିଟି ଲିଗ୍ କପ୍ ହାସଲ କରିଥିଲା।

# ଫିଟ୍ ରହିବାକୁ ଯୋଗ କରୁଛନ୍ତି ଗେଲ୍

ନୂଆଦିଲ୍ଲୀ,୧୫।୫(ପି.ଟି.)





ୱେଷ୍ଟଇଣ୍ଡିଜ୍ ବିସ୍ଫୋରକ ଓପନର କ୍ରିସ୍ ଗେଲ୍ ଏଥର କ୍ୟାରିୟରର ପଞ୍ଚମ ତଥା ଅନ୍ତିମ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ୩୯ ବର୍ଷରେ ମଧ୍ୟ ସେ ନିଜକୁ ଆବଶ୍ୟକ ଅନୁସାରେ ଫିଟ୍ ରଖିପାରିଛନ୍ତି। ଏଥିପାଇଁ ସେ ନିଜସ୍ୱ ଢଙ୍ଗରେ ପ୍ରୟାସ ଜାରି ରଖିଛନ୍ତି। ସେ ଜିମ୍ ଯିବା ବଦଳରେ ଯୋଗ କରୁଛନ୍ତି। ସେ ସ୍ୱତଃପ୍ରବୃତ୍ତ ଭାବେ ଶକ୍ତିଶାଳୀ ଓ ଦୃଢ଼। ତେଣୁ ତାଙ୍କ ଜିମ୍ ଯିବାର ଆବଶ୍ୟକତା କମ୍ ରହିଛି। ତେଣୁ ସେ ବ୍ୟାପକ ଭାବେ ଯୋଗ କରୁଛନ୍ତି। ସଦ୍ୟ ସମାପ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୪୦.୮୩ ହାରରେ ମୋଟ ୪୯୦ ରନ କରି ଜବରଦସ୍ତ ଫର୍ମର ନମୁନା ପ୍ରଦର୍ଶନ କରିଛନ୍ତି। ଆସନ୍ତା ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ବିଶ୍ୱକପ୍‌ରେ ସେ ଏହି ଫର୍ମ ଜାରି ରଖିବାକୁ ଚେଷ୍ଟା କରୁଛନ୍ତି। ମୋର ଅଭିଜ୍ଞତା ରହିଛି। ତେଣୁ ବିଶ୍ୱକପ୍‌ରେ କିଭଳି ଖେଳିବାକୁ ହେବ ତାହା ଅବଶ୍ୟ ମୁଁ ଜାଣିଛି। ଏବେ ଭଲ ବ୍ୟାଟିଂ କରୁଛି ଓ ବିଶ୍ୱକପ୍‌ରେ ଏହା ଜାରି ରହିବ ବୋଲି ଗେଲ୍ ଆଶାପ୍ରକାଶ କରିଛନ୍ତି।

ପ୍ରଦର୍ଶନ ଉପରେ ବୟସର ପ୍ରଭାବ ରହିବା କଥା ସେ ସ୍ୱୀକାର କରିଛନ୍ତି। ଆଇପିଏଲ୍‌ରେ ସେ ୩୪ ଓ ଇଂଲଣ୍ଡ ବିପକ୍ଷ ୪ଟି ଦିନିକିଆରେ ସେ ୩୯ଟି ଛକା ମାରିଛନ୍ତି। ତେବେ ଫିଟ୍ ରହିବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ଇଂଲଣ୍ଡ ବିପକ୍ଷ ଗତ ଦିନିକିଆ ସିରିଜରେ ସେ ୧୦୬ ରନ ଆଭରେଜରେ ୪୨୪ ରନ ସଂଗ୍ରହ କରିଛନ୍ତି। ଏଥିରେ ଦୁଇଟି ଲେଖାଏ ଶତକ ଓ ଅର୍ଦ୍ଧଶତକ ସାମିଲ ରହିଛି। ୧୯୯୯ରେ ପଦାର୍ପଣ କରିଥିବା ଗେଲ ଦିନିକିଆରେ ୧୦,୧୫୧ ରନ ସଂଗ୍ରହ କରିଛନ୍ତି।

# ଷ୍ଟିମାକ୍ ଭାରତୀୟ ଫୁଟ୍‌ବଲ କୋଚ

ନୂଆଦିଲ୍ଲୀ,୧୫।୫(ପିଟି)





ଇଗୋର ଷ୍ଟିମାକ

କ୍ରୋଏସିଆ ୧୯୯୮ ବିଶ୍ୱକପ୍ ଦଳର ସଦସ୍ୟ ଇଗୋର ଷ୍ଟିମାକ ବୁଧବାର ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ପଦରେ ନିଯୁକ୍ତ ହୋଇଛନ୍ତି। ତାଙ୍କୁ ୨ ବର୍ଷ ପାଇଁ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ଏଏଫ୍‌ସି ଏସିଆନ୍ କପ୍‌ରେ ଭାରତୀୟ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିବାରେ ବିଫଳ ହେବା ପରେ ଷ୍ଟିଫେନ କନଷ୍ଟାଟିନେ ଇସ୍ତଫା ଦେଇଥିଲେ। ସେବେଠୁ ଜାତୀୟ ଦଳର କୋଚ୍ ପଦ ଖାଲି ପଡ଼ିଥିଲା। ନୂଆ କୋଚ୍ ଷ୍ଟିମାକଙ୍କୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରୀ କମିଟି ନିଯୁକ୍ତ କରିଛି। ୫୧ ବର୍ଷୀୟ ଷ୍ଟିମାକଙ୍କ ନେତୃତ୍ୱରେ କ୍ରୋଏସିଆ ୧୯୯୮ ବିଶ୍ୱକପ୍‌ରେ ୩ୟ ସ୍ଥାନ ଅଧିକାର କରିଥିଲା। ୟୁଫା ୟୁରୋପିଆନ ଚାମ୍ପିୟନଶିପ୍ ୧୯୯୬ କ୍ୱାର୍ଟର ଫାଇନାଲ ଖେଳିଥିବା କ୍ରୋଏସିଆ ଦଳର ମଧ୍ୟ ସଦସ୍ୟ ଥିଲେ। ଏହାବାଦ୍ ତାଙ୍କ ପ୍ରତିନିଧିତ୍ୱରେ ୧୯୮୭ରେ ୟୁଗୋସ୍ଲୋଭିଆ ୨୦ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ହାତେଇଥିଲା। ୨୦୦୧ରେ ସେ ଅବସର ନେଇଥିଲେ। ଏହାପରେ ୧୮ ବର୍ଷ ହେଲା ସେ ବିଭିନ୍ନ ଦଳର କୋଚ୍ ଦାୟିତ୍ୱରେ କାର୍ଯ୍ୟ କରି ଆସୁଛନ୍ତି। କ୍ରୋଏସିଆ ଦଳକୁ ୨୦୧୪ ଫିଫା ବିଶ୍ୱକପ୍ ମୁଖ୍ୟ ପର୍ଯ୍ୟାୟକୁ ଯୋଗ୍ୟତା ଅର୍ଜନ କରିବା କୋଚ୍ ଭାବେ ଷ୍ଟିମାକଙ୍କ ସବୁଠୁ ବଡ଼ ସଫଳତା। ତାଙ୍କୁ ଭାରତୀୟ ଫୁଟ୍‌ବଲକୁ ସ୍ୱାଗତ କରିଛନ୍ତି ଏଆଇଏଫ୍‌ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ। ଭାରତୀୟ ଦଳର କୋଚ ହେବା ପାଇଁ ଇଗୋର ସବୁଠୁ ଭଲ ପ୍ରାର୍ଥୀ। ତାଙ୍କ ଅଭିଜ୍ଞତା ଭାରତୀୟ ଦଳକୁ ବିଶେଷ ସହାୟତା କରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଟେକନିକାଲ କମିଟି ମୁଖ୍ୟ ଶ୍ୟାମ ଥାପ୍ପା କହିଛନ୍ତି, ସଭିଙ୍କ ଏକମତ କ୍ରମେ ଷ୍ଟିମାକଙ୍କୁ କୋଚ୍ ପଦ ଲାଗି ଚୟନ କରାଯାଇଛି। ଟେକନିକାଲ ନିର୍ଦ୍ଦେଶକ ଆଇଜାକ ଡୋରୁଙ୍କ ସମେତ ସମସ୍ତ ସଦସ୍ୟ ଷ୍ଟିମାକଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେ ଜଣେ ବିଶ୍ୱକପ୍‌ରେ ସଫଳତା ପାଇଥିବା ଦଳର ସଦସ୍ୟ ଓ କୋଚ୍ ଭାବେ କ୍ରୋଏସିଆ ଦଳକୁ ବିଶ୍ୱକପ୍‌ରେ ପହଞ୍ଚାଇଛନ୍ତି। ଏଣୁ ତାଙ୍କଠାରୁ ଭଲ ପ୍ରାର୍ଥୀ ଆଉ କିଏ ହୋଇପାରିବ। ଥାଇଲାଣ୍ଡରେ ଆଗାମୀ ମାସରେ ହେବାକୁ ଥିବା କିଙ୍ଗ୍ସ କପ୍ ଷ୍ଟିମାକଙ୍କ ଲାଗି ପ୍ରଥମ ଆସାଇମେଣ୍ଟ ହେବ।

# ଭାରତର ଅପରାଜେୟ ଧାରା ଭାଙ୍ଗିଲା

ପର୍ଥ, ୧୫।୫(ପି.ଟି.)

**ଅଷ୍ଟ୍ରେଲିଆ ଟୁର୍**

ଅଷ୍ଟ୍ରେଲିଆ ଗସ୍ତରେ ଥିବା ଭାରତୀୟ ହକି ଦଳର ଅପରାଜେୟ ଧାରାରେ ରୋକ୍ ଲାଗିଛି। ବୁଧବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତୀୟ ଦଳ ୦-୪ ଗୋଲରେ ବିଶ୍ୱ ମାନ୍ୟତାର ୨ୟ ସ୍ଥାନରେ ରହିଥିବା ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଛି। ଗସ୍ତରେ ୪ର୍ଥ ମ୍ୟାଚ୍‌ରୁ ଭାରତର ଏହା ପ୍ରଥମ ପରାଜୟବରଣ ଥିଲା। ଘରୋଇ ଦଳ ପକ୍ଷରୁ ବ୍ଲାକେ ଗ୍ରୋଭର୍ସ ଓ ଜେର୍ମି ହେୱାର୍ଡ ୨ଟି ଲେଖାଏ ଗୋଲସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏହି ଗସ୍ତର ପ୍ରଥମ ୩ଟି ମ୍ୟାଚ୍‌ରେ ଅପରାଜେୟ ରହିଥିବା ଭାରତକୁ ଏକପାଖିଆ ଭାବେ ହରାଇବାରେ ଅଷ୍ଟ୍ରେଲିଆ ସଫଳ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ମ୍ୟାଚ୍‌ର ୫ମ ମିନିଟ୍‌ରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲେ ମଧ୍ୟ ହରମନ୍‌ପ୍ରୀତ୍ ସିଂଙ୍କ ପ୍ରୟାସ ପ୍ରତିପକ୍ଷ ଖେଳାଳିଙ୍କ ଦ୍ୱାରା ନିଷ୍ପ୍ରଭ ଯାଇଥିଲା। ଏହାର କିଛି ସମୟ ପରେ ଉଭୟ ହରମନ୍‌ପ୍ରୀତ୍ ଓ ନୀଳକାନ୍ତ ଶର୍ମାଙ୍କ ମିଳିତ ପ୍ରୟାସରେ ଅଷ୍ଟ୍ରେଲିଆ ଉପରେ ଆଟାକ୍ ହୋଇଥିଲେ ମଧ୍ୟ ଏହା ମଧ୍ୟ ବିଫଳ ହୋଇଥିଲା। କିନ୍ତୁ ଘରୋଇ ଅଷ୍ଟ୍ରେଲିଆ ଏହାପରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ୫ ମିନିଟ୍‌ର ଅନ୍ତରରେ ୨ଟି ଗୋଲ କରି ଅଷ୍ଟ୍ରେଲିଆ ଭ୍ରମଣକାରୀ ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲା। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ମିଳିଥିବା ପ୍ରଥମ ପେନାଲ୍ଟି କର୍ନରକୁ ଗ୍ରୋଭର୍ସ କୌଣସି ତ୍ରୁଟି ନ କରି ଭାରତୀୟ ନେଟ୍ ମଧ୍ୟକୁ ବଲ୍ ପଠାଇ ଦେଇଥିଲେ। ଫଳରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ୨୦ତମ ମିନିଟ୍‌ରେ ଅଷ୍ଟ୍ରେଲିଆକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ହେୱାର୍ଡଙ୍କ ପାଳି ପଡ଼ିଥିଲା। ହେୱାର୍ଡ କୌଣସି ତ୍ରୁଟି ନ କରି ଭାରତୀୟ ଗୋଲକିପର କ୍ରିଷ୍ଣା ବାହାଦୁର ପାଠକଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ୩ ମିନିଟ୍ ପରେ ଅଷ୍ଟ୍ରେଲିଆ ୩ୟ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ପାଠକ ନିଶ୍ଚିତ ଗୋଲକୁ ଅଟକାଇ ଦେଇଥିଲେ। ଭାରତ ପକ୍ଷରୁ ସୁମିତ୍ କୁମାରଙ୍କ ଏକ ପେନାଲ୍ଟି କର୍ନର ଶଟ୍‌କୁ ଅଷ୍ଟ୍ରେଲିଆ ଗୋଲକିପର ଜୋହାନ ଡ୍ରଷ୍ଟ ଅଟକାଇ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ତୃତୀୟ କ୍ୱାର୍ଟରରେ ଉଭୟ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଅଷ୍ଟ୍ରେଲିଆ ସପକ୍ଷରେ ଯାଇଥିଲା। ଅନ୍ତିମ ୨ ମିନିଟ୍‌ରେ ୨ଟି ଗୋଲସ୍କୋର କରି ଘରୋଇ ଦଳ ୪-୦ ଗୋଲରେ ଏକପାଖିଆ ବିଜୟ ଲାଭ କରିଥିଲା। ଗୋଲ ଆଶାରେ ଭାରତ ଅନ୍ତିମ ମୁହୂର୍ତ୍ତରେ ଗୋଲକିପରଙ୍କୁ ଅତିରିକ୍ତ ଖେଳାଳି ଭାବେ ମଧ୍ୟଭାଗରେ ଖେଳାଇଥିଲା। କିନ୍ତୁ ଏହାର ଫାଇଦା ଉଠାଇ ୫୯ତମ ମିନିଟ୍‌ରେ ହେୱାର୍ଡ ଓ ୬୦ତମ ମିନିଟ୍‌ରେ ଗ୍ରୋଭର୍ସ ବ୍ୟକ୍ତିଗତ ଭାବେ ନିଜର ୨ୟ ଗୋଲ ଦେଇଥିଲେ। ଏହି କ୍ୱାର୍ଟରରେ କେତୋଟି ସୁଯୋଗ ମିଳିଥିଲେ ମଧ୍ୟ ଗୋଲରେ ରୂପାନ୍ତରିତ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ।





ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ରୋମାଞ୍ଚକ ମୁହୂର୍ତ୍ତ।

## ମନଙ୍ଗ-ମିନର୍ଭା ମ୍ୟାଚ୍ ଡ୍ର

କାଠମାଣ୍ଡୁ, ୧୫।୫(ପି.ଟି.)

ଏଏଫ୍‌ସି କପ୍‌ରେ ବୁଧବାର ଖେଳାଯାଇଥିବା ଗ୍ରୁପ୍-ଇ’ର ଏକ ମ୍ୟାଚ୍‌ରେ ମିନର୍ଭା ପଞ୍ଜାବ ୧-୧ ଗୋଲରେ ଘରୋଇ ନେପାଳଭିତ୍ତିକ କ୍ଲବ ମନଙ୍ଗ ମର୍ଶିଆଙ୍ଗଡି ବିପକ୍ଷରେ ଡ୍ର’ ରଖିଛି। ଏହି ଡ୍ର’ ଫଳରେ ପ୍ରତିଯୋଗିତାର ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଥିବା ମିନର୍ଭା ପାଇଁ ଅଡୁଆ ବଢ଼ିଯାଇଛି। ସ୍ଥାନୀୟ ଏଏନ୍‌ଏଫ୍‌ଏ କମ୍ପ୍ଲେକ୍ସରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ପ୍ରଥମାର୍ଦ୍ଧ ଶେଷ ଭାଗରେ ମିନର୍ଭା ପକ୍ଷରୁ ପ୍ରଥମେ ଗୋଲସ୍କୋର ହୋଇଥିଲା। ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ମିନର୍ଭାର ଥୋଇବା ସିଂଙ୍କ ଗୋଲବଳରେ ଦଳ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାକୁ କିଛି ସମୟ ଥିବାବେଳେ ପ୍ରତୀକ ଜୋଷୀଙ୍କୁ ରେଡ୍ କାର୍ଡ ମିଳିଥିଲା। ଫଳରେ ମିନର୍ଭା ୧୦ ଜଣ ଖେଳାଳିଙ୍କୁ ନେଇ ଦ୍ୱିତୀୟାର୍ଦ୍ଧ ସାରା ଖେଳିଥିଲା। ଏହାର ଫାଇଦା ଉଠାଇ ଘରୋଇ ଦଳ ଗୋଲ ଶୁଝାଇବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୮୧ତମ ମିନିଟ୍‌ରେ ଡିଫେଣ୍ଡର ଓଲୁୱାଶିନ ଅଜିଜ୍‌ଙ୍କ ଗୋଲବଳରେ ମନଙ୍ଗ ମ୍ୟାଚ୍‌କୁ ୧-୧’ର ବରାବର୍‌ସ୍ଥିତିକୁ ଆଣିଥିଲା। ଏହାପରେ ଆଉ କୌଣସି ଗୋଲ ନ ହେବାରୁ ମ୍ୟାଚ୍ ଡ୍ର’ରେ ଶେଷ ହୋଇଥିଲା।

# ୧୯୯୨: ଭାରତର ନୈରାଶ୍ୟଜନକ ପ୍ରଦର୍ଶନ


ଆଇସିସି ବିଶ୍ୱକପ
ଆଉ ୧୩ ଦିନ

ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ମିଳିତ ଆୟୋଜନରେ ୧୯୯୨ ବିଶ୍ୱକପ୍ ଅନୁଷ୍ଠିତ ହୋଇଥିଲା। ପଡୋଶୀ ପାକିସ୍ତାନ ଫାଇନାଲରେ ଇଂଲଣ୍ଡକୁ ହରାଇ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲେ ମଧ୍ୟ ଭାରତ ଏହି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଅବଶ୍ୟ ଭାରତୀୟ ଦଳ ସେତେଟା ଶକ୍ତିଶାଳୀ ବିବେଚିତ ହେଉ ନ ଥିଲା। ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ବିସ୍ଫୋରକ ଓପନର କେ. ଶ୍ରୀକାନ୍ତ, ଅଲରାଉଣ୍ଡର କପିଳଦେବ, ରବି ଶସ୍ତ୍ରୀ ଓ ସଞ୍ଜୟ ମଞ୍ଜରେକରଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼ ମନେହେଉଥିଲା। ପୁଣି ଦଳରେ ଉଦୀୟମାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲି ମଧ୍ୟ ସ୍ଥାନ ପାଇଥିଲେ। ଭାରତର ବୋଲିଂ ବିଭାଗ କିନ୍ତୁ ସେତେଟା ଦୃଢ଼ ନ ଥିଲା। କପିଳଦେବଙ୍କ ନେତୃତ୍ୱରେ ସ୍ପିନର ରବି ଶାସ୍ତ୍ରୀ, ଭେଙ୍କଟପତି ରାଜୁଙ୍କ ସମେତ ଦ୍ରୁତ ବୋଲର ମନୋଜ ପ୍ରଭାକରଙ୍କୁ ନେଇ ଭାରତୀୟ ବୋଲିଂ ସେଭଳି ଚମତ୍କାର କରିବ ବୋଲି ଆଶା କରାଯାଉ ନ ଥିଲା। ଗ୍ରୁପ୍ ପର୍ଯ୍ୟାୟ ବଦଳରେ ରାଉଣ୍ଡ ରବିନ୍ ପଦ୍ଧତିରେ ମ୍ୟାଚ୍‌ଗୁଡ଼ିକ ଖେଳାଯାଇଥିଲା। ସବୁ ଦଳ ବାକି ୮ଟି ଦଳ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମଥର ପାଇଁ ଏହି ବିଶ୍ୱକପ୍‌ରେ ଖେଳାଳିମାନେ ରଙ୍ଗିନ ପୋଷାକ ସହ ଏହି ବିଶ୍ୱକପ୍‌ରେ ଡେ ଆଣ୍ଡ ନାଇଟ୍ ମ୍ୟାଚ୍ ଖେଳିଥିଲେ। ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୮ଟି ମ୍ୟାଚ୍ ଖେଳି ମାତ୍ର ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୫ଟିରେ ପରାଜୟ ବରଣକରି ସାଂଘାତିକ ଭାବେ ବିଫଳ ହୋଇଥିଲା। ଗୋଟିଏ ମ୍ୟାଚ୍ ବର୍ଷା କାରଣରୁ ଫଳାଫଳ ବାହାରି ପାରି ନ ଥିଲା। ୫ ପଏଣ୍ଟ ପାଇ ଭାରତ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଭାରତ ପର୍ଥରେ ଇଂଲଣ୍ଡକୁ ଭେଟିଥିଲା ଓ ୯ ରନରେ ପରାସ୍ତ ହୋଇଥିଲା। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୨୩୭ ରନର ଟାର୍ଗେଟର ପିଛା କରି ଭାରତ ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇଥିଲା। ଶାସ୍ତ୍ରୀ ୫୭ ଓ ଶ୍ରୀକାନ୍ତ ୩୯ ରନ କରି ଓପନିଂ ଯୋଡିରେ ୬୩ ରନ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ପରାସ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତେନ୍ଦୁଲକର ୩୫, ପ୍ରବୀଣ ଆମ୍ରେ ୨୨, କପିଳଦେବ ୧୭, ସୁବ୍ରାତୋ ବାନର୍ଜୀ ୨୫ ରନ କରିଥିଲେ। ଇଂଲଣ୍ଡ ତରଫରୁ ଡେର୍ମୋଟ ରିଭ୍ ସର୍ବାଧିକ ୩, ଇଆନ ବୋଥାମ ୨ ଉଇକେଟ ନେଇଥିଲେ। ୩ ଭାରତୀୟ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିଲେ। ଏହାପରେ ଭାରତ ତା’ର ଦ୍ୱିତୀୟ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭେଟିଥିଲା। ବର୍ଷା ଯୋଗୁ ଏହି ମ୍ୟାଚ ବାତିଲ ହୋଇଥିଲା ଓ ପଏଣ୍ଟ ଭାଗ ହୋଇଥିଲା। ମ୍ୟାଚ୍‌ରେ ମାତ୍ର ୨ଟି ବଲ୍ ପଡିଥିଲା। ଭାରତୀୟ ଓପନର ଶ୍ରୀକାନ୍ତ ୨ ରନ ସ୍କୋର କରିଥିଲେ। ଭାରତ ୧ ପଏଣ୍ଟ ପାଇ ଖାତା ଖୋଲିଥିଲା। ତୃତୀୟ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ତଥା ଅନ୍ୟତମ ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିଥିଲା। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୨୩୭ ରନ କରିଥିଲା। ଜବାବରେ ବର୍ଷା କାରଣରୁ ଭାରତ ସମ୍ମୁଖରେ ୪୭ ଓଭରରେ ପରିବର୍ତ୍ତିତ ୨୩୬ ରନ ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ତେବେ ଗୋଟିଏ ବଲ ବାକିଥାଇ ଭାରତ ୨୩୪ ରନରେ ଅଲଆଉଟ ହୋଇ ମାତ୍ର ୧ ରନରେ ପରାସ୍ତ ହୋଇଥିଲା। ଭାରତ ପକ୍ଷରୁ ମହମ୍ମଦ ଆଝାରୁଦ୍ଦିନ ୯୧, ଶାସ୍ତ୍ରୀ ୨୫, କପିଳ ଦେବ ୨୧, ମଞ୍ଜରେକର ୪୭ ରନ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଡିନ୍ ଜୋନ୍ସ ସର୍ବାଧିକ ୯୦, ଡେଭିଡ ବୁନ ୪୩ ରନ କରିଥିବା ବେଳେ ଭାରତ ତରଫରୁ ବୋଲିଂରେ କପିଳ ଓ ପ୍ରଭାକର ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଭାରତ ତା’ର ଚତୁର୍ଥ ମ୍ୟାଚ୍‌ରେ ସିଡନୀରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିଥିଲା ଓ ଏଥିରେ ଭାରତ ୪୩ ରନରେ ବିଜୟୀ ହୋଇଥିଲା। ଟସ୍ ଜିତ ଭାରତ ପ୍ରଥମେ ବ୍ୟାଟିଂ କରିଥିଲା। ବର୍ଷା କାରଣରୁ ମ୍ୟାଚ୍‌କୁ ୪୯ ଓଭରକୁ କମାଇ ଦିଆଯାଇଥିଲା। ଭାରତ ୪୯ ଓଭରରେ ୭ ଉଇକେଟ ହରାଇ ୨୧୬ ରନ ସଂଗ୍ରହ କରିଥିଲା। ଭାରତ ତରଫରୁ ସଚିନ ୫୪, ଅଜୟ ଜାଡେଜା ୪୬, ଆଝାରୁଦ୍ଦିନ ୩୨, କାମ୍ବିଲି ୨୪, କପିଳ ୩୫ ରନ କରିଥିଲେ। ପାକିସ୍ତାନର ମୁସ୍ତାକ ଅହମ୍ମଦ ୩, ଆକ୍ବିବ ଜାଭେଦ ୨ ଉଇକେଟ ନେଇଥିଲେ। ଜବାବରେ ୪୮.୧ ଓଭରରେ ମାତ୍ର ୧୭୩ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ପାକିସ୍ତାନ ପକ୍ଷରୁ ଅମୀର ସୋହେଲ ୬୨, ଜଭେଦ ମିଆଁଦାଦ ୪୦ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ଭାରତ ତରଫରୁ କପିଳ, ପ୍ରଭାକର ଓ ଜାଭାଗାଲ ଶ୍ରୀନାଥ ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ମିଆଁଦାଦ କିରନ ମୋରେଙ୍କୁ ନକଲ କରି ବିବାଦ ସୃଷ୍ଟି କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସଚିନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ପରବର୍ତ୍ତୀ ମ୍ୟାଚ୍‌ରେ ଭାରତ ନ୍ୟୁଜିଲାଣ୍ଡ ଯାଇ ଜିମ୍ବାୱେକୁ ଭେଟିଥିଲା ଓ ୫୫ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଭାରତ ନିର୍ଦ୍ଧାରିତ ୩୨ ଓଭରରେ ୭ ଉଇକେଟ ହରାଇ ୨୦୩ ରନ ସଂଗ୍ରହ କରିଥିଲା। ଜିମ୍ବାୱେ ସମ୍ମୁଖରେ ୧୯ ଓଭରରେ ୧୫୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଜିମ୍ବାୱେ ୧ ଉଇକେଟ ହରାଇ ୧୦୪ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ସଚିନ ୮୧ ରନ କରିବା ସହ ୧ ଉଇକେଟ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲା। ଏହାପରେ ସେମିଫାଇନାଲରେ ସ୍ଥାନ ପାଇବା ପାଇଁ ଭାରତକୁ ତା’ର ଅନ୍ତିମ ୩ଟି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇ ପଡିଥିଲା। କେବଳ ସେତିକି ନୁହେଁ, ଅନ୍ୟ ମ୍ୟାଚର ଫଳାଫଳ ଉପରେ ମଧ୍ୟ ଭାରତ ନିର୍ଭର କରୁଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଭାରତକୁ ୩୪ଟି ବଲ୍ ବାକି ରଖି ୫ ଉଇକେଟରେ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଭାରତ ୪୯.୪ ଓଭରରେ ୧୯୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୪୦.୨ ଓଭରରେ ୫ ଉଇକେଟ ହରାଇ ବର୍ଷା ଯୋଗୁ ପରବର୍ତ୍ତୀତ ଲକ୍ଷ୍ୟ ୧୯୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତ ସେମି ଦୌଡରୁ ବାଦ୍ ପଡିଥିଲା। ଏହାପରେ ମ୍ୟାଚ୍‌ରେ ଭାରତ ୧୭ଟି ବଲ ବାକିଥାଇ ନ୍ୟୁଜିଲାଣ୍ଡଠାରୁ ୪ ଉଇକେଟରେ ପରାସ୍ତ ହୋଇଥିଲା। ଟସ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ସଚିନଙ୍କ ୮୪ ଓ ଆଝାରୁଦ୍ଦିନଙ୍କ ୫୫ ରନ ସହ ୫୦ ଓଭରରେ ୬ ଉଇକେଟ ହରାଇ ୨୩୦ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ମାର୍କ ଗ୍ରେଟବ୍ୟାଚ୍‌ଙ୍କ ୭୩, ଆଣ୍ଡ୍ର୍ୟୁ ଜୋନ୍ସଙ୍କ ୬୭, ମାର୍ଟିନ କ୍ରୋଙ୍କ ୨୬ ରନ ବଳରେ ୪୭.୧ ଓଭରରେ ୬ ଉଇକେଟ ହରାଇ ୨୩୧ ରନ କରି ବିଜୟୀ ହୋଇଥିଲା। ଅନ୍ତିମ ରାଉଣ୍ଡ ରବିନ ମ୍ୟାଚ୍‌ରେ ଭାରତକୁ ୫ଟି ବାକିଥାଇ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ପରାସ୍ତ କରିଥିଲା। ବର୍ଷା ଯୋଗୁ ମ୍ୟାଚ୍‌କୁ ୩୦ ଓଭରରେ ସୀମିତ ରଖାଯାଇଥିଲା। ଟସ ହାରି ଭାରତ ୬ ଉଇକେଟ ହରାଇ ୧୬୦ ରନ ସଂଗ୍ରହ କରିଥିଲା। ଆଝାରୁଦ୍ଦିନ ୭୯, ମଞ୍ଜରେକର ୨୮, କପିଳ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୨୯.୧ ଓଭରରେ ୪ ଉଇକେଟ ହରାଇ ୧୮୧ ରନ କରି ବିଜୟୀ ହୋଇଥିଲା। ଏହି ପରାଜୟ ସହ ଭାରତର ବିଶ୍ୱକପ୍ ଅଭିଯାନ ଶେଷ ହୋଇଥିଲା।

ଏହି ବିଶ୍ୱକପ୍‌ରେ ଭାରତ ସବୁ ଦୃଷ୍ଟିକୋଣରୁ ବିଫଳ ହୋଇଥିଲା। କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିପାରି ନ ଥିଲେ। ସେହିପରି କୌଣସ ଭାରତୀୟ ବୋଲର ୩ରୁ ଅଧିକ ଉଇକେଟ ନେଇପାରି ନ ଥିଲେ। ଦଳ ତରଫରୁ ଆଝାରୁଦ୍ଦିନ ସର୍ବାଧିକ ୩୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ପ୍ରଭାକର ସର୍ବାଧିକ ୧୨ ଉଇକେଟ ଅକ୍ତିଆର କରିଥିଲେ। ଏହି ବିଶ୍ୱକପ୍ ପରେ ଶ୍ରୀକାନ୍ତଙ୍କ କ୍ୟାରିୟର ଶେଷ ହୋଇଥିଲା ଓ ସେ ଅବସର ଘୋଷଣା କରିଥିଲେ।





ଭାରତ-ପାକିସ୍ତାନ ମ୍ୟାଚର ଏକ ବିବାଦୀୟ ମୁହୂର୍ତ୍ତ।

## ସଂକ୍ଷେପରେ

### ୩ ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୧୫।୫(ସ୍ପୋର୍ଟ୍ସ ବ୍ୟୁରୋ)- ଜୁନ ୧୦ରୁ ସ୍ପେନଠାରେ ହେବାକୁଥିବା ୮ ରାଷ୍ଟ୍ରୀୟ ୨୧ ବର୍ଷରୁ କମ୍ ଜୁନିୟର ହକି ଟୁର୍ନାମେଣ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୩ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ପ୍ରତାପ ଲାକ୍ରା, ସୁମନ ବେକ୍ ଓ ସୁଦୀପ ଚିରମାକୋ ସ୍ଥାନ ପାଇଛନ୍ତି। ସୁମନଙ୍କୁ ଦଳର ଉପଅଧିନାୟକ ମନୋନୟନ କରାଯାଇଛି। ମୁଖ୍ୟମନ୍ତ୍ରୀ ଟୁଇଟର ଜରିଆରେ ଏହି ଓଡ଼ିଆ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ଭାରତ, ନେଦରଲାଣ୍ଡ, ବେଲଜିୟମ, ଗ୍ରେଟ୍ ବ୍ରିଟେନ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଆୟୋଜକ ସ୍ପେନ ଭାଗନେବ।

### 'ହାର୍ଦ୍ଦିକଙ୍କ ପ୍ରତିଭାର ନିକଟତର କେହି ନାହାନ୍ତି'



ନୂଆଦିଲ୍ଲୀ,୧୫।୫(ପିଟି): ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତିଭା ସ୍ୱତନ୍ତ୍ର। ତାଙ୍କ ପ୍ରତିଭାର ନିକଟତର ଭାରତୀୟ ଦଳରେ କେହି ନାହାନ୍ତି ବୋଲି ପୂର୍ବତନ ବିସ୍ଫୋରକ ଓପ୍‌ନର ବୀରେନ୍ଦ୍ର ସେହ୍ୱାଗ କହିଛନ୍ତି। ସେହ୍ୱାଗଙ୍କ ଅନୁଯାୟୀ, ଭାରତୀୟ ଦଳରେ ହାର୍ଦ୍ଦିକଙ୍କ ସ୍ଥାନ କେହି ନେଇପାରିବେ ନାହିଁ। ସେ ଏବେ ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଯଦି ତାଙ୍କ ପ୍ରତିଭା ନିକଟତର କୌଣସି ଖେଳାଳି ଥାନ୍ତେ, ତେବେ ବିସିସିଆଇ କଦାପି ପାଣ୍ଡ୍ୟାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ଦେଇ ନ ଥାନ୍ତା। ମୁମ୍ବାଇ ଇଣ୍ଡିଆନ୍ସର ରେକର୍ଡ ୪ର୍ଥ ଟାଇଟଲ ହାସଲ କରିବାରେ ହାର୍ଦ୍ଦିକଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୧୫ଟି ଇନିଂସ୍‌ରେ ୧୯୧.୪୨ ଷ୍ଟ୍ରାଇକ୍ ରେଟ୍‌ରେ ୪୦୨ ରନ୍ କରିଥିଲେ।

### ଯୁବ ବାସ୍କେଟବଲ: ବାଳକ ଦଳ ବିଜୟୀ

କଟକ ଅଫିସ,୧୫।୫- ତାମିଲନାଡୁରେ ଚାଲିଥିବା ୩୭ତମ ଜାତୀୟ ଯୁବ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ବୁଧବାର ଓଡ଼ିଶା ବାଳକ ଦଳ ବିଜୟୀ ହୋଇଛି । ପ୍ରତିଯୋଗିତାର ଗ୍ରୁପ-ଏଫରେ ସ୍ଥାନ ପାଇଥିବା ଓଡ଼ିଶା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଆସାମକୁ ୬୬-୬୩ ପଏଣ୍ଟରେ ହରାଇଛି । ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଗୋଆ ବିପକ୍ଷରେ ଖେଳିବ ।



❝ ଆଇସିସି ବିଶ୍ୱକପ୍ ପାଇଁ ମନୋନୀତ ଭାରତୀୟ ଦଳରେ ଜଣେ କ୍ୱାଲିଟ୍ ଦ୍ରୁତ ବୋଲର ଅଭାବ ରହିଛି।
—ଗୌତମ ଗମ୍ଭୀର, ପ୍ରାକ୍ତନ ଭାରତୀୟ କ୍ରିକେଟର



❝ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍‌ରେ ଉଦ୍‌ଘାଟନୀ ମ୍ୟାଚ୍ ବେଳକୁ ଦୁଇ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ ଓ କାଗିସୋ ରାବାଡା ଫିଟ୍ ହୋଇ ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରତିନିଧିତ୍ୱ କରିବେ।
—ଓଟିଂ ଗିବସନ, ଦକ୍ଷିଣ ଆଫ୍ରିକା କୋଚ୍

■ ରାଜ୍ୟରେ ଏମ୍‌ଏସ୍ ଧୋନୀ କ୍ରିକେଟ ଏକାଡେମୀ

# ନିମପୁର କୋଚିଂ କ୍ଲିନିକ୍ ୨୫ରୁ

କଟକ ଅଫିସ,୧୫।୫

ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଦେଶର ୨୦ଟି ସହରରେ କ୍ରିକେଟ କୋଚିଂ କ୍ଲିନିକ ଆରମ୍ଭ ହେଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୫ରୁ ୩୧ ପର୍ଯ୍ୟନ୍ତ ସ୍ଥାନୀୟ ନିମପୁର ଗ୍ରାଉଣ୍ଡରେ ଏହି କ୍ଲିନିକ ଆୟୋଜନ କରାଯିବ। ବୁଧବାର ଏ ନେଇ ନିମପୁର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ଖବରଦାତା ସମ୍ମିଳନୀ ହୋଇଥିଲା। ଏକାଡେମୀର ମୁଖ୍ୟ ଅପରେଟର ସୋହେଲ ରଫ୍ ଉପସ୍ଥିତ ରହି କ୍ରିକେଟ କୋଚିଂ କ୍ଲିନିକର ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏମଏସ୍ ଧୋନୀ କ୍ରିକେଟ ଏକାଡେମୀ ଅର୍କ ସ୍ପୋର୍ଟସର ଏକ ଅନୁଷ୍ଠାନ। ଧୋନୀଙ୍କ ବାଲ୍ୟବନ୍ଧୁ ମିହିର ଦିୱାକର ହେଉଛନ୍ତି ଅର୍କ ସ୍ପୋର୍ଟ୍ସର ପ୍ରତିଷ୍ଠାତା। ମିହିର ଭାରତୀୟ ୧୯ବର୍ଷରୁ କମ ବିଶ୍ୱକପ ବିଜେତା ଦଳର ଖେଳାଳି ମଧ୍ୟ ଥିଲେ। ଧୋନୀଙ୍କ ପରାମର୍ଶରେ ଉକ୍ତ ଏକାଡେମୀ ଚାଲିଛି। ନିମପୁରରେ ହେବାକୁ ଥିବା କ୍ରିକେଟ କୋଚିଂ କ୍ଲିନିକରେ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ର ଲେଭଲ-୩ କୋଚ୍ ସତ୍ୟଜିତ ଲହିରୀ ଓ ମନଦାର ଦଲିଭି ପ୍ରଶିକ୍ଷଣ ଦେବେ। ସତ୍ୟଜିତ ଓ ମନଦାର ଏମଏସ୍ ଧୋନୀ କ୍ରିକେଟ ଏକାଡେମୀର ମୁଖ୍ୟ କୋଚ୍। ୭ ଦିନର କ୍ଲିନିକ ନିମନ୍ତେ ୫ହଜାର ଟଙ୍କା ପ୍ରବେଶ ଶୁଳ୍କ ଧାର୍ଯ୍ୟ କରାଯାଇଛି। ୨୨ବର୍ଷରୁ କମ୍ ବୟସର ଖେଳାଳିମାନେ କେବଳ ପ୍ରଶିକ୍ଷଣ ନେଇ ପାରିବେ। ଏକାଡେମୀ ପକ୍ଷରୁ ପ୍ରଶିକ୍ଷାର୍ଥୀଙ୍କୁ ଜର୍ସି ଓ ଟୋପି ଦିଆଯିବ। ବିଭିନ୍ନ ବୟସ ବର୍ଗରେ ଅତ୍ୟାଧୁନିକ ଶୈଳୀରେ ଏଠାରେ ପ୍ରଶିକ୍ଷଣ ଦିଆଯିବ। ସମସ୍ତ ଟ୍ରେନିଂର ଭିଡ଼ିଓ ରେକର୍ଡିଂ କରାଯିବା ସହ ଭିଡ଼ିଓ ଆନାଲିସିସ ମାଧ୍ୟମରେ କେଉଁଠାରେ ତ୍ରୁଟି ରହୁଛି ତାହାକୁ ପ୍ରଥମେ ଠାବ କରାଯିବ ଏବଂ ସେହି ଅନୁସାରେ ଶିବିରାର୍ଥୀଙ୍କୁ ଶିକ୍ଷା ଦିଆଯିବ ବୋଲି ଏକାଡେମୀର ମୁଖ୍ୟ ଅପରେଟର ରଫ୍ କହିଛନ୍ତି। ଏହାଛଡ଼ା ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ନିମନ୍ତେ ସ୍ୱତନ୍ତ୍ର ଫିଜିକାଲ ଫିଟନେସ ଓ ଡାଏଟ ପ୍ଲାନ ଯୋଗାଇ ଦିଆଯିବ। ଶିବିର ସରିବା ପରେ ମଧ୍ୟ ଏହାକୁ କିପରି ଜାରି ରଖିବେ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ରଫ କହିଥିଲେ। ମୋବାଇଲରେ ଏକ ଆପ୍ଲିକେଶନ ମାଧ୍ୟମରେ ନାମପଞ୍ଜୀକରଣ କରି ପ୍ରଶିକ୍ଷଣ ନେଇଥିବା ଖେଳାଳିମାନଙ୍କ ସହ ଯୋଗାଯୋଗ ରକ୍ଷା କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଏତଦବ୍ୟତୀତ ଆଗାମୀ ଦିନରେ ଏକାଡେମୀ ପକ୍ଷରୁ ଖେଳାଳି ଚୟନ କରାଯିବା ବେଳେ କ୍ରିକେଟ କୋଚିଂ କ୍ଲିନିକରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ରଫ କହିଛନ୍ତି। ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୂ ଶତପଥୀ ଉପସ୍ଥିତ ରହି ଏହି କ୍ରିକେଟ କୋଚିଂ କ୍ଲିନିକ ଯୋଗୁ ରାଜ୍ୟରେ କ୍ରିକେଟ ପ୍ରତିଭା କିପରି ବିକଶିତ ହେବ ସେ ଦିଗରେ ଆଲୋକପାତ କରିଥିଲେ। ସୂଚନା ଥାଉକି, ଜୁନ ୨ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କ୍ରିକେଟ କୋଚିଂ କ୍ଲିନିକ ଭୁବନେଶ୍ୱରର ସିଭି ରମଣ ଇଞ୍ଜିନିୟରିଂ କଲେଜ ଗ୍ରାଉଣ୍ଡରେ ମଧ୍ୟ ହେବ।




ଏମଏସ୍ ଧୋନୀ କ୍ରିକେଟ କୋଚିଂ କ୍ଲିନିକ ସମ୍ପର୍କରେ ସୂଚନା ଦେଉଛନ୍ତି ସୋହେଲ ରଫ୍। ନିକଟରେ ଅଛନ୍ତି ଏକାଡେମୀର ଓଡ଼ିଶା ମ୍ୟାନେଜର ବିଭୁ ଶତପଥୀ।

## ହିରୱାନି, କୋଟାକ, ଯାଦବ ଭାରତ ଏ' କୋଚ୍

ମୁମ୍ବାଇ,୧୫।୫

ୱେଷ୍ଟଇଣ୍ଡିଜ ଗସ୍ତ ଓ ଶ୍ରୀଲଙ୍କା ଏ' ବିପକ୍ଷରେ ଭାରତ ଏ' ଖେଳିବାକୁ ଥିବା ସିରିଜ୍ ଲାଗି ବିସିସିଆଇ ବୁଧବାର କୋଚ୍ ନିଯୁକ୍ତ କରିଛି। ଭାରତୀୟ ଲେଗ୍ ସ୍ପିନର ନରେନ୍ଦ୍ର ହିରୱାନି, ପୂର୍ବତନ ଉଇକେଟକିପର ବିଜୟ ଯାଦବ ଓ ଘରୋଇ କ୍ରିକେଟ ସୀତାଂଶୁ କୋଟାକଙ୍କୁ ଯଥାକ୍ରମେ ବୋଲିଂ, ଫିଲ୍ଡିଂ ଓ ବ୍ୟାଟିଂ କୋଚ୍ ଦାୟିତ୍ୱ ଦିଆଯାଇଛି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ରାହୁଲ ଦ୍ରାବିଡ୍‌ଙ୍କୁ ଚଳିତ ଥର କୋଚ୍ ଭାବେ ନିଯୁକ୍ତ କରାଯାଇ ନାହିଁ। ଏହାର କାରଣ ଆଗାମୀ ବର୍ଷ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଏଣୁ ଜୁନିୟର କ୍ରିକେଟକୁ ଦ୍ରାଭିଡ ଅଧିକ ସମୟ ଦେବା ଦରକାର। ଏହାବାଦ୍ ପୂର୍ବତନ ଭାରତୀୟ ଅଧିନାୟକଙ୍କ ହାତରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ର ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ରହିଛି।

## 'ନିର୍ବାଚିତ ସଂସ୍ଥା କ୍ରିକେଟ ପରିଚାଳନା କରିବା ଉଚିତ୍'

ନୂଆଦିଲ୍ଲୀ,୧୫।୫(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନିର୍ବାଚିତ ସଂସ୍ଥା ବା ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ୍ ବୋଲି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ କ୍ୟୁରି ପି.ଏସ୍. ନରସିହ୍ମା କହିଛନ୍ତି। କୋର୍ଟ କିମ୍ବା ତଙ୍କ ଦ୍ୱାରା ନିଯୁକ୍ତି ପାଇଥିବା ସଂସ୍ଥା କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ୍ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ଏକ ନିର୍ବାଚିତ ସଂସ୍ଥା ଦେଶର କ୍ରିକେଟ ପରିଚାଳନା ଦାୟିତ୍ୱ ହାତକୁ ନେବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

କିଛିଦିନ ତଳେ ବିଭିନ୍ନ ରାଜ୍ୟ ଆସୋସିଏଶନର ପ୍ରତିନିଧି ଓ ଆସୋସିଏଶନ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବ୍ୟକ୍ତିମାନଙ୍କ ସହ ସାକ୍ଷାତ କରି ନରସିହ୍ମା ସୁପ୍ରିମକୋର୍ଟଙ୍କ ନିକଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି। ଜଷ୍ଟିସ୍ ଆର.ଏମ୍. ଲୋଧା କମିଟି ମାଣ୍ଡେଟ୍‌ରେ ୯ଜଣିଆ ଆପେକ୍ସ କାଉନସିଲ ଉଲ୍ଲେଖ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଶେଷରେ ଆୟୋଜକ ତଥା ଅଧିକାରୀମାନେ ହିଁ କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିବା ଉଚିତ ହେବ। କ୍ରିକେଟ ପରିଚାଳନା କୋର୍ଟ କିମ୍ବା କୌଣସି ଆଇନଜୀବୀଙ୍କ ଦାୟିତ୍ୱ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିର୍ବାଚିତ ବ୍ୟକ୍ତିମାନଙ୍କୁ ଖୁବ୍‌ଶୀଘ୍ର ଦାୟିତ୍ୱ ଦେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବହୁଦିନ ପୂର୍ବରୁ କ୍ରିକେଟ ସଂସ୍କାର ପ୍ରକ୍ରିୟାର ଆରମ୍ଭ ହୋଇଛି। ଏବେ ଏହାକୁ ଲାଗୁ କରିବାର ସମୟ ଆସି ଉପନୀତ ହୋଇଛି ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡିକ ସହ ଦୀର୍ଘ ସମୟ ଧରି ଆଲୋଚନା କରିଛି ଓ ଏହା ଫଳପ୍ରଦ ହୋଇଛି। ଖୁବଶୀଘ୍ର ଏହି ପ୍ରକ୍ରିୟାର ସୁଖଦ ଅନ୍ତ ଘଟିବାକୁ ଯାଉଛି। କ୍ରିକେଟ ପ୍ରଶାସକ କମିଟି (ସିଓଏ) ଗତ ଦୁଇ ବର୍ଷ ଧରି କ୍ରିକେଟ ପରିଚାଳନା ଦାୟିତ୍ୱରେ ରହିଛି। ସିଓଏ ଏହି ଦାୟିତ୍ୱରେ ଅଧିକ ସମୟ ରହିବା ଉଚିତ୍ କି ବୋଲି ପ୍ରଶ୍ନକୁ ସେ ନାପସନ୍ଦ କରିଛନ୍ତି। ଏବେ ସଂସ୍କାର ଲାଗୁ କରିବାର ସମୟ। ତେଣୁ ଏଭଳି ପ୍ରଶ୍ନର କୌଣସି ମୂଲ୍ୟ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ବୋର୍ଡ କିମ୍ବା ରାଜ୍ୟ ଆସୋସିଏଶନଗୁଡିକର ଯେକୌଣସି ଅଧିକାରୀଙ୍କ କାର୍ଯ୍ୟକାଳ ୧୮ ବର୍ଷ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିସିସିଆଇରେ ୯ ଓ ରାଜ୍ୟ ଆସୋସିଏଶନଗୁଡିକରେ ୯ ବର୍ଷ, ଅର୍ଥାତ ମୋଟ ଉପରେ ୧୮ ବର୍ଷ ବୋଲି ସେ କହିଛନ୍ତି। ରାଜ୍ୟ ଆସୋସିଏଶନଗୁଡିକର ସମସ୍ୟାର ସମାଧାନ ଉପରେ ଓ ଆପେକ୍ସ କାଉନସିଲ ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଥରେ ବିସିସିଆଇର ନିର୍ବାଚନ ହୋଇଗଲେ ରାଜ୍ୟ ଆସୋସିଏଶନଗୁଡିକ ମଧ୍ୟ ସେମାନଙ୍କ ନିର୍ବାଚନ ପ୍ରକ୍ରିୟାକୁ ଆଗକୁ ନେଇଯିବେ। ତେଣୁ ଖୁବଶୀଘ୍ର ଭାରତୀୟ କ୍ରିକେଟ ପ୍ରଶାସନରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ହେବ ବୋଲି ନରସିହ୍ମା ସ୍ପଷ୍ଟ କରିଛନ୍ତି।

## କିଟ୍‌ରେ ସାଇ ଏନଏସଏନଆଇଏସ ସାର୍ଟିଫିକେଟ କୋର୍ସ ଆରମ୍ଭ




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସାଇ ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନଏସଏନଆଇଏସ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ଭୁବନେଶ୍ୱର, ୧୫।୫(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ) ପକ୍ଷରୁ ୬ ସପ୍ତାହ ବିଶିଷ୍ଟ ଏନ୍‌ଏସ୍‌ଏନ୍‌ଆଇଏସ୍ ସ୍ପୋର୍ଟ୍ସ କୋଚିଂ ସାର୍ଟିଫିକେଟ କୋର୍ସ ୧୦ମ ଥରପାଇଁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୪ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଥଲେଟିକ୍ସ, ଆର୍ଚେରୀ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, କ୍ରିକେଟ, ଫୁଟବଲ, ହକି, ଜୁଡୋ, ସନ୍ତରଣ, ଟେବୁଲ ଟେନିସ, ଟେନିସ, ଭଲିବଲ ଓ ଭାରୋତ୍ତୋଳନ ଆଦି ୧୩ଟି କ୍ରୀଡ଼ା ଇଭେଣ୍ଟରେ ଏହି କୋର୍ସ ଚାଲିଛି। ଏଥିରେ ଦେଶର ୨୫ ରାଜ୍ୟରୁ ୪୩୨ଜଣ ଅଂଶଗ୍ରହଣ କରିଛନ୍ତି। ଆଥଲେଟିକ୍ସରେ ୪୧, ଆର୍ଚେରୀରେ ୩୫, ବ୍ୟାଡ୍‌ମିଣ୍ଟନରେ ୫୨, ବାସ୍କେଟବଲରେ ୩୪, କ୍ରିକେଟରେ ୩୨, ଫୁଟବଲରେ ୨୩, ହକିରେ ୨୮, ଜୁଡୋରେ ୫୨, ସନ୍ତରଣରେ ୫୧, ଟେବୁଲ ଟେନିସରେ ୨୪, ଟେନିସରେ ୨୦, ଭଲିବଲରେ ୨୪ ଓ ଭାରୋତ୍ତୋଳନରେ ୧୬ ଜଣ ଏହି କୋର୍ସ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ବୁଧବାର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ତଥା କୋର୍ସ ସଂଯୋଜକ ଗଗନେନ୍ଦୁ ଦାଶ, ସାଇ କ୍ରିକେଟ କୋଚ୍ ଅଜିତ ମିଶ୍ର, ସାଇ ଟେବୁଲ ଟେନିସ କୋଚ୍ ରଞ୍ଜିତା ମିଶ୍ର, ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କ୍ରୀଡ଼ା ବିଭାଗର ଭାରୋତ୍ତୋଳନ କୋଚ୍ ପି. ଧର୍ମାରାଓ, ସାଇ ଭଲିବଲ କୋଚ୍ ଜଗନ୍ନାଥ ସିହି ପ୍ରମୁଖ ଉପସ୍ଥିତ ଥିଲେ।




### ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ



**ସ୍ୱର୍ଗତ ଶ୍ରୀ ହରିହର ଦାଶ**
(ଅବସରପ୍ରାପ୍ତ ପ୍ରଧାନଶିକ୍ଷକ)
ଆବିର୍ଭାବ: ୦୬।୦୮।୧୯୪୫
ତିରୋଧାନ: ୨୭।୦୪।୨୦୧୮
ରଂଗିପୁର, ବ୍ରହ୍ମପୁର, ଗଂଜାମ

ଆପଣଙ୍କର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ
ସହଧର୍ମିଣୀ, ଭାଇ, ଭଉଣୀ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପଣନାତି-ପଣ ନାତୁଣୀ।

ଧ-୪୯୨୯୭

# ତୃତୀୟ ଦିନିକିଆ ଜିତିଲା ଇଂଲଣ୍ଡ



ଜନି ବେଆରଷ୍ଟୋ

ବ୍ରିଷ୍ଟଲ,୧୫।୫

ଏଠାରେ ଖେଳାଯାଇଥିବା ପାକିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌କୁ ଇଂଲଣ୍ଡ ଦଳ ୬ ଉଇକେଟରେ ଜିତି ନେଇଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୫୯ ରନ୍‌ର ବୃହତ୍ ଟାର୍ଗେଟକୁ ଇଂଲଣ୍ଡ ୫.୧ ଓଭର ପୂର୍ବରୁ ହାସଲ କରି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ ୨-୦ରେ ଆଗୁଆ ରହିଛି। ବିଜୟୀ ଦଳ ପାଇଁ ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିବା ଜନି ବେଆରଷ୍ଟୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇଛି। ପରବର୍ତ୍ତୀ ମ୍ୟାଚ୍ ନଟିଂହାମଠାରେ ଆସନ୍ତା ୧୭ ତାରିଖରେ ଖେଳାଯିବ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫୦ ଓଭରରେ ୯ ଉଇକେଟ ହରାଇ ୩୫୮ ରନ୍ କରିଥିଲା। ଦଳ ପାଇଁ ଇମାମ ଉଲ ହକ୍ ୧୫୧, ଅସିଫ ଅଲି ୫୨ ଓ ହାରିସ ସୋହେଲ ୪୧ ରନ୍ କରିଥିଲେ। ବୋଲିଂରେ କ୍ରିସ୍ ୱକ୍ସ ୪ ଓ ଟମ୍ କରନ ଦୁଇ ଉଇକେଟ ନେଇଥିଲେ। ବୃହତ୍ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଦଳ ଲାଗି ଓପନର ଜାସନ ରୟ ଓ ବେଆରଷ୍ଟୋ ୧୭.୩ ଓଭରରେ ବିସ୍ଫୋରକ ୧୫୯ ରନ୍ କରିଥିଲେ। ରୟ ୭୬ ରନ୍ କରି ପ୍ୟାଭିଲିଅନ ଫେରିବା ପରେ ବେଆରଷ୍ଟୋ ୯୩ ବଲରୁ ୧୨୮ ରନ୍‌ର ଶତକୀୟ ଇନିଂସ ଖେଳି ଆଉଟ୍ ହୋଇଥିଲେ। ବେଆରଷ୍ଟୋଙ୍କ ଇନିଂସରେ ୫ ଛକା ଓ ୧୫ ଚୌକା ସାମିଲ ଥିଲା। ତାଙ୍କ ବ୍ୟତୀତ ଜୋ ରୁଟ ୪୩, ବେନ ଷ୍ଟୋକ୍ସ ୩୭ ଓ ମୋଏନ ଅଲି ୪୬ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଫଳରେ ଘରୋଇ ଇଂଲଣ୍ଡ ଦଳ ୪୪.୫ ଓଭରରେ ୪ ଉଇକେଟ ହରାଇ ୩୫୯ ରନ୍ କରି ମ୍ୟାଚ୍ ଜିତି ନେଇଥିଲେ।

### ମୋର୍ଗାନ ବାସନ୍ଦ, ବେୟାରଷ୍ଟୋଙ୍କୁ ଭର୍ତ୍ସନା

ଇଂଲଣ୍ଡ ଦଳର ଅଧିନାୟକ ଇଅନ ମୋର୍ଗାନଙ୍କୁ ପାକିସ୍ତାନ ବିପକ୍ଷ ୪ର୍ଥ ଦିନିକିଆରୁ ବାସନ୍ଦ କରାଯାଇଛି। ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଧୀମା ବୋଲିଂ ହାର ପାଇଁ ଇଂଲଣ୍ଡ ଅଧିନାୟକଙ୍କୁ ଏଭଳି ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଛି। ଆହୁରି ମଧ୍ୟ ତାଙ୍କ ମ୍ୟାଚ୍ ଫି'ର ୪୦ ଓ ଦଳର ଅନ୍ୟ ଖେଳାଳିଙ୍କ ୩୦ ପ୍ରତିଶତ କାଟ୍ କରାଯିବ। ଧାର୍ଯ୍ୟ ସମୟ ଶେଷସୁଦ୍ଧା ଇଂଲଣ୍ଡ ୪୮ ଓଭର ଶେଷ କରିପାରିଥିଲା। ଧୀମା ବୋଲିଂ ହାର ଲାଗି ଉଦ୍ଦିଷ୍ଟ ନିୟମ ଅନୁଯାୟୀ ଧାର୍ଯ୍ୟ ସମୟ ସୁଦ୍ଧା ପ୍ରତ୍ୟେକ ବଳକା ଓଭର ପାଇଁ ଦଳୀୟ ଖେଳାଳିଙ୍କ ୧୦ ପ୍ରତିଶତ ଓ ଅଧିନାୟକଙ୍କ ଦୁଇ ଗୁଣ ମ୍ୟାଚ୍ ଫି' କାଟ୍ କରାଯାଏ। କିନ୍ତୁ ମୋର୍ଗାନ ସମାନ ଭୁଲ୍ ବାର୍ବାଡସ୍‌ଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍‌ରେ କରିଥିଲେ। ଏହାବାଦ୍ ଇଂଲଣ୍ଡର ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ଭର୍ତ୍ସନା କରାଯାଇଛି। ସେ ମ୍ୟାଚ୍‌ର ୨୯ତମ ଓଭରରେ ବୋଲ୍ଡ ଆଉଟ୍ ହେବା ପରେ ବ୍ୟାଟ୍‌ରେ ଉଇକେଟକୁ ମାରିଥିଲେ। ଏଥିଯୋଗୁ ଉଭୟ ଖେଳାଳି ଦୋଷ ଓ ଦଣ୍ଡାଦେଶ ସ୍ୱୀକାର କରିଛନ୍ତି।

### ସଂକ୍ଷିପ୍ତ ସ୍କୋର

■ ପାକିସ୍ତାନ- ୫୦ ଓଭର, ୩୫୮/୯ (ଇମାମ ୧୫୧, ଅସିଫ ୫୨, କ୍ରିସ ୱକ୍ସ ୪/୬୭, କୁରାନ ୨/୭୪)।

■ ଇଂଲଣ୍ଡ- ୪୪.୫ ଓଭର, ୩୫୯/୪ (ବେଆରଷ୍ଟୋ ୧୨୮, ରୟ ୭୬, ଅଲି ୪୬, ଜୁନେଦ ଖାଁ ୧/୫୭, ୱାସିମ ୧/୫୮)।

## ବିବାହ ବନ୍ଧନରେ ନଟରାଜ



ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ନଟରାଜ ବେହେରା।

କଟକ ଅଫିସ,୧୫।୫

ରାଜ୍ୟ କ୍ରିକେଟର ତାରକା ଖେଳାଳି ତଥା ପୂର୍ବତନ ଅଧିନାୟକ ନଟରାଜ ବେହେରା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବେଙ୍ଗାଲୁରୁରେ ବୈଦିକ ରୀତିରେ ବୁଧବାର ନଟରାଜଙ୍କ ବିବାହ ସମ୍ପନ୍ନ ହୋଇଛି। ବାନ୍ଧବୀ ଶୁଭଲକ୍ଷ୍ମୀ ଶତପଥୀଙ୍କୁ ନଟରାଜ ପ୍ରେମ ବିବାହ କରିଥିବା ବେଳେ ବିବାହ ଅବସରରେ ନଟରାଜ ଓ ଶୁଭଲକ୍ଷ୍ମୀଙ୍କ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ପିତା ସୁବ୍ରତ ଶତପଥୀ ଓ ମା' ତ୍ରିଦେବୀ ଶତପଥୀଙ୍କ ଝିଅ ଶୁଭଲକ୍ଷ୍ମୀ ବେଙ୍ଗାଲୁରୁରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଗତ ୯ବର୍ଷ ହେବ ନଟରାଜ-ଶୁଭଲକ୍ଷ୍ମୀ ପ୍ରେମ ସମ୍ପର୍କରେ ଥିଲେ। ପିତା ସ୍ୱର୍ଗତ ଭୁବନ ବେହେରା ଓ ମା ଚିତ୍ରା ବେହେରାଙ୍କ ପୁଅ ନଟରାଜ ଓଡ଼ିଶା କ୍ରିକେଟ ଜଗତରେ ଜଣେ ପରିଚିତ ଓ ଖ୍ୟାତନାମା କ୍ରିକେଟର। ନଟରାଜଙ୍କ ବଳିଷ୍ଠ ନେତୃତ୍ୱ ବଳରେ ୨୦୧୧-୧୨ ଓ ୨୦୧୨-୧୩ ସିଜନରେ ପୂର୍ବାଞ୍ଚଳ ଦଳ ଦୁଲୀପ ଟ୍ରଫି ଚାମ୍ପିୟନ ହୋଇଛି। ଦୁଲୀପ ଟ୍ରଫିର ୫୦ଟି ସଂସ୍କରଣ ପରେ ପୂର୍ବାଞ୍ଚଳକୁ ଟାଇଟଲ ଦେଇ ନଟରାଜ ନିଜ ଦକ୍ଷତାର ପରିଚୟ ଦେଇଥିଲେ। ପୂର୍ବରୁ ରାଜ୍ୟ ଦଳର ଅଧିନାୟକ ରହିଥିବା ନଟରାଜ ୫୪ଟି ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୩୦୩୧ ରନ ସଂଗ୍ରହ କରିଛନ୍ତି। ୨୦୧୫-୧୬ ସିଜିନରେ ହରିୟାଣା ବିପକ୍ଷରେ ୨୫୫ରନର ଇନିଂସ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ମାତ୍ର ଏବେ ନଟରାଜ କ୍ରିକେଟରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ଏପରିକି ଗତ ରଣଜୀ ସିଜନ ନିମନ୍ତେ ରାଜ୍ୟ ଶିବିରରେ ମଧ୍ୟ ସେ ସ୍ଥାନ ପାଇ ନ ଥିଲେ। କଳାହାଣ୍ଡି କପରେ ଅଂଶ ଗ୍ରହଣ ନ କରିବାରୁ ତାଙ୍କୁ ଶିବିରରେ ସାମିଲ କରାଯାଇ ନଥିଲା।

**ପୂର୍ବ ତଟ ରେଳପଥ**
**ଇଞ୍ଜିନିୟରିଂ କାର୍ଯ୍ୟ**
ଫାଇଲ ନଂ.DRM/Engg/KUR/19-20/E-Tender/08, ତା.10.05.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender CEN-KUR-30-2019,ତା.02.05.2019ରିଖ
ବିବରଣୀ : କୋଚିଂ ଡିପୋ, ଭୁବନେଶ୍ୱରର ପିଟ୍ ଲାଇନ୍‌ଗୁଡ଼ିକର ଉନ୍ନୟନ (Up-gradation)।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 718.28 ଲକ୍ଷ, EMD (ଟଙ୍କାରେ) : 5,09,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 18 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender SOUTH-KUR-31-2019,ତା.26.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସାଉଥ୍) ପରିସୀମା ଅଧୀନରେ ପ୍ରଚଳିତ ଗାର୍ଡ଼ ରେଲ୍‌ଗୁଡ଼ିକର ପ୍ରସ୍ତାବିତ ନବୀକରଣ, ବାଲାଷ୍ଟ ଡେକ୍ ବ୍ରିଜ୍ ଏବଂ ଫୁଟ୍ ଓଭର ବ୍ରିଜ୍ (FOB)ଗୁଡ଼ିକ ସ୍ଥାନରେ ଗାର୍ଡ ରେଲ୍ ଲଗାଇବା, ଜବତ (Seized) ରେଲ ସ୍କ୍ରୁ ଏବଂ ERC ର ଅପସାରଣ, ସ୍ଲାଇଡ୍ ଚେୟାରଗୁଡ଼ିକର ୱେଲ୍ଡିଂ ଏବଂ ଅନ୍ୟ ସଂରକ୍ଷା ସମ୍ବନ୍ଧୀୟ P.Way କାର୍ଯ୍ୟ ସମୂହ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 160.25 ଲକ୍ଷ, EMD (ଟଙ୍କାରେ) : 2,30,100/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2019 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ଼
PR-80/K/19-20

# ଟ୍ରକ୍ ଧକ୍କାରେ ମହିଳା ମୃତ: ରାସ୍ତାରୋକୋ



ମୃତଦେହ ରଖି ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

**ମୁନିଗୁଡା, ୧୫।୫ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଖିଲାମୁଣ୍ଡାଠାରେ ବୁଧବାର ଏକ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମହିଳା ଜଣକ ହେଲେ ସଭା ଗାଙ୍ଗଡା । କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ମୃତଦେହ ରଖି ରାୟଗଡ଼ା-ବାଲିଗୁଡ଼ା ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ । ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଖବରପାଇ ମୁନିଗୁଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ବୋରିଖାଲ ଗ୍ରାମରେ ଅଟକ ରଖିଛି । ଖିଲାମୁଣ୍ଡା ଗ୍ରାମର ସଭା କୌଣସି କାମରେ ମୁନିଗୁଡା ଯାଇଥିଲେ । ସେଠାରୁ ଏକ ବସ୍‌ରେ ଆସି ଖିଲାମୁଣ୍ଡା ଛକରେ ଓହ୍ଲାଇ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଟ୍ରକ (ଓଡି୧୪ଏନ୍ ୧୧୧୩)ଟି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।



ରାସ୍ତାରେ ପଡିଥିବା ଗଛକୁ ସଫା କରାଯାଉଛି ।

## ବର୍ଷାରେ ଗଛ ପଡ଼ି ରାସ୍ତା

**ରାୟଗଡା ଅଫିସ୍, ୧୫।୫**

ରାୟଗଡା ସହରରେ ବୁଧବାର ଅପରାହ୍ନ ୫ଟାରେ ବର୍ଷା ସହ ପବନ ହୋଇଛି। ଫଳରେ ସହରର ବିଭିନ୍ନ ସ୍ଥାନରେ ଗଛପଡି ରାସ୍ତା ଅବରୋଧ ହୋଇଛି। ଏଥିସହ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି । ହନୁମାନ ମନ୍ଦିର ନିକଟ ଅଣ୍ଡରଗ୍ରାଉଣ୍ଡଠାରେ ଗଛ ପଡିଯିବାରୁ କିଛି ସମୟ ପାଇଁ ଯାତାୟାତରେ ଅସୁବିଧା ହୋଇଥିଲା । ଇନ୍ଦିରାନଗର, ରାଣୀଗୁଡା ଫାର୍ମ, କସ୍ତୁରୀନଗରଠାରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଥିବା ଯୋଗୁ ସହରରେ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି ।

## ସଂକ୍ଷେପରେ

### କାଳବୈଶାଖୀରେ ଉଡ଼ିଲା ଟିଣଛପର

**ଚନ୍ଦ୍ରପୁର, ୧୫।୫(ଡ଼ି.ଏନ.ଏ):** ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡା ପଞ୍ଚାୟତ ଡାବେରୀ ଗ୍ରାମରେ ମଙ୍ଗଳବାର କାଳବୈଶାଖୀ ପ୍ରଭାବରେ ଅତ୍ୟଧିକ ପବନ ବର୍ଷା ହୋଇଛି । ଫଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗ୍ରାମର କୃଷ୍ଣ ଗାଡକାଙ୍କ ଘରର ଟିଣଗୁଡିକ ସମ୍ପୂର୍ଣ୍ଣ ଉଡିଯାଇଛି। ସେ ଆଶ୍ରୟ ନେବାରେ ଅସୁବିଧା ଭୋଗୁଛନ୍ତି । ସେ ଜଣେ ଗରିବ ଶ୍ରେଣୀର ହୋଇଥିବା ଯୋଗୁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ପୂର୍ବତନ ୱାର୍ଡସଭ୍ୟ ରାମଚନ୍ଦ୍ର ଡୁଡୁକା, ପୂରେନ୍ଦ୍ର ଗାଡାକା, ଫକିର ଗାଡାକା ପ୍ରମୁଖ ଅଭିଯୋଗ କରିଛନ୍ତି ।

### ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ଆସିକା,୧୫।୫(ଡି.ଏନ୍.ଏ.):** ଆସିକା ଥାନା ନଳବଣ୍ଟା ଗ୍ରାମର ଜଣେ ମହିଳା ସ୍ମିତାରାଣୀ ପରିଡାଙ୍କୁ ଶଶୁର ଘର ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ପୋଲିସ ଏହି ମାମଲାରେ ମହିଳାଙ୍କ ସ୍ୱାମୀ ଅକ୍ଷୟ ପରିଡାଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନଳବଣ୍ଟା ଗ୍ରାମର ସ୍ମିତାରାଣୀଙ୍କର ଗତ ୧୦ ବର୍ଷ ପୂର୍ବେ ହିଞ୍ଜିଳି ଥାନା ରାଳବ ଗ୍ରାମର ଅକ୍ଷୟଙ୍କ ସହ ବିବାହ ହୋଇଥିଲା। ବିବାହ ସମୟରେ ପରିବାର ପକ୍ଷରୁ ଆବଶ୍ୟକୀୟ ଜାନିଯୌତୁକ ଦିଆଯାଇଥିଲା। ମାତ୍ର ଏକ କନ୍ୟା ସନ୍ତାନ ଜନ୍ମ ପରେ ସ୍ମିତାଙ୍କ ଉପରେ ପରିବାର ଲୋକେ ନିର୍ଯାତନା ଆରମ୍ଭ କରି ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ସ୍ମିତା ମାସେ ହେଲା ବାପଘର ନଳବଣ୍ଟାକୁ ଚାଲି ଆସିଥିଲେ। ଗତ ରବିବାର ସ୍ମିତାଙ୍କ ସ୍ୱାମୀ, ଶଶୁର ନଳବଣ୍ଟା ଆସି ତାଙ୍କୁ ମାଡ ମାରିଥିବା ସ୍ମିତା ଆସିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୫୨/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

# ଯୋଗ, ପ୍ରାକୃତିକ ଚିକିତ୍ସା ତାଲିମ ଶିବିର

**ମୁନିଗୁଡ଼ା,୧୫।୫(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟବର୍ତ୍ତୀ ହୁକୁମତୋଳା ନିସାଦ୍ରୀ ପବ୍ଲିକ ସ୍କୁଲ ପରିସରରେ ଆର୍ଟ ଅଫ ଲିଭିଂ ତରଫରୁ ଯୋଗ ଓ ପ୍ରାକୃତିକ ଚିକିତ୍ସା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିର ଗୁରୁବାର ଉଦ୍‌ଯାପିତ ହେବ । ଏଥିରେ ରାୟଗଡ଼ା ଜିଲା କାଶୀପୁର, ଗୁଡ଼ାରୀ, କୋଲନରା, କେସିଂହପୁର, ବିଷମକଟକ, ଚନ୍ଦ୍ରପୁର ଆଦି ବ୍ଲକରୁ ୩୬ ଜଣ ଯୁବତୀଯୁବକ ଅଂଶ ଗ୍ରହଣ କରି ତାଲିମ ନେଇଛନ୍ତି । ଜିଲା ସଂଯୋଜିକା ତଥା ଆର୍ଟ ଅଫ ଲିଭିଂ ଶିକ୍ଷୟିତ୍ରୀ ପଦ୍ମାବତୀ କରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷକ ଜୟ କୁମାର ପ୍ରଧାନ ତାଲିମ ପ୍ରଦାନ କରୁଛନ୍ତି ।



ମୁନିଗୁଡା: ଶିବିରରେ ଯୋଗ ତାଲିମ ଦିଆଯାଉଛି।

# କାଶୀପୁର: ବଜ୍ରପାତରେ ୩ ଆହତ

**କାଶୀପୁର,୧୫।୫(ଡ଼ି.ଏନ.ଏ)**

କାଶୀପୁର ବ୍ଲକ ଉପରମଳି ଗାଁରେ ବଜ୍ରପାତ ଘଟି ୩ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ସୁଙ୍ଗେର ପଞ୍ଚାୟତ ବାନେଜ ଗ୍ରାମର ବିର ସିଂ ମାଝି, ଲଛମାଇ ମାଝି ଓ ଉପରମାଳି ଗ୍ରାମର ବେଲଧର ଗୌଡ଼ । ସେମାନଙ୍କୁ କାଶୀପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିର ସିଂ ଓ ଲଛମାଇ ଉପରମାଳି ଗାଁରେ ରହୁଥିବା ତାଙ୍କ ଝିଅଙ୍କ ପୁଅ ଅସୁସ୍ଥ ଥିବା ଜାଣି ଦେଖିବାକୁ ଯାଇଥିଲେ । ସେଠାରେ ବଜ୍ରପାତ ହେବାରୁ ସେମାନେ ଗୁରୁତର ହୋଇଥିଲେ। ସେହିପରି ବେଲଧର ମଧ୍ୟ ବଜ୍ରପାତରେ ଆହତ ହୋଇଛନ୍ତି ।

# ବେଆଇନ ଭାବେ ଗଢ଼ି ଉଠିଛି ଇଟାଭାଟି



ରାସ୍ତା କଡ଼ରେ ଥିବା ଇଟାଭାଟି।


**ଜେକେପୁର, ୧୫।୫(ଡ଼ି.ଏନ.ଏ)**

ରାୟଗଡା ଜିଲାରେ ଦିନକୁ ଦିନ ବେଆଇନ ଇଟାଭାଟି ବୃଦ୍ଧିପାଉଛି। ଫଳରେ ପରିବେଶ ପ୍ରଦୂଷିତ ହେଉଛି । ଏହିସବୁ ଇଟାଭାଟିକୁ ଯାତାୟାତ କରୁଥିବା ଗାଡିଗୁଡିକ ଯୋଗୁଁ ରାସ୍ତାଘାଟ ନଷ୍ଟ ହେଉଛି। ହେଲେ ତହସିଲ ପକ୍ଷରୁ ଏଥିପ୍ରତି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଇଟାଭାଟି ମାଲିକମାନେ ଖୁଲମଖୁଲା ଏହି ବ୍ୟବସାୟ ଚଳାଇଛନ୍ତି। ରାଞ୍ଚି-ବିଜୟୱାଡା କରିଡର ରାସ୍ତାଠାରୁ ଜିଲା ସଦର ବ୍ଲକର ପେଣ୍ଟା ପଞ୍ଚାୟତକୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାର କଡେ କଡେ ଅନେକ ବେଆଇନ ଇଟାଭାଟି ଗଢି ଉଠିଛି । ଇଟା ପୋଡିବା ସମୟରେ ଚିମିନି ବ୍ୟବହାର ପାଇଁ ନିୟମ ରହିଥିଲେ ମଧ୍ୟ ମୁନାଫାଖୋର ଇଟାଭାଟି ମାଲିକମାନଙ୍କ ଦ୍ୱାରା ଏହାର ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ଇଟା ବୋଝେଇ ପାଇଁ ଆସୁଥିବା ଟ୍ରାକ୍ଟର ଓ ଟ୍ରକ ଯୋଗୁଁ ଏଠାରେ କଂକ୍ରିଟ ରାସ୍ତା ଧୀରେ ଧୀରେ ନଷ୍ଟ ହେବାକୁ ଲାଗିଲାଣି। ଜେସିବି ମେଶିନ ଲଗାଇ ମାଟି ଖନନ କରାଯାଉଥିଲେ ମଧ୍ୟ ପରିବେଶ ବିଭାଗର ଟିକେ ହେଲେ ନିଘା ନାହିଁ। ଇଟାଭାଟି ଓ ଇଟା ବୋଝେଇ ଭାରିଯାନଗୁଡିକ ଚଳାଚଳ ଉପରେ ଲଗାମ ନ ଲଗାଗଲେ ସ୍ଥାନୀୟ ଅଞ୍ଚଳର ପରିବେଶ ଓ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ଆଲୋଚନା ହେଉଛି। ଏନେଇ ଅତିରିକ୍ତ ତହସିଲଦାର ସୁନିଲ ଖରାଙ୍କୁ ପଚାରିବାରୁ, ପୂର୍ବରୁ ଏହି ଅଞ୍ଚଳରେ ଥିବା ୧୨ଟି ଇଟାଭାଟି ଉପରେ ଚଢାଉ କରାଯାଇ ୩ ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି କହିଛନ୍ତି ।

### ଫନୀ ବିପନ୍ନଙ୍କୁ ଶିକ୍ଷକ ସଂଘର ସହାୟତା

**ହାତୀଓଟ,୧୫।୫:** ଫନୀରେ କଟକ, ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡା, ଜଗତସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାର ଭରଣା ପାଇଁ ଓଡ଼ିଶା ସରକାରଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଅନୁଦାନ ପ୍ରଦାନ କରୁଛନ୍ତି। ମଙ୍ଗଳବାର ପୋଲସରା ବ୍ଲକ ଶିକ୍ଷକ ସଂଘ ବିପନ୍ନଙ୍କ ପାଇଁ ସହାୟତା ପ୍ରଦାନ କରିଛି। ବିଇଓ ରସାନନ୍ଦ କରଙ୍କ ନେତୃତ୍ୱରେ ଡିଇଓ ସନାତନ ପଣ୍ଡାଙ୍କ ମାଧ୍ୟମରେ ରେଡ୍‌କ୍ରସ୍, ବ୍ରହ୍ମପୁର ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ୫୪ ହଜାର ୨୫୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ